# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, May 26/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 180 | ମୂଲ୍ୟ ₹୭/-





## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ପାଟଣାଗଡ,୨୫।୫(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ମଗୁଆଁ ଗାଁରେ ରବିବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଲେ ଉକ୍ତ ଗାଁର ପ୍ରଜ୍ଞାନ ସାହୁ(୯)। ପ୍ରକାଶ ଯେ, ସକାଳେ ପ୍ରଜ୍ଞାନ ଗାଁ ମୁଣ୍ଡଠାରୁ ଅଳ୍ପ ଦୂରରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିଛି ସମୟ ପରେ ଗାଁ ଲୋକେ ସେଠାକୁ ଯିବା ବେଳେ ପ୍ରଜ୍ଞାନ ପାଣିରେ ଭାସୁଥିବାର ଦେଖି ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପାଟଣାଗଡ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରଖିଛି।

### ସାପ୍ତାହିକ ବଜାରରୁ ଚୋରି ଅଭିଯୋଗ

ଲୋଇସିଂହା,୨୫।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ସାପ୍ତାହିକ ବଜାରରେ ଚୋରି ବୃଦ୍ଧି ପାଉଛି। ପ୍ରତି ସପ୍ତାହରେ ଉକ୍ତ ବଜାରରୁ ଚୋରି ହେବା ଅଭିଯୋଗ ହୋଇ ଆସୁଛି। ଲୋଇସିଂହା ଥାନା ଖଳିଆପାଲି ପଞ୍ଚାୟତ ରାମସିଂହା ଗ୍ରାମର ଶ୍ୟାମସୁନ୍ଦର କର୍ମୀଙ୍କ ଏକ ବାଇକ(ନଂ ଓଡ଼ି୩୧ଏନ୍ ୬୭୮୦) ଶନିବାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶ୍ୟାମସୁନ୍ଦର ଉକ୍ତ ବାଇକ ଯୋଗେ ଏକ ମେଣ୍ଢା ବିକ୍ରି ପାଇଁ ନେଇଥିଲେ। ଅଗଲାପାଲି ରାସ୍ତାରେ ବାଇକକୁ ରଖି ମେଣ୍ଢାକୁ ବିକ୍ରି ପାଇଁ ବଜାରକୁ ଯାଇଥିଲେ। ସେଠାରେ ବିକ୍ରି ସାରି ଘରକୁ ଯିବା ପାଇଁ ପୂର୍ବାହ୍ନ ୧୧ଟା ସମୟରେ ଉକ୍ତ ସ୍ଥାନକୁ ଆସି ଦେଖିଥିବାରୁ ସେଠାରେ ବାଇକ ନ ଥିଲା। ଖୋଜାଖୋଜି କରି ବାଇକର ସନ୍ଧାନ ନ ପାଇବାରୁ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ସାପ୍ତାହିକ ବଜାରକୁ ଯାଉଥିବା ବେଳେ ବହୁ ଲୋକଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଛି।

### ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ୍ ଓଲଟିଲା

ଲାଠୋର,୨୫।୫(ଭୁବନେଶ୍ୱର ବାରିକ)

ଲାଠୋର ଥାନା ଅଧୀନ କନ୍ଧାଁଖର ଗ୍ରାମ ନିକଟ ପୋଲ ପାଖରେ ଏକ ପିକ୍‌ଅପ ଭ୍ୟାନ୍ କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ସମୟରେ ରାୟପୁରଠାରୁ ପାଇପ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ସିଜି ୦୭ ଜିଏକ୍ସ ୭୦୨୯) ନୂଆପଡ଼ା ଜିଲା ଉଦ୍ୟାନବନ୍ଧ ପଟୁ ଲାଠୋର ଆଡ଼କୁ ଆସୁଥିଲା। ତେବେ ଚାଉଳିଆଁଶ ଓ କନ୍ଧାଁଖର ଗ୍ରାମ ମଝିରେ ଥିବା ପୋଲ ପାଖରେ ଓଲଟି ପଡ଼ିଥିଲା।

# ବର୍ଷା ଯୋଗୁ ସାବିତ୍ରୀ ବଜାର ଫିକା

ବଲାଙ୍ଗୀର,୨୫।୫(ବୀରେନ୍ଦ୍ର କୁମାର ଖାଙ୍କର)


ବର୍ଷା ସମୟରେ ବଲାଙ୍ଗୀର ଡେଲିମାର୍କେଟ ସାବିତ୍ରୀ ବଜାର।

ମେଘୁଆ ପାଗ ଏବଂ ବର୍ଷା ସାବିତ୍ରୀ ବଜାରକୁ ଫିକା କରିଦେଇଛି। ରବିବାର ସକାଳୁ ମେଘୁଆ ପାଗ କରିଥିଲା। ପାଗ ଅନୁକୂଳ ନଥିବା ସତ୍ତ୍ୱେ ବେପାରୀମାନେ ବିକ୍ରି ଆଶାରେ ସହରର ଡେଲିମାର୍କେଟ, ଜିଲାପାଳ ଅଫିସ ସମ୍ମୁଖ, ସରକାରୀ ବସଷ୍ଟାଣ୍ଡ ନିକଟ, ସମଲେଶ୍ୱରୀ ମନ୍ଦିର ଛକ, ପିପି ଏକାଡେମୀ ସ୍କୁଲ ସାମ୍ନା, ପେଲେସ ଲାଇନ୍, କଲେଜ ଛକ ରାସ୍ତାକଡରେ ଦୋକାନ ଲଗାଇ ଥିଲେ। ବହୁ ସଂଖ୍ୟକ ଫଳ ଦୋକାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ପାଇଁ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ସକାଳୁ କିଛି ସାମଗ୍ରୀ ବିକ୍ରି କରିଥିଲେ ମଧ୍ୟ ଅପରାହ୍ନରୁ ବର୍ଷା ଯୋଗୁ ଦୋକାନୀମାନଙ୍କ ଫଳ ବିକ୍ରି ଆଶା ମଉଳି ଯାଇଥିଲା। ବର୍ଷା ଯୋଗୁ ଲୋକେ ଘରୁ ବାହାରି ପାରି ନଥିଲେ। ଫଳରେ ବେପାରୀମାନେ କେବଳ ଗ୍ରାହକ ଅପେକ୍ଷାରେ ରହିଥିବା ଦେଖାଯାଇଥିଲା। ଅନେକ ଉଠାଦୋକାନୀ ବର୍ଷାରେ ଭିଜି ଅପେକ୍ଷା କରିଥିଲେ ହେଁ ସେଭଳି ବିକ୍ରି ହୋଇ ନ ଥିବାରୁ ନିରାଶ ହୋଇଥିଲେ। ସନ୍ଧ୍ୟାରେ ବର୍ଷା ଥମିଯିବା ପରେ ଡେଲିମାର୍କେଟ ଅଞ୍ଚଳରେ ସାମାନ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ତେବେ ମୋଟାମୋଟି ଭାବେ ଚଳିତବର୍ଷ ସାବିତ୍ରୀ ବଜାର ଅନ୍ୟ ବର୍ଷ ତୁଳନାରେ ଫିକା ପଡିଥିବା କୋଦାନୀମାନେ କହିଛନ୍ତି।

## ତେଲଙ୍ଗାନାରୁ ରେଙ୍ଗାଲି ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଖପ୍ରାଖୋଲ,୨୫।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ଗାଁରେ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ରବିବାର ପହଞ୍ଚିଛି। ମୃତ ଦାଦନ ଶ୍ରମିକ ହେଲେ ରେଙ୍ଗାଲି ଗାଁର କାନ୍ତ ବରିହା ପୁଅ କ୍ଷେତ୍ର ବରିହା (୨୦)। ସୂଚନା ଅନୁଯାୟୀ, ଗତ ୬ ମାସ ତଳେ କ୍ଷେତ୍ର ଗାଁର ଅନ୍ୟ ଶ୍ରମିକମାନଙ୍କ ସହିତ ଦଲାଲ ଜରିଆରେ ତେଲଙ୍ଗାନା ରାଜ୍ୟର ମେହେବୁବ ନଗର ନିକଟ ଏକ ଇଟା ଭାଟିରେ କାମ କରିବା ପାଇଁ ଯାଇଥିବା ବେଳେ ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପେଟ ପାଇଁ ଦାନା ଯୋଗାଡ କରିବାକୁ ଯାଇ କେତେ ଯେ ଶ୍ରମିକଙ୍କ ଜୀବନ ଯାଉଛି ତାର ହିସାବ କାହା ପାଖରେ ନାହିଁ। ଆଉ ଏହି ଘଟଣା ଏକ ଉଦାହରଣ ମାତ୍ର। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟିବ ସେଥିପ୍ରତି ସରକାର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମା' ମାହେଶ୍ୱରୀ ସେନାର ଜିଲାସ୍ତରୀୟ ବୈଠକ


ଜିଲା ଶ୍ରମିକ ଭବନଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୨୫।୫(ବୀରେନ୍ଦ୍ର କୁମାର ଖାଙ୍କର)

ମା' ମାହେଶ୍ୱରୀ ସେନା ପକ୍ଷରୁ ବଲାଙ୍ଗୀର ଜିଲା ଶ୍ରମିକ ଭବନଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ମାହେଶ୍ୱର ସେନା ଦ୍ୱାରା କରାଯାଉଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ଏହାସହିତ ନୂଆ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ମା' ମାହେଶ୍ୱରୀ ସେନାର କେନ୍ଦ୍ରୀୟ ସଦସ୍ୟ ଥବିର କର୍ମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଭାବେ ମନୋଜ କରନ, ସମ୍ପାଦକ ରମାକାନ୍ତ ମେଶ୍ରା, ଉପସଭାପତି ମନୋଜ ଖମାରୀ, ସହସମ୍ପାଦକ ଭାଗବତ ଦନ୍ତା, କୋଷାଧକ୍ଷ ଅରୁଣ ପଲତା, ସହକୋଷାଧକ୍ଷ ଭାବେ ବଲିଆର ବଡ୍ତିଆ, ଜିଲା ପର୍ଯ୍ୟବେକ୍ଷକ ଭାବେ ପାର୍ଥ କର୍ଣ୍ଣ ଓ ସୁରେଶ ଚନ୍ଦ୍ର କର୍ଣ୍ଣ ମନୋନୀତ ହୋଇଥିଲେ। ମା' ମାହେଶ୍ୱରୀ ସେନାର ଜିଲାସ୍ତରୀୟ କମିଟିରେ ମନୋନୀତ କର୍ମକର୍ତ୍ତା ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନା କରିବା ସହ ଆଗାମୀ ଜୁନ ୨ ତାରିଖରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ବ୍ଲଡ ବ୍ୟାଙ୍କଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯିବ ବୋଲି ସୂଚନା ଦେଇଥିଲେ।

## ଶୀତଳଷଷ୍ଠୀ ମହୋତ୍ସବ ପାଇଁ ଚୂଡାନ୍ତ ବୈଠକ

ଦେଓଗାଁ,୨୫।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣିରେ ଶୀତଳଷଷ୍ଠୀ ମହୋତ୍ସବ ପାଇଁ ରବିବାର ସନ୍ଧ୍ୟାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟ ପ୍ରଧାନୀଙ୍କ ପରିଚାଳନା ତଥା ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ପୁରୁଣାପାଣିରେ ଅନୁଷ୍ଠିତ ବୈଠକରେ ୨୧ତମ ଶିବପାର୍ବତୀ ବିବାହୋତ୍ସବ ଅବସରରେ ୪ର୍ଥ ଶୀତଳଷଷ୍ଠୀ ମହୋତ୍ସବ ଆସନ୍ତା ୨୯ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ଆଞ୍ଚଳିକ କଳାକାରମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଜଳନ୍ଧର ଦରବାର ଓ ମୀନାବଜାର ବିଶେଷ ଆକର୍ଷଣ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ବୈଠକରେ କଳାକାର ଅତିଥି ଭାବେ ଦିଲିପ ଦୀପ ଯୋଗ ଦେଇଥିଲେ। ମଧୁବନ ଭୋଇ, ସୁରେନ୍ଦ୍ର ମାଝୀ, ଶ୍ରୀଧର କର୍ମୀ, ଶିବ ମାଝୀ, ବ୍ରଜ ନାଏକ, ଦୂତିଆ ଭୋଇ, ଶ୍ରୀପତି ପଧାନ, ଗଡତ୍ୟା ବାଗ, ତ୍ରିନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ତୁଷୁରାରେ ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର


ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଗୁଡଭେଲା,୨୫।୫(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲାର ତୁଷୁରା ମାରୱାଡି ଯୁବାମଞ୍ଚ ଓ ଜାଗୃତି ଶାଖାର ଆନୁକୂଲ୍ୟରେ ଶ୍ରୀମହାବୀର ବିକଲାଙ୍ଗ ସହାୟତା ସମିତି, ରାଞ୍ଚିର ମିଳିତ ତତ୍ତ୍ୱାବଧାନରେ ତୁଷୁରା ଅଗ୍ରସେନ ଭବନଠାରେ ରବିବାର ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଗାୟତ୍ରୀ ଶକ୍ତିପୀଠର ସଂପାଦକ ଡା. ସୁରେଶ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମାରୱାଡି ଯୁବାମଞ୍ଚର ସଂସ୍ଥାପକ ଓ ଉପାଧକ୍ଷା ବିଷ୍ଣୁ ପ୍ରସାଦ କେଡିଆ ମୁଖ୍ୟବକ୍ତା ଓ ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ଉପାଧକ୍ଷ ବିକାଶ କେଡିଆ ସଭାପତିତ୍ୱ କରିଥିବା ବେଳେ ଜାଗୃତି ଶାଖାର ସଭାନେତ୍ରୀ ମଞ୍ଜୁ କେଡିଆ ମଞ୍ଚାସୀନ ଥିଲେ। ମାରୱାଡି ଯୁବାମଞ୍ଚର ସଭାପତି ରୋହିତ ଅଗ୍ରୱାଲ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୪୫ଜଣ ଭିନ୍ନକ୍ଷମ ରେଜିଷ୍ଟ୍ରେସନ କରିଥିବା ବେଳେ ସମସ୍ତଙ୍କୁ ଆବଶ୍ୟକ ଯନ୍ତ୍ରପାତ ଓ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଶିବିର ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

# ସୁନାଆଡ଼କି ପ୍ରୋଜେକ୍ଟକୁ ନଗରବନ ଯୋଜନାରେ ସାମିଲ ଦାବି


ଦେଓଗାଁସ୍ଥିତ ସ୍ଥାୟୀ ଚାରା ନର୍ସରୀକୁ ବନ ବିଭାଗ ଟିମ୍ ପରିଦର୍ଶନ କରୁଛନ୍ତି।

ଦେଓଗାଁ,୨୫।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ସୁନାଆଡ଼କି ବନୀକରଣ ପରିଦର୍ଶନ କଲେ ବିଭାଗୀୟ ଟିମ**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ଦେଓଗାଁ ସୁନାଆଡକି ଜଙ୍ଗଲରେ ହୋଇଥିବା ବନୀକରଣ ଓ ସ୍ଥାୟୀ ଚାରା ନର୍ସରୀକୁ ରବିବାର ବନବିଭାଗର ଏକ ସ୍ୱତନ୍ତ୍ର ଟିମ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ପ୍ରଧାନମୁଖ୍ୟ ବନ ସଂରକ୍ଷକ ଅଧିକାରୀ( ପିସିସିଏଫ) ସୁରେଶ ପନ୍ତ, ଆଞ୍ଚଳିକ ବନସଂରକ୍ଷକ ଅଧିକାରୀ ସନ୍ତୋଷ ଯୋଷୀ, ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ କୁମାର ବିଶି ,ଏସିଏଫ ମାନସ ରଞ୍ଜନ ବେହେରା ପ୍ରମୁଖ ପରିଦର୍ଶନରେ ଆସି ପ୍ରଥମେ କଛାରପାଲି ମୌଜାରେ ଥିବା ସ୍ଥାୟୀ ଚାରା ନର୍ସରୀକୁ ବୁଲି ଦେଖିଥିଲେ। ସେଠାରେ ଚାଲିଥିବା କୋଠା ନିର୍ମାଣ ସହ ବିଭିନ୍ନ ପ୍ରଜାତିର ଚାରା ବୁଲି ଦେଖିଥିଲେ। ପରେ ନିକଟରେ ଥିବା ସୁନାଆଡକି ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ହୋଇଥିବା ବନୀକରଣ ପରିଦର୍ଶନ କରିଥିଲେ। ସୁନାଆଡକି ପ୍ରୋଜେକ୍ଟର ଉନ୍ନତୀକରଣ ସହ ଏହାକୁ ନଗରବନ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲେ ଦେଓଗାଁ ସମେତ ଆଖପାଖ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ। ଏହାଛଡା ଏହା ଏକ ସୁନ୍ଦର ଇକୋ ଟୁରିଜିମ ଭାବେ କାମରେ ଆସିପାରିବ। ତତ୍କାଳୀନ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନିତିଶ କୁମାର ଏହାକୁ ନଗରବନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ପିସିସିଏଫଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି। ଏହି ଅବସରରେ ଦେଓଗାଁ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲ, ଫରେଷ୍ଟର ବ୍ୟାସଦେବ ସାହୁଙ୍କ ସମେତ ସମସ୍ତ ବନକର୍ମଚାରୀ, ପାରାଷ୍ଟାଫ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ସଇଁତଲା,୨୫।୫(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ଅନ୍ତର୍ଗତ ମହଗାଁ ନିକଟରେ ଶନିବାର ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ସଇଁତଲା ପଟରୁ ଏକ କାର୍ (ନଂ.ଓଡ଼ି–୩୩–ଏକ୍ସ–୯୮୮୯) ବେଲଗାଁ ପଟକୁ ଯାଉଥିଲା। ସେହିପରି ବେଲଗାଁ ପଟରୁ ଏକ ବାଇକ୍‌ରେ ଖେତୁ ସାହୁ (୪୦) ସ୍ତ୍ରୀ ଓ ଝିଅ ସହ ସଇଁତଲା ପଟକୁ ଆସୁଥିଲେ। ମହଗାଁ ନିକଟରେ ବାଇକ୍‌କୁ କାର୍ ଧକ୍କା ଦେବାରୁ ବାଇକ୍ ଚାଳକ ଛିଟିକି ପଡ଼ିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣିଥିଲେ। ଦୁର୍ଘଟଣାରେ ବାଇକ୍ ଚାଳକ ଖେତୁଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କାର୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରେନ ଧକ୍କାରେ ଯୁବକ ଗୁରୁତର

ଲୋଇସିଂହା,୨୫।୫(ସୁଶାନ୍ତ ବାରିକ)

**କରିଥିଲେ ଆତ୍ମହତ୍ୟା ଉଦ୍ୟମ**

ରବିବାର ଅପରାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ସାଲେଭଟା ଫାଣ୍ଡି ଅନ୍ତର୍ଗତ ଖଳିଆପାଲି ଷ୍ଟେଶନ ନିକଟରେ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ଜଣକ ଜଣକ ହେଲେ ସାଲେଭଟା ନିକଟସ୍ଥ ମୁରୁଶୁଣ୍ଡି ଗ୍ରାମର ଶମ୍ଭୁ ପଧାନ (୨୪)। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶମ୍ଭୁ ଆତ୍ମହତ୍ୟା କରିବା ପାଇଁ ଖଳିଆପାଲି ଷ୍ଟେଶନ ନିକଟ ଡାଉନ ଲାଇନ ଟ୍ରାକ୍‌ରେ ବସି ରହିଥିଲେ। ଷ୍ଟେଶନ ଅଞ୍ଚଳ ହୋଇଥିବାରୁ ସମ୍ବଲେଶ୍ୱରୀ ଏକ୍ସପ୍ରେସର ଲୋକୋ ପାଇଲଟ ଏହାଦେଖି ଟ୍ରେନକୁ ଅଟକାଇ ଦେଇଥିଲେ। ଏହାପରେ ଶମ୍ଭୁ ଅପ୍ ଲାଇନରେ ଯାଉଥିବା ପାସେଞ୍ଜର ଆଗକୁ ଦୌଡି ଆସିବାରୁ ଟ୍ରେନ ଧକ୍କାରେ ତଳେ ପଡି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଷ୍ଟେଶନ ଅଞ୍ଚଳରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା। ଶମ୍ଭୁ ଜଣେ ଦାଦନ ଶ୍ରମିକ। ତାମିଲନାଡୁରେ କାମ କରୁଛନ୍ତି। ଗାଁରେ ମନ୍ଦିର ପ୍ରତଷ୍ଠା ଉତ୍ସବ ପାଇଁ ନିକଟରେ ଗାଁକୁ ଆସିଥିଲେ। ହେଲେ ପ୍ରେମ ପ୍ରତାରଣା ଯୋଗୁ ସେ ଏପରି ପଦକ୍ଷେପ ନେଇଥିବା ନେଇ ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୨୫।୫(ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଠାରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାର ବିଭିନ୍ନ ସ୍କୁଲର ଚଳିତ ମାଟ୍ରିକ ପରୀକ୍ଷାର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍ ହାସଲ କରିଥିବା ଏହି ମେଧାବୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ସମସ୍ତ ମେଧାବୀ ଛାତ୍ରୀଛାତ୍ର ନିଜ ଭବିଷ୍ୟତ ଗଠନ କରିବା ସହ ଦେଶର ଭିବଷ୍ୟତ ଉଜ୍ଜ୍ୱଳ କରିବା ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ହାଇସ୍କୁଲ ବରିଷ୍ଠ ଶିକ୍ଷକ ତଥା ଜିଲା ଜୁନିୟର ରେଡକ୍ରସ ଅଫିସର ବିକାଶ ରଞ୍ଜନ ସାହୁ ସଭା ସଂଯୋଜନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ର ଓ ଅତିଥି।

# ବିପଦସଙ୍କୁଳ ଶ୍ରେଣୀଗୃହରେ ଚାଲିଛି ପାଠପଢ଼ା

**ପ୍ରଶାସନ ଦୃଷ୍ଟି ଆଢୁଆଳରେ ପଣ୍ଡରିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ**

ପାଟଣାଗଡ,୨୫।୫(ସଚ୍ଚିଦାନନ୍ଦ ମହାକୁର)


ଉପ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ପାଟଣାଗଡ ବ୍ଲକ ଡାଙ୍ଗବାହାଳ ପଞ୍ଚାୟତ ପଣ୍ଡରିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ କୋଠରୀ ଅଭାବ ରହିଛି। ଫଳରେ ଛାତ୍ରୀଛାତ୍ର ବିପଦସଙ୍କୁଳ ଶ୍ରେଣୀ ଗୃହରେ ପାଠ ପଢୁଥିବା ଅଭିଯୋଗ ହେଉଛି। ଏନେଇ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ବାରମ୍ବାର ଶିକ୍ଷା ବିଭାଗ,ବ୍ଲକ ପ୍ରଶାସନ ଓ ଜନଅଭିଯୋଗ ଶୁଣାଣି ଶିବିରରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ପଣ୍ଡରିପାଣି ଗ୍ରାମବାସୀ ନିକଟରେ ଛାତ୍ରୀଛାତ୍ରମାନଙ୍କୁ ସାଙ୍ଗରେ ନେଇ ବିଇଓ, ବିଡ଼ିଓ, ତହସିଲଦାର ଏବଂ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଇ ବିଦ୍ୟାଳୟ ମରାମତି ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହାର ନକଲ ବିଡିଓ ଓ ଅନ୍ୟମାନଙ୍କୁ ମଧ୍ୟ ଦେଇଥିଲେ।

ସୂଚନାଯୋଗ୍ୟ, ଉକ୍ତ ପ୍ରାଥମିକ ବିଦ୍ୟାଳୟ ଉପାନ୍ତ ଅଞ୍ଚଳର ଏକ ପୁରୁଣା ଶିକ୍ଷାନୁଷ୍ଠାନ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠ ପଢିବା ପାଇଁ ସୁବିଧା ରହିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୬୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସ୍କୁଲରେ ମାତ୍ର ୨ଟି ଶ୍ରେଣୀ ଗୃହ ଥିବାରୁ ପାଠପଢା ବ୍ୟାହତ ହେଉଛି। ଅପରପକ୍ଷରେ ଏହି ୨ଟି ଯାକ ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ସ୍କୁଲ ଛାତରୁ ସିମେଣ୍ଟ ଖସୁଛି। ଛାତର ଲୁହାଛଡ଼ ସବୁ ଜଳଜଳ ହୋଇ ଦେଖାଯାଉଛି। ଯେ କୌଣସି ସମୟରେ ଉକ୍ତ କୋଠରୀର ଛାତ ଗଳି ପଡିବାର ଆଶଙ୍କା ରହିଛି। ତେଣୁ ଉପଜିଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଅଟୋରିକ୍ସା ମାଲିକ ସଂଘର ବୈଠକ

**ବରଗଡ଼,୨୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଟୋରିକ୍ସା ମାଲିକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଆସନ୍ତା ଜୁନ ମାସ ୨୨ତାରିଖ ସଂଘର ୨୬ତମ ବାର୍ଷିକ ଉତ୍ସବ ପାଳନ ଏବଂ ରକ୍ତଦାନ ଶିବିର ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଂଘର ଉପଦେଷ୍ଟା ଆଶୁତୋଷ ରଥ, ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଉପସଭାପତି ସାରଥୀ ମେହେର, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମ୍ଭାର, କୋଷାଧ୍ୟକ୍ଷ ଜୟ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ପାଟଣାଗଡ,୨୫।୫(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ମରୁଆଁ ଗାଁରେ ରବିବାର ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଲେ ଉକ୍ତ ଗାଁର ପ୍ରଜ୍ଞାନ ସାହୁ(୯)। ପ୍ରକାଶ ଯେ, ସକାଳେ ପ୍ରଜ୍ଞାନ ଗାଁ ମୁଣ୍ଡଠାରୁ ଅଳ୍ପ ଦୂରରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିଛି ସମୟ ପରେ ଗାଁ ଲୋକେ ସେଠାକୁ ଯିବା ବେଳେ ପ୍ରଜ୍ଞାନ ପାଣିରେ ଭାସୁଥିବାର ଦେଖି ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପାଟଣାଗଡ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରଖିଛି।

### ସାପ୍ତାହିକ ବଜାରରୁ ଚୋରି ଅଭିଯୋଗ

**ଲୋଇସିଂହା,୨୫।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ସାପ୍ତାହିକ ବଜାରରେ ଚୋରି ବୃଦ୍ଧି ପାଉଛି। ପ୍ରତି ସପ୍ତାହରେ ଉକ୍ତ ବଜାରରୁ ଚୋରି ହେବା ଅଭିଯୋଗ ହୋଇ ଆସୁଛି। ଲୋଇସିଂହା ଥାନା ଖଲିଆପାଲି ପଞ୍ଚାୟତ ରାମସିଂହା ଗ୍ରାମର ଶ୍ୟାମସୁନ୍ଦର କର୍ମୀଙ୍କ ଏକ ବାଇକ୍(ନଂ ଓଡିଶା୧ଏଚ୍ ୯୭୮୦) ଶନିବାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଶ୍ୟାମସୁନ୍ଦର ଉକ୍ତ ବାଇକ୍ ଯୋଗେ ଏକ ମେଣ୍ଢା ବିକ୍ରି ପାଇଁ ନେଇଥିଲେ। ଅଗଲାପାଲି ରାସ୍ତାରେ ବାଇକ୍‌କୁ ରଖି ମେଣ୍ଢାକୁ ବିକ୍ରି ପାଇଁ ବଜାରକୁ ଯାଇଥିଲେ। ସେଠାରେ ବିକ୍ରି ସାରି ଘରକୁ ଯିବା ପାଇଁ ପୂର୍ବାହ୍ନ ୧୧ଟା ସମୟରେ ଉକ୍ତ ସ୍ଥାନକୁ ଆସି ଦେଖିବାରୁ ସେଠାରେ ବାଇକ୍ ନ ଥିଲା। ଖୋଜାଖୋଜି କରି ବାଇକ୍‌ର ସନ୍ଧାନ ନ ପାଇବାରୁ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ସାପ୍ତାହିକ ବଜାରକୁ ଯାଇଥିବା ବେଳେ ବହୁ ଲୋକଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଛି।

# ସରକାରୀ ମାନ୍ୟତା ଦାବି କଲା ପୁରାତନ ଛାତ୍ର ସଂଘ



ସଧାରଣ ସଭାରେ ମଞ୍ଚାସୀନ ପୁରାତନ ଛାତ୍ରମାନେ।

**ସୋନପୁର କଲେଜ ପୁରାତନ ଛାତ୍ରୀଛାତ୍ରଙ୍କ ସାଧାରଣ ସଭା**

**ସୋନପୁର,୨୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ପୁରାତନ ଛାତ୍ରୀଛାତ୍ର ଅଣ୍ଟା ଭିଡିଛନ୍ତି। ରାଜ୍ୟ ସରକାରଙ୍କ ଉଦାସୀନତା କାରଣରୁ କଲେଜ ପ୍ରତିଷ୍ଠାର ଦୀର୍ଘ ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଏହା ସରକାରୀ ମାନ୍ୟତା ପାଇ ପାରିନାହିଁ। ଏଥିପାଇଁ ଲୋକପ୍ରତିନିଧିଙ୍କ ରାଜନୈତିକ ଇଚ୍ଛାଶକ୍ତିକୁ ସାଧାରଣରେ ଦାୟୀ କରାଯାଉଛି। ବିଳମ୍ବରେ ହେଉ ପଛେ ୧୯୬୪ ମସିହାରେ ପ୍ରତିଷ୍ଠିତ ଏହି କଲେଜକୁ ସରକାରୀ ମାନ୍ୟତା ପାଇଁ ପୁରାତନ ଛାତ୍ରୀଛାତ୍ର ସଂଘ ଅଣ୍ଟା ଭିଡ଼ିଛି। ରବିବାର ସୋନପୁର କଲେଜ ପରିସରରେ ପୂର୍ବତନ ଛାତ୍ର ଡ଼ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କାର୍ଯ୍ୟକାରିଣୀ ସମିତି ଗଠନ ହୋଇଥିଲା। ସଭାପତି ଭାବେ ଡ଼ ରଥ ପୁନଃ ମନୋନୀତ ହୋଇଥିଲେ। ଉପସଭାପତି ଗତିକୃଷ୍ଣ ମିଶ୍ର, ସାଧାରଣ ସମ୍ପାଦକ ଭାରତ ଭୂଷଣ ଦାସ, ସହ ସମ୍ପାଦକ ସରୋଜ କୁମାର ପ୍ରଧାନ ଓ ବିଶ୍ୱବୀର ମିଶ୍ର, କୋଷାଧ୍ୟକ୍ଷ ଭାବେ ବିଶ୍ୱରଞ୍ଜନ ପୂଜାରୀଙ୍କୁ ମନୋନୀତ କରାଯାଇଛି। ଆବାହକଭାବେ ସୁଦାମ ଚରଣ ମିଶ୍ରଙ୍କ ସମେତ ଏକ ୧୦ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହିତ ୬ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମନୋନୀତ କରାଯାଇଛି । ଏଥିରେ ବ୍ଲକ କମିଟି, ଉପଦେଷ୍ଟା କମିଟି, ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ, ସମ୍ମାନନୀୟ ସଭ୍ୟ, ଅର୍ଥନୈତିକ ବ୍ୟାପାର, ସ୍ୱତନ୍ତ୍ର କାର୍ଯ୍ୟଶକ୍ତି, ମହିଳା ଓ ଆଇନ ପରାମର୍ଶ ଆଦି ବିଭିନ୍ନ ଉପ କମିଟି ଗଠନ କରାଯାଇଥିଲା। ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ତଥା କଲେଜର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ଆଲୋଚନା ହୋଇଥିଲା। ଏହି ସଭାକୁ ପୂର୍ବତନ ଛାତ୍ର ନେତା ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ନବନିଯୁକ୍ତ ସାଧାରଣ ସମ୍ପାଦକ ଭାରତଭୂଷଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଶତାଧିକ ପୁରାତନ ଛାତ୍ରୀଛାତ୍ର ସଧାରଣ ସଭାରେ ଯୋଗଦାନ କରି ନିଜର ମତ ଉପସ୍ଥାପନ କରିଥିଲେ।

# ବାଇଗଣ ଚାଷ ଦେଇଛି ରୋଜଗାର



ନିଜ ବାଇଗଣ କ୍ଷେତରେ ସୁଜିତ ପଧାନ।

**ଅମରପାଲି,୨୫।୫(ପୀତାମ୍ବର ସାହୁ)**

**ଉଦ୍ୟାନ କୃଷି ବିଭାଗ ତରଫରୁ ମିଳୁନି ପରାମର୍ଶ,ସହାୟତା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତ ବିଶାଳପାଲି ଗ୍ରାମର ସୁଜିତ ପଧାନ ନିଜ ଜମିରେ ବାଇଗଣ ଚାଷ କରି ହୋଇ ପାରିଛନ୍ତି ରୋଜଗାରକ୍ଷମ। ସଂପ୍ରତି ଯୁବକମାନେ ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି। ଏହି ସମୟରେ ସୁଜିତ ନିଜ ପୈତୃକ ଜମିରେ ବାଇଗଣ ଚାଷ କରିଛନ୍ତି। ଏଥିପାଇଁ ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ସେ ଦୈନିକ ୬୦ରୁ ୭୦ କିଗ୍ରା ବାଇଗଣ ଅମଳ କରୁଛନ୍ତି। କିଲୋ ପ୍ରତି ୧୦ ଟଙ୍କା ହିସାବରେ ସେ ଦୈନିକ ୭ଶହରୁ ୮ ଶହ ଟଙ୍କା ରୋଜଗାର କରୁଛନ୍ତି। ଯଦି ଅଞ୍ଚଳରେ ଶୀତଳ ଭଣ୍ଡାରର ସୁବିଧା ମିଳନ୍ତା ତେବେ ସେ ଅଧିକ ଜମିରେ ବାଇଗଣ ଚାଷ କରନ୍ତେ ବୋଲି ପ୍ରକାଶ କରିଛନ୍ତି। ଯେତେବେଳେ ଅଞ୍ଚଳର ଯୁବକମାନେ ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଯାଉଛନ୍ତି ସେହି ସମୟରେ ସୁଜିତ ବାଇଗଣ ଚାଷ କରି ଅର୍ଥ ଉପାର୍ଜନ କରିବା ତାଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କୁ ଅନୁସରଣ କରି ଅନେକେ ଯୁବକ ଆଗାମୀ ଦିନରେ ଏହି ଭଳି ପନିପରିବା ଚାଷ କରିବାକୁ ଆଗ୍ରହୀ ଥିବା ସୁଜିତ ପ୍ରକାଶ କରିଛନ୍ତି। ଉଦ୍ୟାନ କୃଷି ବିଭାଗ ପନିପରିବା ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସଚେତନ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ମାତ୍ର ବୀରମହାରାଜପୁର ଅଞ୍ଚଳରେ ଉଦ୍ୟାନ କୃଷି ବିଭାଗ ତରଫରୁ ସହାୟତା ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସୁଜିତ ବାଇଗଣ ଚାଷ କରିଥିଲେ ମଧ୍ୟ ତାଙ୍କୁ ସହାୟତା ମିଳି ନ ଥିବା କିମ୍ବା ଉଦ୍ୟାନ କୃଷି ବିଭାଗର କୌଣସି ଅଧିକାରୀଙ୍କ ଠୁ କୌଣସି ପରାମର୍ଶ ନ ମିଳିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।



ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

# ଟ୍ୟାଙ୍କର ନୁହେଁ, ସ୍ଥାୟୀ ଜଳ ଯୋଗାଣ ଦାବି

**ବୀରମହାରାଜପୁର, ୨୫।୫(ଯୁଗଳ କିଶୋର ମିଶ୍ର)**

**ପାନୀୟ ଜଳ ସମସ୍ୟା ନେଇ ବୈଠକ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ସଭାଗୃହରେ ଶନିବାର ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରାହିତ୍ୟରେ ବିଭିନ୍ନ ଗ୍ରାମରେ ପିଇବା ପାଣିସମସ୍ୟା ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକଙ୍କ ମତାମତକୁ ଭିତ୍ତି କରି ସରପଞ୍ଚ କର୍ମୀ ପ୍ରଶାସନର ସହଯୋଗରେ ପାନୀୟ ଜଳ ଯୋଗାଣ ସମ୍ଭବ ବୋଲି କହିଥିଲେ। କମଳପୁର ପାଇପ ଜଳ ଯୋଗାଣ ସମସ୍ତ ପଡ଼ାକୁ ପହଞ୍ଚାଇବାକୁ ହେଲେ ୫ଟି ତିନଇଞ୍ଚ ଭଲଭ ଲଗାଇବା, ସମସ୍ତ ୩୬ ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ ସଂଯୋଗ, ୩ ଘଣ୍ଟା ମୂଳଉତ୍ସରୁ ୨୦ ଏଚ୍‌ପି ନୂତନ ପମ୍ପର ବ୍ୟବସ୍ଥା କରିବାକୁ ପଡିବ ବୋଲି କହିଥିଲେ। ଲାଗିଥିବା ପମ୍ପ ଉପଯୁକ୍ତ ପରିମାଣ ପାଣି ଯୋଗାଣରେ ତ୍ରୁଟି ଥିବାରୁ ଅପସାରଣ ନେଇ ପମ୍ପ ଡ୍ରାଇଭର ତଥା ଏସ୍‌ସିଏମ ଓ ୱାର୍ଡସଭ୍ୟମାନେ ଦାବି କରିଥିଲେ। କାନପୁର ପାଇପ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ କାମ ହସ୍ତାନ୍ତରଣ, ଫାଟିଥିବା ପାଇପ ଓ ଷ୍ଟାଣ୍ଡପୋଷ୍ଟରେ ଆବଶ୍ୟକତା ଅନୁସାରେ ଟ୍ୟାପ ସଂଯୋଗ ନେଇ ଆଲୋଚନା ହୋଇଥିଲା। ଉଫୁଲାରେ ନୂତନ ଭାବେ ଖୋଳାଯାଇଥିବା ଇନଟେକ ୱେଲରୁ ପାଇପ ଜଳଯୋଗାଣ, ନୂତନ ଟ୍ରାନ୍ସଫରମର ବିଦ୍ୟୁତ ଲାଇନ ସଂଯୋଗ, ପମ୍ପ ହାଉସ ହସ୍ତାନ୍ତରଣ, ନୂତନ ପମ୍ପ ୭.୫ ଏଚ୍‌ପିର ଲଗାଇବା, ଷ୍ଟାଣ୍ଡପୋଷ୍ଟ ଟ୍ୟାପ ସଂଯୋଗ, ଫାଟିଥିବା ପାଇପ ମରାମତି, ହିଲୁଙ୍ଗ ପଞ୍ଚାୟତଠାରୁ ରଣାପାଲି ପାଇପ ଜଳ ଯୋଗାଣ ବିଦ୍ୟୁତ ଶୁଳ୍କ ଅଂଶ ଆଣିବା ଓ ଗୁନି ପଡ଼ା ପାଇପ ଜଳ ଯୋଗାଣ ପାଇଁ ଚମ୍ପମାଲ ପଞ୍ଚାୟତକୁ ବିଦ୍ୟୁତ ଶୁଳ୍କ ଅଂଶ ପ୍ରଦାନ ଓ ଚମ୍ପାମାଲ ଅଭରହେଡ଼ ଟ୍ୟାଙ୍କରୁ ଟାଙ୍ଗାରସାହି ପଥର ଟାଙ୍ଗରବାସୀଙ୍କୁ ଦୈନିକ ସର୍ବନିମ୍ନ ଏକ ଘଣ୍ଟା ଜଳଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଟିଠିପାଲି, ରଥପୁର ପାଇପ ଜଳଯୋଗାଣ ପ୍ରକଳ୍ପ ସବୁ ପଡାକୁ ପାଇପ ବିଛାଇବା ଓ ଉଫୁଲା ପଞ୍ଚାୟତକୁ ହସ୍ତାନ୍ତରଣ ନେଇ ଉପସ୍ଥିତ ୱାର୍ଡସଭ୍ୟମାନେ ଦାବି କରିଥିଲେ। ଖମେଶ୍ୱରୀପାଲି ସୋଲାର ପାଇପ ଜଳଯୋଗାଣ ପ୍ରକଳ୍ପ ମରାମତି, ଟାଙ୍ଗରସାହି, ଗୌଡ଼କେଲା ବାସୀଙ୍କୁ ଟ୍ୟାଙ୍କର ଜଳଯୋଗାଣ ବଦଳରେ ସ୍ଥାୟୀ ପାଇପ ଜଳ ଯୋଗାଣ ନେଇ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ୱାର୍ଡସଭ୍ୟ ଦାବି କରିଥିଲେ। ବିକଳପାଲି ଗ୍ରାମ ଓ ପାଣ୍ଡପାଲି ଡାହାଣୀ ଜୋରସ୍ଥିତ ଇନଟେକ ୱେଲରୁ ପାଇପ ଜଳଯୋଗାଣ ପୁନଃ କାର୍ଯ୍ୟକ୍ଷମ ନେଇ ବିଦ୍ୟୁତ ବିଭାଗ ଖାଉଟି ନମ୍ବର ସଂଗ୍ରହ, ବିକଳପାଲି, ପଣ୍ଡାପାଲି, ଖେତିସାହି, ଦନ୍ତାପାଲି ଗ୍ରାମକୁ ପାଇପ ଜଳଯୋଗାଣ ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ ନାଏବ ସରପଞ୍ଚ କମଳିନୀ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆର୍ଯ୍ୟ ସମାଜର ମାସିକ ସତ୍‌ସଙ୍ଗ

**ବରଗଡ଼,୨୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ରବିବାର ମାସିକ ଯଜ୍ଞ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ପୁରୋହିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାସିକ ହବନ ହୋଇଥିଲା। ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ଅଶୋକ ମେହେର ଯୋଗଦେଇ ଯଜ୍ଞର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ରବିଶଙ୍କର ପ୍ରଧାନ, ସଚ୍ଚିଦାନନ୍ଦ ପଣ୍ଡା, ଅଗସ୍ତି ସାହୁ, କପିଳ ବାଗ, ଲଳିତ ବନଛୋର୍, ହୃଷୀକେଶ ପ୍ରଧାନ, ବାଙ୍କା ବିହାରି ସାହୁ ପ୍ରଦୀପ ସାହୁ ଉପସ୍ଥିତ ରହି ପରିବେଶକୁ ସନ୍ତୁଳନ ରଖିବା ପାଇଁ ଯଜ୍ଞର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।



ଆର୍ଯ୍ୟ ସମାଜ ପକ୍ଷରୁ ମାସିକ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଅତିଥି।

# ଗୁରୁ ଭଗବାନ ସାହୁଙ୍କ ଜନ୍ମୋତ୍ସବ ପାଳନ ପ୍ରସ୍ତୁତି

**ବରଗଡ଼,୨୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଏ. ଇ ମିଶନ ସ୍କୁଲ ପରିସରରେ ଶନିବାର ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ଼ଃ ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ଓଡ଼ିଶା ଭାଷା କଳା ଓ ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୯୫ତମ ଜନ୍ମୋତ୍ସବ ପାଳନ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ସ୍ମୃତି କମିଟିର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଏବଂ ସର୍ଦ୍ଦାର ପ୍ରିତମ ସିଂହ ବୈଠକରେ ସଂଯୋଜନା କରିଥିଲେ। ଆସନ୍ତା ଜୁନ ମାସ ୧୧ତାରିଖ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଜନ୍ମୋତ୍ସବ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ କବି ମନୋରଞ୍ଜନ ସାହୁ, ଶାସ୍ତ୍ରୀୟ ଶବ୍ଦ ନୃତ୍ୟଗୁରୁ ଭାଗବତ ପଧାନ, ନାଟ୍ୟକାର ଆଖଣ୍ଡଳମଣି ସାହୁ, ମାଟ୍ରିକ ଟପ୍ପର ବବିତା ରଥଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଶବ୍ଦନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଭିନ୍ନ ଜିଲାରୁ ସ୍ମୃତି କମିଟିର ସଦସ୍ୟା, ସଦସ୍ୟ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଦଧିବାବନ ଶତପଥୀ, କୃଷ୍ଣଚନ୍ଦ୍ର ପଣ୍ଡା, ଡ଼ଃ ଯଶବୀର ସିଂ ସୈନୀ, ବିମଳକୃଷ୍ଣ ମିଶ୍ର, ମନୋରଞ୍ଜନ ମେହେର, ଅଚ୍ୟୁତାନନ୍ଦ ବାରିକ, ରାଜକିଶୋର ମହାରଣା, ଆଶୁତୋଷ ରଥ, ନୁରାବତୀ ସାହୁ, ସଂଘମିତ୍ରା ପଟେଲ, ସଙ୍ଗୀତା ଦୀପ, ସାରଥି ମେହେର, ଜଟାଧାରୀ ପ୍ରଧାନ, ବୃନ୍ଦାବନ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ବରିଷ୍ଠ ସଦସ୍ୟ ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଗାଳୟରେ ଗୁରୁ ପୂଜନ ଉତ୍ସବ

**ସୋନପୁର,୨୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାର ସ୍ଥିତ ଶ୍ରୀ ଗୋପାଳଜୀ ତଡିତ ମନ୍ତ୍ର ଶ୍ୱାସ ଯୋଗାଳୟରେ ଗୁରୁ ପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋଗାଳୟ ପ୍ରତିଷ୍ଠାତା ଗୁରୁଜୀ ଜୟଦେବ ତନସନାଙ୍କର ୮୯ ତମ ଜନ୍ମୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୋଗାଳୟ ତରଫରୁ ଗୁରୁ ଜୟଦେବ ତନ୍ସନା ଏବଂ ଗୁରୁମା ଶୋଭାରାଣି ତ଼ନସନାଙ୍କୁ ପୁଷ୍ପଗୁଚ୍ଛ, ଫୁଲ ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଐତିହାସିକ ଡକ୍ଟର ସୁଦାମ ନାଏକ, ପ୍ରାଧ୍ୟାପକ ଶମ୍ଭୁ ଭୂଷଣ ପଣ୍ଡା, ଗୋରେଖ ନାଥ ସାହୁ ଓ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ ପ୍ରମୁଖ ଗୁରୁଜୀଙ୍କର ବହୁମୁଖୀ ପ୍ରତିଭା ବିଷୟରେ ଆଲେଚନା କରିଥିଲେ। ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଉପସଭାପତି ପ୍ରଦୀପ କୁମାର ପୁରୋହିତ। ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ସମ୍ପାଦକ ଡ଼କ୍ଟର ଆର୍ତ୍ତତ୍ରାଣ ବାବୁ। ଧନ୍ୟବାଦ ପ୍ରଦାନ କରିଥିଲେ ସହ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ। ଯୋଗାଳୟ ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପାଢ଼ୀ, ସଭାପତି ହରିହର ଶତପଥୀଙ୍କ ସହିତ ବାସୁଦେବ ମିଶ୍ର, ସଚ୍ଚିଦା ନନ୍ଦ ନାୟକ, ମୃତ୍ୟୁଞ୍ଜୟ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଶିବରାମ ପଟ୍ଟନାୟକ, ସୁଶାନ୍ତ ସାହୁ, ପ୍ରତାପ ଦାଶ, ଅମର ଭୁତ, ନରେଶ ଅଗ୍ରୱାଲ, ଦିଲ୍ଲୀପ ଭୁକ୍ତା, କଳାକାହ୍ନୁ ଦାଶ, ବିଭୂତି ଭୂଷଣ ଶତପଥୀ, କୃଷ୍ଣଚନ୍ଦ୍ର ପାତ୍ର, କଳାକାହ୍ନୁ ଦାଶ, ଉଦିତ ଚନ୍ଦ୍ର ବାବୁ ଓ ଶତ୍ରୁଘ୍ନ ହୋତାଙ୍କ ସମେତ ଯୋଗାଳୟର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜ୍ୟ ଗୁରୁଜୀଙ୍କର ସୁସ୍ଥ ସୁନ୍ଦର ଓ ନିରାମୟ ଜୀବନ କାମନା କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିଥିଲେ। ଯୋଗାଳୟ ନିର୍ମାଣ କାର୍ଯ୍ୟରେ ବିଶେଷ ସହଯୋଗ କରିଥିବା ଜୟରାମ ପୂଜାହାରୀ, ଅମ୍ବରୀଶ କୁମାର ଦାଶ, ସ୍ୱପ୍ନେଶ୍ୱର ନାୟକ ଓ ଅଶ୍ୱିନୀ କୁମାର ଦାଶଙ୍କୁ ଯୋଗାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଯୋଗଗୁରୁ ଓ ଗୁରୁ ମା'ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବିକାଶ ପାଇଁ ଆବଶ୍ୟକସ୍ଥଳେ ଆନ୍ଦୋଳନ

**ସୋନପୁର,୨୫।୫(ମୃତ୍ୟୁଞ୍ଜୟ ଶତପଥୀ)**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

**ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ସହର ମହାନଦୀ ବିହାରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଳୟଠାରେ ଜିଲା ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଡ଼ ଜ୍ୟୋତି ରଞ୍ଜନ ବହିଦାର ଅଧକ୍ଷତା କରିଥିଲେ। ଅତିଥି ଭାବେ ସଂଘ ଉପଦେଷ୍ଟା ଗୋରେଖନାଥ ସାହୁ, ନାରାୟଣ ପ୍ରସାଦ ରାୟଗୁରୁ, ଉପସଭାପତି ଡ଼ ଆର୍ତ୍ତତ୍ରାଣ ବାବୁ ଯୋଗଦେଇ ନିଜର ସ୍ୱାର୍ଥ ପାଇଁ ନୁହେଁ, ଜିଲାର ସାମୂହିକ ବିକାଶ ପାଇଁ ଆବଶ୍ୟକ ପଡ଼ିଲେ ଗଣତାନ୍ତ୍ରିକ ପଦ୍ଧତିରେ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ପୁଣି ଡ଼ ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଉପସଭାପତି ଡ଼ ଆର୍ତ୍ତତ୍ରାଣ ବାବୁ, ସହସମ୍ପାଦକ ଶ୍ରୀବତ୍ସ ମଲ୍ଲିକ ଓ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ରଥଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟାଭାବେ ଗୋରେଖ ନାଥ ସାହୁ, ନାରାୟଣ ପ୍ରସାଦ ରାୟଗୁରୁ, ଡ. ସନ୍ତୋଷ ପାଢ଼ୀ ମନୋନୀତ ହୋଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ହରିହର ଶତପଥୀ ସତ୍ୟ ନାରାୟଣ ମିଶ୍ର, ଇନ୍ଦୁମତି ପୁରୋହିତ, ମୀନା କୁମାରୀ ମହାରଣା, ବ୍ରଜ ମୋହନ ଦାନୀ, ରାଧେଶ୍ୟାମ ମିଶ୍ର, ଦେବକିଶୋର ଦାନୀ ଓ ପ୍ରଦୀପ ପୁରୋହିତଙ୍କୁ ମନୋନୀତ କରାଯାଇଛି । ସଂଘକୁ ଅଧିକ କ୍ରିୟାଶୀଳ କରିବା, ପରସ୍ପର ମଧ୍ୟରେ ନିୟମିତ ଭାବେ ଭାବର ଆଦାନ ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ବାର୍ଷିକ ଉତ୍ସବରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ।

# ଢୁଟୁନି ପାନୀୟ ଜଳ ସମସ୍ୟା

## ଟୁଙ୍ଗିରିଟୋଲା ଗାଁ

ରାଉରକେଲା,୨୫।୫(ବିପ୍ଳବ ରଞ୍ଜନ ଦାଶ)



ଅଭିଯୋଗକାରୀ ଟୁଙ୍ଗିରିଟୋଲା ବାସିନ୍ଦା ।

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅଧୀନ ଲୁଙ୍ଗେଇ ଗ୍ରାମପଞ୍ଚାୟତର ଟୁଙ୍ଗିରୀଟୋଲା ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ଗାଁ ରାଉରକେଲା ସହର ନିକଟରେ ଥିବାରୁ ୱାଟକୋ ପକ୍ଷରୁ ଏଠାକୁ ଜଳଯୋଗାଣ ହେଉଛି। ତେବେ ଠିକ୍ ଭାବେ ଲୋକମାନଙ୍କୁ ପାଣି ମିଳୁ ନ ଥିବାବେଳେ ଅଧିକାଂଶ ସମୟରେ ଗୋଳିଆ ପାଣି ଆସୁଛି। ଫଳରେ ଆଗକୁ ଅଞ୍ଚଳରେ ଜଳଜନିତ ରୋଗ ବ୍ୟାପିବା ନେଇ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

ଟୁଙ୍ଗୁରୀଟୋଲାରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ୨ଟି ନଳକୂପ ରହିଛି। ସେଥିରୁ ଗୋଟିଏ ନଳକୂପ ସଚଳ ରହିଥିବା ବେଳେ ଅନ୍ୟଟିର କାମ ସରିନାହିଁ। ଏଯାଏଁ ନୂତନ ନଳକୂପ କେବଳ ପାଇପ୍ ପୋତାରେ ସୀମିତ ରହିଛି। ଅନ୍ୟପଟେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ୱାଟକୋ ବିଭାଗ ପକ୍ଷରୁ ଟୁଙ୍ଗିରୀଟୋଲାର ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରାଯାଇଥିବା ବେଳେ ଠିକ୍ ଭାବେ ପାଣି ମିଳୁନାହିଁ। ଆଜିକୁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ହେଲାଣି ବ୍ରାହ୍ମଣୀ ନଦୀରୁ ପାଇପ୍ ଯୋଗେ ଆସୁଥିବା ପାଣି ସମ୍ପୂର୍ଣ୍ଣ ଗୋଳିଆ ଓ ଦୂଷିତ ରହୁଥିବାରୁ ସ୍ଥାନୀୟ ଲୋକେ ଏକମାତ୍ର ନଳକୂପ ଭରସାରେ ନିଜ ଆବଶ୍ୟକତା ମେଣ୍ଟାଉଛନ୍ତି। ଏଠାକାର ଲୋକଙ୍କ ପାଣି ସମସ୍ୟା ନା ୱାଟକୋ ବିଭାଗ ନା ସ୍ଥାନୀୟ ଗ୍ରାମପଞ୍ଚାୟତ ବୁଝୁଛି। ଏଭଳି ଦୋଛକିରେ ଥିବା ସ୍ଥାନୀୟ ଅଞ୍ଚଳବାସୀ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ଲ୍ଲେଖନୀୟ, ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୱାଟକୋ ପକ୍ଷରୁ ରାଉରକେଲା ସହରାଞ୍ଚଳର ୪୦ ୱାର୍ଡ ଓ ଶିଳ୍ପାଞ୍ଚଳର ବିଭିନ୍ନ ସେକ୍ଟରରେ ୧୮୫୦ଟି ନଳକୂପ ଖନନ କରାଯାଇଥିଲା। ଏହି ସମୟରେ ଟୁଙ୍ଗିରୀଟୋଲାରେ ମଧ୍ୟ ଗୋଟିଏ ନଳକୂପ ଖୋଳାଗଲା। ପରବର୍ତ୍ତୀ ସମୟରେ ୱାଟକୋ ପକ୍ଷରୁ ନଳକୂପ ଖନନ କାର୍ଯ୍ୟ ସ୍ଥଗିତ ରଖି ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ କରାଗଲା। ଏବେ ଟୁଙ୍ଗିରୀଟୋଲାରେ ଥିବା ପାନୀୟ ଜଳ ସମସ୍ୟାର ସମାଧାନ ଆର୍‌ଏମ୍‌ସି କିମ୍ବା ଗ୍ରାମପଞ୍ଚାୟତ ପକ୍ଷରୁ କରାଯାଉନାହିଁ। ଏଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳର କିରନ ମିଞ୍ଜ, ହୀରାମଣି ସୋରେନ, ମୀନତି ଭିସ୍ରା, ପ୍ରଫୁଲ୍ଲି ମିଞ୍ଜ ପ୍ରମୁଖ ଦାବି କରିଛନ୍ତି।

ଏ ନେଇ ରାଉରକେଲା ୱାଟକୋ ପରିଚାଳକ ଅଲେଖ ଦଲେଇଙ୍କୁ ପଚାରିବାରୁ ସେ କହିଲେ, ଆମ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀରୁ ନିୟମିତ ଜଳ ଉତ୍ତୋଳନ ପରେ ବିଶୋଧନ କରି ସହର ତଥା ସହର ଉପକୂଳବର୍ତ୍ତୀ କିଛି ସ୍ଥାନକୁ ନିୟମିତ ଯୋଗାଣ ହେଉଛି। ମାତ୍ର ବିତରଣ ହେଉଥିବା ଜଳ ଦୂଷିତ ଥିବା ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଏ ନେଇ ଲୁଙ୍ଗେଇ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ସହିତ ବିଚାର ବିମର୍ଶ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦଲେଇ କହିଥିଲେ। ସେହିପରି ଏ ସମ୍ପର୍କରେ ଲୁଙ୍ଗେଇ ସରପଞ୍ଚ ଆପି ଟପ୍ପୋଙ୍କୁ ପଚାରିବାରୁ ସେ କହିଲେ, ଟୁଙ୍ଗିରିଟୋଲୀରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ୨ଟି ନଳକୂପ ବ୍ୟବସ୍ଥା କରାଯାଇଛି। ଗୋଟିଏ ନଳକୂପ କାମ ବାକି ଅଛି। ଯାହାକି ଖୁବ୍‌ଶୀଘ୍ର ସମ୍ପାଦନ ହେବ। ୱାଟକୋ ପକ୍ଷରୁ ଟୁଙ୍ଗୁରିଟୋଲୀକୁ ପାଇପ ପାଣି ଯୋଗାଣ ହେଉଛି। ଏଣୁ ଦୂଷିତ ପାଣି ବିଷୟରେ ୱାଟକୋ ବିଭାଗ କହିପାରିବ। ତେବେ ଏହା ଉପରେ ୱାଟକୋ ସହ ବିଚାର ବିମର୍ଶ କରାଯିବ ବୋଲି ଟପ୍ପୋ କହିଥିଲେ।

# ବିଚାର ଶେଷ, ୨୭ରେ ରାୟ

## ଚନ୍ଦନ ବେହେରା ହତ୍ୟା ମାମଲା

ରାଉରକେଲା,୨୫।୫(ସଙ୍ଗୀତା ଜେନା)



ରାଉରକେଲାର ଜଣାଶୁଣା ଆଇନଜୀବୀ ତଥା ହୋଟେଲ ବ୍ୟବସାୟୀ ଚନ୍ଦନ ବେହେରା ହତ୍ୟା ମାମଲାର ବିଚାର ଶେଷ ହୋଇଛି। ଆସନ୍ତା ୨୭ ତାରିଖରେ ଏହାର ରାୟ ପ୍ରକାଶ ପାଇବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ପୁରୀ ଏଡିଜେ-୧ କୋର୍ଟରେ ଏହି ମାମଲା ରହିଛି। ଚନ୍ଦନ ବେହେରା ହତ୍ୟାକାଣ୍ଡ କେବଳ ରାଉରକେଲା ନୁହେଁ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାମଲାର ନିରପେକ୍ଷ ଦାବି କରି ଆଇନଜୀବୀମାନେ ବନ୍ଦ ପାଳନ କରିଥିଲେ।

ସୂଚନା ଅନୁଯାୟୀ, ପୁରୀ ରେଣୁକା ଲେନ୍‌ରେ ଚନ୍ଦନ 'ଖୁସି' ନାମକ ଏକ ରେଷ୍ଟୁରାଣ୍ଟ କରିଥିଲେ। ଘଟଣା ଦିନ ଅର୍ଥାତ୍ ୨୦୧୭ ଜାନୁଆରୀ ୭ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଚନ୍ଦନ ତାଙ୍କ ବନ୍ଧୁ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହ ଏକ ସ୍କୁଟିରେ ଉକ୍ତ ରେଷ୍ଟୁରାଣ୍ଟକୁ ଫେରିଥିଲେ। ରେଷ୍ଟୁରାଣ୍ଟ ସମ୍ମୁଖରେ ଗାଡି ରଖିବା କ୍ଷଣି ପାଖରେ ଲୁଚି ରହିଥିବା ବାସୁଦେବ ଭଞ୍ଜ ଓରଫ ଜଗା, କପିଳାସ ଭୋଇ ଓରଫ କପିଳା ଓ ବ୍ରଜ କିଶୋର ଭୋଇ ଓରଫ୍ ବରଜୁ ନାମଧାରୀ ୩ ଅଭିଯୁକ୍ତ ମାରଣାସ୍ତ୍ରରେ ଚନ୍ଦନଙ୍କୁ ଆକ୍ରମଣ କରିଥିଲେ। ରେଷ୍ଟୁରାଣ୍ଟ କର୍ମଚାରୀ ଆସିଲା ବେଳକୁ ଚନ୍ଦନଙ୍କୁ ହତ୍ୟା କରି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏହି ଘଟଣାରେ ପୁରୀ ସି' ବିଟ୍ ପୋଲିସ ଦଫା ୩୦୨, ୩୦୭, ୩୨୪, ୨୦୧, ୧୨୦ (ବି), ୩୪ ଆଇପିସି ସହିତ ସେକ୍ସନ-୭ର ୨୫(ଏ) ଏବଂ ୨୭ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁରୀ ପୋଲିସ ଅଭିଯୁକ୍ତ ଜଗା, କପିଳା, ବରଜୁ, ନରେନ୍ଦ୍ର ନାଥ ଦାସ ଓରଫ ଲିଟୁ ଏବଂ ଚନ୍ଦନଙ୍କ ସ୍ତ୍ରୀ ନିବେଦିତା ବେହେରା ଓରଫ୍ ପିଙ୍କିଙ୍କୁ ଗିରଫ କରିଥିଲା। ନିବେଦିତା ଗିରଫ ହେବା ପରେ ମାମଲା ଭିନ୍ନ ମୋଡ ନେଇଥିଲା। ଚନ୍ଦନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟରୁ ହତ୍ୟାକାଣ୍ଡର ସୂତ୍ରପାତ ହୋଇଥିବା ପୋଲିସ ଜାଣିପାରିଥିଲା।

ଚନ୍ଦନ ରାଉରକେଲାର ଶକ୍ତିନଗରରେ ରହୁଥିଲେ। ସେ ମାସର କିଛିଦିନ ପୁରୀ ଏବଂ ଆଉ କିଛିଦିନ ରାଉରକେଲାରେ ରହି ବ୍ୟବସାୟ ପରିଚାଳନା କରୁଥିଲେ। ଚନ୍ଦନଙ୍କ ସହିତ ମନୋମାଳିନ୍ୟ ହେବାରୁ ନିବେଦିତା ତାଙ୍କ ବାପଘରକୁ ଚାଲିଯାଇଥିଲେ ଏବଂ ଚନ୍ଦନଙ୍କ ପରକୀୟା ପ୍ରୀତି ରହିଥିବା ସନ୍ଦେହ କରୁଥିଲେ। ତାଙ୍କ ନାମରେ ଥିବା ସମ୍ପତ୍ତି ଅନ୍ୟ ମହିଳାମାନଙ୍କ ନାମରେ ୱିଲ କରିଦେବାକୁ ଚନ୍ଦନ ଯୋଜନା କରୁଥିବା ନିବେଦିତା ସନ୍ଦେହ କରିଥିଲେ। ତେଣୁ ଚନ୍ଦନଙ୍କୁ ରାସ୍ତାରୁ ହଟାଇବା ପାଇଁ ସେ କୁଆଡେ ଯୋଜନା କରିଥିଲେ। ତେବେ ପୁରୀରେ ଥିବା ଖୁସି ରେଷ୍ଟୁରାଣ୍ଟ ଏବଂ ସାଇଚନ୍ଦନ ହୋଟେଲକୁ ନରେନ୍ଦ୍ର ଦାସ, କପିଳା, ଜଗା ଓ ବରଜୁ ବୁଝାଶୁଝା କରୁଥିଲେ। ସେମାନେ କମିଶନି ଆକାରରେ ଅର୍ଥ ପାଉଥିଲେ। ତେବେ ନରେନ୍ଦ୍ରଙ୍କ ସହ ଚନ୍ଦନଙ୍କର ହୋଟେଲ କାରବାର ନେଇ ମତଭେଦ ହେବାରୁ କିଛିଦିନ ହୋଟେଲ ବନ୍ଦ ରହିଥିଲା। ଏହା ଭିତରେ ନରେନ୍ଦ୍ର ସହ ନିବେଦିତାଙ୍କର ଜଣାଶୁଣା ହୋଇଥିଲା। ନିବେଦିତା ନରେନ୍ଦ୍ରଙ୍କୁ ନିଜର ମୁରବୀ କରିବାକୁ ଯୋଜନା କରିଥିଲେ। ଚନ୍ଦନଙ୍କ ଅନ୍ତେ ସବୁ ସମ୍ପତ୍ତି ନରେନ୍ଦ୍ର ବୁଝାଶୁଝା କରିବେ ବୋଲି ପୁରୀରେ ୨୦୧୭ ଜାନୁଆରୀ ୫ ତାରିଖରେ ଏକ ଦଲିଲ ହୋଇଥିଲା। ଏହି ଦଲିଲରେ ନରେନ୍ଦ୍ର ଓ ନିବେଦିତା ଉଭୟ ସ୍ୱାକ୍ଷର କରିଥିଲେ। ଏହାର ଠିକ୍ ୨ ଦିନ ପରେ ଚନ୍ଦନଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ୨୦୧୭ ଜାନୁଆରୀ ୧୭ ତାରିଖରେ ନିବେଦିତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ କପିଳା, ଜଗା, ବରଜୁ, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା, ସୋମନାଥ ଭଞ୍ଜ, କମଳାକାନ୍ତ ଦାସ, ନିବେଦିତା ବେହେରା, ନରେନ୍ଦ୍ର ଦାସଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। କିଛି ବର୍ଷ ପରେ ନିବେଦିତା ଜାମିନରେ ଆସି ରାଉରକେଲାରେ ରହୁଥିଲେ। ଏହି ମାମଲାର ଶୁଣାଣି ଶେଷ ହୋଇଛି। ଆସନ୍ତା ୨୭ ତାରିଖରେ ଏହାର ରାୟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

# ଛେଣ୍ଡ ପରିବା ହାଟରେ ଜଳଛତ୍ର



ଲୋକମାନଙ୍କୁ ପାଣି, ସର୍ବତ ବିତରଣ କରାଯାଉଛି।

ରାଉରକେଲା,୨୫।୫(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ପରିବାର ହାଟ ପରିସରରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ଅର୍ବାନ ପକ୍ଷରୁ ରବିବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ ରାଉରକେଲା ଅର୍ବାନ ସଭାପତି ଡ. ରାମଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଏହି ଜଳଛତ୍ରକୁ କ୍ଲବର ଉପଦେଷ୍ଟା ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୁରୁବିନ୍ଦର ସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାଦ୍ୱାରା ଛେଣ୍ଡ ପରିବା ହାଟକୁ ଆସୁଥିବା ଗ୍ରାମୀଣ ପରିବା ବିକାଳି ଓ ଗ୍ରାହକମାନେ ଉପକୃତ ହୋଇଥିଲେ। କ୍ଲବର ଉଦିତ କୁମାର ସାହୁ, ଦେବବ୍ରତ ନାୟକ, ମଞ୍ଜୁରାଣୀ ମେହେର, ଡାକ୍ତର ସାମନ୍ତ କୁମାର ସାହୁ, ଉଷା ଦାସ, ଅଞ୍ଜୁ କକ୍କଡ, ଜେଡି ପ୍ରଧାନ, ପ୍ରଦୀପ ଦାସ, ଗୋବିନ୍ଦ ନାୟକ, ଆଭାସ ବାନାର୍ଜୀ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ପାତ ଶିଳ୍ପ ପାଇଁ ସ୍ୱୟଂଚାଳିତ ଉତ୍ପାଦ ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା,୨୫।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଆର୍‌ଏଣ୍ଡସି ଲାବୋରେଟୋରୀ ସମ୍ମିଳନୀ ହଲ୍‌ରେ ଗତ ୧୫ତାରିଖରେ ଇସ୍ପାତ ଶିଳ୍ପ ପାଇଁ ସ୍ୱୟଂଚାଳିତ ଉତ୍ପାଦ ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିଥିଲେ। ଆର୍‌ଏସ୍‌ପି ଓ ଏନ୍‌ଏସ୍‌ପିସିଏଲ୍‌ରୁ ପ୍ରାୟ ୮୦ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ପୁନେ ସ୍ଥିତ ମେସର୍ସ ଆଇ.ଆଇ.ଆର.ଏ.ଜେ ରୋବୋଟିକ୍ସ ଓ ଅଟୋମେଶନର ବିଶେଷଜ୍ଞମାନଙ୍କ ଦ୍ୱାରା ବୈଷୟିକ ଅଧିବେଶନ ସମ୍ପନ୍ନ ହୋଇଥିଲା। ବିଶେଷଜ୍ଞମାନେ ଅଧିବେଶନର ପ୍ରଥମ ଦିନର ପ୍ରମୁଖ ଉତ୍ସ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ନିଜ ଅଭିଭାଷଣରେ ପଲାଇ ଦକ୍ଷ, ନିରାପଦ ଏବଂ ବ୍ୟୟ ନିପୁଣ ଇସ୍ପାତ ଉତ୍ପାଦନ ହାସଲ କରିବାରେ ସ୍ୱୟଂଚାଳିତର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମଗ୍ରିକ ଭାବେ କାରଖାନାର କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଆବଶ୍ୟକ ସ୍ଥାନରେ ସ୍ୱୟଂଚାଳିତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଉକ୍ତ ଅଧିବେଶନରେ ରକ୍ଷଣାବେକ୍ଷଣ ବିଭାଗ ସିଜିଏମ୍ ଏସ୍.ଏସ୍. ରାୟ ଚୌଧୁରୀ ଇସ୍ପାତ ଶିଳ୍ପରେ ସ୍ୱୟଂଚାଳିତ ଏବଂ ମେକାଟ୍ରୋନିକ୍ସର ବର୍ଦ୍ଧିତ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ସାମ୍ପ୍ରତିକ ପରିସ୍ଥିତିରେ ସୁରକ୍ଷାକୁ ଏକ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ବ୍ୟୟ ନିପୁଣ ହେବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ଏହି ଅଧିବେଶନରେ ପୂର୍ବ ଜୋନ୍‌ର ମେସର୍ସ ଆଇଆର୍‌ଏଜେ ରୋବୋଟିକ୍ସ ଏବଂ ଅଟୋମେଶନର ମୁଖ୍ୟ ଏସ୍. କୁଲକର୍ଣ୍ଣୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଇସ୍ପାତ ଶିଳ୍ପ ପାଇଁ ପ୍ରସ୍ତୁତ ବିଭିନ୍ନ ସ୍ୱୟଂଚାଳିତ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଥିଲେ। ମେସର୍ସ ଆଇଆରଏଜେ ରୋବୋଟିକ୍ସ ଏବଂ ଅଟୋମେଶନ ଚ୍ୟାନେଲ ପାର୍ଟନର, ରାଉରକେଲାର ମେସର୍ସ ଇନ୍ଦର ଏଣ୍ଡ୍ କମ୍ପାନୀ ଦ୍ୱାରା ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।




ଆଲୋଚନାଚକ୍ରରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ୫ ବାଇକ୍ ଜବତ, ୪ ଚୋର ଗିରଫ

ରାଉରକେଲା, ୨୫।୫
(ସଙ୍ଗୀତା ଜେନା)



ବାଇକ୍ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳ ୱାର୍ଡ ନଂ. ୧୦ର ମଫୁଗ ଆଲମ୍(୧୯), ଏମ୍‌ଡି ସଲମାନ୍(୧୯), ୱାର୍ଡ ନଂ. ୪ ରେଳବାଇ କଲୋନିର ଏସ୍. କେ. ତାଜ୍(୧୯) ଏବଂ ମାଲଗୋଦାମ ସର୍ଦ୍ଦାର ବସ୍ତିର ମିଥୁନ ବିଶ୍ୱକର୍ମା(୨୪)। ସେମାନଙ୍କଠାରୁ ୫ଟି ଚୋରି ବାଇକ୍ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ୩ଟି ମାମଲା(ନଂ. ୯/୨୪, ୧୮/୨୫ ଓ ୧୯/୨୫) ଏବଂ ଉଦିତନଗର ଥାନାରେ ଗୋଟିଏ ମାମଲା (ନଂ.୧୩୭/୨୫) ରୁଜୁ ହୋଇଛି। ମଫୁଗଙ୍କ ବିରୋଧରେ ପ୍ଲାଣ୍ଟସାଇଟ୍, ଉଦିତନଗର ଓ ବନ୍ଧମୁଣ୍ଡା ଥାନାରେ ମୋଟ ୪ଟି ଆପରାଧିକ ମାମଲା ରହିଛି। ମିଥୁନଙ୍କ ବିରୋଧରେ ପ୍ଲାଣ୍ଟସାଇଟ୍, ଉଦିତନଗର, ଜିଆର୍‌ପି ଥାନାରେ ୧୦ଟି ମାମଲା ରହିଛି। ତାଜ୍‌ଙ୍କ ନାଁରେ ପ୍ଲାଣ୍ଟସାଇଟ୍ ଓ ଉଦିତନଗରରେ ୩ଟି ମାମଲା ରହିଥିବାବେଳେ ସଲମାନଙ୍କ ନାଁରେ ପ୍ଲାଣ୍ଟସାଇଟ୍ ଓ ଉଦିତନଗର ଥାନାରେ ୨ଟି ଆପରାଧିକ ମାମଲା ରହିଛି। ସେମାନଙ୍କଠାରୁ ୨ ସ୍କୁଟି ଓ ୩ ବାଇକ ଜବତ କରି ସ୍ୱତ୍ୱାଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ଏଲ୍‌ଟି ବିଦ୍ୟୁତ୍ ନେଟ୍‌ୱର୍କ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱାରୋପ

ରାଉରକେଲା,୨୫।୫(ବିପ୍ଳବ ରଞ୍ଜନ ଦାଶ)

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ସୁନ୍ଦରଗଡ଼ ସହରରେ ଲୋ ଟେନଶନ (ଏଲ୍‌ଟି) ବିଦ୍ୟୁତ୍ ନେଟୱର୍କକୁ ଉନ୍ନତ କରିବା ପାଇଁ ପ୍ରମୁଖ ଭିତ୍ତିଭୂମି ବିକାଶ ପଦକ୍ଷେପ ଗ୍ରହଣ କରିଛି। ୯.୪ କିଲୋମିଟର ବିସ୍ତୃତ ଏଲ୍.ଟି ଲାଇନକୁ ନେଇ ଗଠିତ ଏହି ପ୍ରକଳ୍ପ ଟିପିଡବ୍ଲ୍ୟୁଓଡିଏଲର ନିଜସ୍ୱ ପୁଞ୍ଜି ବ୍ୟୟ ଯୋଜନା ଅଧୀନରେ ୦.୬ କୋଟି ବିନିଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଚଳିତ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡିଜାଇନ କରାଯାଇଛି । ଏହା ସହରାଞ୍ଚଳ ଜନସାଧାରଣଙ୍କୁ ସ୍ଥିର ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସମସ୍ୟାର ସମାଧାନ ପାଇଁ ବିଦ୍ୟମାନ ଏଲ୍.ଟି. ନେଟୱର୍କକୁ ସୁଦୃଢ଼ କରିବା ଏବଂ ନୂତନ ଲାଇନଗୁଡ଼ିକର ସମ୍ପ୍ରସାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଅଧୀନରେ ବର୍ତ୍ତମାନ ସୁଦ୍ଧା ୮ କିଲୋମିଟର ପର୍ଯ୍ୟନ୍ତ ଏଲ୍.ଟି ଲାଇନର ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ୧.୪ କିଲୋମିଟର କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି।

ଉଲ୍ଲେଖନୀୟ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ସୁନ୍ଦରଗଡ଼ ସହରର ୫ ହଜାର ଘରୋଇ ତଥା ବ୍ୟବସାୟିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ଏହି ପ୍ରକଳ୍ପର ସମାପନ ଦ୍ୱାରା ଗୁଣାତ୍ମକ ତଥା ନିର୍ଭରଯୋଗ୍ୟତା ବିଦ୍ୟୁତ୍ ସେବା, ସୁରକ୍ଷା ଏବଂ ବୈଷୟିକ କ୍ଷତିରେ ଯଥେଷ୍ଟ ହ୍ରାସ ହେବ ବୋଲି ସୂଚନା ଦିଆଯାଇଛି। ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ତାର ଏବଂ ଟ୍ରାନ୍ସଫର୍ମର ପୋଡ଼ିକୁ ରୋକିବା ଏହି ପ୍ରକଳ୍ପର ପ୍ରମୁଖ ଉଦ୍ଦେଶ୍ୟ। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ଏହି ପଦକ୍ଷେପ ଆମର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଗୁଣବତ୍ତା ତଥା ନିର୍ଭରଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶ। ସୁନ୍ଦରଗଡ଼ ଏଲ୍.ଟି. ନେଟୱର୍କର ସୁଦୃଢ଼ୀକରଣ ବର୍ତ୍ତମାନ ଏବଂ ଭବିଷ୍ୟତର ଚାହିଦା ପୂରଣ କରୁଥିବା ଏକ ସ୍ଥିର ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ମା କହିଥିଲେ।

# ଯୁକ୍ତ ୨ରେ ସାଇ ଟ୍ୟୁଟୋରିଆଲର ଶତପ୍ରତିଶତ ସଫଳତା

ରାଉରକେଲା, ୨୫।୫(ସଙ୍ଗୀତା ଜେନା)

ରାଉରକେଲା ଶକ୍ତିନଗରସ୍ଥିତ ସାଇ ଟିଉଟୋରିଆଲ ଚଳିତ ବର୍ଷ ଯୁକ୍ତ ୨ରେ ଶତପ୍ରତିଶତ ସଫଳତା ହାସଲ କରିଛି। ବାଣିଜ୍ୟରେ ପ୍ରିୟଦର୍ଶନୀ ମହାନ୍ତି ଜିଲା ଟପ୍ପର ହୋଇଛନ୍ତି। ବିଜ୍ଞାନ ବର୍ଗରେ ବିଦିଶା ନନ୍ଦ ୯୦ ପ୍ରତିଶତ ରଖି ରାଉରକେଲାର ଦ୍ୱିତୀୟ ଟପ୍ପର ହୋଇଛନ୍ତି। ସୁଶୀଳାବତୀ ସରକାରୀ ମହିଳା କଲେଜର ଛାତ୍ରୀ ଆୟୁଷା ବେହେରା ୮୩ ପ୍ରତିଶତ ନମ୍ବର ରଖି କଳାରେ କଲେଜ ଟପ୍ପର ହୋଇଛନ୍ତି। ଏହି ସଫଳତା ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଶକ୍ତିନଗରଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଉତ୍ତମ ବେହେରା ସଫଳତା ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଶୁଭକାମନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଜ୍ଞାନରେ ମୋଟ ୭୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୦, ବାଣିଜ୍ୟରେ ୨୨ରୁ ୧୮ ଏବଂ କଳାରେ ୬୭ରୁ ୩୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ପାସ୍ ହାର ଶତପ୍ରତିଶତ ରହିଛି ବୋଲି ନିର୍ଦ୍ଦେଶକ ବେହେରା ସୂଚନା ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶିର ସାହୁ, ରବିନ୍ଦ୍ର ବାରିକ, କଲ୍ୟାଣୀ ପଣ୍ଡା, ରାମଚନ୍ଦ୍ର ଗୌଡ଼, ଦିଲୀପ ପାଲ, ଅନୀଲ ରାମ, ଓମ ବାହାଦୁର ପ୍ରମୁଖ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସଫେଇ ହେଲାନି, ଭାସିବ ରାସ୍ତାଘାଟ

ରାଉରକେଲା,୨୫।୫(ଦିନେଶ ମିଶ୍ର)

ଆଗକୁ ବର୍ଷାଦିନ ଆସୁଛି। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଆରଏମ୍‌ସି ପକ୍ଷରୁ ରାଉରକେଲାର ମୁଖ୍ୟ ଡ୍ରେନଗୁଡିକ ସଫେଇ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ମେ' ମାସ ଶେଷ ହେବାକୁ ବସିଛି। ଆଉ ସପ୍ତାହକରେ ମୌସୁମୀ ବର୍ଷା ଆରମ୍ଭ ହେବ। ହେଲେ ବର୍ତ୍ତମାନ ସୁଦ୍ଧା ଆର୍‌ଏମ୍‌ସି ପକ୍ଷରୁ ସହରର ପ୍ରମୁଖ ଡ୍ରେନଗୁଡିକ ସଫେଇ କରାଯାଇ ନ ଥିବା ଦେଖିବାକୁ ମିଳିଛି।

ରାଉରକେଲା ସହରରେ ହନୁମାନ ବାଟିକା, ସିଭିଲଟାଉନଶିପ୍, ବାସନ୍ତୀ କଲୋନି, ଛେଣ୍ଡ, ପାନପୋଷ, ଡେଲିମାର୍କେଟ ଓ ପ୍ଲାଣ୍ଟସାଇଟ୍ ରୋଡ୍ ସମେତ ଶହେରୁ ଅଧିକ ମୁଖ୍ୟ ଡ୍ରେନ ରହିଛି। ଏହି ଡ୍ରେନଗୁଡିକ ବର୍ଷାଋତୁ ପୂର୍ବରୁ ସଫେଇ ନ ହେଲେ ଉକ୍ତ ଅଞ୍ଚଳରେ ଥିବା ବସ୍ତିରେ ବର୍ଷାଜଳ ପଶିବ। ପ୍ଲାଣ୍ଟସାଇଟ୍‌ସ୍ଥିତ ମୁଖ୍ୟ ଡ୍ରେନ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡି ରହିଥିବାବେଳେ ବାସନ୍ତୀ ମୁଖ୍ୟ ଡ୍ରେନ୍ କାର୍ଯ୍ୟ ଶେଷ ହୋଇନାହିଁ। ସେହିଭଳି ସିଭିଲଟାଉନଶିପ୍ ଅଞ୍ଚଳର ଡ୍ରେନରେ ଛୋଟମୋଟ ଡ୍ରେନ୍ ପାଣି ଓ ଅନାବନା ପଶି ସମ୍ପୂର୍ଣ୍ଣ ଜାମ୍ ହୋଇ ରହିଛି। ଡ୍ରେନ୍‌ଗୁଡିକ ସଫେଇ ହୋଇ ନ ଥିବାରୁ ଏହାର ପାଣି ରାସ୍ତା ଉପରେ ଭାସୁଛି। ସେହିଭଳି ପାନପୋଷ ଅଞ୍ଚଳରେ ଥିବା ଜାମିଆ କଲୋନି ଓ ଫାଦର କଲୋନି ଅଞ୍ଚଳରେ ଡ୍ରେନଗୁଡିକ ଆଜିକୁ ବର୍ଷେ ହେଲା ସଫେଇ ହୋଇନାହିଁ। ଫଳରେ ଏହି ଡ୍ରେନ୍ ଚାରିପଟେ ଅନାବନା ଘାସ ଓ ଗଛ ଉଠି ପାଣି ଯାଉନାହିଁ । ଗତ ବର୍ଷ ଏହି କଲୋନିରେ ବର୍ଷାଦିନରେ ଲୋକଙ୍କ ଘରେ ଡ୍ରେନ ପାଣି ପଶିଥିବାରୁ ସେମାନେ ହଇରାଣ ହୋଇଥିଲେ। ଆଗକୁ ବର୍ଷା ଋତୁ ଆସୁଥିବାରୁ ଉକ୍ତ କଲୋନିରେ ଥିବା ଏକାଧିକ ଡ୍ରେନକୁ ଏଯାଏ ସଫେଇ କରାଯାଇନାହିଁ।

ସେହିଭଳି ଡେଲିମାର୍କେଟ ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ନାଳ ଥିବାବେଳେ ଏହାକୁ ମଧ୍ୟ ସଫେଇ କରିବା ପାଇଁ ଆର୍‌ଏମ୍‌ସି କର୍ମଚାରୀ ଆସୁନାହାନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ବାସନ୍ତୀ କଲୋନିରେ ବିପର୍ଯ୍ୟସ୍ତ ହୋଇପଡିଥିବା ଡ୍ରେନ।

## ଅବ୍ୟବସ୍ଥାରେ ସ୍ମାର୍ଟସିଟି ମୁଖ୍ୟ ଡ୍ରେନ

ସହରରେ ଡ୍ରେନେଜ ଅବ୍ୟବସ୍ଥା କାରଣରୁ ପ୍ରତିବର୍ଷ ମଛଲିବସ୍ତି, ମାଲଗୋଦାମ ସ୍ଥିତ ଖଟାଲବସ୍ତି, କୁଷ୍ଠ କଲୋନି ବସ୍ତି, ଶୀତଳପଡା ବସ୍ତି, ପାନପୋଷ ରିମ୍‌ଝିମ୍ ବସ୍ତି, ଗାଡ଼ାଟୋଲା ବସ୍ତି ଅଞ୍ଚଳରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଥାଏ। ତେଣୁ ବର୍ଷା ପୂର୍ବରୁ ଆର୍‌ଏମ୍‌ସି ପ୍ରଶାସନ ସଫେଇ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ଅନୀତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ସହରରେ ଥିବା ପ୍ରମୁଖ ଡ୍ରେନ୍‌ଗୁଡିକର ସଫେଇ କାର୍ଯ୍ୟ ଆସନ୍ତା ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ କରାଯିବ। ଏଥିପାଇଁ ଆରଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ବର୍ଷାଜଳ ପ୍ରଭାବିତ ଅଞ୍ଚଳରେ ଥିବା ଡ୍ରେନ ଗୁଡିକ ସଫା କରିବାକୁ ଚେଷ୍ଟା କରାଯିବ ବୋଲି ନାୟକ କହିଥିଲେ।

# ଚିଠି ମାଧ୍ୟମରେ ବିଶ୍ୱର ଅନେକ ଆନ୍ଦୋଳନ ସଫଳ ହୋଇଛି

## ସମ୍ବଲପୁରୀ ଲାଗି ଆସୁନ୍ ଚିଠି ଲେଖମା କାର୍ଯ୍ୟକ୍ରମ

**ସମ୍ବଲପୁର,୨୫।୫(ବି.ଶଙ୍କର)**

ଚିଠି ମଣିଷର ଭାବନାକୁ କେବଳ ପ୍ରକାଶ କରେନାହିଁ, ସମ୍ପର୍କକୁ ମଧ୍ୟ ସୁଦୃଢ଼ କରେ। ଚିଠି ମାଧମରେ ବିଶ୍ୱର ଅନେକ ଆନ୍ଦୋଳନ ସଫଳ ହୋଇଥିବା ନଜିର ରହିଛି। ବର୍ତ୍ତମାନ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇଁ ଆନ୍ଦୋଳନ ଚାଲିଛି। ତେଣୁ ପଶ୍ଚିମ ଓଡ଼ିଶାବାସୀ ସମ୍ବଲପୁର ଭାଷାରେ ଚିଠି ଲେଖିବା ଆବଶ୍ୟକତା ରହିଛି। ଫଳରେ ସମ୍ବଲପୁର ଭାଷା, ସଂସ୍କୃତି ଓ ପରମ୍ପରା ଆହୁରି ଋଦ୍ଧିମନ୍ତ ହୋଇପାରିବ। ରବିବାର ପୂର୍ବାହ୍ନ ୧୦ଟାରେ ସମ୍ବଲପୁର ସ୍ଥିତ କଲମ ପରିବାର ଟ୍ରଷ୍ଟ ଆୟୋଜିତ ସମ୍ବଲପୁରୀ ଲାଗି ଆସୁନ ଚିଠି ଲେଖମା କାର୍ଯ୍ୟକ୍ରମରେ ବକ୍ତ ଓ ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି।

କଲମ ଅନୁଷ୍ଠାନ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ସଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁରୀ ଚିଠି ଅଭିଯାନ ନିଶ୍ଚୟ ସଫଳ ହେବା ସହ ଆନ୍ଦୋଳନକୁ ସୁଦୃଢ଼ କରିବ। ଏଥିରେ ସମସ୍ତଙ୍କୁ ସାମିଲ କରି ଆଗକୁ ବଢିଲେ ଦୀର୍ଘଦିନ ହେବ ଚାଲିଥିବା ସମ୍ବଲପୁରୀ ଆନ୍ଦୋଳନ ମଧ୍ୟ ସଫଳ ହେବ ବୋଲି ଡ. ଦାନୀ ମତବ୍ୟକ୍ତ କରିଥିଲେ। ଆସୁନ୍ ଚିଠି ଲେଖମା ଏକ ସୁନ୍ଦର ପଦକ୍ଷେପ। ସମ୍ବଲପୁରୀ ଭାଷାର ବିକାଶ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏକ ହୋଇ କାର୍ଯ୍ୟ କରିବା ଜରିରୀ ବୋଲି କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରି ସୂଚିତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତେ ମିଶି ବିଭିନ୍ନ ଲୋକଙ୍କ ନାମରେ ୫୦ରୁ ଅଧିକ ଚିଠି ସମ୍ବଲପୁରୀ ଭାଷାରେ ଲେଖିଥିଲେ। ଉକ୍ତ ଚିଠିଗୁଡ଼ିକ ସୋମବାର ସକାଳ ୯ଟାରେ ଡାକଘରେ ପୋଷ୍ଟ ହେବ ବୋଲି ସ୍ଥିର ହୋଇଛି। ସମ୍ପାଦକ କ୍ଷେତ୍ରମଣି ବିଭାର ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଚିଠିର ମହତ୍ୱ ଓ ଏହାର ଇତିହାସ ବାବଦରେ ସୂଚନା ଦେଇଥିଲେ। ଅନୁଷ୍ଠାନ ଉପସଭାପତି ଜୟକୃଷ୍ଣ ବେହେରା କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଧନ୍ୟବାଦ କରିଥିଲେ। ସଭା ପରେ ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ.ସୁଧାଂଶୁ ଭୂଷଣ ଷଣ୍ଢ, ଜଗତରାମ ପଣ୍ଡା, ପଙ୍କଜିନୀ ନାୟକ, ପ୍ରଭଞ୍ଜନ ପୁରୋହିତ, ସୂର୍ଯ୍ୟ ପାଣିଗ୍ରାହୀ, ଆଭାସ ପଣ୍ଡା, ଡ. ପଦ୍ମାଳୟା ପଣ୍ଡା, ଗୋପେଶ୍ୱରୀ ପଣ୍ଡା, ସୌମିକ ବାବୁ, ଅନୁପମା ବିଶ୍ୱାଳ, ସ୍ୱପ୍ନିକା ସାହୁ, ପ୍ରଦୀପ ଯୋଶୀ, ପ୍ରଦୀପ ପାଣିଗ୍ରାହୀ, ସୁରେଶ୍ୱର ଭୋଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଏକପଦୀ ସାହିତ୍ୟିକ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା।



ସମ୍ବଲପୁରୀ ଲାଗି ଆସୁନ ଚିଠି ଲେଖମା କାର୍ଯ୍ୟକ୍ରମରେ ଅତିଥି, କବୟିତ୍ରୀ, କବି।

# ସମ୍ବଲପୁର ରେଲୱେ ଓଭରବ୍ରିଜ୍ ଉଦ୍‌ଘାଟିତ



ଦୁର୍ଗାପାଲିଠାରେ ରବିବାର ଉଦ୍‌ଘାଟିତ ସମ୍ବଲପୁର ରେଲୱେ ଓଭରବ୍ରିଜ୍।

**ସମ୍ବଲପୁର,୨୫।୫(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲିଠାରେ ବହୁ ପ୍ରତୀକ୍ଷିତ ରେଲୱେ ଓଭରବ୍ରିଜ୍ ରବିବାର ସକାଳ ୯ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ସହଯୋଗରେ ୬୦କୋଟି ୪୩ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଓଭରବ୍ରିଜ୍ ସାଧାରଣ ଲୋକଙ୍କ ପାଇଁ ଦୀର୍ଘ ଦିନର ଆବଶ୍ୟକତା ଥିଲା। ଏହି ବ୍ରିଜ୍ ନିର୍ମାଣ ହେବା ଦ୍ୱାରା ଜନସାଧାରଣଙ୍କର ଯୋଗାଯୋଗ ଏବଂ ସୁରକ୍ଷାର ବୃଦ୍ଧି ଘଟିବ। ଏଥିସହ ସ୍ଥାନୀୟ ନାଗରିକମାନେ ବର୍ତ୍ତମାନ ଯାଉଥିବା ରେଳଗାଡ଼ି ଦ୍ୱାରା ବିଳମ୍ବ ଓ ବିପଦଠାରୁ ମୁକ୍ତି ପାଇବେ। ସମ୍ବଲପୁର ଜିଲାର ଆଧୁନିକୀକରଣ ବିକାଶ ଏବଂ ଯାତାୟାତ ବ୍ୟବସ୍ଥାରେ ଏହି ବ୍ରିଜ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସମ୍ବଲପୁର ସହରର ଉନ୍ନତି ପାଇଁ ଅନେକଗୁଡିଏ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଆସନ୍ତା ଜୁନ ୫ ବିଶ୍ୱ ପର୍ଯ୍ୟାବରଣ ଦିବସ ଅବସରରେ ଆମ ପରିବେଶକୁ ସରସ ସୁନ୍ଦର କରିବା ଲକ୍ଷ୍ୟରେ ନିଜ ମା' ପାଇଁ ଗଛଟି ଅଭିଯାନରେ ସମସ୍ତ ସମ୍ବଲପୁରବାସୀଙ୍କୁ ସାମିଲ କରାଯିବ ବୋଲି ଓଭରବ୍ରିଜ ଉଦ୍‌ଘାଟନ ଅବସରରେ ଅତିଥିମାନେ କହିଛନ୍ତି। ଅତିଥିଭାବେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର ସୁଦର୍ଶନ ବେହେରା, ସମ୍ବଲପୁର ମହାନଗର ନିଗମ କମିଶନର ଦେବ ଭୂଷଣ ଯୋଗଦେଇଥିଲେ।

# ବଡଁସରା ଗ୍ରାମରେ ଶୈକ୍ଷିକ କର୍ମଶାଳା

**ସମ୍ବଲପୁର,୨୫।୫(ବି.ଶଙ୍କର)**

ବାପ ଛେଉଣ୍ଡ ଝିଅମାନଙ୍କର ଶିକ୍ଷା ତଥା ସାମଗ୍ରିକ ବିକାଶ ନିମନ୍ତେ ଶୈକ୍ଷିକ କର୍ମଶାଳା ସମ୍ବଲପୁର ଜିଲା ବରଗାଁ ନିକଟସ୍ଥ ବଡଁଶରା ଗ୍ରାମ କଲ୍ୟାଣ ଆଶ୍ରମ ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ୮ ଜଣ ଅସହାୟ ଶିଶୁ ଓ ସେମାନଙ୍କ ମା'ମାନେ କର୍ମଶାଳାରେ ସାମିଲ ଥିଲେ। ବିଶିଷ୍ଟ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଉକ୍ତ ଝିଅ ଓ ସେମାନଙ୍କ ମା'ମାନଙ୍କୁ ନୈତିକ ମୂଲ୍ୟବୋଧର ବିକାଶ ଓ ଦୈନନ୍ଦିନୀ ଜୀବନ ଶୈଳୀ ଉପରେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ସଭାରେ ଶିକ୍ଷାବିତ୍ ପ୍ରଫେସର ସଚିନ୍ଦ୍ର କୁମାର ମିଶ୍ର, ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ, ଇଞ୍ଜିନିୟର ଅଭେଦ ପାଣିଗ୍ରାହୀ, ସୁଧୀର ପଣ୍ଡା, ସୂର୍ଯ୍ୟ ପଣ୍ଡା, ଅଶୋକ ପୋଢ଼ ତଥା ଗ୍ରାମର ଅନେକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଅସହାୟ ପିଲାଙ୍କ ପାଠପଢା, ପାଠ୍ୟଉପକରଣ, ପୋଷାକ ଓ ସ୍ୱାସ୍ଥ୍ୟ ବିକାଶ ସହ ନୈତିକ, ଆଧ୍ୟାତ୍ମିକ ଓ ଗୁଣାତ୍ମକ ଶିକ୍ଷା ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେବ ବୋଲି ଉଦ୍ୟୋକ୍ତାମାନେ ସୂଚନା ଦେଇଛନ୍ତି । ଉପସ୍ଥିତ ବ୍ୟକ୍ତିମାନେ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଅଧିକ ଅନାଥ ଶିଶୁଙ୍କୁ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କୁ ସୁନାଗରିକ ଭାବେ ପ୍ରସ୍ତୁତ କରିବାର ଲକ୍ଷ୍ୟ ରହିଛି । ସମ୍ଭବତଃ ପ୍ରତ୍ୟେକ ମାସର ଶେଷ ରବିବାର ଏହି ଶୈକ୍ଷିକ କର୍ମଶାଳା ନିୟମିତ ଭାବରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି କରାଯାଇଛି ।



ଆୟୋଜିତ ଶୈକ୍ଷିକ କର୍ମଶାଳାରେ ଆୟୋଜକ, ଶିକ୍ଷାବିତ୍ ଓ ବାଳିକାମାନେ।

# ଚାଷୀ ସଚେତନତା କର୍ମଶାଳା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,୨୫।୫(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା ବାମରା ବ୍ଲକ ତୁରେଇ ପଞ୍ଚାୟତର ତାଲବାହାଲିଠାରେ ରାଶି ବିହନ କମ୍ପାନୀ ପକ୍ଷରୁ ଏକ ଚାଷୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଳାଦ୍ରୀ ବିହାରୀ ପଟେଲ, ସନ୍ୟାସୀ ପଟେଲ, କିଶୋର ତ୍ରିପାଠୀ, ରାଜକୁମାର ନାୟକ, ଦିଲୀପ ନାଏକ ଓ ଅମୂଲ୍ୟ ତ୍ରିପାଠୀ ପ୍ରମୁଖ ଚାଷୀ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ରବିବାର ଉଦ୍‌ଘାଟନ କରିଥିଲେ। ରାଶି କମ୍ପାନୀ ପକ୍ଷରୁ ଜାତୀୟ ସେଲସ ମ୍ୟାନେଜର ତାମିଲନାଡୁ କୋଇମ୍ବାଟୁରର ନବୀନ କୁମାର ସାହା, ଓଡ଼ିଶା ଶାଖା ଭୁବନେଶ୍ୱରର ଏବିଏମ ତାରା ପ୍ରସାଦ ରଥ, ବରଗଡର ବ୍ୟବସାୟିକ କ୍ଷେତ୍ର ମ୍ୟାନେଜର ମୁକେଶ କୁମାର ପ୍ରଧାନ ଯୋଗଦେଇଥିଲେ। କମ୍ପାନୀର ଏହି ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ ରାଶି ବିହନ କମ୍ପାନୀ ପକ୍ଷରୁ ନୂତନ ତାରା ନାମକ ହାଇବ୍ରି ଧାନ ଉପରେ ତାଲିମ ପ୍ରଦାନ କରିଥିଲେ। ୧୨୦ ଦିନରେ ଉତ୍ପାଦିତ ତାରା ଧାନର ରୋଗ ପ୍ରତିରୋଧକ ଶକ୍ତି, ଅଧିକ ପିଲ, ଅଧିକ ଅମଳକ୍ଷମ ଓ ଓଜନ, ବାତ୍ୟା ପ୍ରତିଷେଧକ ଶକ୍ତି ରହିଥିବା ନେଇ ଚାଷୀଙ୍କୁ ସଚେତନ କରାଇଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ଉନ୍ନତ କିଷମର ହାଇବ୍ରି ଧାନ ଚାଷ କଲେ ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ। ପରେ ଚାଷୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପରେ ତାଲବାହାଲି ଗ୍ରାମରେ ସନ୍ୟାସୀ ପଟେଲ କରିଥିବା ହାଇବ୍ରି ତାରା ରବି ଧାନ ଚାଷ କ୍ଷେତକୁ ଚାଷୀ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ଯୋଗଦେଇଥିବା ଚାଷୀଙ୍କ ପାଇଁ କମ୍ପାନୀ ପକ୍ଷରୁ ଲଟେରୀ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। କମ୍ପାନୀର କୁଚିଣ୍ଡା ଦାୟିତ୍ୱରେ ଥିବା କ୍ଷେତ୍ର କର୍ମଚାରୀ ମଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷେତ୍ର କର୍ମଚାରୀ ଶୁଭ୍ରାଂଶୁ ଦେହୁରୀ ଓ ବରୁଣାବଳୀ ଶ୍ରୀହରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଚାଷୀ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଫ୍ଲାଏ ଓଭରବ୍ରିଜ୍ ପୂର୍ବ ବିଜେଡି ସରକାରର ଅବଦାନ: ରୋହିତ

**ସମ୍ବଲପୁର,୨୫।୫(ପ୍ରମୋଦ ବହିଦାର)**

ସମ୍ବଲପୁର ଦୁର୍ଗାପାଲିଠାରେ ନବନିର୍ମିତ ରେଲୱେ ଫ୍ଲାଏ ଓଭରବ୍ରିଜ୍ ରବିବାର ଲୋକାର୍ପିତ ହୋଇଛି। ମାତ୍ର ଏହା ପୂର୍ବ ବିଜେଡି ସରକାରର ଅବଦାନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଯୋଗୁ ନିର୍ମାଣ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ କହିଛନ୍ତି। ସେ କହିଛନ୍ତି ବିଜେଡି ସରକାର ଏଠାରେ ଉକ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବା ସହ ଏଥିପାଇଁ ଆବଶ୍ୟକ ଜମି ଓ ଅନୁଦାନ ଯୋଗାଇ ଦେଇଥିଲେ। ଏହାର ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପରେ ଏହାର କାର୍ଯ୍ୟାରମ୍ଭ ହୋଇଥିଲା। ଏହାର ନିର୍ମାଣ କାମ ଦୀର୍ଘଦିନରୁ ଶେଷ ହୋଇଥିଲେ ହେଁ ସମ୍ଭବତଃ ଉଦ୍‌ଘାଟନ ପାଇଁ ଫିତା କିଏ କାଟିବ ସେନେଇ ନୂତନ ଭାଜପା ସରକାରଙ୍କ ଦ୍ୱାରା ନିଷ୍ପତ୍ତି ନେବା ବିଳମ୍ବ କରିବାରୁ ଏହାର ଲୋକାର୍ପଣ ବିଳମ୍ବ ହୋଇଥିଲା ବୋଲି ସେ କହିଛନ୍ତି। ଏହିକ୍ରମରେ ସେ ଯଥାଶୀଘ୍ର ବୁର୍ଲା ଭିମାସର ସୁପର ସ୍ପେଶିଆଲିଟି ହସ୍ପିଟାଲ ଲୋକାର୍ପଣ ପାଇଁ ଦାବି କରିଛନ୍ତି।

# ଜମି ବିବାଦରୁ ହତ୍ୟା ଘଟଣା, ୨ ଭାଇ ଗିରଫ

**ରେଢାଖୋଲ,୨୫।୫(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ବଡମାଳ ଗ୍ରାମରେ ଶନିବାର ଜମିବାଡି ବିବାଦରୁ ଘଟିଥିବା ଘଟିଥିବା ପ୍ରଫୁଲ ପ୍ରଧାନ ହତ୍ୟା ଘଟଣାରେ ପୋଲିସ ୨ଭାଇଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ବିଭୂତି ପ୍ରଧାନ(୫୦) ଓ ଶରତ ପ୍ରଧାନ(୪୮)। ଉଭୟଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ସୂଚନାମତେ ଶନିବାର ପ୍ରଫୁଲ୍ଲ ଏକ ଜେସିବି ନେଇ ତାଙ୍କ ଚାଷଜମିରେ ମାଟିକାମ କରୁଥିଲେ। ଏହି ସମୟରେ କିଛିମାଟି ବିଭୂତିଙ୍କ ଜମିରେ ପଡିଯାଇଥିଲା। ଏହାକୁ ନେଇ ବିଭୂତିଙ୍କ ସହ ତାଙ୍କ ଭାଇ ଓ ଅନ୍ୟ ପରିବାରବର୍ଗ ଆସି ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ କରିଥିଲେ। ବିଭୂତି ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ପ୍ରଫୁଲ୍ଲଙ୍କୁ ଚାଷଜମିରେ ମାରିବାକୁ ଉଦ୍ୟମ କରିଥିଲେ। ଜୀବନଭୟରେ ପ୍ରଫୁଲ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଭୂତି ଟାଙ୍ଗିଆ ଧରି ଗୋଡେଇ ଗୋଡେଇ ହତ୍ୟା କରିଥିଲେ। ଏ ନେଇ ପ୍ରଫୁଲଙ୍କ ବଡପୁଅ ତରଣୀସେନ ପ୍ରଧାନ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୨୭/୨୭) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି।



ଗିରଫ ବିଭୂତି ପ୍ରଧାନ ଓ ଶରତ ପ୍ରଧାନ।

# ରାଜଯୋଗ ଦ୍ୱାରା ଏକାଗ୍ରତା, ସ୍ଥିରତା ବୃଦ୍ଧି ପାଏ

**ସମ୍ବଲପୁର,୨୫।୫(ଭବାନୀ ଶଙ୍କର ଭୋଇ)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ପକ୍ଷରୁ ରବିବାର ଗେଟି ରୋଡସ୍ଥିତ ଚିତ୍ରଗୁପ୍ତ ମନ୍ଦିର ନିକଟରେ ନୂତନ ରାଜଯୋଗ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିକ୍ଷାକେନ୍ଦ୍ର ହୋଇଥିବା ଦ୍ୱିତଳା ବିଶିଷ୍ଟ ଘରକୁ ଦିଲ୍ଲୀରେ ରହୁଥିବା ସମ୍ବଲପୁର ମୂଳ ବାସିନ୍ଦା ବ୍ରହ୍ମାକୁମାର ସରୋଜ ଗୁରୁ ଓ ବ୍ରହ୍ମାକୁମାରୀ ସୁଦୀପ୍ତା ଗୁରୁ ଯୋଗାଇ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ସେବାକେନ୍ଦ୍ରର ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ରାଜଯୋଗିନୀ ପାର୍ବତୀ କହିଥିଲେ, ବର୍ତ୍ତମାନ ଜନ ସମାଜ ଜଟିଳ ପରିସ୍ଥିତିରେ ଚାଲୁଥିବା ବେଳେ ଈଶ୍ୱରୀୟ ସନ୍ଦେଶ ସମସ୍ତଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ତେଣୁ ଜ୍ଞାନ, ଯୋଗ, ଧାରଣା ଓ ସେବାକୁ ଆଧାର କରି କାର୍ଯ୍ୟ କରିବା ଉଚିତ। ରାଜଯୋଗ ଦ୍ୱାରା ଏକାଗ୍ରତା ଓ ସ୍ଥିରତା ବୃଦ୍ଧି ପାଇଥାଏ ଯାହା ସ୍ଥିତିକୁ ସ୍ଥିର ରଖେ । ସେବା ଦ୍ୱାରା ଶାନ୍ତି ମୈତ୍ରୀ ବୃଦ୍ଧି ପାଏ, ଆଶୀର୍ବାଦ ମିଳିଥାଏ। ଜ୍ଞାନ ଜଟିଳ ପରିସ୍ଥିତିରୁ ଉଦ୍ଧାର କରାଏ। ଗୃହକୁ ଆଶ୍ରମ ବନାଇବାର ମାଧ୍ୟମ ହେଉଛି ଆଧ୍ୟାତ୍ମିକ ଶିକ୍ଷା ଓ ପବିତ୍ରତା। ଏହି ଅବସରରେ ପରମାତ୍ମା ଶିବଙ୍କ ଧ୍ୱଜା ଉତ୍ତୋଳନ କରି ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ବ୍ରହ୍ମାକୁମାରୀ ବିନୀ ଭଉଣୀ କହିଥିଲେ, ଏହି ସେବାକେନ୍ଦ୍ର ପ୍ରତିଦିନ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୫ ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାଜଯୋଗ ଶିକ୍ଷାପାଇଁ ଖୋଲା ରହିବ। ହୀରାକୁଦ ସେବାକେନ୍ଦ୍ର ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ସୁଶୀଳା ଏହି କେନ୍ଦ୍ର ଜରିଆରେ ବହୁ ଆତ୍ମା ଜ୍ଞାନର ସୁଯୋଗ ପାଇବେ ବୋଲି କହିଥିଲେ। ବୁର୍ଲା ପ୍ରଶିକ୍ଷିକା ବ୍ରହ୍ମା କୁମାରୀ ଜ୍ୟୋତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କୁମାରୀ ଶ୍ୱେତା ସ୍ୱାଗତ ସଙ୍ଗୀତ ଓ କୁମାରୀ ଆଦିତ୍ୟା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବ୍ରହ୍ମାକୁମାରୀ ଦୀପା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ସଦସ୍ୟ ଏବଂ ଅତିଥି।

**ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନୂତନ ରାଜଯୋଗ କେନ୍ଦ୍ର ଉଦ୍‌ଘାଟିତ**

# ଶାନ୍ତି ରହିଲେ ସଦ୍‌ଭାବ ପ୍ରତିଷ୍ଠା ହୋଇପାରିବ

**ସମ୍ବଲପୁର,୨୫।୫(ବି.ଶଙ୍କର)**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସକାଳ ୮ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ନିଜସ୍ୱ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣ ହୋଇଥିଲା। କବି ମୁକ୍ତକଣ୍ଠ ପ୍ରଧାନ ପ୍ରଶିକ୍ଷକ ଥିଲେ। ସାଂପ୍ରତିକ ପରିସ୍ଥିତିରେ ଶାନ୍ତିର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଶାନ୍ତି ହିଁ ବିଶ୍ୱବାସୀଙ୍କ କାମନା ହେବା ଉଚିତ। ଶାନ୍ତି ବଜାୟ ରହିଲେ ବିଶ୍ୱରେ ସଦ୍‌ଭାବ ପ୍ରତିଷ୍ଠା ହୋଇ ପାରିବ ବୋଲି କହିଥିଲେ ।

ଦ୍ୱିତୀୟ ଅଧିବେଶନ ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଆଲୋଚନା ହୋଇଥିଲା। ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ପ୍ରଶିକ୍ଷକଭାବେ ଯୋଗଦେଇ ଚକ୍ଷୁର ସୂକ୍ଷ୍ମ ଗଠନ, ଚକ୍ଷୁଜନିତ ବିଭିନ୍ନ ରୋଗ, ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଚକ୍ଷୁର ନିୟମିତ ଯତ୍ନ ନେବାରେ ଅବହେଳା ନ କରିବାକୁ ଡାକ୍ତର ଦାନୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ଛାତ୍ରଛାତ୍ରମାନଙ୍କୁ ଯୋଗାସନର ମୁଦ୍ରା ଉପରେ ସୂଚନା ଦେଇଥିଲେ। କେତେଜଣ ପ୍ରଶିକ୍ଷାର୍ଥୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ଼ ମହାମାରୀର ଆଶଙ୍କା ଦୃଷ୍ଟିରୁ ଆସନ୍ତା ସପ୍ତାହରୁ ପିଲାମାନେ ସତର୍କତା ସ୍ୱରୂପ ମାକ୍ସ ପିନ୍ଧି ଆସିବାକୁ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ସେବକ ତ୍ରିପାଠୀ, ସଭ୍ୟ ସଚିବ ରଘୁନାଥ ମିଶ୍ର, ଇଞ୍ଜିନିୟର ସୁଶାନ୍ତ ଗୁରୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଗୋଲକ ବିହାରୀ ମିଶ୍ର, ବିଜୟ କୁମାର ସାହୁପରିଚାଳନା ରେ ସହଯୋଗ କରିଥିଲେ। ଶିବିରରେ ମୋଟ ୧୯ଟି ଉଚ୍ଚ ବିଦ୍ୟାଳୟରୁ ୫୫ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

**ପବ୍ଲିକ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ**

ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ | Bhubaneswar, Monday, May 26/2025 | ପୃଷ୍ଠା-୧


# କେରଳ ଉପକୂଳରେ ବୁଡ଼ିଲା ଲାଇବେରିଆ ଜାହାଜ

## ତେଲ ଲିକ୍ ସମ୍ଭାବନା ନେଇ ନୌସେନା ଆଲର୍ଟରେ

କୋଚି/ନୂଆଦିଲ୍ଲୀ,୨୫।୫(ପି.ଟି.)

ଲାଇବେରିଆର ମାଲ୍‌ବାହୀ ଜାହାଜ ଏମ୍‌ଏସ୍‌ସି ଇଏଲ୍‌ଏସ୍‌ଏ-୩ ରବିବାର କେରଳର କୋଚି ଉପକୂଳରେ ବୁଡ଼ିଯାଇଛି। ଉକ୍ତ ଜାହାଜରେ ୧୩ଟି ବିପଜ୍ଜନକ ସାମଗ୍ରୀ ଓ ୧୨ଟି କାଲ୍‌ସିୟମ କାର୍ବାଇଡ୍ କଣ୍ଟେନର ସମେତ ମୋଟ ୬୪୦ କଣ୍ଟେନର ଥିଲା। ଏଥିସହିତ ସେଥିରେ ୮୪.୪୪ ଟନ୍ ଡିଜେଲ୍ ଏବଂ ୩୬୭.୧ ଟନ୍ ଫର୍ନେସ୍ ଅଏଲ୍ ଲୋଡ୍ ହୋଇଥିଲା। ଜାହାଜରୁ ତୈଳ ଲିକ୍ ସମ୍ଭାବନା ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ନୌସେନା ଏବଂ ତଟସୁରକ୍ଷା ବାହିନୀ ଆଲର୍ଟରେ ରହିଛି। ତେବେ ଜାହାଜର ସମସ୍ତ ୨୪ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।






# କୁଲଡ଼ିହାରୁ ୫ ସଶସ୍ତ୍ର ଶିକାରୀ ଗିରଫ

ନୀଳଗିରି, ୨୫।୫,(ପ୍ରଶାନ୍ତ କୁମାର ବିଶ୍ୱାଳ)

ଗିରଫଦାରିରୁ ବର୍ତ୍ତିବା ପାଇଁ ଶିକାରୀ ବାରମ୍ବାର ଚୋରି କରୁଥିଲେ ଟ୍ରାପ କ୍ୟାମେରା। ମାତ୍ର ଆକ୍ସନ ମୋଡରେ ଥିବା ବନବିଭାଗ ସେମାନଙ୍କୁ ଧରିବା ପାଇଁ ଖଞ୍ଜିଥିଲେ ଗୁପ୍ତ କ୍ୟାମେରା। ବନବିଭାଗର ଏହି ଚତୁରତାରେ ଫସିଯାଇଛନ୍ତି ୫ ସଶସ୍ତ୍ର ଶିକାରୀ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଲଡିହାରେ ଅଭୟାରଣ୍ୟରୁ ଶନିବାର ରାତିରେ ଧରାପଡିଥିବା ଏହି ଶିକାରୀମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ କୁଲଡିହା ଅଭୟାରଣ୍ୟ ଚେମଚଟା ବିଟ୍ ଅଧୀନ ଜଙ୍ଗଲରେ ଶିକାରୀମାନେ ଟ୍ରାପ କ୍ୟାମେରା ଚୋରି କରୁଥିବା ବେଳେ ଅନ୍ୟ ଏକ ଗୁପ୍ତ କ୍ୟାମେରାରେ ସେମାନଙ୍କ ମୁହଁ କଏଦ ହୋଇଥିଲା। ଏଥିରୁ ବନବିଭାଗ ସେମାନଙ୍କୁ ଚିହ୍ନଟ କରିଥିଲା। ଶନିବାର ରାତିରେ କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏକ ଟିମ ଅତର୍କିତ ଚଢାଉ ☞ପୃଷ୍ଠା-୨



କେରଳର କୋଚି ଉପକୂଳରେ ରବିବାର ଲାଇବେରିଆର ଏକ ମାଲବାହୀ ଜାହାଜ ବୁଡ଼ିଯାଉଥିବାର ଦୃଶ୍ୟ।

# ଧନ୍ଦାମୂଳକ ଶିକ୍ଷାରେ ବାଧକ ବିଏଫ୍‌ସି କଟକଣା

**ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁକ୍ତ୨ ଧନ୍ଦାମୂଳକ(ଭୋକେଶନାଲ) ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଗଭର୍ନମେଣ୍ଟ ଭୋକେଶନାଲ ହାୟର ସେକେଣ୍ଡାରି ସ୍କୁଲ) ଖୋଲି ଜୀବିକା ସୃଷ୍ଟି ପାଇଁ ନୂଆ ସୁଯୋଗ ଦେଉଛନ୍ତି। ହେଲେ ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଶିକ୍ଷା ପ୍ରତି ଆଶାଜନକ ଉତ୍ସାହ ଦେଖିବାକୁ ମିଳୁନାହିଁ। ଯେତିକି ସଂଖ୍ୟାରେ ଭୋକେଶନାଲ ପାଠ୍ୟକ୍ରମ ପାଇଁ ସିଟ୍ ରହିଛି, ତାହାର ପ୍ରାୟ ୫୦% ଖାଲି ପଡୁଛି। ଏହି ପାଠ୍ୟକ୍ରମରେ ଚୟନଭିତ୍ତିକ ବିଷୟ ନ ରହିବା ଏବଂ ବିଏଫ୍‌ସି (ବେସିକ୍ ଫାଉଣ୍ଡେଶନ କୋର୍ସ) କଟକଣା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ପ୍ରତି ବିମୁଖ କରୁଥିବା କୁହାଯାଉଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ଏକାଧିକ ପସନ୍ଦର ବିଷୟ ବାଛିବାର ସୁଯୋଗ ରହିଥିବାବେଳେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହା ନାହିଁ। ଏହି ଅସମାନତା ଦୂର କରାଯାଇପାରିଲେ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଉଛି।**

ଜଗତ୍‌ସିଂହପୁର, ୨୫।୫
(ପ୍ରମୋଦ କୁମାର ନାୟକ)

ରାଜ୍ୟରେ ୨୩୩ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୩ଟି ବିଭିନ୍ନ କାରଣରୁ ଖୋଲିପାରିନାହିଁ। ୧୮ଟିରେ ଗୋଟିଏ ଲେଖାଏ ଓ ଅବଶିଷ୍ଟ ୨୧୨ଟିରେ ୨ଟି ଟ୍ରେଡ୍ ବିଷୟ ରହିଛି। ଅର୍ଥାତ୍ କଳା, ବିଜ୍ଞାନ ଓ ବାଣିଜ୍ୟ ମଧ୍ୟରୁ ଯେକୌଣସି ୨ଟି ଷ୍ଟ୍ରିମ୍‌ରେ ପଢ଼ିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ପୃଥକ ଟ୍ରେଡ୍ ବିଷୟ ନେଇ ଶିକ୍ଷାଲାଭ କରିପାରିବେ। ପ୍ରତି ଟ୍ରେଡ୍‌ରେ ୨୪ଟି ସିଟ୍ ରହିଛି। ଏହି ହିସାବରେ ରାଜ୍ୟରେ ୧୦,୬୦୮ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଲାଭ ପାଇଁ ସୁଯୋଗ ଅଛି। କିନ୍ତୁ ୨୦୨୪-୨୫ରେ ପାଖାପାଖି ୫୬% ଅର୍ଥାତ୍ ୫୯୦୮ ଛାତ୍ରୀଛାତ୍ର ଏହି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି। ୨୦୨୩-୨୪ରେ ୫୬୪୭ ଜଣ ନାମ ଲେଖାଇଥିବାବେଳେ ଗତବର୍ଷ କେତେକ ଶିକ୍ଷାନୁଷ୍ଠାନରେ ଆଦୌ ପିଲା ନାମ ଲେଖାଇ ନ ଥିବା ଜଣାପଡ଼ିଛି। ସରକାର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଓ ଟ୍ୟୁଶନ ଫି ବାବଦରେ କମ୍ ଟଙ୍କା ଧାର୍ଯ୍ୟ କରି ପିଲାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଛନ୍ତି।



ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପାଇଁ ଟ୍ରେଡ୍ ବିଷୟରେ ଶିକ୍ଷାଦାନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନେ ଏହି ଶିକ୍ଷା ପ୍ରତି ମୁହଁ ମୋଡୁଛନ୍ତି। କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ବାସ୍ତବରେ ବିଏଫ୍‌ସିରେ ନିର୍ଦ୍ଦିଷ୍ଟ ବିଷୟ ପଢ଼ିବା ପାଇଁ ବାଧ୍ୟବାଧକତା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ କୌଣସି ଛାତ୍ରୀଛାତ୍ର କଳାରେ ନାମ ଲେଖାଇବାକୁ ଚାହିଁଲେ ଏମ୍‌ଆଇଏଲ୍ (ମଡର୍ନ ଇଣ୍ଡିଆନ ଲାଙ୍ଗୁଏଜ୍), ଇଂଲିଶ ସାଧାରଣ ଅନ୍ୟ ଶିକ୍ଷାନୁଷ୍ଠାନ ପରି ବାଧ୍ୟତାମୂଳକ ରହିଛି। କିନ୍ତୁ ବିଏଫ୍‌ସିରେ ଅସମାନତା ରହୁଛି। ଅନ୍ୟ ସାଧାରଣ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ବିଷୟ ମଧ୍ୟରୁ ୪ଟିକୁ ବିଏଫ୍‌ସି ହିସାବରେ ଚୟନ ପାଇଁ ସୁଯୋଗ ଥିବାବେଳେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ ୩ଟି ବିଷୟ ଯଥା ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ନେବା ପାଇଁ ବାଧ୍ୟବାଧକତା ରହିଛି। ଟ୍ରେଡ୍ ବିଷୟ ହିସାବରେ ସାରା ରାଜ୍ୟରେ ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି, ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି ଏନାବଲ୍‌ଡ ସର୍ଭିସେସ୍, ମେଡିକାଲ ଲାବରେଟୋରି ଟେକ୍ନିକ୍ୟୁଜ୍ କ୍ରପ ପ୍ରଡକ୍ସନ୍, ଡାଇରିଂ, ହର୍ଟିକଲ୍‌ଚର, ଇନ୍‌ଲାଣ୍ଡ ଫିଶରିଜ୍, ପୋଲ୍‌ଟ୍ରି ଫାର୍ମିଂ, ସେରିକଲ୍‌ଚର, କମ୍ପ୍ୟୁଟର ଟେକ୍‌ନିକ୍ୟୁଜ୍, ପାରା ମେଡିକାଲ ହେଲ୍‌ଥ କେୟାର, ମାଇକ୍ରୋ ବାୟୋଲୋଜି ଆଣ୍ଡ ସେରୋଲୋଜି ଆଦି ୨୫ଟି ବିଷୟ ରହିଛି। ପ୍ରତି ଶିକ୍ଷାନୁଷ୍ଠାନରେ ଅତିବେଶିରେ ୨ଟି ଟ୍ରେଡ୍ ବିଷୟରେ ମୋଟ ୪୮ ଜଣଙ୍କୁ ଶିକ୍ଷାଲାଭର ସୁଯୋଗ ଅଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ କିମ୍ବା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ନେବାକୁ ପଡୁଛି। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ଆକାଉଣ୍ଟାନ୍ସି, ବିଜନେସ୍ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ ଓ ଇକୋନୋମିକ୍ସ ରହିଛି। ମାତ୍ର ଧନ୍ଦାମୂଳକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ବିଏଫ୍‌ସିରେ ଅଧିକ ବିଷୟ ଚୟନ ଉପରେ କଟକଣା ଥିବାରୁ ଏହାର ଚାହିଦା ରହୁନାହିଁ।

ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟରଙ୍କ ସହ ଯୋଗାଯୋଗ କରିବାରେ ପ୍ରସଙ୍ଗର ଗମ୍ଭୀରତା ଥିବା କହିବା ସହ ବିଏଫ୍‌ସିରେ ଥିବା କଟକଣା ଉଠାଇବା ବାବଦରେ ଉପଯୁକ୍ତ ଫୋରମ୍‌ରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରି ଏଜୁକେଶନ(ସିଏଚ୍‌ଏସ୍‌ଇ) ଡେପୁଟି ସେକ୍ରେଟାରି ଯଶୋବନ୍ତ ସାମଲଙ୍କୁ ପଚାରିବାରୁ ଏହି ପ୍ରସଙ୍ଗର ପ୍ରାସଙ୍ଗିକତା ଥିବାରୁ ବିଏଫ୍‌ସିରେ ଥିବା କଟକଣା ଉଠାଯିବା ଉପରେ ଚିନ୍ତା କରାଯାଉଛି। ନିକଟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଏକ ଯୁଗ୍ମ କମିଟି ବୈଠକ ହୋଇଥିଲା। ସରକାରଙ୍କଠାରୁ ଅନୁମତି ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ଚଳିତ ଶିକ୍ଷାବର୍ଷରେ ଏହା ଉପରେ ବିଚାର କରାଯାଉଥିବା ସାମଲ କହିଛନ୍ତି।

# ସାଢ଼େ ୫ଟା ପୂର୍ବରୁ ଅଫିସ୍ ଛାଡ଼ିବା ମନା

## ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୫
(ସୁଚିସ୍ମିତା ସାହୁ)

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି। ସକାଳ ୧୦ଟା ସୁଦ୍ଧା ଅଫିସ୍ ଆସିବେ ଓ ଅପରାହ୍ନ ୫ଟା ୩୦ ପରେ ଘରକୁ ଯିବେ। ସମସ୍ତ କର୍ମଚାରୀ ଅତିକମ୍‌ରେ ସାଢ଼େ ୭ ଘଣ୍ଟା କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ। ଗୋଟିଏ ମାସରେ ତିନିଦିନ ବିଳମ୍ବରେ ଅଫିସ୍ ଆସିଲେ ଗୋଟିଏ ଦିନର କାଜୁଆଲ ଛୁଟି ଭାବେ ଗ୍ରହଣ କରାଯିବ। ସେହିପରି କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ୪ ଘଣ୍ଟାରୁ କମ୍ ହେଲେ ଗୋଟିଏ ଦିନ କାଜୁଆଲ ଛୁଟି ଓ ୪ ଘଣ୍ଟା କାମ କରିବା ପରେ ଅଫିସ୍‌ରେ ଅନୁପସ୍ଥିତ ରହିଲେ ଅଧା ଦିନ ଛୁଟି ଭାବେ ଧରାଯିବ। ଅନ୍ୟପକ୍ଷରେ କୌଣସି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ କିମ୍ବା କିଛି ଜରୁରୀ-କାମ ରହିଲେ, ସେମାନେ ଉପରିସ୍ଥ କର୍ମଚାରୀଙ୍କୁ ଲିଖିତ ଆକାରରେ ଜଣାଇ ଅନୁମତି ଅନୁଯାୟୀ ଛୁଟିରେ ରହିପାରିବେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ଦ୍ଦେଶର କଡା ଅନୁପାଳନ ସହ ସମସ୍ତ କର୍ମଚାରୀଙ୍କ ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀମାନେ କାର୍ଯ୍ୟାଳୟରେ କେଉଁ ସମୟରେ ପହଞ୍ଚିଲେ ଏବଂ କେତେ ସମୟ ମଧ୍ୟରେ କାର୍ଯ୍ୟାଳୟରୁ ବାହାରିଲେ, ସବୁ ତଥ୍ୟ ବାୟୋମେଟ୍ରିକ ମାଧ୍ୟମରେ ଉପଲବ୍ଧ ରହିବ। ସେହି ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କର୍ମଚାରୀମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିଲେ। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅଧିକାଂଶ ସମୟରେ ଫାଇଲ୍ ପଡି ରହୁଥିବା ଅଭିଯୋଗ ହେଉଥିଲା। ଏହା ବିଭାଗ ନଜରକୁ ଆସିବା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ନୂଆ ନିୟମ ଲାଗୁ ହେବା ପରେ କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବେ ବୋଲି ଆଶା କରାଯାଉଛି।


ଆଜିର ସମ୍ପାଦକୀୟ
ଜଙ୍ଗଲ ଚିନ୍ତା


# ଜାତି ଜନଗଣନା, ଅପରେଶନ ସିନ୍ଦୂରକୁ ଏନ୍‌ଡିଏ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ

ନୂଆଦିଲ୍ଲୀ,୨୫।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଜାତି ଜନଗଣନା ଏବଂ ଅପରେଶନ ସିନ୍ଦୂରକୁ ସମର୍ଥନ ମିଳିଛି। ଅବହେଳିତ ବର୍ଗଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ ଜାତି ଜନଗଣନା ଏକ ପଦକ୍ଷେପ। ତେବେ ତାଙ୍କ ସରକାର ଜାତି ରାଜନୀତି ଉପରେ ନୁହେଁ ବରଂ ଅବହେଳିତମାନଙ୍କ ସଶକ୍ତୀକରଣ ଉପରେ ବିଶ୍ୱାସ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତା ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପ୍ରତି ସମର୍ଥନ। ଭାରତ-ପାକିସ୍ତାନ ସଂଘର୍ଷରେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ୨୦ ଜଣ ମୁଖ୍ୟମନ୍ତ୍ରୀ, ୧୮ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ବୈଠକରେ ଉତ୍ତରାଖଣ୍ଡର ଏକକ ନାଗରିକ ସଂହିତା (ୟୁସିସି) ସମେତ ୭ଟି ଶ୍ରେଷ୍ଠ ଶାସନ ବ୍ୟବସ୍ଥାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। 'ବିକଶିତ ଭାରତ'କୁ ବାସ୍ତବରେ ପରିଣତ କରିବା ଦିଗରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବୈଠକରେ ସୁଶାସନକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଦଳୀୟ ନେତାମାନଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ବିବେକଶୂନ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ପାଇଁ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଅପରେଶନ ସିନ୍ଦୂର ଓ ଜାତି ଜନଗଣନା ଉପରେ ୨ଟି ସଙ୍କଳ୍ପନାମା ଗୃହୀତ ହୋଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ପ୍ରତ୍ୟେକ ଆମ ସଶସ୍ତ୍ର ବଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅପରେଶନ ସିନ୍ଦୂର ଉପରେ ସଂକଳ୍ପ ପ୍ରସ୍ତାବ ଆଣିଥିବାବେଳେ ଏହାକୁ ଶିନ୍ଦେ ସମର୍ଥନ ଜଣାଇଥିଲେ। ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଓବାଦ ବିରୋଧରେ କେନ୍ଦ୍ରର ରଣକୌଶଳ ସମ୍ପର୍କରେ ଶାହା ନେତାମାନଙ୍କୁ ଅବଗତ କରାଇଥିଲେ। ଜାତି ଜନଗଣନାକୁ ନେଇ ଭାଜପାର ସାମ୍ବିଧାନିକ ପ୍ରତିଶ୍ରୁତିକୁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୋହରାଇଥିଲେ। ଅଧିକାଂଶ ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ଯୋଜନା ଉପସ୍ଥାପନ କରିଥିଲେ।

# ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କଲେ ଲାଲୁ

ପାଟନା,୨୫।୫(ପି.ଟି.)

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ତାଙ୍କ ସହ ସମସ୍ତ ପାରିବାରିକ ସମ୍ପର୍କ ଛିନ୍ନ କରିଛନ୍ତି। ତେଜପ୍ରତାପ ବିବାହିତ ଏବଂ ତାଙ୍କର ଛାଡ଼ପତ୍ର ଆବେଦନ ପାଟନାର ଏକ ଫାମିଲି କୋର୍ଟରେ ବିଚାରାଧୀନ ଥିବାବେଳେ ସେ ୧୨ ବର୍ଷ ହେଲା ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିବା ଶନିବାର ସନ୍ଧ୍ୟାରେ ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ଏହାର କିଛି ଘଣ୍ଟା ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇ ତାଙ୍କ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଲାଲୁ ସୋସିଆଲ ମିଡିଆରେ ତାଙ୍କର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ପୂର୍ବରୁ କ'ଣ ଘଟିଥିଲା, ତାହା ଉଲ୍ଲେଖ କରିନାହାନ୍ତି। ତେବେ ବଡ଼ପୁଅଙ୍କ କାର୍ଯ୍ୟ, ସର୍ବସାଧାରଣରେ ଆଚରଣ ଏବଂ ଦାୟିତ୍ୱହୀନ ବ୍ୟବହାରକୁ ସେ ସମାଲୋଚନା କରି କହିଛନ୍ତି, ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଉପେକ୍ଷା



ତେଜପ୍ରତାପ ଯାଦବ ସୋସିଆଲ ମିଡିଆରେ ପୋଷ୍ଟ ପରେ ଡିଲିଟ୍ କରିଦେଇଥିବା ଫଟୋ।

## ପାରିବାରିକ ସମ୍ପର୍କ ଛିନ୍ନ କଲେ

ସାମାଜିକ ନ୍ୟାୟ ହାସଲ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଦେଇଛି। ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିବା ସହ ତାଙ୍କର ଦଳ ଏବଂ ପରିବାରରେ କୌଣସି ଭୂମିକା ରହିବ ନାହିଁ ବୋଲି ଲାଲୁ କହିଛନ୍ତି। ସୂଚନାଯୋଗ୍ୟ, ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାବେଳେ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ନିର୍ବାଚନ ଲଢ଼ିବାକୁ ଯାଉଛି। ତେଜସ୍ୱୀଙ୍କୁ ଘଟଣା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ମାପିଚୁପି ଉତ୍ତର ରଖିଛନ୍ତି। ଜଣେ ପ୍ରାପ୍ତବୟସ୍କ ଭାବେ ବଡ଼ଭାଇ ତାଙ୍କ ବ୍ୟକ୍ତିଗତ ଜୀବନରେ ନିଜ ପସନ୍ଦର କାର୍ଯ୍ୟ କରିପାରିବେ, କିନ୍ତୁ କେତେକ ଘଟଣାକୁ ଆମେ ସହ୍ୟ କରିପାରୁନାହୁଁ। ୨୦୧୫ ବିଧାନସଭା ନିର୍ବାଚନରେ ତେଜପ୍ରତାପ ରାଜନୀତିରେ ପ୍ରବେଶ କରିବା ସହ ଦ୍ୱିତୀୟ ପାଳି ବିଧାୟକ ସମୟରେ କିଛିଦିନ ପାଇଁ ମନ୍ତ୍ରୀ ହୋଇଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୁ ଜାଗରଣ ମଞ୍ଚ, ଓଡ଼ିଶା (ପୂର୍ବ) ପକ୍ଷରୁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସମର୍ଥନରେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ବାଲେଶ୍ୱର
- ଜିଲା ମୁନିସମାଜ ପକ୍ଷରୁ ଯୋଗ କର୍ମଶାଳା, ସ୍ଥାନ: ସଦଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସ ବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶ ଉତ୍ସବ, ସ୍ଥାନ: ନିଶନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫଏମ୍‌ୟୁରେ ଇଷ୍ଟର୍ନ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ, ନୂଆପାଢୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଜଉକଣ୍ଢେଇ ବାହାଘର ଉତ୍ସବର ଚତୁର୍ଥୀ ଓ ବନ୍ଧୁମିଳନ ସନ୍ଧ୍ୟା, ସ୍ଥାନ: ମିଶନ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ଓ ସତ୍ୟବାନଙ୍କ ପୂଜା, ସ୍ଥାନ: ତୋଟାସାହି ସାବିତ୍ରୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ବ୍ରତ, ସ୍ଥାନ: ସନ୍ତରାଗଡ଼ିଆ, ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ଯୁକ୍ତ ୨ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା।
- ଜଗତେଶ୍ୱର ଶିବ ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା, ସ୍ଥାନ: ଆନନ୍ଦପୁର ବାଲିପାଟଣା, ଧାମନଗର, ସମୟ: ସକାଳ ୮ଟା।
- ସୁଗୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଳନ୍ଦୀ ଜଳସେଚନ ବଙ୍ଗଳା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।

## ନୟାଗଡ଼
- ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ବାତ୍ୟା ଆଶ୍ରୟସ୍ଥଳ, ସମୟ: ସକାଳ ୭ ଟା।
- ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସାମୂହିକ ସାବିତ୍ରୀ ଅମାବାସ୍ୟା, ସ୍ଥାନ: ବୈଶ୍ୟ ସଂଘ ସମାଜ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପବିତ୍ର ରାମକଥା, ସ୍ଥାନ: ମୁନିଗୁଡା ଗୀତ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସକାଳ ୯ ଟା।

## ସମ୍ବଲପୁର
- ଶନିଶ୍ଚର ଦେବଙ୍କ ପୂଜାନୋତ୍ସବ, ସ୍ଥାନ : ବାଲିବନ୍ଧ ଶନି ମନ୍ଦିର, ସମୟ : ସକାଳ ୭ଟା।
- ସାଓଲିନ କୁଙ୍ଗ୍ ଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଶୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କୁଚିଣ୍ଡା ଭାଜପା ପକ୍ଷରୁ ଅପରେଶନ ସିନ୍ଦୂରକୁ ନେଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସକାଳ ୯ଟା।

## ରାଉରକେଲା
- ନନ୍ଦଗାଁ ପକ୍ଷରୁ ନାଟକ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।

## ସୁନ୍ଦରଗଡ଼
- ସୁନ୍ଦରଗଡ ଜିଲାରେ ରବି ଧାନ ସଂଗ୍ରହର ଶୁଭାରମ୍ଭ,ସ୍ଥାନ: କୁଣ୍ଡୁକେଲା ମଣ୍ଡି, ସମୟ:ସକାଳ ୯ଟା୩୦।

## ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର
- ସାବିତ୍ରୀ ଅମାବାସ୍ୟା ପାଇଁ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ତରଭା ପୌର୍ଣ୍ଣମାସୀ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲାରଦନା ଗାଁ, ଉମରାପଡା, ସମୟ: ସକାଳ ୯ଟା ୨୦।

# ସିନ୍ଧୁନଦୀ ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରିଛି ପାକିସ୍ତାନ

**ଜାତିସଂଘ,୨୫।୫(ପି.ଟି.)**

ସିନ୍ଧୁନଦୀ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ନେଇ ପାକିସ୍ତାନ ଜାତିସଂଘରେ ରଖିଥିବା ଭୁଲ୍ ତଥ୍ୟ ରଖିଥିବାରୁ ଭାରତ ଏହାର ତୀବ୍ର ସମାଲୋଚନା କରିଛି। ବନ୍ଧୁତ୍ୱ ଓ ସଦିଚ୍ଛା ଆଧାରରେ ୬୫ ବର୍ଷ ପୂର୍ବେ ଭାରତ ପାକସ୍ତାନ ସହ ସିନ୍ଧୁନଦୀ ଜଳ ଚୁକ୍ତି ସ୍ୱାକ୍ଷର କରିଥିଲା। ନଦୀ ଉପରମୁଣ୍ଡର ଦେଶ ଭାବେ ଭାରତ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଆସିଥିବାବେଳେ ଇସ୍‌ଲାମାବାଦ ଭାରତ ବିରୋଧରେ ୩ ଥର ଯୁଦ୍ଧ କରିବା ସହ ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ଲୋକଙ୍କ ଜୀବନ ନେଇ ଚୁକ୍ତିର ସର୍ତ୍ତକୁ ଉଲ୍ଲଂଘନ କରିଥିବା ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ଭାଥନେନି ହରିଶ କହିଛନ୍ତି। ଭାରତ ଅସାଧାରଣ ଧୈର୍ଯ୍ୟ ଓ ଉଦାରତା ଦେଖାଇ ଆସିଥିବାବେଳେ ପାକିସ୍ତାନୀ ଗତ ୪ ଦଶନ୍ଧିରେ ଭାରତରେ ଚଳାଇଥିବା ଆତଙ୍କବାଦୀ ଆକ୍ରମଣରେ ୨୦, ୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି। ଗତ ମାସରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏହାର ସଦ୍ୟ ଉଦାହରଣ, ଯେଉଁଥିରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ବୋଲି ହରିଶ କହିଛନ୍ତି।

# ବାହାରିନ୍‌ରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ

**ମାନାମା,୨୫।୫**

ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଜଣାଇବାକୁ ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ବାହାରିନ୍‌ରେ ପହଞ୍ଚିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାର ପ୍ରବାସୀ ଭାରତୀୟମାନଙ୍କୁ ଭେଟି ପାକିସ୍ତାନର ସୀମାପାର ଆତଙ୍କବାଦ ଓ ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ, ଫଙ୍ଗନୋନ୍ କୋନ୍ୟକ, ଏନ୍‌ଜେପି ଏମ୍‌ପି ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି, ସତନାମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଏବଂ ରାଷ୍ଟ୍ରଦୂତର ହର୍ଷ ଶ୍ରୀଙ୍ଗ୍‌ଲା ରହିଛନ୍ତି। ସେହିପରି ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ରୁଷିଆ ଯାଇଥିବା ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ସମ୍ପର୍କିତ ଦୃଢ଼ ବାର୍ତ୍ତା ଦେଇଛନ୍ତି। ମସ୍କୋସ୍ଥିତ ଭାରତୀୟ ଦୂତାବାସରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କାନିମୋଝି କହିଥିଲେ, ପାକିସ୍ତାନରୁ ଅନୁପ୍ରବେଶ କରିଥିବା ଆତଙ୍କବାଦୀ ପହଲଗାମ ଆକ୍ରମର କରିଥିଲେ। ଇସ୍‌ଲାମାବାଦ ସୁରକ୍ଷାରେ ରହିଥିବା ଏହି ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ଜବାବ ଦେବାକୁ ଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିବାବେଳେ କୌଣସି ସାଧାରଣ ଲୋକ ପ୍ରଭାବିତ ହୋଇ ନ ଥିଲେ କ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇ ନ ଥିଲା। ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ କରୁଥିବା ୟୁଏଇକୁ ଅଭିନନ୍ଦନ ଜଣାଇଛନ୍ତି।

# ଏନ୍‌କାଉଣ୍ଟରରେ ଜେଜେଏମ୍‌ପି ସୁପ୍ରିମୋଙ୍କ ସମେତ ୨ ମାଓବାଦୀ ନିହତ

**ରାଞ୍ଚି,୨୫।୫**

ଲାଟେହାରର ଇଚାବାର ଜଙ୍ଗଲରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମ୍‌ପି) ସୁପ୍ରିମୋ ପପ୍ପୁ ଲୋହରା ଏବଂ ତାଙ୍କ ସହଯୋଗୀ ପ୍ରଭାତ ଲୋହରା। ଗୁଳି ବିନିମୟ ବେଳେ ଅନ୍ୟ ଜଣେ ମାଓବାଦୀ ନିହତ ହୋଇଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ମୃତଦେହ ମିଳିନାହିଁ। ମାଓବାଦୀ ସଂଗଠନ ଜେଜେଏମ୍‌ପି ଲାଟେହାର ଓ ଝାଡ଼ଖଣ୍ଡର କେତେକ ଜିଲାରେ ସକ୍ରିୟ ରହିଛି। ଗୁଳି ବିନିମୟ ବେଳେ ଆହତ ହୋଇଥିବା କନ୍‌ଷ୍ଟେବଲ ଅୱଧ ସିଂଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି।




ନୂଆଦିଲ୍ଲୀର ହୋଟେଲ ଅଶୋକାରେ ରବିବାର ଅନୁଷ୍ଠିତ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମାନେ। କେନ୍ଦ୍ରମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଓଳି ଝିଅ ଚଢ଼େ ଦୋଳି,**
**ମା' ଓଳି ଝିଅ ବିକେ କୋଳି।**
**ବାପ ଓଳି ପୁଅ ଖାଏ ଖଡ଼ା,**
**ମା' ଓଳି ପୁଅ ଚଢ଼େ ଘୋଡ଼ା।**

ବାପ ମୁହଁ ପରି ଝିଅ ସୁଖରେ ରହୁଥିବାବେଳେ ମାଆ ମୁହଁ ପରି ଝିଅ ଦୁଃଖରେ ରହୁଥିବାର ଜଣାଯାଇଥାଏ। ସେହିପରି ବାପ ମୁହଁ ପରି ପୁଅ ଅଭାବରେ ରହୁଥିବାବେଳେ ମାଆ ମୁହଁ ପରି ପୁଅ ବହୁ ଧନ ସମ୍ପତ୍ତି ଲାଭ କରି ସୁଖରେ ରହିଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବଇଦ, ବରଷା, ବଢ଼ି;**
**ଦକ୍ଷିଣା ପାଇଲେ ଯାଆନ୍ତି ଛାଡ଼ି।**

ବ୍ରାହ୍ମଣମାନେ ପୂଜା କର୍ମ ପରେ ଦକ୍ଷିଣା ପାଇଲେ ଯଜମାନଙ୍କ ପାଖରୁ ଖୁସିରେ ଚାଲିଯାଆନ୍ତି। ବଇଦ ରୋଗୀଙ୍କୁ ପଥି ଦେଇ ଦକ୍ଷିଣା ସ୍ୱରୂପ କିଛି ଅର୍ଥ ନେଇଥାନ୍ତି। ସେହିପରି ଦକ୍ଷିଣା ପବନ ପକେଇଲେ ବର୍ଷା ଓ ବଢ଼ି ଛାଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୌଦ୍ୱାର ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୨୫।୫(ଆଶୁତୋଷ ଦାସ)**

କଟକ ଜିଲା ଚୌଦ୍ୱାର ସର୍କଲ ଜେଲ ପରିସରସ୍ଥ ଆମ୍ବଗଛରୁ ଶନିବାର ଜଣେ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୭)। ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ଥାନାରେ ଏକ ମାମଲା (ନଂ.୧୦/୨୫)ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଜେଲ ୱାର୍ଡର ଶନିବାର ଅପରାହ୍ନରେ ୱାର୍ଡ ପରିକ୍ରମା କରିବା ସମୟରେ ବିଷ୍ଣୁ ନିଜ ୱାର୍ଡରେ ନ ଥିବା ଓ ଜେଲ ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଇ ନ ଥିବା ଦେଖି ସେ ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଜଣାଇଥିଲେ। ପରେ କର୍ମଚାରୀ ଖୋଜାଖୋଜି କରିବାରୁ ଜେଲ ପରିସରସ୍ଥ ଏକ ପୁରୁଣା ବିଲ୍ଡିଂ ପାଖ ଆମ୍ବଗଛରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ବିଷ୍ଣୁଙ୍କୁ ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ୨୦୨୧ରୁ ବିଷ୍ଣୁ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିବା ଘଟଣାରେ ଚୌଦ୍ୱାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ୪ ବର୍ଷ ମଧ୍ୟରେ ସେ ୪ ଥର ପାରୋଲରେ ଘରକୁ ଆସି ତାଙ୍କ ପରିବାର ବର୍ଗଙ୍କ ସହ ସମୟ କଟାଇ ପୁଣି ଜେଲକୁ ଫେରିଥିଲେ। ସେ ତାଙ୍କ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପାରୋଲରେ ୧୦ ଦିନ ପାଇଁ ଘରକୁ ଆସି ଗତ ୧୧ ତାରିଖରେ ଜେଲକୁ ଫେରିଥିଲେ। ବିଷ୍ଣୁଙ୍କ ଭଉଣୀଙ୍କ କହିବାନୁଯାୟୀ, ବିଷ୍ଣୁ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନିଜ ପତ୍ନୀଙ୍କ ସହ ଫୋନରେ ଭଲରେ କଥାବାର୍ତ୍ତା ହୋଇଥିଲେ। ଏଥିସହ ସୋମବାର ସାବିତ୍ରୀ ବ୍ରତ ଦିନ ତାଙ୍କୁ ଜେଲକୁ ଆସି ଭେଟିବାକୁ କହିଥିଲେ। ହେଲେ ତାଙ୍କ ଭାଇଙ୍କ ଏପରି ମୃତଦେହ ମିଳିବାକୁ ନେଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ପାରିବାରିକ ବିବାଦକୁ ନେଇ ବିଷ୍ଣୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଥିବାବେଳେ ଜେଲରେ କଏଦୀଙ୍କ ସୁରକ୍ଷା ପ୍ରସଙ୍ଗ ବାବଦରେ କିଛି କହି ନ ଥିଲେ। ଏନେଇ ଜେଲର ବିଭୁଦେନ୍ଦୁ ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ପ୍ରଥମ ପୃଷ୍ଠାରୁ...

# କୁଲଡ଼ିହାରୁ ୫ ସଶସ୍ତ୍ର ...

କରି ୫ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଗୁଳି ଭର୍ତ୍ତି ଗୋଟିଏ ହାତ ତିଆରି ବନ୍ଧୁକ, ବାରୁଦ, ୨ଟି ଧନୁ, ୬ଟି ତୀର, ତାରରେ ନିର୍ମିତ ଫାଶ ଓ ଗୋଟିଏ କୁଟୁରା ଶିଙ୍ଗ ଜବତ ହୋଇଛି। ଗିରଫ ଶିକାରୀଙ୍କ ମଧ୍ୟରେ ୪ଜଣ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ନରସିଂସିଲା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା(୨୧), ଗୋପି ହୋ ଏବଂ ମଡିତୁଆ ଗ୍ରାମର ହାଡିଆ ଭଦ୍ର(୨୭) ଓ ଅନ୍ୟ ଜଣେ ମୟୂରଭଞ୍ଜ ଜିଲା ଶରତ ଥାନା ଗୌରଚନ୍ଦ୍ରପୁର ଗ୍ରାମର ସିଲିଆ ଗିଲୁଆ ବୋଲି ଜଣାପଡ଼ିଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କୁଲଡ଼ିହାକୁ ଶିକାରୀମୁକ୍ତ କରିବା ନେଇ ପ୍ରୟାସ ଚାଲିଥିବା ଏସିଏଫ୍ ବେହେରା ସୂଚନା ଦେଇଛନ୍ତି।



ଗିରଫ ୫ ଶିକାରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବ୍ୟବସାୟରେ ପ୍ରତିବନ୍ଧକ, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷାକରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ** - ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା କିମ୍ବା ଭାବପ୍ରବଣତା ନିଜର ହିଁ କ୍ଷତି ସାଧନ କରିବ। ଆଲୋଚନା ଅବସରରେ ନିଜର ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟା ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** - ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ସାମିଲ୍ ହୋଇପାରନ୍ତି।

**କର୍କଟ** - ଆଜି ଯେ କୌଣସି କ୍ଷେତ୍ର ହେଉନା କାହିଁକି କାମ ହାସଲରେ ଅସୁବିଧା ହେବନି। କିନ୍ତୁ ପ୍ରତିବନ୍ଧକ କିମ୍ବା ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତକୁ ସାମ୍‌ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍‌ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** - ଆତ୍ମୀୟଙ୍କ ସାହାଯ୍ୟରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅସୁବିଧା ହେବନାହିଁ। ପ୍ଲଟ୍ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା, କ୍ଷେତ୍ର ଉନ୍ନତ ରହିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପଡୋଶୀଙ୍କ ସହ ପୂର୍ବ ଶତ୍ରୁତା ହେତୁ ଅପରାହ୍ନରେ କଳହର ଆଶଙ୍କା ରହିଛି।

**କନ୍ୟା** - ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ମନ ଆନ୍ଦୋଳିତ ରହିବ। ଅତି ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା** - ପ୍ରତ୍ୟେକ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଲୋଚନା ପରିସରରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଡୋଶୀ ମୁଖ୍ୟ ଭୂମିକା ସାଜିପାରନ୍ତି।

**ବିଛା** - ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବାରୁ ମନ ବିଚଳିତ ହେବ। ପ୍ରଶାସନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ ଠିକଣା ସମୟରେ ଦୂରେଇ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତତା ବଢିଯାଇପାରେ।

**ଧନୁ** - ପ୍ରତିକୂଳ ସମୟ ଚାଲିଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସାହାଯ୍ୟ କରିବାରେ ପଛେଇ ଯିବେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧ କ୍ରମେ ଅଂଶଗ୍ରହଣ କରିପାରନ୍ତି।

**ମକର** - ଆଜି ସମ୍ପର୍କୀୟଙ୍କ ମାଧ୍ୟମରେ ସକାଳୁ ଶୁଭ ଖବର ପାଇ ମନ ଆହ୍ଲାଦିତ ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ ନଚେତ୍ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** - ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢୀଭୂତ କରିବ। ଅନ୍ୟମାନଙ୍କ ସକାଶେ କିଛି ଭଲକାମ କରିବାକୁ ଯାଇ ଅପଦସ୍ଥ ହେବେ। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ** - ଆଜିର ସାମାଜିକ ସମ୍ପର୍କ ମନ୍ଦ ହେବନି, କିନ୍ତୁ ପରିବାରରେ ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ମେ' ୨୬ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ, ଘ.୧୨।୧୨ ମି. ଗତେ, ଅମାବାସ୍ୟା ସୋମବାର। ସାବିତ୍ରୀବ୍ରତ, ଅମାବାସ୍ୟାର ନିଶାପାଳନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର-ସକାଳ ଘ.୦୮।୨୩ ମି. ଗତେ, କୃତ୍ତିକା/ମେଷ, ଦିବା ଘ.୦୧।୪୦ ଗତେ, ବୃଷଚନ୍ଦ୍ର, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୪୯ ଗତେ, ଘ.୦୮।୨୭ ମଧ୍ୟେ ରାହୁକାଳ।

# ୭ଦିନ ଯାଏ ବର୍ଷା, ପବନ

**ଭୁବନେଶ୍ୱର,୨୫।୫ (ଅନୁରାଧା ମହାରଣା)**

ରାଜ୍ୟରେ ଏବେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଏହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଜାରି ରହିବ। ଅଧିକାଂଶ ସ୍ଥାନରେ ବର୍ଷା ସହ ପବନ ମଧ୍ୟ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ମୌସୁମୀ ଆସିବାକୁ କିଛିଦିନ ଲାଗିବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପରେ ଓଡ଼ିଶାକୁ ମୌସୁମୀ ଆସିବ। ଅନ୍ୟପଟେ ୨୭ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ହେଲେ ଏହା ବାତ୍ୟା ରୂପ ନେବାର ସମ୍ଭାବନା ନାହିଁ। ବାତ୍ୟା ନେଇ ଅପପ୍ରଚାର କରାଯାଉଥିବାରୁ ଏପରି ଗୁଜବଠାରୁ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ସୋମବାର ରାଜ୍ୟର ପ୍ରାୟ ୧୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ କିମି ରହିପାରେ। ତେଣୁ ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବଜ୍ରପାତ ନେଇ ୧୫ଜିଲା କେନ୍ଦ୍ରପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବଜ୍ରପାତରେ ଜଣେ ମୃତ

**କୋଟପାଡ଼,୨୫।୫ (କେ. ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଏସ୍‌ବି ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ବଜ୍ରପାତରେ ରବିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁମାହାଣ୍ଡି ଗ୍ରାମର ବଳରାମ ଭୂମିଆ(୪୫)। ସୂଚନା ଅନୁଯାୟୀ, କୋଟପାଡ଼ ଅଞ୍ଚଳରେ ଗତ କିଛିଦିନ ଧରି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିବା ବେଳେ ଅନେକ ସ୍ଥାନରେ ବଜ୍ରପାତ ହୋଇଥିଲା। ବଳରାମ କୌଣସି କାମରେ ଏସ୍‌ବି ନୂଆଗାଁକୁ ସାଇକେଲ ଯୋଗେ ଯାଉଥିବା ବେଳେ ଡଙ୍ଗରୀଗୁଡ଼ା ନିକଟରେ ବଜ୍ରପାତ ହେବାରୁ ସେ ରାସ୍ତାମଝିରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୋଟପାଡ଼ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ମାଈହାତୀର ଗଳିତ ମୃତଦେହ ଠାବ

**କେନ୍ଦୁଝର,୨୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ ତାଳପଦା ସେକ୍ସନ ଓରିଆ ବିଟ୍ ତମାଙ୍ଗ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ମାଈହାତୀର ଗଳିତ ମୃତଦେହ ଠାବ ହୋଇଛି। ହାତୀର ବୟସ ୧୮ ରୁ ୨୦ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳପଦା ଫରେଷ୍ଟ ସେକ୍ସନ ବନ କର୍ମଚାରୀ ଓ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର ବନ କର୍ମଚାରୀ ଅପରାହ୍ନରେ ମିଳିତ ପାଟ୍ରୋଲିଂ ସମୟରେ ହାତୀର ମୃତଦେହ ପଡ଼ିଥିବା ଦେଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ୮ ଟିକିଆ ହାତୀପଲ ମୃତଦେହକୁ ଘେରି ରହିଥିବା ବେଳେ ବନ ବିଭାଗ କର୍ମଚାରୀ ରାତି ୮ଟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ପାରିନାହାନ୍ତି। ହାତୀ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିନାହିଁ। ତେବେ ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି।



**ଆଜି ସାବିତ୍ରୀ ପୂଜା:** ରବିବାର ସନ୍ଧ୍ୟାରେ ଭୁବନେଶ୍ୱର କଳ୍ପନାଛକ ନିକଟ ଭେଣ୍ଡିଂ ଜୋନ ଫଳ ଦୋକାନରେ ଲୋକଙ୍କ ଭିଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

# ଭୁବନେଶ୍ୱରରେ ଅଣ୍ଡରଗ୍ରାଉଣ୍ଡରେ ଗଡ଼ିବ ମେଟ୍ରୋ ଟ୍ରେନ୍

**ଭୁବନେଶ୍ୱର,୨୫।୫(ବନ୍ଦନା ସେଠୀ)**

କୋଲକାତା ଭଳି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ଅଣ୍ଡରଗ୍ରାଉଣ୍ଡରେ ଚଳାଚଳ କରିବ। ପୂର୍ବରୁ ବ୍ରିଜ୍ ଉପରେ ମେଟ୍ରୋ ଟ୍ରେନ ଚାଲିବ ବୋଲି ସୂଚନା ଦିଆଯାଇଥିଲା ଓ ସେହି ଅନୁସାରେ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ କରି ମାଟି ତଳେ ମେଟ୍ରୋ ସେବା ପ୍ରଦାନ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରାୟତଃ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ହୋଇସାରିଛି। ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଅପ୍‌ଡେଟ୍ ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସେହି ଅନୁପାତରେ ଜନଗହଳି ସହିତ ଗାଡ଼ିମୋଟର ମଧ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ପୂର୍ବ ସରକାରରେ ମୂଳଦୁଆ ପଡିଥିଲା। ୨୦୨୪ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରିଶୂଳିଆ ଦେଇ କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ଓ ଏସ୍‌ସିବି ବଡ଼ ମେଡିକାଲ ପର୍ଯ୍ୟନ୍ତ ଚଳାଚଳ କରିବ। ଏପରିକି ପୁରୀ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ସମ୍ପ୍ରସାରଣ ଲାଗି ମଧ୍ୟ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୨ଟି ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସ୍ପିଟାଲ, ପଟିଆ ଆଦି ପ୍ରମୁଖ ସ୍ଥାନ ସହ ଅନ୍ୟ ସ୍ଥାନରେ ଷ୍ଟେଶନ ରହିବ। ତେବେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଖୁବ୍‌ଶୀଘ୍ର ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ



ବୈଠକରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ସହ ଅନ୍ୟ ଅଧିକାରୀମାନେ।

**ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)**

ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା ଏବଂ ସମୀକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାସହିତ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟମ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, ଶିକ୍ଷକ ପ୍ରମୁଖଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଅଂଶୀଦାରମାନଙ୍କ ଦକ୍ଷତା ଓ ଜ୍ଞାନକୁ ବୃଦ୍ଧି କରିବା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା, ଯେଉଁଥିରେ ବିଭାଗକୁ ସଡ଼କ ସୁରକ୍ଷା ଦିଗରେ ବ୍ୟାପକ ସାମଗ୍ରୀ ଦାଖଲ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଦୈନିକ ତଥ୍ୟ ସମୀକ୍ଷା ଏବଂ ତଦାରଖ ପାଇଁ ଓଡ଼ିଶା ଲାଗି ଏକ ସରଳ, ଗତିଶୀଳ ଡ୍ୟାସବୋର୍ଡ ପ୍ରସ୍ତୁତି ପାଇଁ ଅନୁରୋଧ କରାଯାଇଥିଲା। ଏହା ସଡ଼କ ସୁରକ୍ଷାର ଉନ୍ନତି ଟ୍ରାକ୍ କରିବା, ଉପୁଜୁଥିବା ସମସ୍ୟାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

# ନବରଙ୍ଗପୁର ଛାତ୍ରୀ ସମୀକ୍ଷା ଯିବେ ଜାପାନ

**ନବରଙ୍ଗପୁର,୨୫।୫ (ସଦାଶିବ ପ୍ରହରାଜ)**

## ସାକୁରା ବିଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେବେ

ନବରଙ୍ଗପୁରର ମେଧାବୀ ଛାତ୍ରୀ ସମୀକ୍ଷାରାଣୀ ମାଳି ଜାପାନ ଯିବେ। ଜାପାନର ସାକୁରାଠାରେ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷାଙ୍କୁ ଚୟନ କରାଯାଇଛି। ଓସେପା ପକ୍ଷରୁ ଗତ ୨୨ ତାରିଖରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି(ନଂ.୫୭୨୭) ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସମୀକ୍ଷାଙ୍କ ସହ ଭୁବନେଶ୍ୱରସ୍ଥିତ ବିଜେବି କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ନୀହାରିକା ସାହୁ ଯିବେ ବୋଲି ଜଣାପଡ଼ିଛି। ସମୀକ୍ଷାଙ୍କ ଏହି କୃତିତ୍ୱ ପାଇଁ ମେଧାବୀ ସମ୍ବର୍ଦ୍ଧନାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କୁ ସମ୍ମାନିତ କରିଛନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମୀକ୍ଷାଙ୍କ ଜାରି ରହିଥିବା ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମୀକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ସମୀକ୍ଷାରାଣୀ ମାଳିଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବାସନ୍ତୀ ମାଳି ଓ ତ୍ରିପତି ମାଳିଙ୍କ ଝିଅ ସମୀକ୍ଷା। ସେ ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲରେ ପଢୁଥିଲେ। ୨୦୨୪ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୬୭ ମାର୍କ ରଖି ଜିଲା ଟପ୍ପର ହୋଇଥିଲେ। ସେହିବର୍ଷ ମେଧାବୀ ଛାତ୍ରୀ ଭାବେ ସମୀକ୍ଷା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭାବେ ୫୦ ହଜାର ଟଙ୍କା ପାଇଥିଲେ। ଏବେ ସମୀକ୍ଷା କାର୍ତ୍ତିମାଳ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନରେ ପଢୁଛନ୍ତି। ବାପା ତ୍ରିପତି ଉକ୍ତ ବିଦ୍ୟାଳୟରେ ରସାୟନ ବିଭାଗ ଅଧ୍ୟାପକ ଅଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହାକୁ ନେଇ ସମୀକ୍ଷାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ସୂଚନାଯୋଗ୍ୟ, ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ ଜରିଆରେ ଜାପାନର ସର୍ବୋତ୍ତମ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା ଦେଖିବା ଓ ଉତ୍କୃଷ୍ଟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଉନ୍ନତ ଜ୍ଞାନକୌଶଳ ଓ ବିଜ୍ଞାନ, ସଂସ୍କୃତିର ଆଦାନପ୍ରଦାନ କରାଯାଇଥାଏ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଗଞ୍ଜାମର ହର୍ଷବର୍ଦ୍ଧନ

**ବ୍ରହ୍ମପୁର,୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ)**



ହର୍ଷବର୍ଦ୍ଧନ ସାହୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଭାରତ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହିତ ସୁନାମ ଅର୍ଜନ କରିବାକୁ ଯାଉଛି। ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ନାଁ ନେଇ ସେ କହିଲେ ଯେ, ଜଣେ ୯ମ ଶ୍ରେଣୀର ଛାତ୍ର ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଭାଗନେଇ ରେକର୍ଡ କରିଛନ୍ତି। ହର୍ଷବର୍ଦ୍ଧନ ପୂର୍ବ ରେକର୍ଡ ଭାଙ୍ଗି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିରୁ ଏହା ପ୍ରମାଣିତ ହୋଇଛି। ହର୍ଷବର୍ଦ୍ଧନଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ହରିଡାଖଣ୍ଡିସ୍ଥିତ ଶାନ୍ତିନଗର। ସେ କେ.ସି.ଟାଉନ ହାଇସ୍କୁଲରେ ୯ମ ଶ୍ରେଣୀର ଛାତ୍ର ଥିଲେ। ଗତ ୯ରୁ ୧୪ ତାରିଖ ମଧ୍ୟରେ ବିହାରର ରାଜଗିରିରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା। ସେ ଭାରୋତ୍ତୋଳନରେ ଭାଗ ନେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଉଠାଇ ରେକର୍ଡ କରିଥିଲେ। ପୂର୍ବରୁ ୧୧୪ କେଜି ଥିଲା। ମୋଟ ଉପରେ ସେ ୨୦୩ କେଜି ଉଠାଇ ରେକର୍ଡ କରିଥିଲେ। ଓଡ଼ିଶାର ଜଣେ ପିଲା ଏଭଳି ପ୍ରତିଭା ଦେଖାଇବା ଦେଶ ପାଇଁ ଶୁଭଙ୍କର। ସେ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ସୁନାମ ଆଣିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବହୁତ ଖୁସି ଲାଗୁଛି ବୋଲି ହର୍ଷବର୍ଦ୍ଧନଙ୍କ କୋଚ ଜିତେନ୍ଦ୍ର କୁମାର ସାହୁ, ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଗଞ୍ଜାମ ମାଟିର ଗୌରବ କେ.ରବି କୁମାର କହିଛନ୍ତି। ଏହା ନିଶ୍ଚିତ ଭାବେ ଗଞ୍ଜାମ ପାଇଁ ଗୌରବ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ହର୍ଷବର୍ଦ୍ଧନ ୩ଟି କାଂସ୍ୟ ପଦକ ପାଇଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ। ସେ ମଧ୍ୟ ଭାରୋତ୍ତୋଳନ କରୁଥିଲେ। ଜେଜେ ପଥର ଡମ୍ବେଲ୍ସ ଉଠାଉଥିଲେ ବୋଲି କେ.ରବି କୁମାର କହିଛନ୍ତି।

# ଶିବଗଙ୍ଗାରେ ବୁଡ଼ି ଯୁବକ ମୃତ

**ଧୁସୁରୀ,୨୫।୫(ଦୀପ୍ତିରଞ୍ଜନ ନାୟକ)**

ଅଧାରହିଗଲା ବାବା ଆଖଣ୍ଡଳମଣିଙ୍କ ଦର୍ଶନ। ବାବାମଣିଙ୍କ ଦର୍ଶନ ପୂର୍ବରୁ ଚାଲିଗଲା ଜଣେ ଯୁବକଙ୍କ ଜୀବନ। ରବିବାର ସକାଳେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି। ମୃତ ଯୁବକ ହେଲେ ଧାମ୍‌ନଗର ଥାନା ଅଧୀନ ସୋହଡ଼ା ଗ୍ରାମର ଦେବବ୍ରତ ମିଶ୍ର(୨୧)।

ସୂଚନା ଅନୁଯାୟୀ, ଦେବବ୍ରତ ୩ ଜଣ ସାଙ୍ଗଙ୍କ ସହ ମିଶି ୨ଟି ବାଇକ୍‌ରେ ଆଖଣ୍ଡଳମଣି ପୀଠ ଆରଡ଼ିକୁ ଆସିଥିଲେ। ସକାଳ ୬ଟା ୩୦ରେ ପୀଠ ନିକଟ ଶିବଗଙ୍ଗା ପୁଷ୍କରିଣୀରେ ସେମାନେ ଗାଧୋଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ଦେବବ୍ରତ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାରକରି ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଧୁସୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦୨୫) ରୁଜୁ ହୋଇଛି। ପ୍ରକାଶ ଯେ, ଦେବବ୍ରତ ମା'ବାପାଙ୍କର ଏକମାତ୍ର ସନ୍ତାନ ଥିଲେ। ସେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିସିଏ ଛାତ୍ର ଥିଲେ।



କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୁପ କରନାହିଁ। -ଶ୍ରୀଅରବିନ୍ଦ

-ସାବିତ୍ରୀ ବ୍ରତ, ଚନ୍ଦ୍ରକ୍ଷୟ
ନିଶାପାଳନ ଓ ହଳ ନିଷେଧ



# ଜଙ୍ଗଲ ଚିନ୍ତା

ଜଙ୍ଗଲ ପୃଥିବୀର ଅନ୍ୟତମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିବେଶ ବ୍ୟବସ୍ଥା। ସବୁ ଭୂମିଗତ ଉଦ୍ଭିଦ, କୀଟପତଙ୍ଗ ଓ ପ୍ରାଣୀଙ୍କ ୮୦ ପ୍ରତିଶତ ବାସସ୍ଥାନ ହେଉଛି ଜଙ୍ଗଲ। ବିଶ୍ୱର ପାଖାପାଖି ଏକ ତୃତୀୟାଂଶ ଲୋକ ସେମାନଙ୍କ ଜୀବିକା ପାଇଁ ସିଧାସଳଖ ଏହା ଉପରେ ନିର୍ଭରଶୀଳ। ହେଲେ ଜଙ୍ଗଲକ୍ଷୟ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରି ତାହାକୁ ବିଶ୍ଳେଷଣ କରୁଥିବା ସଙ୍ଗଠନ ଗ୍ଲୋବାଲ ଫରେଷ୍ଟ ୱାଚ୍ (ଜିଏଫ୍‌ଡବ୍ଲ୍ୟୁ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ୨୦୨୩ରେ ଏହା ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ଭାରତ ହରାଇଥିବା ଏହି ଜଙ୍ଗଲଗୁଡ଼ିକ ଅତି ପୁରୁଣା। ସାଧାରଣତଃ ଏଭଳି ଜଙ୍ଗଲ ହ୍ରାସ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ଜୈବବିବିଧତା ହାନି ଓ ବାୟୁ ଗୁଣବତ୍ତାରେ ଅବନତି ଆଣିଥାଏ। ବିକାଶକୁ ଗୁରୁତ୍ୱ ଦିଆଯାଇ ଜଙ୍ଗଲ ଅଞ୍ଚଳକୁ ସଙ୍କୁଚିତ କରାଯାଉଛି । କିନ୍ତୁ କେଉଁ ଧରଣର ବନାଞ୍ଚଳ କମିବା ସତ୍ତ୍ୱେ ନିରନ୍ତର ବିକାଶ ହୋଇପାରିବ, ତାହା ଉପରେ ବିଧିବଦ୍ଧ ଅଧ୍ୟୟନ କରାଯାଉ ନ ଥିବାରୁ ମଣିଷ ଏବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ସିଧାସଳଖ ଅନୁଭବ କଲାଣି। ଯଦି ଜିଏଫ୍‌ଡବ୍ଲ୍ୟୁର ରିପୋର୍ଟକୁ ଦେଖାଯାଏ ତାହା ହେଲେ ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଲାଣି। ଏହି ଅବଧି ମଧ୍ୟରେ ଦେଶରେ ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧ ପ୍ରତିଶତ ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି କୁହାଯାଉଛି। ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବିଷୟ।

**ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।**

ଜଙ୍ଗଲ ସଂରକ୍ଷଣ ଲାଗି ଭାରତ ଅନେକ କାର୍ଯ୍ୟକ୍ରମ ଜାରି ରଖିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ଜାତୀୟ କାର୍ଯ୍ୟାନ୍ୱୟନ ଯୋଜନା (ଏନ୍‌ଏପିସିସି), ସବୁଜ ଭାରତ ସକାଶେ ଜାତୀୟ ମିଶନ ଏବଂ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ (କାମ୍ପା) ଆଦି କାର୍ଯ୍ୟକ୍ରମ ବନୀକରଣ, ନିରନ୍ତର ଜଙ୍ଗଲ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି। ଏସବୁ ପଦକ୍ଷେପ ସତ୍ତ୍ୱେ ପ୍ରାକୃତିକ ଜଙ୍ଗଲକ୍ଷୟକୁ ରୋକିବା ସମ୍ଭବ ହେଉ ନାହିଁ। ଭାରତୀୟ ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ଲାଗି ସ୍ଥାନୀୟ ସମ୍ପ୍ରଦାୟକୁ ସାମିଲ କରାଯାଇ ଏ ସମ୍ବନ୍ଧରେ ବାସ୍ତବ ତଥ୍ୟ ସଂଗ୍ରହ ସହ ସ୍ୱଚ୍ଛ ଆକଳନ କରିବାର ଆବଶ୍ୟକତା ରହିଛି। ସରକାର ବିଭିନ୍ନ ପ୍ରକାର ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ସ୍ଥଳେ ଗଛ କାଟୁଛନ୍ତି। ସେହିପରି କମ୍ପାନୀଗୁଡ଼ିକ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଅନେକ ସମୟରେ ଦେଖାଯାଉଛି ଗଛ କାଟି କାରଖାନା ବସାଯାଉଥିବା ବେଳେ ବନୀକରଣ କାର୍ଯ୍ୟକୁ ଯେଭଳି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି। କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଅନେକ ସମୟରେ ପ୍ରହସନରେ ରହିଯାଉଛି। ତେଣୁ ସରକାର ଜଙ୍ଗଲ କ୍ଷୟ ଓ ବନୀକରଣ ସମ୍ବନ୍ଧରେ ଠିକ୍ ତଥ୍ୟ ସଂଗ୍ରହ କରି ତାହାର ବିଶ୍ଳେଷଣ କରିବାର ସମୟ ଆସିଲାଣି।

ଏହି ପରିପ୍ରେକ୍ଷୀରେ ସରକାର ଓ କମ୍ପାନୀ ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡ଼ିବ। ନିଜେ ନିଜ ସ୍ତରରେ ଅଧିକ ଚାରା ରୋପଣ କରିପାରିଲେ ନିଜ ପରିବେଷ୍ଟନୀ ସୁରକ୍ଷିତ ରହିପାରିବ। ନିଜେ ବଢ଼ାଇଥିବା ଗଛକୁ ଜଣେ କଦାପି କାଟିବାକୁ ଚେଷ୍ଟା କରିବ ନାହିଁ ବୋଲି କୁହାଯାଇପାରେ। ଯେତିକି ଚାଷ ଜମି ଅଛି ତାହାକୁ ଉପଯୁକ୍ତ ଭାବେ କିଭଳି ବିଭିନ୍ନ ପଦ୍ଧତି ଅନୁସରଣ କରାଯାଇ ବ୍ୟବହାର କରାଯାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ। ନିରନ୍ତର କୃଷି ବିକାଶ ଚିନ୍ତା ସୃଷ୍ଟି ହୋଇପାରିଲେ ଚାଷ କ୍ଷେତ୍ର ବିସ୍ତାର ଲାଗି ଜଙ୍ଗଲ ପଦା କରିବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବାକୁ ହେଲେ ସେହିସବୁ ଅଞ୍ଚଳକୁ ଜାତୀୟ ପାର୍କ ବା ସଂରକ୍ଷିତ ବନାଞ୍ଚଳ ଘୋଷଣା କରାଯିବା ଦରକାର। ଉଦାହରଣ ସ୍ୱରୂପ, ବ୍ରାଜିଲ, ଇଣ୍ଡୋନେସିଆ ଓ କଙ୍ଗୋ ଆଦି ଦେଶରେ ଏଭଳି ପଦ୍ଧତି ଅନୁସରଣ କରାଯାଇ ଜଙ୍ଗଲ କ୍ଷୟକୁ ରୋକାଯାଇପାରିଛି। ଏହା କରାଗଲେ ସେହି ଅଞ୍ଚଳରେ ବେଆଇନ ଗଛ କଟାକୁ ଅନେକ ପରିମାଣରେ ରୋକାଯାଇପାରିବ। ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।

# ଦେଇଥିଲେ ପାଇ



ପ୍ରକାଶ ତ୍ରିପାଠୀ

ଯଦି ଜଣେ ଚାଷୀ ଗହମ ଅମଳ କରିବାକୁ ଚାହେଁ, ତେବେ ସେ ତା' କ୍ଷେତରେ ଗହମ ବୁଣେ। ଯଦି ଧାନ ଅମଳ କରିବାକୁ ଚାହେଁ, ତେବେ ସେ ଧାନ ବୁଣେ। ଯଦି ସେ ଗହମ ବୁଣି ଧାନ ଅମଳ କରିବାକୁ ଆଶା କରେ, ତେବେ ତାଙ୍କର ଆଶା ସଫଳ ହୋଇପାରେ ନାହିଁ। ପ୍ରକୃତିର ନିୟମ ଆମକୁ କହେ ଯେ, ଆମେ ଯାହା ଅମଳ କରିବାକୁ ଚାହୁଁ ତାହା ଆମକୁ ବୁଣିବାକୁ ପଡ଼ିବ। ଠିକ୍ ସେହିପରି ଜୀବନ ଯାତ୍ରାରେ ମଧ୍ୟ ସମାନ ଘଟଣା ଘଟିଥାଏ। ଆମକୁ ସର୍ବଦା ଆମର କର୍ମର ପରିଣାମ ଭୋଗ କରିବାକୁ ପଡ଼ିଥାଏ। ଯଦି ଆମେ ଭଲ କାର୍ଯ୍ୟ କରୁ, ତେବେ ଆମେ ଭଲ ଫଳ ପାଇବୁ। ଯଦି ଆମେ ଖରାପ କାର୍ଯ୍ୟ କରୁ, ତେବେ ଆମେ ଖରାପ ଜୀବନ ବଞ୍ଚିବୁ। ଖରାପ ଉପାୟ ବ୍ୟବହାର କରି ତୁମେ ନ୍ୟାୟପୂର୍ଣ୍ଣ ଉଦ୍ଦେଶ୍ୟ ହାସଲ କରିପାରିବ ନାହିଁ। ଯଦିବା ହାସଲ କର, ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ। ମଣିଷ ତା'ର ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ନିଜର ଭବିଷ୍ୟତ ସ୍ଥିର କରିପାରିବ। ଯଦି ସେ ଦୁରାଚାର, ଦୁର୍ନୀତି ଏବଂ ପାପର ବୀଜ ବୁଣେ, ତେବେ ସେ ଦୁଃଖ ଏବଂ ବିନାଶକୁ ଅମଳ କରେ। ଯଦି ସେ ସଦ୍‌ଗୁଣ ଓ ସଦାଚାର ବୀଜ ବୁଣେ, ତେବେ ସେ ସଫଳତା ଏବଂ ସୁଖର ସୁବର୍ଣ୍ଣ ଫଳ ପାଏ। କାର୍ଯ୍ୟ ସକାରାତ୍ମକ ବା ନକାରାତ୍ମକ ହେଉ, ଉଭୟର ପରିଣାମ ପ୍ରତ୍ୟେକ ମଣିଷ ତାଙ୍କ ଜୀବନକାଳରେ ଅନୁଭବ କରିଥା'ନ୍ତି। ପ୍ରତ୍ୟେକ ଧର୍ମରେ ଏହି ଦୃଢ଼ ବିଶ୍ୱାସକୁ ସମର୍ଥନ କରାଯାଇଛି। ଭଲ କାମ କେବେ ବ୍ୟର୍ଥ ହୁଏ ନାହିଁ। ସେଗୁଡ଼ିକ ସବୁବେଳେ ଅପ୍ରତ୍ୟାଶିତ ଉପାୟରେ ଫେରି ଆସେ। ଯଦି ଆପଣ ଗୋଟିଏ ଅସହାୟ ମଣିଷକୁ ସହାୟତାର ହାତ ବଢ଼ାଇଥିବେ, ତେବେ ଭବିଷ୍ୟତରେ ଆପଣଙ୍କ ଆଡ଼କୁ ସହାୟତାର ଅନେକ ହାତ ଲମ୍ବି ଆସିବ। ଯଦି ଆପଣ ଅନ୍ୟ ଉପରକୁ ଛୋଟ ପଥରଟିଏ ପକାଇଥା'ନ୍ତି, ତେବେ ଆପଣଙ୍କ ଉପରେ ପଡ଼ିବା ପାଇଁ ବଡ଼ ପଥରଟିଏ ନିଶ୍ଚିତ ଥିବ। ନକାରାତ୍ମକ କାର୍ଯ୍ୟର ପରିଣାମ ସମ୍ପର୍କରେ ପୁରାଣ ଓ ଇତିହାସରେ ଅନେକ ଦୃଷ୍ଟାନ୍ତ ରହିଛି। ଆଜିର ସମାଜରେ ଏହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଥାଏ। କିନ୍ତୁ ଭଲ କର୍ମର ଭଲ ଫଳ ଅଧିକ ପ୍ରଚାରିତ ହୁଏ ନହିଁ। ତେବେ ଆଜିର ଏହି ଆଲେଖ୍ୟରେ ଆସନ୍ତୁ ଜାଣିବା ସକାରାତ୍ମକ କର୍ମର କିପରି ସକାରାତ୍ମକ ଫଳ ମିଳେ।

ଘଟଣାଟି ୧୮୯୨ ମସିହାର। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ପଢୁଥିଲେ ଜଣେ ଗରିବ ପିଲା। କଲେଜ ଟ୍ୟୁଶନ ଫି' ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ପାରୁନଥାଏ। ସେତେବେଳେ ଆଜିକାଲି ପରି ପ୍ରତିଭାବାନ୍ ପିଲାଙ୍କୁ ବା ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ବ୍ୟବସ୍ଥା ନଥିଲା। ସେହି ପିଲାଟି ଥିଲେ ଅନାଥ, ଯିଏ କି ପିଲାଟି ଦିନୁ ମା'ବାପାଙ୍କୁ ହରାଇଥିଲେ। କାହାକୁ ବା କହିବେ ?



କିଏ ବା ତାଙ୍କୁ ସାହାଯ୍ୟ କରିବ ? ଗୋଟିଏପଟେ ପାଠ ପଢ଼ିବା ପାଇଁ ଦୁର୍ବାର ଆଗ୍ରହ ତ ଅନ୍ୟପଟେ ଦାରୁଣ ଅର୍ଥ ସଙ୍କଟ। ଶେଷରେ ଜଣେ ସାଙ୍ଗକୁ ତାଙ୍କ ଅସୁବିଧା କଥା କହିଲେ। ସେ ସାଙ୍ଗ ଗୋଟିଏ ବୁଦ୍ଧି ଦେଲା। ସେ ସମୟରେ ଇଗ୍ନାସି ଜେ ପ୍ୟାଡେରଓସ୍କି ନାମକ ଜଣେ ବିଦେଶୀ ପିଆନୋ ବାଦକ ଆମେରିକାର ବିଭିନ୍ନ ସହରରେ ମ୍ୟୁଜିକ କନ୍‌ସର୍ଟ ମାଧ୍ୟମରେ ବେଶ୍ ଲୋକପ୍ରିୟ ହୋଇ ଉଠିଥିଲେ। ଗରିବ ପିଲାଟି ସାଙ୍ଗ ସହିତ ମିଶି ପ୍ୟାଡେରଓସ୍କିଙ୍କୁ ଆଣି ବିଶ୍ୱବିଦ୍ୟାଳୟରେ ଗୋଟିଏ କନ୍‌ସର୍ଟର ଆୟୋଜନ କରିବା ପାଇଁ ଚିନ୍ତାକଲେ। ଦୁଇ ସାଙ୍ଗ ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ସହିତ କଥାବାର୍ତ୍ତା କଲେ। ଶୋ' ପାଇଁ ଦୁଇ ହଜାର ଡଲାରର ପାରିଶ୍ରମିକ ସ୍ଥିର ହେଲା। ସହପାଠୀମାନଙ୍କୁ ଅନୁରୋଧ କରି ଟିକେଟ ବିକିବାକୁ ଯୋଜନା ହେଲା। ଶେଷରେ କନ୍‌ସର୍ଟର ଦିନ ଆସି ପହଞ୍ଚିଲା। ପ୍ୟାଡେରଓସ୍କି ଓ ତାଙ୍କ କନ୍‌ସର୍ଟ ଦଳ କଲେଜରେ ଆସି ପହଞ୍ଚିଗଲେ। କିନ୍ତୁ ପିଲା ଦୁଇଜଣଙ୍କ ମାନସିକ ଚାପ କମୁନଥିଲା। କାରଣ ଅନେକ ଚେଷ୍ଟା କରି ମଧ୍ୟ ସେମାନେ ମାତ୍ର ଷୋଳଶହ ଡଲାରର ଟିକେଟ ବିକ୍ରି କରିପାରିଥିଲେ। ଏ କଥା ଶୁଣି ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ରାଗ କହିଲେ ନସରେ। ଦୁଇ ହଜାର ଡଲାର ନାହିଁ ତ ଶୋ' ହେବାର ନାହିଁ।

ଦୁଇ ବନ୍ଧୁ ବହୁତ ସାହସ ଜୁଟେଇ ପ୍ୟାଡେରଓସ୍କିଙ୍କ ପାଖରେ ପହଞ୍ଚିଲେ। ସାଙ୍ଗରେ ଆଣିଥିବା ଷୋଳଶହ ଡଲାର ଏବଂ ବାକି ଚାରିଶହ ଡଲାର ପାଇଁ ଚେକ୍‌ଟିଏ ଧରେଇ ଦେଲେ ଆଉ ମୁଣ୍ଡ ତଳକୁ କରି କହିଲେ-ସାର୍! ବହୁତ କଷ୍ଟରେ ଏତକ ଯୋଗାଡ଼ ହୋଇପାରିଲା। ଆମେ ଦୁହେଁ କଥା ଦେଉଛୁ, ଯଥାଶୀଘ୍ର ଚେକ୍‌ଟି ପାସ୍ କରାଇବା ପାଇଁ ବ୍ୟବସ୍ଥା କରିବୁ। ଆମ ଦୁହିଁଙ୍କର ବିଶ୍ୱବିଦ୍ୟାଳୟର ଟ୍ୟୁଶନ ଫି' ଯୋଗାଡ଼ ପାଇଁ ଏହି ଶୋ'ର ଆୟୋଜନ କରୁଥିଲୁ। ଈଶ୍ୱରଙ୍କୁ ହୁଏତ ଏକଥା ମଞ୍ଜୁର ନଥିଲା! ତେଣୁ ଆପଣ ଚାହିଁଲେ ସବୁ କିଛି ହୋଇପାରିବ। ଯୁବକ ଦ୍ୱୟଙ୍କ କଥା ଶୁଣି ପ୍ୟାଡେରଓସ୍କି କହି ଉଠିଲେ- ଏକଥା କିନ୍ତୁ ମୁଁ ଗ୍ରହଣ କରିପାରିବି ନହିଁ। ଚୁକ୍ତି ମୁତାବକ ଟଙ୍କା ନ ଦେଲେ କନ୍‌ସର୍ଟ ହେବନାହିଁ। ପ୍ୟାଡେରଓସ୍କିଙ୍କ କଥା ଶୁଣି ପିଲାମାନେ ଚୈତନ୍ୟ ହରାଇବା ଉପରେ। ପ୍ୟାଡେରଓସ୍କି ଚେକ୍‌ଟିକୁ ଟିକି ଟିକି କରି ଚିରିଦେଇ ଉପରକୁ ଉଡ଼େଇଦେଲେ ଓ ସମସ୍ତ ଷୋଳଶହ ଡଲାର ସେମାନଙ୍କୁ ଫେରାଇଦେଲେ। ତା'ପରେ ଗୁରୁଗମ୍ଭୀର କଣ୍ଠରେ କହି ଉଠିଲେ, ''ଏହି ଷୋଳଶହ ଡଲାରରୁ ତମର କନ୍‌ସର୍ଟ ବାବଦ ଖର୍ଚ୍ଚ କାଟି ରଖି ବାକିତକ ଟ୍ୟୁଶନ ଫି ବାବଦରେ ବ୍ୟବହାର କର। ପିଲାମାନଙ୍କ ଆଖିରେ ଲୁହର ବନ୍ୟା। ହୃଦୟରେ କୃତଜ୍ଞତାର କୋହ। ଠିକ୍ ସମୟରେ କନ୍‌ସର୍ଟ ଆରମ୍ଭ ହେଲା। ତାଳିମାଡ଼ରେ କମ୍ପି ଉଠିଲା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବିରାଟ ପ୍ରେକ୍ଷାଳୟ।

ସମୟ କାହାକୁ ଅପେକ୍ଷା କରେ ନାହିଁ। ପିଆନୋ ବାଦକ ପ୍ୟାଡେରଓସ୍କି ହେଲେ ପୋଲାଣ୍ଡ ଦେଶର ପ୍ରଧାନମନ୍ତ୍ରୀ। ଏ ରାଜମୁକୁଟ କିନ୍ତୁ ଭରି ଯାଇଥାଏ କଣ୍ଟକରେ। ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥାଏ। ଛୋଟ ଦେଶ ପୋଲାଣ୍ଡକୁ ଚାରିଆଡୁ ବିପଦ। ଭୟଙ୍କର ଖାଦ୍ୟାଭାବରେ ଦେଶର ଦେଢ଼ ନିୟୁତରୁ ଅଧିକ ଲୋକ କଙ୍କାଳସାର ହୋଇ ପଡ଼ିଲେଣି। ଚାରିଆଡ଼େ ମାଳ ମାଳ ମୃତଦେହ। ଦୁର୍ଭିକ୍ଷ ତା'ର ବାହୁ ବିସ୍ତାର କରି ଚାଲିଛି। ପ୍ୟାଡେରଓସ୍କିଙ୍କ ମୁଣ୍ଡ କାମ କରୁନଥାଏ। ଆଶା ନିରାଶା ଭିତରେ ଆମେରିକାର ଗୋଟିଏ ଦାତବ୍ୟ ସଂସ୍ଥା 'ଆମେରିକୀୟ ରିଲିଫ୍ ଆସୋସିଏଶନ'କୁ ଚିଠିଟିଏ ଲେଖି ଅପେକ୍ଷାରେ ରହିଲେ ପ୍ୟାଡେରଓସ୍କି।

ସେତେବେଳେ ଉପରୋକ୍ତ ସଂସ୍ଥାର ମୁଖ୍ୟ ଥିଲେ ହର୍ବର୍ଟ ହୁଭର୍, ଯିଏ ପରବର୍ତ୍ତୀ କାଳରେ ଆମେରିକାର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଚିଠିଟି ହୁଭର୍‌ଙ୍କ ପାଖକୁ ଆସିଲା। ସେ ସଙ୍ଗେ ସଙ୍ଗେ ପୋଲାଣ୍ଡର ନିରନ୍ନ ଲୋକଙ୍କ ପାଇଁ ହଜାର ହଜାର ଟନର ଜରୁରୀ ଖାଦ୍ୟପେୟ ପଠାଇବାର ବ୍ୟବସ୍ଥା କରିଦେଲେ। ପୋଲାଣ୍ଡର ବୁଭୁକ୍ଷୁମାନଙ୍କ ପେଟକୁ ଦାନା ଗଣ୍ଡିଏ ମିଳିଗଲା। ବହୁତ ବଡ଼ ବିପତ୍ତି ଟଳିଗଲା ମୁଣ୍ଡ ଉପରୁ। ପ୍ୟାଡେରଓସ୍କି ହୁଭର୍‌ଙ୍କ ଏମିତି ମାନବୀୟ ସହାୟତା ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଦେବା ପାଇଁ ଆମେରିକାରେ ପହଞ୍ଚିଲେ। ପ୍ୟାଡେରଓସ୍କିଙ୍କୁ ସମ୍ମାନର ସହିତ ପାଛୋଟି ନେଲେ ହୁଭର୍, ଯେତେହେଲେ ସେ ଜଣେ ପ୍ରଧାନମନ୍ତ୍ରୀ! ହୁଭର୍‌ଙ୍କ କାର୍ଯ୍ୟାଳୟରେ ଯେତେବେଳେ ପ୍ୟାଡେରଓସ୍କି ହୁଭର୍‌ଙ୍କୁ ତାଙ୍କର ସମୟୋଚିତ ମାନବୀୟ ସାହାଯ୍ୟ ପାଇଁ ଧନ୍ୟବାଦ ଦେବାକୁ ନିଜର ବକ୍ତବ୍ୟ ଆରମ୍ଭ କଲେ, ହୁଭର୍ ତାଙ୍କୁ ଅଧାରେ ଅଟକାଇ ଦେଲେ। କହିଲେ- ''ମହାମହିମ ପ୍ରଧାନମନ୍ତ୍ରୀ! ସେ ଅନେକ ବର୍ଷ ତଳର କଥା। ଆପଣଙ୍କର ହୁଏତ ମନେ ନ ଥିବ। ମୁଁ କିନ୍ତୁ ଆଦୌ ଭୁଲି ନାହିଁ। ଆପଣ ଆମେରିକାର ଯେଉଁ ଦୁଇଜଣ ଗରିବ ପିଲାଙ୍କୁ ସେମାନଙ୍କ କଲେଜର ଟ୍ୟୁଶନ ଫି' ଦାଖଲ ପାଇଁ ସାହାଯ୍ୟ କରି ସେମାନଙ୍କର ମୁହଁରେ ହସ ଫୁଟାଇଥିଲେ, ମୁଁ ତା' ଭିତରୁ ଜଣେ। ସେ ଦିନର ଆପଣଙ୍କ ଭଲ କର୍ମର ଫଳ ଆପଣଙ୍କୁ ଈଶ୍ୱର ସୁଧମୂଳ ସହ ଫେରାଇଛନ୍ତି।'' ପ୍ୟାଡେରଓସ୍କି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ। ଭାବରେ ଗଦଗଦ ହୋଇ ହୁଭର୍‌ଙ୍କୁ କୁଣ୍ଢାଇ ପକାଇଲେ। ପ୍ୟାଡେରଓସ୍କିଙ୍କ ହୃଦୟରୁ ହୁଭର୍‌ଙ୍କ ପ୍ରତି ଝରି ଆସୁଥିବା କୃତଜ୍ଞତାର ସ୍ୱର ତାଙ୍କର କନ୍‌ସର୍ଟର ମଧୁର ତାନଠାରୁ କୌଣସିମତେ ନ୍ୟୂନ ନ ଥିଲା।

ମୋ: ୯୪୩୭୨୩୨୪୬୩

# ଏ କ'ଣ ଦୁର୍ଘଟଣା



ବୈଷ୍ଣବ ମେହେର

ବଜ୍ରପାତ ନେଲା ଛଅ ଜୀବନ, ବାଇକ ଦୁର୍ଘଟଣାରେ କାକା ପୁତୁରା ମୃତ, ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ, ଏସବୁ ହେଉଛି ଗତ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ଆମ ରାଜ୍ୟର ଭିନ୍ନଭିନ୍ନ ଅଞ୍ଚଳରେ ଘଟିଥିବା କିଛି ଘଟଣା ଯାହା ଦୁର୍ଘଟଣା ଭାବରେ ଗୁରୁବାରର ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଏସବୁ ଘଟଣା ବା ଦୁର୍ଘଟଣା ଆଜିକାଲି ଅତ୍ୟନ୍ତ ସାଧାରଣ। ତେବେ ପ୍ରଶ୍ନ ଉଠୁଛି ଏସବୁ ଘଟଣା କ'ଣ ଶତ ପ୍ରତିଶତ ଦୁର୍ଘଟଣା କି ?

ଦୁର୍ଘଟଣାର ସାଧାରଣ ସଂଜ୍ଞା ହେଉଛି ''ସମସ୍ତ ସାବଧାନତା ସତ୍ତ୍ୱେ ଯେଉଁସବୁ ଘଟଣା ଘଟି ଆମର କ୍ଷତି ସାଧନ କରିବା ସହ ଆମକୁ ଦୁଃଖ ଦିଏ, ତାହାକୁ ଆମେ ଦୁର୍ଘଟଣା କହିବା''। ସଂଜ୍ଞାଟି ସ୍ପଷ୍ଟ କରେ ଯେ ସମ୍ପୂର୍ଣ୍ଣ ସତର୍କ ଥାଇ ଯଦି ଏପରି କିଛି ଘଟଣା ଘଟେ ଓ ଆମର କ୍ଷତି ହୁଏ ତେବେ ତାକୁ ଦୁର୍ଘଟଣା କୁହାଯିବ। କିନ୍ତୁ ଅନ୍ୟମନସ୍କ ବା ଅସାବଧାନତା ଥାଇ ଓ ନିୟମ ନ ମାନିବା ଦ୍ୱାରା ଯେଉଁ ଘଟଣା ଘଟି ଆମର କ୍ଷତି ସାଧିତ ହୁଏ ତେବେ ତାହା ତ ଦୁର୍ଘଟଣାର ପଦବାଚ୍ୟ ହେବ ନାହିଁ। ଯେମିତି ଦିନେ ପିଣ୍ଟୁ ସାଇକେଲରେ ଚିଣ୍ଟୁକୁ ବସାଇ ଖୁସିଗପ କରି ଦୁହେଁ ଯାଉଥିଲେ। ରାସ୍ତା ଆଡ଼କୁ ତାଙ୍କର ନଜର ନ ଥିଲା। ହଠାତ୍ ସେମାନଙ୍କ ଆଗକୁ କୁକୁରଟିଏ ଆସିଗଲା। ପିଣ୍ଟୁ ସାଇକେଲ ଅଟକାଇ ନ ପାରିବାରୁ ସେମାନେ ତଳେ କଚାଡ଼ି ହୋଇ ଖଣ୍ଡିଆଖାବରା ହେଲେ। ଏହି ଘଟଣାକୁ ଦୁର୍ଘଟଣା ବୋଲି ଏଥିପାଇଁ କୁହାଯିବ ନାହିଁ ଯେ ଏଠି ଅସାବଧାନତା ତଥା ଖାମଖିଆଲି ମନୋବୃତ୍ତି ପାଇଁ ହିଁ ଘଟଣାଟି ଘଟିଲା।

ଏବେ ଆସିବା ପ୍ରବନ୍ଧ ଆରମ୍ଭରେ ଆଲୋଚିତ ସେସବୁ ଦୁର୍ଘଟଣା ପ୍ରସଙ୍ଗକୁ। ସେଦିନ ବଜ୍ରପାତରେ ମୃତ ଛଅ ଜଣଙ୍କ ମଧ୍ୟରୁ ପ୍ରଥମ ଘଟଣାରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ ଗାଲିଗାବ ଗ୍ରାମର ମାଳାନା ପାଙ୍ଗିଙ୍କ ଗାଁ ନିକଟ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ଓ ଉକ୍ତ ବ୍ଲକର ଅମ୍ବାବାଲି ପଞ୍ଚାୟତର କନ୍ଧପୁଟାବନ୍ଧ ଗ୍ରାମର ଗେମେଲ କ୍ରିଷ୍ଣା, ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟ ତୁମ୍ବାଇ ନିକଟସ୍ଥ ଜମିରେ କାମ କରୁଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଏକ ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଅଣ୍ଟାମ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ସନ୍ନ୍ୟାସୀ ହିମିରିକା ଆମ୍ବତୋଟାରେ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ସେହିଭଳି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଲାଠିଆଗୁ ଜାମଗୁ ଗ୍ରାମର ପାଲଙ୍ଗି ମାଝୀ ମଧ୍ୟ ଝଡ଼ ସମୟରେ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ବଜ୍ରପାତର ଶିକାର ହୋଇଥିଲେ। ସେହି ବୁଧବାର ସନ୍ଧ୍ୟାରେ ନୂଆପଡ଼ା ଜିଲା କୋଟେନଛୁଆଁ ପଞ୍ଚାୟତ ତିଲେଇଝର ଗାଁ ମୁଣ୍ଡରେ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ସେହି ଗାଁର କାକା ପୁତୁରାଙ୍କ



ଅକାଳ ବିୟୋଗ ଘଟିଥିଲା। ତୃତୀୟ ଘଟଣାରେ କଳାହାଣ୍ଡିର ଭବାନୀପାଟଣା ସହରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ମୁକୁଳା ଡ୍ରେନ୍‌ରେ ପଡ଼ି କୋକସରା ବ୍ଲକ ମହିମା ଗାଁର ଖଗେଶ୍ୱର ନାଏକଙ୍କ ଜୀବନ ଯାଇଛି। ଏ ସମସ୍ତ ଘଟଣାକୁ ଯଦି ଆମେ ନିରେଖି ଦେଖିବା ତେବେ ବଜ୍ରପାତକୁ ନେଇ ବ୍ୟାପକ ସତର୍କତା ସତ୍ତ୍ୱେ ସାମାନ୍ୟ ସାବଧାନତା ଯଦି ଅବଲମ୍ବନ କରାଯାଇଥାନ୍ତା ତେବେ ବଜ୍ରପାତ ପୂର୍ବରୁ ସମସ୍ତେ ନିଜକୁ ସୁରକ୍ଷିତ ରଖିପାରିଥାନ୍ତେ। ଠିକ୍ ସେମିତି ବାଇକ ଭାରସାମ୍ୟ ହରାଇବାର ଅର୍ଥ ନିଜ କ୍ଷମତାରୁ ଅଧିକ ବେଗ କିମ୍ବା ଚାଳକଙ୍କ ଅନ୍ୟମନସ୍କତା ହୋଇ ଥାଇପାରେ। ସେହିପରି ମୁକୁଳା ଡ୍ରେନ୍ ହେଉଛି ଆମ ବ୍ୟବସ୍ଥାର ଦୁର୍ବଳତା। ଏସବୁର ସମାଧାନର ରାସ୍ତା ଆମ ହାତରେ ଥାଇ ମଧ୍ୟ ଜାଣିଶୁଣି ଏଭଳି ଘଟିବାକୁ ନିମନ୍ତ୍ରଣ କରାଯାଉଛି ବୋଲି କହିବାକୁ ହେବ। ପ୍ରାୟ ନିଜର ବେପରୁଆ ମନୋଭାବ ପାଇଁ ଘଟୁଥିବା ଏସବୁ ଘଟଣା ଦୁର୍ଘଟଣା ପଦବାଚ୍ୟ କି ନୁହେଁ ତା'ର ବିଚାର ନିଜେ କରିବା ଦରକାର।

ପ୍ରତିଦିନ ଏଭଳି ଅନେକ ଘଟଣା ଅନେକ ପରିବାରର ଖୁସିକୁ ଲୁହରେ ଧୋଇ ଦେଉଥିବା ବେଳେ ଏହାର କାରଣ ଓ ନିରାକରଣକୁ ନେଇ ସଚେତନ ନ ହେବା ଦୁଃଖର ବିଷୟ। ଏଭଳି ଘଟଣାକୁ ଏଡ଼ାଇ ଦେବାର ପୂର୍ଣ୍ଣ ସୁଯୋଗ ମଣିଷ ହାତରେ ଥିବା ସତ୍ତ୍ୱେ ବେପରୁଆ ଆଚରଣ ପାଇଁ ଯଦି ଏସବୁ ଘଟି ଧନଜୀବନ ହାନି ହୁଏ ତେବେ ଏହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଯାହା କରିବା କଥା ତାକୁ ନ କରିବା ଓ ଯାହା ନ କରିବା କଥା ତାକୁ କରିବା ଆମମାନଙ୍କ ମଧ୍ୟରୁ ଅନେକଙ୍କ ସଉକ ହୋଇଯାଇଛି। ଆମ ଦେଶରେ ବାରଣ କରାଯାଇଥିବା କାର୍ଯ୍ୟକୁ କରିବାକୁ ଅନେକେ ଆଗ୍ରହ ପ୍ରକାଶ କରୁଥିବା ବେଳେ ପୋଲିସ ମଧ୍ୟ ଅନେକ କ୍ଷେତ୍ରରେ ଏହା ଉପରେ ରୋକ ଲଗାଏ ନାହିଁ। ବାହାଘର ଶୋଭାଯାତ୍ରା ଅଧ ରାତି ଯାଏ ମୁଖ୍ୟ ରାସ୍ତାକୁ ଅବରୋଧ କରି ଅସହ୍ୟ ଡିଜେ ସାଉଣ୍ଡର ତାଳେତାଳେ ମାତାଲ ନୃତ୍ୟ ସହ କାନଫଟା ବାଣ ଫୁଟାଇ ଯିବାରେ କାହାରି କୌଣସି ଆପତ୍ତି ନ ଥାଏ। ବିଡ଼ମ୍ବନାର ବିଷୟ ଯେ ଏସବୁ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନର ତିଳେ ମାତ୍ର ଭୟ ନ ରହିବା। ଏଭଳି ବେପରୁଆ ଆଚରଣ ଭିତରେ ଯଦି କିଛି ଅଘଟଣ ଘଟିଯାଏ ତେବେ ତାକୁ ମନୁଷ୍ୟକୃତ ନ କହି ଦୁର୍ଘଟଣା ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ, ସେହି ପ୍ରଶ୍ନ ଏବେ ନିଜେ ନିଜକୁ ପଚାରିବା।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଏଇ ଭାରତରେ

ଚିପ୍ସ ଖାଇବାକୁ ପ୍ରାୟ ସବୁ ପିଲା ଭଲପାନ୍ତି। ପିଲାଙ୍କର ଏହି ଦୁର୍ବଳତାକୁ ନେଇ ଅନେକ ସମୟରେ ବିକ୍ରେତାମାନେ ଫାଇଦା ନେବାକୁ ଚେଷ୍ଟା କରନ୍ତି। ବେଳେ ବେଳେ ସେମାନଙ୍କର ଏହି ମନୋଭାବ ପିଲାଙ୍କ ଜୀବନ ମଧ୍ୟ ନେଇଯାଏ। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗର ମେଦିନାପୁର ଜିଲାର ଗୋସାଇଁବାଡି ଅଞ୍ଚଳରେ। ଚିପ୍ସ ପ୍ୟାକେଟ୍ ପାଇଁ ଏଠାରେ ଜଣେ ବାଳକର ଜୀବନ ଯାଇଛି। ଚାରିଦିନ ତଳେ ଏହି ଅଞ୍ଚଳର ୧୩ ବର୍ଷୀୟ ବାଳକ କୃଷ୍ଣେନ୍ଦୁ ଦାସ ରାସ୍ତାରେ ଆସିବାବେଳେ ଦୁଇଟି ଚିପ୍ସ ପ୍ୟାକେଟ୍ ପଡିଥିବା ଦେଖି ଉଠାଇ ନେଇ ଆସିଥିଲେ। କିନ୍ତୁ ସେଠାକାର ସ୍ଥାନୀୟ ଦୋକାନୀ ଶୁଭଙ୍କର ଦୀକ୍ଷିତ ତାଙ୍କୁ ଧରି ଚିପ୍ସ ଚୋରି କରିଥିବା କହି ଗାଳି ଦେଇଥିଲେ। ଏହି କଥାକୁ ନେଇ କୃଷ୍ଣେନ୍ଦୁଙ୍କ ପରିବାର ଲୋକଙ୍କ ନିକଟରେ ଅଭିଯୋଗ ବି କରିଥିଲେ। ଫଳରେ ତାଙ୍କ ମା' ତାଙ୍କୁ ସମସ୍ତଙ୍କ ଆଗରେ ମାଡ଼ ବି ମାରିଥିଲେ। ଏସବୁ ପରେ ଦୋକାନୀ ଜଣକ କାନ ଧରି ରାସ୍ତା ଉପରେ ସମସ୍ତଙ୍କ ଆଗରେ ଭୁଲ୍ ମାଗିବା ପାଇଁ ବାଧ୍ୟ କରିଥିଲେ। ଚୋରି କରି ନ ଥିବାରୁ ଅପମାନ ସହି ପାରି ନ ଥିଲେ କୃଷ୍ଣେନ୍ଦୁ। ଘରକୁ ଆସି ବିଷ ପିଇଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ଓ ସେ ଚିପ୍ସ ଚୋରି କରି ନ ଥିବା ମୃତ୍ୟୁ ପୂର୍ବରୁ କହିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୭୬

- ରାଜ୍ୟର ଗ୍ରାମାଞ୍ଚଳରେ ଦରିଦ୍ର ଜନସାଧାରଣଙ୍କର ସୁବିଧା ଲାଗି ଚାହିଦା ମେଣ୍ଟାଇବାକୁ କିରୋସିନି କୋଟା ୮.୬୬୬ କିଲୋଲିଟରକୁ ବୃଦ୍ଧି କରାଯାଇଛି।
- ଭାରତ ଓ ରୋମାନିଆ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗିତା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ
ସ୍ନିଗ୍ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର,
ଏ ଜୀବନେ ଅତି ପରିଚିତ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 3 | 1 | |
| 9 | | | | | 4 | | | 8 |
| 3 | | | | 5 | | | 2 | |
| 6 | | | | 1 | 7 | | | |
| | | 8 | | 6 | | | 4 | |
| | | | | | | 9 | | 1 |
| 7 | | | 2 | | | | | |
| | 2 | | 8 | | | | | 5 |
| | | | | 4 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 8 | 5 | 3 | 6 | 9 | 2 |
| 2 | 6 | 3 | 4 | 1 | 9 | 5 | 7 | 8 |
| 9 | 8 | 5 | 2 | 7 | 6 | 3 | 1 | 4 |
| 1 | 3 | 2 | 5 | 8 | 7 | 4 | 6 | 9 |
| 6 | 5 | 9 | 3 | 4 | 2 | 1 | 8 | 7 |
| 7 | 4 | 8 | 6 | 9 | 1 | 2 | 5 | 3 |
| 8 | 7 | 4 | 1 | 3 | 5 | 9 | 2 | 6 |
| 3 | 2 | 1 | 9 | 6 | 8 | 7 | 4 | 5 |
| 5 | 9 | 6 | 7 | 2 | 4 | 8 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ସ୍ୱାଧୀନତା ନାହିଁ

ମହାଶୟ,

ଭାରତ ହେଉଛି ପୃଥିବୀର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଓ ଗଣମାଧ୍ୟମ ସ୍ୱାଧୀନତାର ସୁରକ୍ଷା ଉପରେ ସର୍ବଦା ଆଲୋଚନା ହୋଇଥାଏ। ବିଗତ ଦିନରେ ଦେଶର ଏକ ପ୍ରତିଷ୍ଠିତ ଟିଭି ଚାନେଲର ଭାଷ୍ୟକାର ଅର୍ଣ୍ଣବ ଗୋସ୍ୱାମୀ ନିଜ ସ୍ୱାଧୀନ ମତ ବ୍ୟକ୍ତ କରିବାରୁ ସରକାରଙ୍କର ରୋଷର ଶିକାର ହୋଇଥିଲେ। ଓଡ଼ିଶାରେ ବିଗତ ସରକାର ଅମଳରେ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବାର ପ୍ରୟାସ ହୋଇଥିଲା। ସେହିପରି ଏକ ଚାନେଲକୁ ନିଜ ସ୍ୱାଧୀନ ମନ୍ତବ୍ୟ ଦେଇଥିବାରୁ ବହୁତ ହଇରାଣ ହରକତ ହେବାକୁ ପଡିଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲେ ମଧ୍ୟ ଏଠାରେ ଗଣମାଧ୍ୟମର ସ୍ୱାଧୀନତା ଶଙ୍କାଗ୍ରସ୍ତ। ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସି ସରକାର ଦାୟିତ୍ୱ ଗ୍ରହଣ କଲେ 'ଯୁଆଡ଼େ ବର୍ଷା ସିଆଡ଼େ ଛତା' ନ୍ୟାୟରେ ସେମାନଙ୍କୁ ସୁହାଇଲା ଭଳି ଖବର ପରିବେଷଣ କରିବା। ପ୍ରକାରାନ୍ତରେ କହିଲେ ଭାରତବର୍ଷରେ ଜନଗଣଙ୍କର ବାକ୍ ସ୍ୱାଧୀନତ ହେଉ କି ଗଣମାଧ୍ୟମର ମୁକ୍ତ ମତାମତ ବ୍ୟକ୍ତ କରିବାର ହେଉ ସରକାରଙ୍କ ପ୍ରଚ୍ଛନ୍ନ ନିୟନ୍ତ୍ରଣରେ ଏ ସବୁ ରହିଛି। ଅନ୍ୟଥା ସରକାରୀ ସାହାଯ୍ୟ, ପୃଷ୍ଠପୋଷକତାରୁ ବାସନ୍ଦ। ଏ ହେଉଛି ରାଜ୍ୟର ଗଣମାଧ୍ୟମର ବିକଳ ଚିତ୍ର।

-ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମନ୍ଦିର ରୋଷ ଘରେ ନାବାଳିକାଙ୍କୁ ବଳାତ୍କାର

ଜମନକିରା,୨୫।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ବାବା ମୁକ୍ତେଶ୍ୱର ମନ୍ଦିର ରୋଷେଇ ଗୃହରେ ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜଣେ ୧୨ବର୍ଷୀୟା ନାବାଳିକା ବଳାତ୍କାର ଶିକାର ହୋଇଛି। ମନ୍ଦିରର ଜଣେ ସହଯୋଗୀ ପୂଜକ ଶୋଭା ମହାପାତ୍ର ଓରଫ କେଦାର(୩୬)ଙ୍କ ନାମରେ ଏହି ଅଭିଯୋଗ ଆସିଛି। ପୀଡିତା ନାବାଳିକା ବି ଜଣେ ପୂଜକଙ୍କ ଝିଅ ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ମା' ଏ ନେଇ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ବିଏନ୍ଏସ୍ ଦଫା ୬୪(୨)ଏଫ୍ରେ ଏକ ମାମଲା(ନଂ.୮୭/୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଶୋଭାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସମ୍ବଲପୁରରେ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

ରବିବାର ମନ୍ଦିରର ପୂଜାପାଳି ଥିବା ପୂଜକ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ଥିଲେ। ସେ ତାଙ୍କ ବଡ଼ଭାଇଙ୍କୁ ପୂଜାକର୍ମ କରିବାକୁ କହିଥିଲେ। ତାଙ୍କୁ ପୂଜାରେ ସହଯୋଗ କରିବାକୁ ସେ ଅଭିଯୁକ୍ତ ଶୋଭାଙ୍କୁ ଅନୁରୋଧ କରିଥିଲେ। ଏଥିରେ ରାଜି ହୋଇ ଶୋଭା ମନ୍ଦିର ଯାଇଥିଲେ। ପୂଜା ଯଥାରୀତି ସରିବା ପରେ ଶୋଭା ମନ୍ଦିର ପରିସରରେ ଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ମନ୍ଦିର ରୋଷେଇ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଶୋଭା ରୋଷେଇ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏଥିରେ ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘରକୁ ଫେରି ସେ ସବୁ କଥା ତାଙ୍କ ମା'ଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର କମିଟି ସଭାପତି ପି.କେ.କନପାନଙ୍କୁ ପଚାରିବାରୁ ମନ୍ଦିର ଓ ମନ୍ଦିର ପରିସରକୁ ଶୁଦ୍ଧ କରାଯିବ ବୋଲି ସେ କହିଛନ୍ତି।

# ପେଟ୍ରୋଲ ପମ୍ପ ଖୋଲାଇବା ଆଳରେ ୧୯.୯୭ ଲକ୍ଷ ଠକେଇ

## ବିହାରରୁ ମାଷ୍ଟରମାଇଣ୍ଡ୍ ଗିରଫ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ଖୋଲାଇଦେବା ଆଳରେ ଜଣେ ବ୍ୟବସାୟୀଙ୍କୁ ୧୯.୯୭ ଲକ୍ଷ ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିହାର ନୱାଦା ଜିଲାର ସତିଶ କୁମାର (୨୪)। ତାଙ୍କଠାରୁ ୧୫ ହଜାର ଟଙ୍କା, ୬ଟି ମୋବାଇଲ ଫୋନ, ଗୋଟିଏ ଲାପଟପ୍, ସିମ୍କାର୍ଡ଼, ଟ୍ରାଞ୍ଜାକ୍ସନ୍ ଶିଟ୍ ଏବଂ ପରିଚୟପତ୍ର ଜବତ ହୋଇଛି। ସତିଶଙ୍କୁ ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।


ଅଭିଯୁକ୍ତ ସତିଶ କୁମାର

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା ଅଞ୍ଚଳର ବ୍ୟବସାୟୀ ସାରଦା ପ୍ରସନ୍ନ ରାଉତରାୟ ଠକମାନଙ୍କ ଜାଲରେ ପଡ଼ିଥିଲେ। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ ଡିଲର୍ ଚୟନ ନାଁରେ ଏକ ଫେକ୍ ୱେବ୍ସାଇଟ୍ (https://www.petrolpumpdealerchayan.in/petrol-2023/) ଖୋଲିଥିଲେ। ଏପଟେ ସାରଦା ପେଟ୍ରୋଲ ପମ୍ପ ଖୋଲିବାକୁ ଇଚ୍ଛା କରି ଅନ୍ଲାଇନ୍ରେ ସର୍ଚ୍ଚ କରିବାବେଳେ ଉକ୍ତ ୱେବ୍ସାଇଟ୍କୁ ଲଗ୍ଇନ୍ କରିଦେଇଥିଲେ। ଏହା ଜାଣିପାରି ଅଭିଯୁକ୍ତମାନେ ସାରଦାଙ୍କୁ ଯୋଗାଯୋଗ କରି ଜାଲରେ ଫସାଇଥିଲେ। ଆଇଓସିଏଲ୍ର ପେଟ୍ରୋଲ ପମ୍ପ ଖୋଲିବାକୁ ପ୍ରଥମେ ବିଭିନ୍ନ ଦେୟ ଦେବାକୁ ପଡ଼ିବ ବୋଲି ଠକମାନେ କହିଥିଲେ। ଏପରିକି ମେଲ୍ ଜରିଆରେ ଆଇଓସିଏଲ୍ର ଆକାଉଣ୍ଟ ନମ୍ବର କହି ନିଜ ଆକାଉଣ୍ଟ ଦେଇଥିଲେ। ଏଥିରେ ବିଶ୍ୱାସ କରି ସାରଦା ଚେକ୍ ଜରିଆରେ ଜାନୁଆରୀରୁ ବିଭିନ୍ନ ସମୟରେ ୧୯ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଦେଇଥିଲେ। ହେଲେ ପେଟ୍ରୋଲ ପମ୍ପ୍ ସଂକ୍ରାନ୍ତ କୌଣସି କାର୍ଯ୍ୟ ଆଗକୁ ନ ବଢ଼ିବାରୁ ସାରଦାଙ୍କ ସନ୍ଦେହ ହୋଇଥିଲା। ଆଇଓସିଏଲ୍ ଅଫିସ ଯାଇ ବୁଝିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସାରଦାଙ୍କ ଅଭିଯୋଗକ୍ରମେ ପୋଲିସ ଗତ ମେ' ୨ରେ ମାମଲା (ନଂ.୬୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ସତିଶ୍ ମାଷ୍ଟରମାଇଣ୍ଡ୍ ହୋଇଥିବା ଜଣାପଡିଥିଲା। ଠକେଇ ଟଙ୍କାରୁ ତାଙ୍କ ପାଖକୁ ୭ ଲକ୍ଷ ୨୨ ହଜାର ୧୦୦ ଟଙ୍କା ଯାଇଥିବାବେଳେ ବାକି ଟଙ୍କା ସବୁ ଅନ୍ୟ ଆକାଉଣ୍ଟକୁ ଡିପୋଜିଟ୍ ହୋଇଥିବା ପୋଲିସ କହିଛି।

# ଏ-୧ କରାଇଦେବାକୁ କହି ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ପ୍ରଧାନଶିକ୍ଷକ ଫେରାର

ଛେନାପଦି,୨୫।୫ (ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ଏ-୧ କରାଇଦେବାକୁ କହି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ଆଡୁ ଘଟଣାକୁ ଚାପିଦେବାକୁ ପରିବାର ଉପରେ ଚାପ ପ୍ରୟୋଗ କରାଯାଉଛି। ମାତ୍ର ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ପ୍ରଧାନଶିକ୍ଷକ ଭାଗୀରଥି କବି ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣ ଶିକ୍ଷକ ଛୁଟିଦିନରେ କୋଚିଂ ଦେଉଥିଲେ। ମାମୁ ଘରେ ରହି ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଶନିବାର କୋଚିଂ ପାଇଁ ଯାଇଥିଲେ। ପ୍ରଧାନଶିକ୍ଷକ ଭାଗୀରଥି ଛାତ୍ରୀଙ୍କୁ ପାଣି ଗ୍ଲାସେ ଆଣିବାକୁ କହିଥିଲେ। ଛାତ୍ରୀ ଅଫିସ ରୁମ୍କୁ ପାଣି ନେଇଯାଇଥିବା ବେଳେ ପ୍ରଧାନଶିକ୍ଷକ ତାଙ୍କ ମନ କଥା ମାନିଲେ ଏ-୧ରେ ପାସ୍ କରାଇ ଦେବି ବୋଲି କହି ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଆସି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସ୍କୁଲ କମିଟିକୁ ଜଣାଇଥିଲେ। ଗାଁର କିଛି ଲୋକ ଘଟଣାକୁ ଚାପିଦେବାକୁ ପରିବାର ଲୋକଙ୍କ ଉପରେ ଚାପ ପକାଇଥିଲେ। ଏଥିପାଇଁ ଶନିବାର ରାତିରେ ଗାଁରେ ବୈଠକ ବସି ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ଝିଅଙ୍କ ବାପା ଏଥିରେ ଏକମତ ନ ହୋଇ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ଶନିବାର ରାତିରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗାଁକୁ ଯାଇ ତଦନ୍ତ କରିଥିଲା। ପ୍ରଧାନଶିକ୍ଷକ ଫେରାର ଥିବା ବେଳେ ରବିବାର ପୋଲିସ ଏକ ମାମଲା(ନଂ. ୧୪୬/୨୫)ରୁଜୁ କରି ତଦନ୍ତ ଚଳାଇଛି।

ଭାଗୀରଥି ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ପ୍ରଧାନଶିକ୍ଷକଙ୍କ ଅବସର ପରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ କୋଚିଂ ସେଣ୍ଟର ଖୋଲି କୋଚିଂ ଦେବା ନିୟମ ବିରୋଧ ହୋଇଥିଲେ ବି କିପରି ସେଠାରେ କୋଚିଂ ସେଣ୍ଟର ଚାଲିଥିଲା, କିଏ ଅନୁମତି ଦେଇଥିଲେ ତାହା ତଦନ୍ତ ସାପେକ୍ଷ।

# ୧.୩୭ କୋଟି ଆତ୍ମସାତ୍: ପିଇଓ ଗିରଫ

ଗୋପାଳପୁର,୨୫।୫(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ କେଲୁଆପୁଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଥିବା ପାଣ୍ଠିରୁ ଅର୍ଥ ଆତ୍ମସାତ ଘଟଣାରେ ଗୋଳନ୍ଥରା ପୋଲିସ କାର୍ଯ୍ୟରତ ପିଇଓ ସମୀର କୁମାର ମିଶ୍ରଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ଗଙ୍ଗାପୁର ଗ୍ରାମରେ। ଘଟଣା ନେଇ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଇଓ ମିଶ୍ରଙ୍କୁ ଶନିବାର ସନ୍ଧ୍ୟାରେ ବ୍ଲକ ପରିସରରୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ରାତିରେ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ୍ ଥାନାରେ ପହଞ୍ଚି ପିଇଓ ମିଶ୍ରଙ୍କୁ ପଚରାଉଚରା କରିଥିଲେ। ପିଇଓ ମିଶ୍ର ଗତ ଏକ ବର୍ଷ ମଧ୍ୟରେ ପଞ୍ଚାୟତ ପାଣ୍ଠି କ୍ୟାଶବୁକ୍ରୁ ୭୬ ଲକ୍ଷ ୬୩ ହଜାର ୮ ଶହ ୯୯ ଟଙ୍କା, ପଞ୍ଚଦଶ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୪୦ ଲକ୍ଷ ୮୪ ହଜାର ୫ଶହ ୩୭ ଟଙ୍କା ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୧୯ ଲକ୍ଷ ୯୪ ହାଜର ୨ ଶହ ୩୫ ଟଙ୍କା ସେଲ୍ଫ ଚେକ୍ରେ ସରପଞ୍ଚଙ୍କ ଦସ୍ତଖତ କରାଇ ତୁଲୁସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇଥିବା ପୋଲିସ ତାଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି।


ସମୀର କୁମାର ମିଶ୍ର

ସେ ମୋଟ ୧ କୋଟି ୩୭ ଲକ୍ଷ ୪୨ ହଜାର ୬୭୨ ଟଙ୍କା ହଡ଼ପ କରିଛନ୍ତି। ପୂର୍ବରୁ ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ଏଟିଏମ୍ କାର୍ଡ ଜବତ କରିଥିବା ବେଳେ ରବିବାର କେଲୁଆପୁଲ୍ଲୀ କାର୍ଯ୍ୟାଳୟରୁ ପୋଲିସ ୩ଟି କ୍ୟାଶବୁକ୍, ଦୁଇଟି ବ୍ୟାଙ୍କ ଜମାଖାତା, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ବ୍ରହ୍ମପୁର ଏସ୍ପିଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଆବଶ୍ୟକ ପଡିଲେ ପିଇଓଙ୍କୁ ରିମାଣ୍ଡରେ ଅଣାଯିବ। ଏଥିରେ ଆଉ କାହାର କାହାର ସମ୍ପୃକ୍ତି ରହିଛି କି ନାହିଁ ଏବଂ ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, କେଲୁଆପୁଲ୍ଲୀ ପଞ୍ଚାୟତରେ ୨୦୧୯ରୁ ପିଇଓ ଭାବେ ମିଶ୍ର କାର୍ଯ୍ୟ କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଅଡିଟ୍ ବେଳେ ଜାଲ ପାସ୍ବୁକ ପ୍ରସ୍ତୁତ କରି ସେ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ସେ ନୂତନ ପିଇଓ ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ। ଏ ନେଇ ବିଡିଓ ବିଶ୍ୱଜିତ ରାୟ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ପିଇଓ ମିଶ୍ର ଜାଲ ପାସ୍ବୁକ୍ କରି ପିଇଓ ପଟ୍ଟନାୟକଙ୍କୁ ଦେଇଥିଲେ। ପଟ୍ଟନାୟକ ବ୍ୟାଙ୍କକୁ ଯାଇ ବାଲାନ୍ସ ଯାଞ୍ଚ କରିବାବେଳେ ସେଥିରେ ଟଙ୍କା ନ ଥିଲା। ଏ ସମ୍ପର୍କରେ ସେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ରାୟ ଏହାର ତଦନ୍ତ କରିବା ପରେ ବିଭିନ୍ନ ଉନ୍ନୟନ ପାଣ୍ଠି ଅର୍ଥ ହେରଫେର ଓ ଠକେଇ ହୋଇଥିବା ଜାଣି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨୨୨/୨୫ନମ୍ବରରେ ପୋଲିସ ସରପଞ୍ଚ ଓ ପିଇଓଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଭୁବନେଶ୍ୱରରେ ବିଳମ୍ବିତ ରାତିରେ ଗୁଳିମାଡ଼

## ଯୁବକ ଆହତ, ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ପୁଣି ଗୁଳିକାଣ୍ଡ ଘଟିଛି। ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲ୍ଲୀ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁଳିମାଡ଼ରେ ପିତାପଲ୍ଲୀର ଗେଣ୍ଟୁ ଓରଫ ପ୍ରତାପ କୁମାର ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ପ୍ରତାପଙ୍କ ବାମଗୋଡ଼ର ଜଙ୍ଘରେ ଗୁଳି ବାଜି ଥିବାବେଳେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଘଟଣାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ରବିବାର ଆର୍ମସ ଆକ୍ଟ ସହ ବିଏନ୍ଏସ୍ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଘଟଣାରେ ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଅଞ୍ଚଳର ଲିପକ ପରିଡ଼ା ଓରଫ ଲିପୁ ଓ ଦୀପକ ପରିଡ଼ା ଓରଫ ଦିପୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲିପୁ ଓ ଦିପୁ ଦୁଇଭାଇ ହୋଇଥିବା ବେଳେ ସେମାନେ ପରିବହନ ବ୍ୟବସାୟ କରନ୍ତି। ସେମାନଙ୍କ ଏକ ଟ୍ରକ୍କୁ ନେଇ ଡ୍ରାଇଭର ଶନିବାର ସନ୍ଧ୍ୟାରେ ପିତାପଲ୍ଲୀ ଛକ ଦେଇ ଆସୁଥିବା ବେଳେ ଗାଡି ସାଇଡ୍ମରାକୁ କେନ୍ଦ୍ର କରି ପ୍ରତାପଙ୍କ ସହ ଡ୍ରାଇଭରଙ୍କ ଗଣ୍ଡଗୋଳ ହୋଇଥିଲା। ପ୍ରତାପ ଉକ୍ତ ଟ୍ରକ୍କୁ ଅଟକାଇ ଡ୍ରାଇଭରଙ୍କୁ ମାରଧର୍ କରିଥିଲେ। ତେବେ ଏ ନେଇ ଡ୍ରାଇଭର ଜଣକ ମାଲିକ ଲିପୁ ଓ ଦିପୁଙ୍କୁ ଜଣାଇଥିଲେ। ବିଳମ୍ବିତ ରାତିରେ ଦୁଇଭାଇ କାର୍ ନେଇ ପିତାପଲ୍ଲୀକୁ ଆସିଥିଲେ। ପ୍ରତାପ ଓ ତାଙ୍କ ଭାଇ ପ୍ରଶାନ୍ତ ମଧ୍ୟ ସେଠାକୁ ଆସିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଓ ବଚସା ପରେ ହାତାହାତି ହୋଇଥିଲା। ଏହି ସମୟରେ ଲିପୁ ଆଣିଥିବା ଏକ ବନ୍ଧୁକରେ ହଠାତ୍ ଗୁଳିମାଡ଼ କରିଥିଲେ। ଗୁଳିଟି ପ୍ରତାପଙ୍କ ଗୋଡ଼ରେ ବାଜିଥିଲା। ଏହି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଲିପୁ ଓ ଦିପୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ପ୍ରତାପଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ସୂଚନାଯୋଗ୍ୟ, ମେ' ୯ ରାତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍ମସ୍ ବାର୍ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିଲା।

Business

# ଗ୍ରାହକଙ୍କ ଚାହିଦାରେ ହାଣ୍ଡିକ୍ରାଫ୍ଟ ସାମଗ୍ରୀ

## ୨୬ ଦିନରେ ଦୁବାଇ ସିଟି କାର୍ନିଭାଲ

ଭୁବନେଶ୍ୱର,୨୫।୫ (ଅଭୟ ଦାଶ)

ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପ୍ରଥମଥର ପାଇଁ ଏକ ଭିନ୍ନଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ପଡ଼ିଛି। ଏହି ପ୍ରଦର୍ଶନୀରେ ଭଳିକି ଭଳି ସାମଗ୍ରୀ ଉପଲବ୍ଧ ଥିବାବେଳେ ହ୍ୟାଣ୍ଡଲୁମ୍ ଜୋନ୍ର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲ୍ରେ ଗ୍ରାହକଙ୍କ ଭିଡ଼ ଜମୁଛି। ଘର ସଜାଇବାଠାରୁ ଅନ୍ୟାନ୍ୟ କାମ ଓ ଉପହାର ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଆକର୍ଷଣୀୟ କରିବାକୁ ଆଶାୟୀ ଥିବା ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ହାଣ୍ଡିକ୍ରାଫ୍ଟ ସାମଗ୍ରୀ କ୍ରୟ କରୁଛନ୍ତି ବୋଲି ପ୍ରଦର୍ଶନୀର ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ସେହିଭଳି ଏହି ଜୋନ୍ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ସମ୍ଭାର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ୍ ରହିଛି, ତା ସାଙ୍ଗକୁ ସେଲ୍ଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟ୍ୱାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଡିଜାଇନ ମଧ୍ୟ କରାଯାଇଛି। ଅପରପକ୍ଷରେ ସବୁବର୍ଗଙ୍କ ପାଇଁ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭକରି ପ୍ରିମିୟମ ଗହଣାରେଞ୍ଜ୍ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର. ନୌକା, ଟୋରା ଟୋରା) ସହ ଫନ୍ ଜୋନ୍ ବି ରହିଛି। ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ୍ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜ୍ୟୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନଙ୍କ ସହ ଅଭିଭାବକ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ବୁଲିବାକୁ ଆସୁଛନ୍ତି।

# ବାଣିଜ୍ୟିକ ଋଣରେ ୧୩% ବୃଦ୍ଧି

ଭୁବନେଶ୍ୱର,୨୫।୫

ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବାଣିଜ୍ୟିକ ଋଣ ପୋର୍ଟଫୋଲିଓ ବାର୍ଷିକ ୧୩% ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ତାହା ୩୫.୨ ଲକ୍ଷ କୋଟି ଟଙ୍କା ରହିଛି। ପୂର୍ବରୁ ଋଣ ନେଇଥିବା ଗ୍ରାହକଙ୍କୁ ଅଧିକ ଋଣ ପ୍ରଦାନ କରାଯିବାରୁ ଏହି ଧାରା ଆଗକୁ ବଢ଼ିଥିବା ନେଇ ଟ୍ରାନ୍ସୟୁନିୟନ୍ ସିବିଲ୍ ଓ ସିଡ୍ବି ଏମ୍ଏସ୍ଏମ୍ଇ ପଲ୍ସ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟରେ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକଙ୍କୁ ସାମିଲ କରାଯାଇଛି। ସାମଗ୍ରିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି ଘଟିଥିବା ବେଳେ ତ୍ରୁଟି ପରିମାଣ ୫ ବର୍ଷର ନିମ୍ନସ୍ତର ୧.୮%କୁ ହ୍ରାସ ପାଇଛି। ୫୦ ଲକ୍ଷରୁ ଆରମ୍ଭକରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ବର୍ଗରେ ତ୍ରୁଟି ହ୍ରାସରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିନ୍ତୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକ ବର୍ଗରେ ଏହି ହାରରେ ସାମାନ୍ୟ ଅବନତି ଘଟିଛି। ସେହିଭଳି ଅନୁସନ୍ଧାନ ସଂଖ୍ୟା ଅନୁସାରେ ବାଣିଜ୍ୟିକ ଋଣ ଚାହିଦା ବାର୍ଷିକ ୧୧% ବୃଦ୍ଧି ପାଇଛି।

# ବାଣିଜ୍ୟ ମେଳାରେ ଆଇଏଫ୍ବି ଷ୍ଟଲ୍




ଭୁବନେଶ୍ୱର,୨୫।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଇଏଫ୍ବି ଷ୍ଟଲ୍ ୨୫ ଓ ୨୬ ଉଦ୍ଘାଟିତ ହୋଇଯାଇଛି। ଆଇଏଫ୍ବି ଓଡ଼ିଶା ଶାଖା ମୁଖ୍ୟ ଅନୁରୂପ ପଟ୍ଟନାୟକ, ବ୍ରାଞ୍ଚ ମାର୍କେଟିଂ ମ୍ୟାନେଜର ସଞ୍ଜୟ ବରାଳ ଏବଂ ବିପିନ ବିହାରୀ ପଣ୍ଡା ଏହି ଷ୍ଟଲ୍ ଉଦ୍ଘାଟନ କରିଛନ୍ତି। ସିଙ୍ଗଲ ଡୋର ଓ ଡବଲ ଡୋର ବିଶିଷ୍ଟ ଭାଇବ୍ରାଣ୍ଟ ଆଇଏଫ୍ବି ରେଫ୍ରିଜରେଟର, ଏଆଇଚାଳିତ ୱାଶିଂମେଶିନ, ଡିଶ୍ ୱାଶର ଭଳି ବିଭିନ୍ନ ଘରୋଇ ଉପକରଣ ବିଶାଳ ରେଞ୍ଜରେ ଉପଲବ୍ଧ ହେଉଛି। ନିର୍ଦ୍ଧାରିତ ସର୍ତ୍ତ ସହ ୧୫% କ୍ୟାଶ୍ବ୍ୟାକ୍ ଓ ୨୪ ମାସିଆ ନୋ କଷ୍ଟ ଇଏମ୍ଆଇ ଆଦି ଅଫର ଘୋଷଣା କରାଯାଇଛି। ସେହିପରି ୱାଶିଂମେଶିନ ଏବଂ ରେଫ୍ରିଜରେଟର ଉପରେ ୪ବର୍ଷ ୱାରେଣ୍ଟି ରହିଛି। କେତେକ ଉତ୍ପାଦରେ ନିଃଶୁଳ୍କ ଇନ୍ଷ୍ଟାଲେଶନ ସୁବିଧା ମଧ୍ୟ ରହିଛି। ଆଇଏଫ୍ବି ଏକ ବିଶ୍ୱସନୀୟ ବ୍ରାଣ୍ଡ ହୋଇଥିବାବେଳେ ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ, ନୂତନ ଜ୍ଞାନକୌଶଳର ପ୍ରୟୋଗ ଆଦି ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆଇଏଫ୍ବି ପକ୍ଷରୁ ଆଶା କରାଯାଉଛି।

# ରେପ୍କୋର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୫।୫

ରେପ୍କୋ ହୋମ୍ ଫାଇନାନ୍ସ ଲିମିଟେଡ୍(ଆରଏଚ୍ଏଫ୍ଏଲ) ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଉଭୟ ବାର୍ଷିକ ଓ ତ୍ରୈମାସିକ ଫଳାଫଳ ବେଶ୍ ଉଲ୍ଲେଖନୀୟ ରହିଛି। ଏହି ସମୟ ମଧ୍ୟରେ କମ୍ପାନୀ ୧୪,୪୯୨ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ବାର୍ଷିକ ଭିତ୍ତିରେ ୭% ଅଭିବୃଦ୍ଧି ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧୩,୫୧୩ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୭% ବୃଦ୍ଧି ଘଟି ୧୪,୪୯୨ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷର


ଟି. କରୁଣାକରନ

୪ର୍ଥ ତ୍ରୈମାସିକରେ କମ୍ପାନୀ ୧୦୫୯ କୋଟି ଟଙ୍କାର ଋଣ ବଣ୍ଟନ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୯୭୮ କୋଟି ଟଙ୍କାର ଋଣ ବଣ୍ଟ କରିଥିଲାବେଳେ ୨୦୨୪-୨୫ ବର୍ଷର ଏହି ଅବଧି ମଧ୍ୟରେ ୮% ବୃଦ୍ଧି ଘଟି ୧୦୫୯ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଆରଏଚ୍ଏଫ୍ଏଲର ଏମ୍ଡି ତଥା ସିଇଓ ଟି. କରୁଣାକରନ କହିଥିଲେ, ଆମେ ଆମର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

# ଅରୁନ୍ଧତୀ ଜୁଏଲର୍ସରେ ମେଗା ମେହେନ୍ଦି ଉତ୍ସବ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)



ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟବ୍ୟାପୀ ଏହାର ସମସ୍ତ ୯ଟି ଶାଖାରେ ମେହେନ୍ଦି ଉତ୍ସବ ପାଳନ ହେଉଛି। ଅରୁନ୍ଧତୀର ଅଫିସିଆଲ ଲିଙ୍କ୍ରେ ଗ୍ରାହକ ନିଜକୁ ପଞ୍ଜୀକୃତ କରାଇ କିମ୍ବା ନିକଟସ୍ଥ ଶାଖାକୁ ଯାଇ ସାବିତ୍ରୀ ସ୍ପେଶିଆଲ ଡିଜାଇନର ମେହେନ୍ଦି ନିଃଶୁଳ୍କ ଲଗାଇ ସୁଯୋଗ ନେଇପାରିବେ। ଏହି ସୁନ୍ଦର ଆୟୋଜନରେ ସାମିଲହେବା ନିମନ୍ତେ ମହିଳା ଗ୍ରାହକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସତୀ ସାବିତ୍ରୀ ସ୍ପେଶିଆଲ ଅଫରରେ ସୁନା ଓ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି, ଜିରୋ ମେକିଂ ଚାର୍ଜ ସ୍ପେଶିଆଲ ଅଫର ସହ ହୀରା ଗହଣାର ହୀରା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଅନ୍ୟପଟେ ଅରୁନ୍ଧତୀ ବାନ୍ଧକଳା ତରଫରୁ ଏଥର ସାବିତ୍ରୀରେ ସମ୍ବଲପୁରୀ ପ୍ରିମିୟମ ସିଲକ୍ ଶାଢ଼ିର ନୂଆ ସତୀ ସାବିତ୍ରୀ କଲେକ୍ସନରେ ୨୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଚଳିତ ବର୍ଷ ଅରୁନ୍ଧତୀ ବାନ୍ଧକଳାକୁ ଅରୁନ୍ଧତୀ ପରିବାରରେ ଯୋଡ଼ି ଗ୍ରାହକଙ୍କ ସେବା ନିମନ୍ତେ ଅରୁନ୍ଧତୀ ବାନ୍ଧକଳାର ୫ଟି ଶାଖାକୁ ଉତ୍ସର୍ଗୀକୃତ କରିପାରିଛୁ ବୋଲି ଅରୁନ୍ଧତୀ ପକ୍ଷରୁ କୁହଯାଇଛି। ଗହଣା ସହ ଓଡ଼ିଶାର ନିଜସ୍ୱ ହସ୍ତତନ୍ତରେ ବୁଣା ଶାଢ଼ିର ସୁନ୍ଦର ସମନ୍ୱୟ ଅରୁନ୍ଧତୀ ଶାଖାଗୁଡ଼ିକରେ ପ୍ରଦର୍ଶିତ ହେଉଛି।

# ଗୁଣାତ୍ମକ ଉତ୍ପାଦ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୫

ଓଡ଼ିଶା ବଜାରରେ ପ୍ରଥମଥର ପାଇଁ ଜାତୀୟ ଟୁଲ୍ସ ବ୍ରାଣ୍ଡ ଏମ୍/ଏସ୍ ଜେନେକଷ୍ଟ ଟୁଲ୍ସ ଏଲ୍ଏଲ୍ପିର ଏକ୍ସକ୍ଲୁସିଭ ଆଉଟ୍ଲେଟ୍ ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ଉଦ୍ଘାଟିତ ହୋଇଯାଇଛି। ଏପରିକି ଏହି ଅତ୍ୟାଧୁନିକ ସ୍ମାର୍ଟ କର୍ଡଲେସ୍ ପାୱାର ଟୁଲ୍ସ ବିଜନେସ୍ ଡିଷ୍ଟ୍ରିବ୍ୟୁଟର ସେଣ୍ଟରକୁ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲୱାକିର ବିଜନେସ ହେଡ୍ ଅଭ୍ୟୁଦୟ ସେନାପତି, ପାନ୍ ଇଣ୍ଡିଆ ଡିଷ୍ଟ୍ରିବ୍ୟୁଟର ମୁକୁନ୍ଦ ଚତୁର୍ବେଦୀ ଓ କ୍ଲିମାସ ଇଣ୍ଡିଆର ସେଲ୍ସ ମ୍ୟାନେଜର ଅଭିଜିତ୍ ଦାଶ ଓ ଆଉଟ୍ଲେଟ୍ ଓନର ମିହିର କୁମାର ବିଶ୍ୱାଳ ଏବଂ ମୀର୍ଜା ଜିଆ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ ଏଜେନ୍ସି ଗ୍ରୁପ୍ରେ ମିଲୱାକି ଓ କ୍ଲିମାସର ଟୁଲ୍ସ ଆଇଟମ, ଅତ୍ୟାଧୁନିକ ପ୍ଲମ୍ବିଙ୍ଗ, ଇଲେକ୍ଟ୍ରିକାଲ, ଷ୍ଟିଲ୍ ଆଣ୍ଡ ମେଟାଲ, ଇଣ୍ଟେରିଅର ଫିନିଶିଂ, ମେକାନିକାଲ ଓ କନ୍ଷ୍ଟ୍ରକ୍ସନ ପାଇଁ ଟୁଲ୍ସ ଉପଲବ୍ଧ ହେବ। ଅପରପକ୍ଷରେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଠିକ୍ ସମୟରେ ଯୋଗାଇବା ସହ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଷ୍ଟୋର କର୍ତ୍ତୃପକ୍ଷ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜୁନ୍ ୧୯ରେ ୪ ରାଜ୍ୟର ୫ ବିଧାନସଭା ଉପନିର୍ବାଚନ

ନୂଆଦିଲ୍ଲୀ, ୨୫।୫

ଆସନ୍ତା ଜୁନ୍ ୧୯ରେ ୪ ରାଜ୍ୟର ୫ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରବିବାର ନିର୍ବାଚନ ଆୟୋଗ (ଇସି) ଘୋଷଣା କରିଛନ୍ତି। ଗୁଜରାଟର କାଡ଼ି ଏବଂ ବିସାବଦର, କେରଳର ନିଲାମ୍ବର, ପଞ୍ଜାବର ଲୁଧିଆନା ୱେଷ୍ଟ ଏବଂ ପଶ୍ଚିମବଙ୍ଗର କାଲିଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୨୩ରେ ଭୋଟ୍ ଗଣତି ହେବ। ଜୁନ୍ ୨୫ରେ ଏହି ଉପନିର୍ବାଚନଗୁଡ଼ିକର ପ୍ରକ୍ରିୟା ଶେଷ ହେବ। ରବିବାରଠାରୁ ଉକ୍ତ ୫ ଆସନରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଇସି ସୂଚନା ଦେଇଛନ୍ତି।

### ଦିଲ୍ଲୀରେ ପ୍ରବଳ ବର୍ଷା, ଏୟାରପୋର୍ଟ କାନୋପି ଭୁଶୁଡ଼ିଲା

ନୂଆଦିଲ୍ଲୀ, ୨୫।୫

ଦିଲ୍ଲୀ-ଏନ୍‌ସିଆର୍‌ରେ ରବିବାର ସକାଳେ ପ୍ରବଳ ବର୍ଷା ଏବଂ ଦ୍ରୁତ ବେଗରେ ପବନ ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ ୧ରେ ଥିବା ଏକ କାନୋପି ଭୁଶୁଡ଼ି ପଡ଼ିଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ତେବେ କାନୋପି ଭୁଶୁଡ଼ିବା ପରେ ଏୟାରପୋର୍ଟରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ଷା ପାଣିର ଅତ୍ୟଧିକ ଚାପ ଯୋଗୁ କାନୋପି ଭୁଶୁଡ଼ି ପଡ଼ିଥିବା ନେଇ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଛି। ଲଗାଣ ବର୍ଷା ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭ଟି ଅନ୍ତର୍ଜାତୀୟ ବିମାନ ସମେତ ୪୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି।

## ଆଇଏମ୍‌ଏଫ୍ ଆକଳନ

# ଭାରତ ହେବ ୪ର୍ଥ ବଡ଼ ଅର୍ଥନୀତି

ନୂଆଦିଲ୍ଲୀ, ୨୫।୫

୨୦୨୫ ଏପ୍ରିଲ ୨୨ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲ୍ୟୁଇଓ) ଆକଳନ ଅନୁସାରେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକବର୍ଷରେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୧୩,୭୯୫,୬୭୮ ନିୟୁତ ଆମେରିକୀୟ ଡଲାର ରହିବ। ଆମେରିକାର ଜିଡିପି ୩୦,୫୦୭,୨୧୭ ନିୟୁତ ଡଲାର, ଚାଇନା ଜିଡିପି ୧୯,୨୩୧,୭୦୫ ନିୟୁତ ଡଲାର, ଜର୍ମାନୀ ଜିଡିପି ୪,୭୪୪,୮୦୪ ନିୟୁତ ଡଲାର ଓ ଭାରତର ଜିଡିପି ୪,୧୮୭, ୦୧୭ ନିୟୁତ ଡଲାର ରହିବ। ଭାରତ ପଛକୁ ଜାପାନର ଜିଡିପି ୪,୧୮୬,୪୩୧ ନିୟୁତ ଡଲାର ଏବଂ ବ୍ରିଟେନ୍ ଜିଡିପି ୩,୮୩୯,୧୮୦ ନିୟୁତ ଡଲାର ରହିବ ବୋଲି ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଛି। ଏହା ପଛକୁ ଫ୍ରାନ୍ସ, ଇଟାଲୀ, କାନାଡା ଓ ବ୍ରାଜିଲ



ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍

ରହିବା ନେଇ ଆଇଏମ୍‌ଏଫ୍ ଆକଳନ କରିଛି। କିନ୍ତୁ ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ପରେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ଭାରତ ୪ ଟ୍ରିଲିୟନ୍ ଡଲାର ଜିଡିପି ହାସଲ ସହ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ଆମେ ବର୍ତ୍ତମାନ ୪ର୍ଥ ବୃହତ୍ ଅର୍ଥନୀତି। ଏହା ତାଙ୍କର ନୁହେଁ, ବରଂ ଆଇଏମ୍‌ଏଫ୍ ଡେଟା। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌କୁ ଦେଖି ଏହି ବିଷୟରେ ନିଶ୍ଚିତ ହେବା ପାଇଁ ସୁବ୍ରମଣ୍ୟମ୍ କହିଥିଲେ। ଏତିକି ନୁହେଁ, ଏହି ଧାରା ଜାରି ରହିଲେ ଆଗାମୀ ୨.୫ରୁ ୩ ବର୍ଷ ଭିତରେ ଭାରତ ଜର୍ମାନୀକୁ ମଧ୍ୟ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରୂପେ ମାନ୍ୟତା ଲାଭ କରିବ ବୋଲି କହିଥିଲେ। ପ୍ରକୃତପକ୍ଷେ ଭାରତ ଜାପାନକୁ ପଛରେ ପକାଇ ସାରିଥିବା ବିଷୟ ଆଇଏମ୍‌ଏଫ୍ କୌଣସି ସ୍ଥାନରେ ଉଲ୍ଲେଖ କରି ନ ଥିବାରୁ ନୀତି ଆୟୋଗ ସିଇଓଙ୍କ ମନ୍ତବ୍ୟରୁ ଦ୍ୱନ୍ଦ୍ୱ ଉପୁଜିଛି।

ଆଇଏମ୍‌ଏଫ୍ ତଥ୍ୟ ଅନୁସାରେ ଭାରତର ମୁଣ୍ଡ ପିଛା ଆୟ ୨୦୧୩-୧୪ରେ ୧,୪୩୮ ଡଲାର ଥିବାବେଳେ ୨୦୨୫ରେ ଏହା ଦ୍ୱିଗୁଣିତ ହୋଇ ୨,୮୮୦କୁ ବଢ଼ିଛି। ୨୦୨୫-୨୬ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୬.୨% ରହିବା ନେଇ ଅନୁମାନ କରାଯାଇଛି। ପୂର୍ବରୁ ଏହା ୬.୫% ରହିବା ନେଇ ଆକଳନ କରାଯାଇଥିବାବେଳେ ବାଣିଜ୍ୟିକ ଉତ୍ତେଜନା ଓ ବୈଶ୍ୱିକ ଅନିଶ୍ଚିତତା ଯୋଗୁ

> ଗତ ୧୦-୧୧ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ସଫଳ ନେତୃତ୍ୱ ଯୋଗୁ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ୨୦୪୭ରେ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଆମେ ପ୍ରଥମ ସ୍ଥାନରେ ପହଞ୍ଚିସାରିଥିବା।
> –ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

ଏଥିରେ ସାମାନ୍ୟ ହ୍ରାସ କରାଯାଇଛି। ଏହାସତ୍ତ୍ୱେ ଭାରତୀୟ ଅର୍ଥନୀତି ଜାପାନର ନିକଟତର ହୋଇଛି। ଚଳିତ ଆର୍ଥିକବର୍ଷରେ ଭାରତ ଜାପାନକୁ ପଛରେ ପକାଇପାରେ। ତେବେ ସୁବ୍ରମଣ୍ୟମ୍ ନିଜ ବିବୃତିରେ କହିଥିଲେ, ୨୦୨୪ ସୁଦ୍ଧା ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଥିଲା। ତମାମ ଭୂରାଜନୈତିକ ସ୍ଥିତି ଓ ଆର୍ଥିକ ପରିବେଶ ଭାରତ ପାଇଁ ଅନୁକୂଳ ରହିଛି। ତେଣୁ ବର୍ତ୍ତମାନ ଭାରତ ଜାପାନକୁ ଟପିସାରିଛି। କେବଳ ଆମେରିକା, ଚାଇନା ଓ ଜର୍ମାନୀର ଅର୍ଥନୀତି ଭାରତଠାରୁ ବଡ଼ ରହିଛି। ଯୋଜନା ମୁତାବକ ସବୁ ଠିକ୍‌ଠାକ୍ ଚାଲିଲେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବଡ଼ ଅର୍ଥନୀତି ହେବ।

### ବିଶ୍ୱର ୧୦ ବୃହତ୍ ଅର୍ଥନୀତି

୨୦୨୫ ପାଇଁ ଆଇଏମ୍‌ଏଫ୍ ପକ୍ଷରୁ କରାଯାଇଥିବା ଜିଡିପି ଅନୁମାନ (ନିୟୁତ ଡଲାରରେ)

| ଦେଶ | ଆକଳନ |
|---|---|
| ୧. ଅମେରିକା | ୩୦,୫୦୭,୨୧୭ |
| ୨. ଚାଇନା | ୧୯,୨୩୧,୭୦୫ |
| ୩. ଜର୍ମାନୀ | ୪,୭୪୪,୮୦୪ |
| ୪. ଭାରତ | ୪,୧୮୭, ୦୧୭ |
| ୫. ଜାପାନ | ୪,୧୮୬,୪୩୧ |
| ୬. ବ୍ରିଟେନ୍ | ୩,୮୩୯,୧୮୦ |
| ୭. ଫ୍ରାନ୍ସ | ୩,୨୧୧,୨୯୨ |
| ୮. ଇଟାଲୀ | ୨,୪୨୨,୮୫୫ |
| ୯. କାନାଡା | ୨,୨୨୫,୩୪୧ |
| ୧୦. ବ୍ରାଜିଲ | ୨,୧୨୫,୯୫୮ |

### ରୁଷିଆ ଆକ୍ରମଣରେ ୧୩ ୟୁକ୍ରେନୀୟ ନିହତ

କିଭ୍, ୨୫।୫

ରୁଷିଆ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ରୁଷୀୟ ସେନା ୩୬୭ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଥିବା ନେଇ ୟୁକ୍ରେନ୍ କହିଛି। ୟୁକ୍ରେନର ରାଜଧାନୀ କିଭ୍ ସମେତ ଖାର୍କିଭ, ମାଇକୋଲାଇଭ, ଟେର୍ନୋପର୍ନ, ଖମେଲନିସ୍କି, ଜାଇଟୋମିର ଆଦି ସହରକୁ ଟାର୍ଗେଟ କରି ରୁଷିଆ ଏୟାର ଷ୍ଟ୍ରାଇକ୍ କରିଛି। ୟୁକ୍ରେନୀୟ ବାୟୁସେନା ୨୬୬ଟି ଡ୍ରୋନ୍ ଏବଂ ୪୫ଟି ମିଶାଇଲକୁ ଖସାଇଦେଇଥିଲେ ମଧ୍ୟ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜାଇଟୋମିର ସହରରେ ୩ ଶିଶୁଙ୍କୁ ମିଶାଇ ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଏକାଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କିଭ୍‌ରେ ୧୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇସ୍ତାନବୁଲରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନା ଅନୁଯାୟୀ, ଶୁକ୍ରବାର ୨ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ଆଦାନପ୍ରଦାନ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରଥିଲେ। ଏହାର ଠିକ୍ ପରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷୀୟ ସେନା ଏୟାର ଷ୍ଟ୍ରାଇକ୍ କରିଛି।




ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନର ସପ୍ତାହେ ପୂର୍ବରୁ ଆଗୁଆ ଥିବା ୱାର୍ସ ମେୟର ତଥା ଶାସକ ସିଭିକ୍ କୋଲିଶନ୍ ମେଣ୍ଟର ପ୍ରାର୍ଥୀ ରାଫାଲ ରାକୋୱସ୍କିଙ୍କ ସମର୍ଥକମାନେ ପ୍ରଚାର ବେଳେ ତାଙ୍କ ଫଟୋ ଧରି ଶୋଭାଯାତ୍ରା କରୁଛନ୍ତି।

# ଅଣୁଅସ୍ତ୍ରର ଆଧୁନିକୀକରଣ କରୁଛି ପାକିସ୍ତାନ

## ଆମେରିକା ଗୋଇନ୍ଦା ରିପୋର୍ଟ

ୱାଶିଂଟନ, ୨୫।୫

ଭାରତକୁ 'ଅସ୍ତିତ୍ୱଗତ ବିପଦ' ବିବେଚନା କରି ପାକିସ୍ତାନ ଏହାର ଅଣୁଅସ୍ତ୍ରର ଆଧୁନିକୀକରଣ କରୁଥିବା ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥା (ଡିଆଇଏ) କହିଛି। ୨୦୨୫ ବର୍ଷ ପାଇଁ ଡିଆଇଏର ବିଶ୍ୱବ୍ୟାପୀ ବିପଦ ଆକଳନ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଭାରତକୁ ଏହାର ଅସ୍ତିତ୍ୱଗତ ବିପଦ ବିବେଚନା କରୁଥିବାବେଳେ ଭାରତ ଚାଇନାକୁ ଏହାର 'ପ୍ରାଥମିକ ପ୍ରତିଦ୍ୱନ୍ଦ୍ୱୀ' ଏବଂ ପାକିସ୍ତାନକୁ ଅଧିକତଃ ଏକ ଆନୁଷଙ୍ଗିକ ସୁରକ୍ଷା ସମସ୍ୟା ଭାବେ ଦେଖୁଛି। ଭାରତର ପାରମ୍ପରିକ ସାମରିକ ସାମର୍ଥ୍ୟକୁ ନେଇ ବିବ୍ରତ ଥିବା ପାକିସ୍ତାନ ଏହାର ଯୁଦ୍ଧକ୍ଷେତ୍ର ଅଣୁଅସ୍ତ୍ରର ବିକାଶ ସମେତ ସେନାର ଆଧୁନିକୀକରଣ ଜାରି ରଖିଛି। ଇସ୍‌ଲାମାବାଦ ଅଣୁଅସ୍ତ୍ରର ଉନ୍ନତୀକରଣ କରିବା ସହ ଆଣବିକ ସାମଗ୍ରୀ ଓ କମାଣ୍ଡ ସିଷ୍ଟମର ପରିଚାଳନାକୁ କଡ଼ାକଡ଼ି କରିଛି। ପାକିସ୍ତାନ ନିଶ୍ଚିତ ଭାବେ ବିଦେଶୀ ଯୋଗାଣକାରୀ ଏବଂ ମଧ୍ୟସ୍ଥଙ୍କ ଜରିଆରେ ଗଣବିଧ୍ୱଂସୀ ଅସ୍ତ୍ର (ଡବ୍ଲ୍ୟୁଏମ୍‌ଡି) ପାଇଁ ଉପଯୋଗୀ ସାମଗ୍ରୀ ହାସଲ କରିଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟରେ ଆହୁରି ଉଲ୍ଲେଖ ରହିଛି ଯେ, ଚାଇନା ପାକିସ୍ତାନର ମୁଖ୍ୟ ଅର୍ଥନୈତିକ ଓ ସାମରିକ ସହଯୋଗୀ ରହିଆସିଛି। ପ୍ରତିବର୍ଷ ଉଭୟ ଦେଶ ଅନେକ ମିଳିତ ସମରାଭ୍ୟାସ କରୁଛନ୍ତି। ପାକିସ୍ତାନର ଗଣବିଧ୍ୱଂସୀ ଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଚାଇନାରୁ ଉପକରଣ ଓ ପ୍ରଯୁକ୍ତି ଯୋଗାଇ ଦିଆଯାଉଥିବାବେଳେ ବେଳେବେଳେ ସେଗୁଡ଼ିକ ହଂକଂ, ସିଙ୍ଗାପୁର, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଦେଇ ଆସୁଛି। ଅନ୍ୟପକ୍ଷରେ ପାକିସ୍ତାନରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ୭ ଚାଇନା ନାଗରିକ ୨୦୨୪ ଆତଙ୍କବାଦୀ ଆକ୍ରମଣରେ ନିହତ ହେବା ପରେ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପଡ଼ୋଶୀ ଦେଶଗୁଡ଼ିକ ସହ ସୀମାପାର ସଂଘର୍ଷର ମୁକାବିଲା, ତେହେରିକ୍-ଇ-ତାଲିବାନ ପାକିସ୍ତାନ ଏବଂ ବେଲୋଚ ଉଗ୍ରପନ୍ଥୀଙ୍କ ଆକ୍ରମଣର ଜବାବ ଦେବା, ଆତଙ୍କବାଦ ନିରୋଧୀ କାର୍ଯ୍ୟ ପରିଚାଳନା ଏବଂ ଅଣୁଅସ୍ତ୍ରର ଆଧୁନିକୀକରଣ ଜାରି ରଖିବାକୁ ପାକିସ୍ତାନ ସେନା ପ୍ରାଥମିକତା ଦେଉଛି। ଏହା ସତ୍ତ୍ୱେ ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ୨,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି।

# ପ୍ରଯୁକ୍ତି ନିଯୁକ୍ତିରେ ଏଆଇ ବାଧକ

## ସତର୍କ କରାଇଲେ ଗୁଗଲ ଡିପ୍‌ମାଇଣ୍ଡ ସିଇଓ

ଲଣ୍ଡନ, ୨୫।୫

ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବଢ଼ିବାରେ ଲାଗିଛି। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ନିଯୁକ୍ତିକୁ ଏଆଇ ବାଧାପ୍ରାପ୍ତ କରିବ ବୋଲି ରବିବାର ବ୍ରିଟିଶ୍-ଆମେରିକୀୟ ଏଆଇ ରିସର୍ଚ୍ଚ ଲାବୋରେଟୋରି 'ଗୁଗଲ ଡିପ୍‌ମାଇଣ୍ଡ'ର ସିଇଓ ଡେମିସ୍ ହାସାବିସ୍ ସତର୍କ କରାଇଛନ୍ତି। ଲୋକପ୍ରିୟ ଟେକ୍ ପୋଡ୍‌କାଷ୍ଟ 'ହାର୍ଡ ଫୋର୍କ'ରେ ଯୋଗଦେଇ ଡେମିସ୍ କହିଛନ୍ତି, ଆଗାମୀ ଦିନରେ ଏଆଇ ଯୋଗୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ପ୍ରଭାବିତ ହେବ। ତେଣୁ ଏବେଠାରୁ ହିଁ ଏଆଇ ଚାଳିତ ବିଶ୍ୱ ସହ ଖାପ ଖୁଆଇବା ଆରମ୍ଭ କରିବାକୁ ସମ୍ପ୍ରତି କିଶୋର



ଡେମିସ୍ ହାସାବିସ୍

ଅବସ୍ଥାରେ ଥିବା ଛାତ୍ରୀଛାତ୍ରଙ୍କୁ ସେ ଉପଦେଶ ଦେଇଛନ୍ତି। ଏପରି ନ କଲେ ସେମାନେ ଆଗାମୀ ଦିନରେ ବହୁ ପଛରେ ପଡ଼ିଯିବେ ବୋଲି ଡେମିସ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, ଯାହାଫଳରେ କିଛି ନିଯୁକ୍ତି ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ଆଗାମୀ ଦିନରେ ଟେକ୍-ଇଣ୍ଡଷ୍ଟ୍ରିରେ ଅନେକ ନୂତନ, ମୂଲ୍ୟବାନ ଏବଂ ଆକର୍ଷଣୀୟ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଯଥାଶୀଘ୍ର ବିଭିନ୍ନ ଏଆଇ ଟୁଲ୍ସ ଏବଂ କନ୍‌ସେପ୍ଟ ସହ ପରିଚିତ ହେବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ କରିଛନ୍ତି। ଡେମିସ୍ କହିଛନ୍ତି, ଏଆଇ ଆମମାନଙ୍କ ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ରହିବ ଏବଂ ଭବିଷ୍ୟତରେ ଏହାକୁ ନେଇ ପ୍ରତିଯୋଗିତା ମଧ୍ୟ ବଢ଼ିବ। ବିଭିନ୍ନ ଏଆଇ ଟୁଲ୍ସଗୁଡ଼ିକ କିପରି କାର୍ଯ୍ୟ କରେ ଏବଂ ସେଗୁଡ଼ିକୁ କେଉଁ ଉପାୟରେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ର ଜ୍ଞାନ ଆରୋହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଅପରେଶନ ସିନ୍ଦୂର ପରିବର୍ତ୍ତିତ ଭାରତର ପ୍ରତିଫଳନ

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୫।୫(ପି.ଟି.)

ଅପରେଶନ ସିନ୍ଦୂର କେବଳ ଏକ ସାମରିକ ମିଶନ ନ ଥିଲା, ବରଂ ପରିବର୍ତ୍ତିତ ଭାରତର ଛବି ଥିଲା, ଯାହାକି ବିଶ୍ୱ ମଞ୍ଚରେ ଦେଶର ସଂକଳ୍ପ, ସାହସ ଏବଂ ବର୍ଦ୍ଧିତ ଶକ୍ତିର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ବୈଶ୍ୱିକ ଲଢ଼େଇର ଏକ ନୂଆ ମୋଡ଼ ଏବଂ ଭାରତର ବର୍ଦ୍ଧିତ ସାମର୍ଥ୍ୟ ଓ ଉଦ୍ଦେଶ୍ୟର ସ୍ୱଷ୍ଟତାର ସଙ୍କେତ। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ପ୍ରତିଶୋଧ ସ୍ୱରୂପ ମେ' ୬-୭ ତାରିଖ ରାତିରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ମୁଖ୍ୟାଳୟ ସମେତ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଆଜି ସାରା ଦେଶ ଆତଙ୍କବାଦ ବିରୋଧରେ କ୍ରୋଧ ଓ ଦୃଢ଼ ସଂକଳ୍ପର ସହ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ମାଓବାଦ ବିରୋଧରେ ସାମୂହିକ ଲଢ଼େଇ ଫଳପ୍ରଦ ହୋଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ଶିକ୍ଷା ଓ ବିକାଶର ଅଗ୍ରଗତି ହୋଇଛି। ପୂର୍ବରୁ ମାଓବାଦୀଙ୍କ କବଳରେ ଥିବା ମହାରାଷ୍ଟ୍ରର ଗଡ଼ଚିରାଲି ଜିଲାର କାଟେଝରି ଏବଂ ଛତିଶଗଡ଼ର ଦାନ୍ତେୱାଡ଼ା ଭଳି ଅପହଞ୍ଚ ଅଞ୍ଚଳରେ ଏବେ ଶିକ୍ଷା, ବସ୍ ସେବା ଭଳି ମୌଳିକ ସୁବିଧା ଉପଲବ୍ଧ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଗୁଜରାଟର ଗିର୍ ଜଙ୍ଗଲରେ ମାତ୍ର ୫ ବର୍ଷ ମଧ୍ୟରେ ସିଂହ ସଂଖ୍ୟା ୬୭୪ରୁ ୮୯୧କୁ ବଢ଼ିଥିବାରୁ ଏହା ଅତ୍ୟନ୍ତ ଉତ୍ସାହଜନକ ବୋଲି ମୋଦି କହିଛନ୍ତି। ୧୧ ଜିଲାର ୩୫ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସିଂହ ଗଣନା କରାଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ଥାନୀୟ ସମ୍ପ୍ରଦାୟର ଭାଗୀଦାରି ତଥା ମହିଳାଙ୍କୁ ଜଙ୍ଗଲ ଅଧିକାରୀଭାବେ ନିୟୋଜିତ କରାଯିବାକୁ ପ୍ରଶଂସା କରିଛନ୍ତି।

## ଫୁରସତ୍

# ହୋଆଟ୍‌ଜିନ୍ ପକ୍ଷୀ ସବୁଠୁ ଦୁର୍ଗନ୍ଧଯୁକ୍ତ

ୱାଶିଂଟନ

ହୋଆଟ୍‌ଜିନ୍ ପକ୍ଷୀ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ଜଣାଶୁଣା। ଅନ୍ୟ ପକ୍ଷୀମାନଙ୍କଠାରୁ ଏହାର ଅନେକ ଭିନ୍ନତା ରହିଛି। ପୃଥିବୀର ଏକମାତ୍ର ପକ୍ଷୀ ଭାବେ ହୋଆଟ୍‌ଜିନ୍‌ଠାରେ ଗାଈ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ସ୍ୱତନ୍ତ୍ର ପାଚନ ତନ୍ତ୍ର ରହିଛି। ଏହି ଅସାଧାରଣ ପାଚନ ପ୍ରଣାଳୀ ଯୋଗୁ ହୋଆଟ୍‌ଜିନ୍ ପକ୍ଷୀକୁ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ବିବେଚନା କରାଯାଇଥାଏ। ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳା ପାଖରେ ଏକ ଖାଦ୍ୟ ସଂରକ୍ଷଣ ପାଉଚ୍ ରହିଥାଏ, ଯାହାକୁ କ୍ରପ୍ କୁହାଯାଏ। ଏହି କ୍ରପ୍ ଖୁବ୍ କମ୍ ପରିମାଣର ଖାଦ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ ହୋଇଥାଏ। ନିଜର ଅସାଧାରଣ ତଥା ଲମ୍ବା ପାଚନ ପ୍ରକ୍ରିୟା



ସମୟରେ ଏହି ପକ୍ଷୀଙ୍କଠାରୁ ମିଥେନ୍ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହାଦ୍ୱାରା ସେମାନଙ୍କ ଶରୀରରୁ ଗୋବର ପରି ଗନ୍ଧ ସୃଷ୍ଟି ହୋଇଥାଏ। ତେଣୁ ଏହି ପକ୍ଷୀମାନଙ୍କୁ 'ଷ୍ଟିଙ୍କ୍‌ବାର୍ଡ'ର ନାମ ମଧ୍ୟ ଦିଆଯାଇଛି।

ଏହି ପକ୍ଷୀଗୁଡ଼ିକୁ ଆମାଜନ ଜଙ୍ଗଲର ବିଭିନ୍ନ କାଦୁଆ ଅଞ୍ଚଳ ଏବଂ ନଦୀଗୁଡ଼ିକରେ ଦେଖିବାକୁ ମିଳିଥାଏ। ହୋଆଟ୍‌ଜିନ୍ ପକ୍ଷୀମାନେ କେବଳ ଗଛପତ୍ର ଖାଇ ବଞ୍ଚିରୁହନ୍ତି। ସେହିପରି ଏହି ପକ୍ଷୀଙ୍କ ଛୁଆମାନେ ନଖଯୁକ୍ତ ଡେଣା ସହିତ ଜନ୍ମ ହୋଇଥାନ୍ତି।

ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳାର କ୍ରପ୍ ଏତେ ବଡ଼ ହୋଇଥାଏ ଯେ, ଏହି ପକ୍ଷୀଙ୍କ ଉଡ଼ାଣ ମାଂସପେଶୀ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହି ନ ଥାଏ। ଫଳରେ ଏହି ପ୍ରଜାତିର ବୟସ୍କ ପକ୍ଷୀମାନେ କେବଳ ଅଳ୍ପ ସମୟ ପାଇଁ ଉଡ଼ିପାରିଥାନ୍ତି। ସାଧାରଣତଃ ଏହି ପକ୍ଷୀ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡ଼ିପାରିଥାନ୍ତି। ସେହିପରି ଏହି ପକ୍ଷୀ ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ପାରିଥାନ୍ତି। ସେମାନେ ନିଜ ଡେଣାରେ ଥିବା ନଖ ସାହାଯ୍ୟରେ ଡାଳକୁ ଜାବୁଡ଼ି ଧରି ଅନେକ ସମୟ ଧରି ରହିପାରିଥାନ୍ତି। ଏହି ପକ୍ଷୀଙ୍କ ଶରୀରରୁ ଆସୁଥିବା ଗୋବର ପରି ଗନ୍ଧ ସେମାନଙ୍କୁ ଶିକାରୀମାନଙ୍କଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

# 'ଧଡ଼କ ୨'କୁ ସେନ୍ସରବୋର୍ଡ ଝଟକା

ମୁମ୍ବାଇ

ଗତବର୍ଷ ମେ' ମାସରେ 'ଧଡ଼କ ୨' ଫିଲ୍ମର ଘୋଷଣା ହୋଇଥିଲା। ୨୦୨୪ ଶେଷ ଭାଗରେ ଏହି ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ସେନ୍ସର ବୋର୍ଡରୁ ଗ୍ରୀନ୍ ସିଗ୍‌ନାଲ ମିଳି ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିଲା। ଲମ୍ବା ସମୟର ପ୍ରତୀକ୍ଷା ପରେ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ ଏବଂ ଅଭିନେତା ସିଦ୍ଧାର୍ଥ ଚତୁର୍ବେଦୀଙ୍କ ଏହି ଫିଲ୍ମକୁ ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି)ର ସାର୍ଟିଫିକେଟ ମିଳିଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ, ଫିଲ୍ମର ୧୬ଟି ଦୃଶ୍ୟ ଉପରେ ସେନ୍ସର ବୋର୍ଡ ଆପତ୍ତି ଦର୍ଶାଇ ସେଗୁଡ଼ିକୁ ଫିଲ୍ମରୁ ହଟାଇ ଦେଇଛି। ଖାସ୍‌କରି ଫିଲ୍ମର କେତେକ ଜାତିଗତ ଡାଏଲଗ୍‌କୁ ହଟାଯାଇଥିବା ରିପୋର୍ଟରେ କୁହାଯାଇଛି। ଏହାପରେ ଯାଇ 'ଧଡ଼କ ୨'କୁ ୟୁଏ ୧୬+ ସାର୍ଟିଫିକେଟ ମିଳିଛି। ଫିଲ୍ମର ଅବଧି ୨ ଘଣ୍ଟା ୨୬ ମିନିଟ୍ ରହିଛି।

'ଧଡ଼କ ୨' ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟରଙ୍କ 'ଧଡ଼କ' ଫିଲ୍ମର ସିକ୍ୱେଲ। ଏହି ଫିଲ୍ମରେ ତୃପ୍ତି ଏବଂ ସିଦ୍ଧାର୍ଥ ଅଲଗା ଅଲଗା ଜାତିର ହୋଇ ମଧ୍ୟ ପରସ୍ପରକୁ ଭଲ ପାଉଥିବାର ନଜରକୁ ଆସିବେ। ଲୋକଙ୍କ ମଧ୍ୟରେ ଜାତିଗତ ବିଦ୍ୱେଷ ଭାବନା ଭିତରେ ଉଭୟଙ୍କର ବିବାହ କିପରି ହେଉଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ ବୋଲି ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ କରନ୍ ଜୋହରଙ୍କ ନିର୍ମିତ ଏବଂ ସାଜିଆ ଇକ୍‌ବାଲଙ୍କ ନିର୍ଦ୍ଦେଶିତ 'ଧଡ଼କ ୨' ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।



ତୃପ୍ତି ଡିମ୍‌ରୀ

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

- ପଥରଖଳାରେ ଖୋଲିଥିଲା ବଣିଆଶାଳ
- ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ୍ୟ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ୍ୟ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ୍ୟ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ



ଅଳସକନ୍ୟାର ଓଡ୍ର ନୃତ୍ୟ ମୁଦ୍ରା। ଏହିପରି ୨୪୦ ଟି ନାରୀ ମୂର୍ତ୍ତି ତ୍ରିକାଳ ବନ୍ଦାପନା ମଣ୍ଡପରେ ଲାଗିଥିଲା। **(ଫଟୋ ସୌଜନ୍ୟ–ଡ. କୁମାର ଅରଜ୍ୟୋତି)**

କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ – ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତିନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ୍ୟ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

# ଜମାକାରୀଙ୍କ ଟଙ୍କା ହଡ଼ପ, ମୋବ୍ୟାଙ୍କ ପରିଚାଳକ ଗିରଫ

**କୁଚିଣ୍ଡା, ୨୫।୫ (ବିରଞ୍ଚି ଦର୍ଶ୍ୱା)**

ସମ୍ବଲପୁର ଜିଲା ମହୁଲପାଲି ଥାନା କବରିବାହାଲସ୍ଥିତ ମୋ ବ୍ୟାଙ୍କ(ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର)ପରିଚାଳକ ଜମାକାରୀଙ୍କ ଟଙ୍କା ହଡ଼ପ ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ କବରିବାହାଲ ପଞ୍ଚାୟତ ପାନପୋଷ ଗ୍ରାମର ସତ୍ୟନାରାୟଣ ପୃଷ୍ଟେଠ(୩୫)। କବରିବାହାଲ ଗ୍ରାମର ଜମାକାରୀ ଶାନ୍ତିଲତା ମେହେରଙ୍କ ଏତଲାକ୍ରମେ ପୋଲିସ ମହୁଲପାଲି ଥାନାରେ ଦଫା ୩୧୮(୪)/ ୩୩୬(୩)୩୪୦ (୨)/୬୧(୨) ବିଏନ୍ଏସ) (ନଂ.୫୧/୧୮.୪.୨୫)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମହୁଲପାଲି ପୋଲିସ ଟଙ୍କା ହଡ଼ପକାରୀ ଅଭିଯୁକ୍ତ ପୃଷ୍ଟେଠଙ୍କୁ ଶନିବାର ରାତିରେ ତାଙ୍କ ବାସଭବନରୁ ଗିରଫ କରି ରବିବାର କୁଚିଣ୍ଡା ଏସଡିଜେମ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବାମରା ବ୍ଲକର କବରିବାହାଲଠାରେ କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ଅଧୀନରେ ଏକ ମୋ ବ୍ୟାଙ୍କ ସେବା କେନ୍ଦ୍ର ଖୋଲାଯାଇଥିଲା। ଅଭିଯୁକ୍ତ ସତ୍ୟ ନାରାୟଣ ପୃଷ୍ଟେଠ ଏହାକୁ ପରିଚାଳନା କରୁଥିଲେ। ହେଲେ ବିଗତ ବର୍ଷେ ଧରି ଜମାକାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ଫନ୍ଦିଫିକର



ଗିରଫ ସତ୍ୟନାରାୟଣ ପୃଷ୍ଟେଠ।

କରି ଶତାଧିକ ଗରିବ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କା ହଡପ କରିଥିବା ମହୁଲପାଲି ଥାନାରେ ଜମାକାରୀ ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳର ଗରିବ ଲୋକେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଝିଅ ବାହାଘର, ପ୍ରଧାନମନ୍ତ୍ରୀ ଆବାସଘର, କୁଲିମଜୁରି,ଦାଦନ ଶ୍ରମିକ ଟଙ୍କା ଆଦିକୁ ଏହି ମୋବ୍ୟାଙ୍କ ଶାଖାରେ ନିଜନିଜ ଆକାଉଣ୍ଟରେ ଜମା ରଖିଥିଲେ। ସୂଚନାଯୋଗ୍ୟ ଯେ, ଏପ୍ରିଲ ୧୮ରୁ ମହୁଲପାଲି ଥାନାରେ ଏନେଇ ଜମାକାରୀମାନେ ରିପୋର୍ଟ କରିଥିଲେ ହେଁ ପୋଲିସ ଏଦିଗରେ କୌଣସି ପଦକ୍ଷେପ ନେଇଥିବା ଅଭିଯୋଗ କରିଥିଲେ। ତେଣୁ ସେମାନେ ସମ୍ବଲପୁର ଏସ୍‌ପି ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସବୁଜିମା ବଢ଼ିଲେ ସମ୍ବଲପୁରର ଉତ୍ତାପ କମିବ

**ସମ୍ବଲପୁର, ୨୫।୫ (ଭବାନୀ ଶଙ୍କର ଭୋଇ)**

ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ସାମ୍ବାଦିକ ଭବନଠାରେ ସମ୍ବଲପୁର ସହରରେ ଉତ୍ତାପ ବୃଦ୍ଧି ତଥା ଅଂଶୁଘାତରୁ ସୁରକ୍ଷା ଉପରେ ଆଲୋଚନାଚକ୍ର ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ହୀରାଖଣ୍ଡ ନାଗରିକ ପରିଷଦର ସଭାପତି ପ୍ରଫେସର ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରରେ ରାସ୍ତା ପ୍ରଶସ୍ତିକରଣ ନାମରେ ବୃକ୍ଷ ଛେଦନ କରିଦିଆଯିବା ଘଟଣାକୁ ସଦସ୍ୟମାନେ ନାପସନ୍ଦ କରିଥିଲେ। ସହରର ରାସ୍ତା କଡରେ ଗଛ ନ ଥିବାରୁ ବାଟୋଇ ରୌଦ୍ରତାପରେ ସିଝିବାକୁ ବାଧ୍ୟ ହେଉଥିବା ମୁଖ୍ୟବକ୍ତା ଡ. ପଞ୍ଚାନନ ନାୟକ ମତ ଦେଇଥିଲେ। ଏହାସହ ସହରର ଅଧିକାଂଶ ପୋଖରୀଗୁଡିକୁ ସୌନ୍ଦର୍ଯ୍ୟକରଣ ନାମରେ ମହାନଗର ନିଗମ ପୋତିବାକୁ ଉଦ୍ୟମ କରୁଥିବାରୁ ଭବିଷ୍ୟତରେ ସହରର ଜଳସ୍ତର ଆହୁରି ନିମ୍ନଗାମୀ ହେବ ବୋଲି ସଦସ୍ୟମାନେ ଆଶଙ୍କା ପ୍ରକାଶ କରିଥିଲେ। ସମ୍ବଲପୁର ଦୀର୍ଘ ବର୍ଷର ପୁରାତନ ସହର ହେବା ସତ୍ତ୍ୱେ ପାହାଡ ପର୍ବତ ଏବଂ ନଦୀ ନାଳରେ ଭରପୁର ରହିଥିଲା। ହେଲେ ଜବରଦଖଲରେ ଜଳ ଏବଂ ଜଙ୍ଗଲ ନଷ୍ଟ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ କର୍ମକର୍ତ୍ତା ।

**ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଆଲୋଚନାଚକ୍ର**

ହେବା ପରେ ପ୍ରଶାସନିକ ଉଦାସୀନତା ଏବଂ ଭୁଲ ନିଷ୍ପତ୍ତି ଯୋଗୁ ସମ୍ବଲପୁର ଉତ୍ତପ୍ତ ପିଣ୍ଡରେ ପରିଣତ ହେବାକୁ ବସିଛି। ପୁଣି ସହରରେ ରାସ୍ତାଘାଟ କଂକ୍ରିଟକରଣ କାରଣରୁ କୌଣସି ସ୍ଥାନରେ ମାଟି ଟିକିଏ ନାହିଁ । ଯାହାଦ୍ୱାରା ବର୍ଷା ପାଣି ମାଟି ଭିତରେ ସଞ୍ଚିତ ହେବା ବଦଳରେ ନାଳରେ ବହିଯାଉଛି। ସମ୍ବଲପୁର ସହରରେ ଥିବା ସବୁଜିମା ଦିନକୁ ଦିନ ନଷ୍ଟ ହେବାକୁ ବସିଛି। ସେଥିପାଇଁ ଏହାର ସୁରକ୍ଷା ଦିଗରେ ପ୍ରଶାସନ ଏବଂ ଜନ ସାଧାରଣ ସଚେତନ ହୋଇ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ପରିଷଦର ବରିଷ୍ଠ ସଦସ୍ୟ ଡାକ୍ତର ନାରାୟଣୀ ପଣ୍ଡା ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ସମ୍ବଲପୁରର ତାପମାତ୍ରା ୪୫ ଡିଗ୍ରୀ ଉପରକୁ ଚାଲିଯାଉଥିବା ବେଳେ ପଥଚାରୀଙ୍କ ପାଇଁ ରାସ୍ତାକଡରେ ସବୁଜିମା ସୃଷ୍ଟି କରିବା ଦିଗରେ ବନ ବିଭାଗ ଏବଂ ମହାନଗର ନିଗମ ପ୍ରଶାସନ ଦୃଷ୍ଟି ଦେବା ନିହାତି ଜରୁରୀ ବୋଲି କହିଥିଲେ। ନ ହେଲେ ସମ୍ବଲପୁରରେ ଅଂଶୁଘାତ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସବୁବେଳେ ରହିବ ବୋଲି ସେ ମତ ଦେଇଥିଲେ। ସେହିପରି ଆଲୋଚନାଚକ୍ରରେ ସାମିଲ ହୋଇଥିବା ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ନନ୍ଦଙ୍କୁ ଉପସ୍ଥିତ ସଦସ୍ୟମାନେ ସହରର ଉତ୍ତାପ ବୃଦ୍ଧି ଏବଂ ଅଂଶୁଘାତ ନେଇ ପଚାରି ଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଲୋଚନା ଚକ୍ରରେ ହୀରାଖଣ୍ଡ ନାଗରିକ ପରିଷଦର ଉପସଭାପତି ରାମେଶ୍ୱର ପାଢୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଡାକ୍ତର ଧନେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲା ପତ୍ରକାର ସଂଘ ବାର୍ଷିକ ଉତ୍ସବ ପାଳିତ

**କଣ୍ଟାବାଞ୍ଜି, ୨୫।୫ (ଗୁରୁ ଦୟାଲ ହଂସ)**

ରବିବାର ବଲାଙ୍ଗୀର ଜିଲା ପତ୍ରକାର ସଂଘର ବାର୍ଷିକ ଉତ୍ସବ କଣ୍ଟାବାଞ୍ଜିସ୍ଥିତ ଏକ ହୋଟେଲରେ ପାଳିତ ହୋଇଯାଇଛି। ଜିଲା ସଭାପତି ତୁଳସୀରାମ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସୈନିକ ଗିରିରାଜ ସିଂମାଝି, ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ବେହେରା, ଓଡ଼ିଶା ପତ୍ରକାର ସଂଘ ରାଜ୍ୟ ସଭାପତି ଅବିନାଶ ମିଶ୍ର , ଜିଲା ପତ୍ରକାର ସଂଘର ସମ୍ପାଦକ ରାମଦାସ ଅନ୍ୟତମ ଅତିଥି ଓ ପାର୍ଥ ମହାପାତ୍ର ମୁଖ୍ୟବକ୍ତା ଭାବେ ମଞ୍ଚସୀନ ଥିଲେ। ସମାଜ ସଂସ୍କାର, ଅଞ୍ଚଳର ବିକାଶରେ ସାମ୍ବାଦିକମାନଙ୍କ ଦାୟିତ୍ୱ ଉପରେ ଅତିଥିମାନେ କହିଥିଲେ। ଶିକ୍ଷା ,କ୍ରୀଡା, ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋହନ ମହତ, ଯୁଗଳ ଶବର, ମୋହନ ସୁନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।




ସଭାରେ ମଞ୍ଚାସୀନ ଅତିଥି ।

# ଓଏସ୍ଓୟୁ ପକ୍ଷରୁ ତିନି ଦିନିଆ କର୍ମଶାଳା



ଆୟୋଜିତ କର୍ମଶାଳାରେ ଅତିଥି, ବକ୍ତା ଓ ଆଲୋଚକ ।

**ସମ୍ବଲପୁର, ୨୫।୫ (ବି.ଶଙ୍କର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ତିନିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଗମେଣ୍ଟେଡ ରିଆଲଇଟି(ଏଆର), ଭର୍ଚୁଆଲ ରିଆଲିଟି( ଭିଆର) ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଉପକରଣ ଏବଂ ଫଳାଫଳ ଭିତ୍ତିକ ଶିକ୍ଷା(ଓବିଇ) ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ। ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଗତିଶୀଳ ଶିକ୍ଷା ପଦ୍ଧତିକୁ ଉଚ୍ଚଶିକ୍ଷାରେ, ବିଶେଷକରି ମୁକ୍ତ ଏବଂ ଦୂର ନିରନ୍ତର ଶିକ୍ଷାରେ ଏକୀକୃତ କରି ଓଏସ୍ଓୟୁ ଶୈକ୍ଷିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କହିଥିଲେ, ଆଧୁନିକ ଶିକ୍ଷାରେ ବିପ୍ଳବ ଆଣିବାରେ ଏଆର, ଭିଆର ଏବଂ ଏଆଇର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ଭୋପାଲ ସ୍ଥିତ ଏନଆଇଟିଟିଏଆର ଡ.ସୁମନ ପଟ୍ଟନାୟକ, ଚଣ୍ଡୀଗଡ ଏନଆଇଟିଟିଏଆର ଡ. ବଲବିନ୍ଦର ସିଂହ ଧାଲିୱାଲ, କୋଲକାତା ସାର୍ଟିଫାଏଡ୍ ୟୁନିଟି ଏବଂ ବ୍ଲକ ଚେନ୍ ଡେଭଲପର ଅଭି ମିତ୍ର ଯୋଗଦେଇଥିଲେ। ବିଶେଷଜ୍ଞମାନଙ୍କ ସହ ମିଶି ବିପର୍ଯ୍ୟୟ ପରିଚାଳନା ପାଇଁ ଏଆର, ଭିଆର ଏବଂ ଏଆଇ ପ୍ରୟୋଗ ଉପରେ ପାଠ୍ୟକ୍ରମ ବିକାଶ ଅଧିବେଶନ ହୋଇଥିଲା। ଡ. ସୁମନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନଲାଇନ୍ ଶିକ୍ଷା ପାଇଁ ଏଆଇ ଉପକରଣ ଏବଂ ମାଇକ୍ରୋଶିକ୍ଷଣ, ପ୍ରଭାବଶାଳୀ ଡିଜିଟାଲ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ରଣନୀତି ଉପରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା।

# ବିହାର ଚାଲାଣ ବେଳେ ଗଞ୍ଜେଇ ଜବତ, ଜଣେ ଗିରଫ

**ସମ୍ବଲପୁର, ୨୫।୫ (ପ୍ରମୋଦ ବହିଦାର)**

ଟ୍ରେନ୍ ଯୋଗେ ବୌଦ୍ଧ ଜିଲାରୁ ବିହାରକୁ ଚୋରାରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାନେଶ୍ୱର ରେଳ ଷ୍ଟେଶନ ନିକଟରୁ ସଦର ଥାନା ପୋଲିସ ୨୦.୫୫୦ କେଜି ଗଞ୍ଜେଇ ଜବତ କରିଛି। ଏହାସହ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୁକ୍ତ ବିହାର ଔରଙ୍ଗାବାଦ ଜିଲା ଫେସାର ଥାନା ଅନ୍ତର୍ଗତ କୁସେନାବାଗର ରୂପନ କୁମାର(୨୧)ଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ଗଞ୍ଜେଇକୁ ଏକ ଧଳା ପ୍ଲାଷ୍ଟିକ ବ୍ୟାଗରେ ଧରି ସେ ମାନେଶ୍ୱର ରେଳଷ୍ଟେଶନରେ ଟ୍ରେନ୍‌କୁ



ଗିରଫ ଅଭିଯୁକ୍ତ।

ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଏଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କ ନିକଟରୁ ଗଞ୍ଜେଇ ଜବତ କରିଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଓ ନଗଦ ୫୫୦ ଟଙ୍କା ଜବତ କରିଛି ପୋଲିସ। ଏହାକୁ ନେଇ ସଦର ଥାନାରେ ଏକ ମାମଲା(ନଂ. ୧୨୯/୨୦୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଟ୍ରକ ତଳେ ଚାପି ହୋଇ ବାଇକ ଚାଳକ ମୃତ

**ଜମନକିରା, ୨୫।୫ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଥାନା ଚିନିମହୁଲ ନିକଟସ୍ଥ ରାଜରାସ୍ତା ୫୩ରେ ରବିବାର ରାତ୍ର ସାଢ଼େ ୯ ଟାରେ ଟ୍ରକ ତଳେ ଚାପି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଅଗ୍ନିଶ୍ରମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରୁଛନ୍ତି। ବାଇକ ଚାଳକଙ୍କ ପରିଚୟ ମିଳି ପାରିନାହିଁ। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି।



ଦୁର୍ଘଟଣାଗ୍ରସ୍ତ କାର।

# ଡିଭାଇଡରରେ ପିଟିହେଲା କାର, ୨ ମୃତ

**ସମ୍ବଲପୁର/ଅତାବିରା, ୨୫।୫ (ପ୍ରମୋଦ ବହିଦାର/ଯୁଧିଷ୍ଠିର ମହାପାତ୍ର)**

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ-୫୩ର ଲଡୁଖାଇ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବ୍ରତ ସାହୁ (୨୭) ଓ ମନୀଷ ଯାଦବ (୨୫)। ଏଥିରେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୌରଭ ଗୁପ୍ତା ଏବଂ ଆକାଶ ପଟ୍ଟନାୟକ। ବୁର୍ଲା ଭିମ୍ସାରରେ ଚିକିତ୍ସା ପରେ ଉଭୟଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିବା ବୁର୍ଲା ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ବୁର୍ଲା ଥାନାରେ ଏକ ମାମଲା (ନଂ. ୨୧୯/୨୫)ରେ ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ୪ଜଣ ଯୁବକ ଏକ କାର(ଏଚ୍ଆର୍-୫୧-ବିବି-୦୭୯୦)ରେ ଜାତୀୟ ରାଜପଥ-୫୩ରେ ସମ୍ବଲପୁର ପଟୁ ଗୋଡ଼ଭଗାକୁ ଯାଉଥିଲେ। ଏହି ସମୟରେ ଲଡୁଖାଇ ବାବା ନିକଟରେ କାର ଭାରସାମ୍ୟ ହରାଇ ଜାତୀୟ ରାଜପଥର ଡିଭାଇଡ୍‌କୁ ଧକ୍କା ଦେଇଥିଲା। ଫଳରେ କାରର ସମ୍ମୁଖ ଭାଗ ଚୁର୍‌ମାର ହୋଇଯାଇଥିବା ବେଳେ ଚାଳକଙ୍କ ସହିତ ସମ୍ମୁଖ ସିଟ୍‌ରେ ବସିଥିବା ଦୁଇ ଯୁବକ କାର ମଧ୍ୟରେ ଚାପି ହୋଇ ରହିଥିଲେ। ଖବର ପାଇ ଗୋଶାଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ଯୁବକଙ୍କୁ କାର ମଧ୍ୟରୁ ଉଦ୍ଧାର କରି ଭିମ୍ସାରକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ମନୀସ ଓ ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ।

**ODISHA STATE AIDS CONTROL SOCIETY (OSACS)**
Department of Health & Family Welfare, Govt. of Odisha

**Tender / Bid No. 325/OSACS** **Date: 20.05.2025**
File No. : XV-Proc.- 13/2025

**NOTICE INVITING BID**
**FOR HIRING OF PETROL / DIESEL VEHICLES FOR OFFICIAL USE ON MONTHLY BASIS**

**No.E-106** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Monthly Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**
**OIPR-10009/11/0044/2526** **Sd./- Project Director**

# ଖରାଦିନେ ଥଣ୍ଡା ରହିବାର ପାରମ୍ପରିକ ଉପାୟ



ନିକୁଞ୍ଜ ବିହାରୀ ସାହୁ

"ମାଟି ପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ।"



ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର କରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ଯାଏ ଗାଁମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମଋତୁ। ପ୍ରାୟ ୪୫ ଡିଗ୍ରୀ ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ। ଆମେ ଏଠାରେ ଆମ ଗାଁଗହଳିରେ ପ୍ରଚଳିତ ଖରାଦିନେ ଥଣ୍ଡା ରହିବାର କିଛି ସରଳ ଓ ପାରମ୍ପରିକ ପଦ୍ଧତି ଉପରେ ଆଲୋଚନା କରିବା :

⏭ ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ୍ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ ଟିଣ, ଆଜବେଷ୍ଟସ କିମ୍ବା କଂକ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡ଼େ।

⏭ ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଟିକିଏ ଥଣ୍ଡା ଜଣାପଡ଼େ।

⏭ ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଳେଇବା ଉଚିତ। ଖଟ, ଗଦି, ମଶିଣା, ବେଡ୍‌ସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁର ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲଗେ।

⏭ ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲ୍ଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ। ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡ଼ି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶୀତଳତା ସୃଷ୍ଟି ହୁଏ।

⏭ ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ଚିକ୍କଣ ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ୍ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳିଦେବା ଉଚିତ।

⏭ ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।

⏭ ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଂକ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବ ପକ୍ଷରେ ଅତି ମନ୍ଥର ହୋଇଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଂକ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ କେତେକ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ଶୋଇଯିବାକୁ ପସନ୍ଦ କରିଥାଆନ୍ତି।

⏭ ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ୍, କୁଲର୍, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢ଼ି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ୍ ନିଜ ଭିତରୁ ଥଣ୍ଡା କାଢ଼ି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟିଯାଇଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରିଯିବାକୁ ପଡ଼ିବ।

—ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଯକ୍ଷ୍ମା: କାରଣ, ଚିକିତ୍ସା



ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାର ଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଉକ୍ତ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ 'ମାଣ୍ଟ ପରୀକ୍ଷା' କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା, ଛାତିର ଏକ୍ସ-ରେ ବ୍ୟତୀତ ସ୍ଥଳବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିଥାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଔଷଧ ଖାଇବାରେ ଅନିୟମିତା ହେବା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଏବେ ଡାଇରେକ୍ଟଲି ଅବଜର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି।

## ଖାଇବାକୁ ପ୍ରଭାବିତ କରେ ନିଦ୍ରାହୀନତା



ଖାଇବା ଓ ଶୋଇବା ଉଭୟେ ପରସ୍ପରର ପରିପୂରକ। ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଯେଉଁମାନଙ୍କ ଠାରେ ଶୋଇବାରେ ଅନିୟମିତତା ଦେଖାଯାଏ, ତାହାର ପ୍ରଭାବ ସେମାନଙ୍କ ଖାଇବା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହଛି। ଉକ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନଙ୍କର ଖାଇବା ପ୍ରତି ରୁଚି କମିଯାଇଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ଏବଂ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ହୁଏ। କେବଳ ସେତିକି ନୁହେଁ, ବେଳେବେଳେ ରାତିରେ ଶୋଇବାରେ ଅନିୟମିତତା ଲାଗି ରହିଲେ ତାହା ମେଦବହୁଳତାର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ।

## ମାନସିକତାକୁ ସକାରାତ୍ମକ ରଖିବାର ସରଳ ଉପାୟ



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରକ୍ତଦାନ ସମୟରେ...

ରକ୍ତଦାନ ଏକ ମହତ କାମ। ଏହାଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପକ୍ଷରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ, ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଗାଜର

ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ବିଟା-କାରୋଟିନ୍ ନାମକ ଏକ ତତ୍ତ୍ୱ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଗାଜରରେ ଭିଟାମିନ୍-ସି ଭରି ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହାବ୍ୟତୀତ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖେ। ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ଅସ୍ଥି ଏବଂ ମଜ୍ଜାକୁ ମଜଭୁତ କରିଥାଏ। ତା' ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ କେତେକାଂଶରେ ସାହାଯ୍ୟ କରେ। ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶ ରକ୍ଷା କରିଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ୍ୟ ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ।

## ଚିର ସ୍ମରଣୀୟ ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକର



ଇଂ ମାୟାଧର ସ୍ୱାଇଁ

ଭାରତର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଏବଂ ଜନପ୍ରିୟ ବିଜ୍ଞାନ ଲେଖକ ଜୟନ୍ତ ବିଷ୍ଣୁ ନାର୍ଲିକର ଚଳିତ ମାସ ୨୦ ତାରିଖରେ ପୁଣେ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମହାରାଷ୍ଟ୍ରର କୋହ୍ଲାପୁରଠାରେ ୧୯୩୮ ଜୁଲାଇ ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ବିଷ୍ଣୁ ବାସୁଦେବ ନାର୍ଲିକର ଜଣେ ବିଶିଷ୍ଟ ଗଣିତଜ୍ଞ ଥିଲେ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଥିଲେ।

ନାର୍ଲିକର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଡିଗ୍ରୀ କରି ଉଚ୍ଚ ଗବେଷଣା ପାଇଁ ୧୯୫୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗଲେ। ସେଠାରେ ସେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଫ୍ରେଡ୍ ହୋଏଲଙ୍କ ଅଧୀନରେ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ପାଇଥିଲେ। ହୋଏଲଙ୍କ ସହିତ ମିଶି ଜ୍ୟୋତିର୍ବିଜ୍ଞାନରେ ଅନେକ ପ୍ରକଳ୍ପରେ କାର୍ଯ୍ୟ କରିଥିଲେ। ସେମାନେ ୧୯୬୪ ମସିହାରେ 'ହୋଏଲ-ନାର୍ଲିକର ମାଧ୍ୟାକର୍ଷଣ ତତ୍ତ୍ୱ' ପ୍ରକାଶ କରିଥିଲେ, ଯାହା ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକତା ତତ୍ତ୍ୱରେ ଉନ୍ନତି ଆଣିଥିଲା।

ନାର୍ଲିକର ୧୯୬୩ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ୧୯୭୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ସେ ବମ୍ବେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ପ୍ରଫେସର ଭାବରେ ଯୋଗ ଦେଲେ। ସେ ୧୯୭୩ ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଜବାହାରଲାଲ ନେହେରୁ ଫେଲୋସିପ୍ ପାଇଥିଲେ ଏବଂ ୧୯୭୯-୮୧ ମସିହାରେ ଜାତୀୟ ଅଧ୍ୟାପକ ଭାବେ ମନୋନୀତ ହୋଇଥିଲେ। ୧୯୮୮ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପୁନେ ଠାରେ 'ଆନ୍ତଃବିଶ୍ୱବିଦ୍ୟାଳୟ ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ କେନ୍ଦ୍ର' ସ୍ଥାପନ କରିବା ପରେ ନାର୍ଲିକର ଏହାର ପ୍ରଥମ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଏହି କେନ୍ଦ୍ର ପୃଥିବୀରେ ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ ଶିକ୍ଷା ଓ ଗବେଷଣା ପାଇଁ ଖ୍ୟାତି ଅର୍ଜନ କରିଥିଲେ। ସେ ୨୦୦୩ ମସିହାରେ ସେଠାରୁ ଅବସର ନେଇଥିଲେ।

ଭାରତ ଫେରି ନାର୍ଲିକର ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା ଜାରି ରଖିଥିଲେ। ସେ କ୍ୱାସାର ଏବଂ କୃଷ୍ଣଗର୍ତ୍ତ ଉପରେ ଗବେଷଣା କରିଥିଲେ। ସେ ୧୯୯୪ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନୀ ସଂଘର ବ୍ରହ୍ମାଣ୍ଡ ବିଜ୍ଞାନ ଆୟୋଗର ସଭାପତି ଥିଲେ। ସେ ଗୁରତ୍ୱାକର୍ଷଣ, ମାଚ୍‌ଙ୍କ ନିୟମ, କ୍ୱାଣ୍ଟମ ବ୍ରହ୍ମାଣ୍ଡ ବିଜ୍ଞାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ଭୂପୃଷ୍ଠରୁ ୪୧ କିମି ଉଚ୍ଚ ବାୟୁମଣ୍ଡଳରେ ଅଣୁଜୀବର ସନ୍ଧାନ ପାଇଁ ୧୯୯୯ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ ଗଠନ କରାଯାଇଥିଲା। ନାର୍ଲିକର ଏହାର ନେତୃତ୍ୱ ନେଇଥିଲେ। ସଂଗ୍ରହ କରାଯାଇଥିବା ନମୁନା ଅଧ୍ୟୟନରୁ ସେଥିରେ ଜୀବନ୍ତ କୋଷିକା ଓ ବ୍ୟାକ୍ଟେରିଆ ଥିବା ଜଣାପଡ଼ିଲା। ଏଥିରୁ ବିଶ୍ୱାସ କରାଯାଏ ଯେ ବାହ୍ୟଜଗତରୁ ପୃଥିବୀକୁ ଅଣୁଜୀବ ଆସିଥାଇପାରନ୍ତି।



ଜୟନ୍ତ ବିଷ୍ଣୁ ନାର୍ଲିକର

ନାର୍ଲିକର ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଥିଲେ। ଇଂଲିଶ୍, ହିନ୍ଦୀ ଓ ମରାଠୀ ଭାଷାରେ ସେ କେତୋଟି ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଜଟିଳ ବିଜ୍ଞାନ ତତ୍ତ୍ୱଗୁଡ଼ିକୁ ବିଭିନ୍ନ ପତ୍ରପତ୍ରିକା ଓ ଟେଲିଭିଜନ ମାଧ୍ୟମରେ ପ୍ରକାଶ କରିଛନ୍ତି। ନିଜର ବ୍ୟସ୍ତ କର୍ମମୟ ଜୀବନ ଗବେଷଣା ଭିତରେ ମଧ୍ୟ ସେ ଛୋଟ ଛୋଟ ପିଲାମାନଙ୍କ ପ୍ରଶ୍ନର ଉତ୍ତର ପ୍ରାୟ ପ୍ରତିଦିନ ଦେଉଥିଲେ। ସେ ଦୂରଦର୍ଶନ ପାଇଁ 'ବ୍ରହ୍ମାଣ୍ଡ' ଏବଂ 'ଧୂମକେତୁ' ନାମକ ଦୁଇଟି ଉନ୍ନତମାନର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ବିଜ୍ଞାନକୁ ଜନପ୍ରିୟ କରିଥିବା ହେତୁ ତାଙ୍କୁ ୧୯୯୬ ମସିହାରେ ୟୁନେସ୍କୋ ପ୍ରଦତ୍ତ କଳିଙ୍ଗ ପୁରସ୍କାର ପ୍ରଦାନ କରାଯାଇଥିଲା।

ନାର୍ଲିକର ପାଇଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି- ସ୍ମିଥ ପୁରସ୍କାର, ଆଦାମ ପୁରସ୍କାର, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର, ଏମ୍.ପି. ବିରଳା ପୁରସ୍କାର ଏବଂ ଇନ୍ଦିରା ଗାନ୍ଧୀ ପୁରସ୍କାର। ସେ ଭାରତୀୟ ବିଜ୍ଞାନ ଏକାଡେମୀ, ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ, ଏବଂ କେମ୍ବ୍ରିଜ ଫିଲୋସୋଫିକାଲ ସୋସାଇଟିର ସଦସ୍ୟ ଭାବରେ ନିର୍ବାଚିତ ହେଉଥିଲେ। ଭାରତ ସରକାର ତାଙ୍କୁ ୧୯୬୫ରେ ପଦ୍ମଭୂଷଣ ଏବଂ ୨୦୦୪ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ କରିଥିଲେ। ୨୦୧୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା।

ନାର୍ଲିକରଙ୍କ ପତ୍ନୀ ମଙ୍ଗଳା ନାର୍ଲିକର ମଧ୍ୟ ଜଣେ ଗଣିତଜ୍ଞ ଥିଲେ। ତାଙ୍କର ତିନି ଝିଅଙ୍କ ମଧ୍ୟରେ ବଡ଼ ଝିଅ ଗୀତା କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଜୀବବିଜ୍ଞାନରେ ଗବେଷକ ଥିବା ବେଳେ ଅନ୍ୟ ଦୁଇ ଝିଅ ଗିରିଜା ଏବଂ ଲୀଳାବତୀ କମ୍ପ୍ୟୁଟର ବିଜ୍ଞାନରେ କାର୍ଯ୍ୟ କରୁଛନ୍ତି।

-୭୦, ଲକ୍ଷ୍ମୀବିହାର, ଫେଜ୍ ୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ବର୍ଷାପାଣି ଘେରରେ କ୍ଷେତ, ଖଳାଧାନ

ବରଗଡ଼,୨୫।୫(ପ୍ରେମାନନ୍ଦ ଖମାରୀ)


ବରଗଡ଼ ବ୍ଲକ କଳାପାଣି ମଣ୍ଡିରେ ପଲିଥିନ ଘୋଡ଼ାଇ ରଖାଯାଇଥିବା ଧାନ।

ବରଗଡ଼ ଜିଲାରେ ରବି ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜୋର୍ ଧରିଛି। ଚାଷୀଙ୍କ କଟାଧାନ କ୍ଷେତ ଏବଂ ଅମଳ ଧାନ ଖଳାଠାରୁ ଆରମ୍ଭ କରି ମଣ୍ଡି ପର୍ଯ୍ୟନ୍ତ ପଡ଼ିଛି। ଏଭଳି ସ୍ଥଳେ ଲଘୁଚାପଜନିତ ବର୍ଷା ଆରମ୍ଭ ହୋଇଛି। ଶନିବାର ଝିପିଝିପି ବର୍ଷା ହୋଇଥିଲା। ରବିବାର ଜିଲାରେ ପ୍ରବଳ ବର୍ଷା ହୋଇଛି। ଏଥିରେ କ୍ଷେତ, ଖଳାରେ ଗଦା ହୋଇ ରହିଥିବା ଧାନ ପ୍ରଭାବିତ ହୋଇଛି। ଅନ୍ୟପଟେ ମଣ୍ଡିଗୁଡ଼ିକରେ ଧାନ ଉଠାଣ ମନ୍ଥର ଚାଲିଥିବାବେଳେ କଟନିଛଟନି ମଧ୍ୟ ଆରମ୍ଭ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ଜିଲାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ଜିଲାରେ ଗତ ୧୪ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ୧୮୯ ମଣ୍ଡିରେ ଧାନ କିଣାବିକା ଚାଲିଛି। ତେବେ ଅନେକ ମଣ୍ଡିରେ ଏବେ ମଧ୍ୟ ଭିତ୍ତିଭୂମିର ଅଭାବ ରହିଛି। କିଛି ନିର୍ଦ୍ଦିଷ୍ଟ ସ୍ଥାୟୀ ମାର୍କେଟ୍ ୟାର୍ଡ଼କୁ ଛାଡ଼ିଦେଲେ ଅନେକ ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପାଇଁ ଗୋଦାମ ଗୃହ ନାହିଁ। ଖୋଲା ଆକାଶତଳେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ସେଠାରେ ତାରପୋଲିନ ହିଁ କେବଳ ଚାଷୀଙ୍କ ଭରସା ପାଲଟିଛି। ଫଳରେ ଚାଷୀ ବିକ୍ରି ପାଇଁ ସମ୍ପୃକ୍ତ ମଣ୍ଡିକୁ ଧାନ ଆଣିଲେ ସୁଦ୍ଧା ବର୍ଷା ଯୋଗୁ ତାହା ସୁରକ୍ଷିତ ରହିପାରୁ ନାହିଁ। ଅପରପକ୍ଷେ କ୍ଷେତ, ଖଳାରେ ଆହୁରି ଅଧିକ ସମସ୍ୟା ଦେଖାଯାଇଛି।

ଟୋକନ କଟକଣା ଯୋଗୁ ଅନେକ ଚାଷୀ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣିପାରୁ ନାହାନ୍ତି। ଟୋକନରେ ନିର୍ଦ୍ଧାରିତ ବିକ୍ରି ଦିବସକୁ ସେମାନେ ଅପେକ୍ଷା କରିଛନ୍ତି ଏବଂ ଅମଳ ଧାନକୁ କ୍ଷେତ, ଖଳାରେ ରଖିଛନ୍ତି। ଅନେକ ଚାଷୀ ରାସ୍ତାକଡ଼ରେ ମଧ୍ୟ ଅମଳ ଧାନକୁ ଶୁଖାଇ ରଖିଥିବା ଦେଖିବାକୁ ମିଳୁଛି। କିନ୍ତୁ ଗୋଟିଏ ପଟେ ଚାଷୀ ଧାନ ଶୁଖାଉ ଥିବାବେଳେ ଅନ୍ୟପଟେ ବର୍ଷା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରି ପକାଇଛି। ଚାଷୀମାନଙ୍କୁ ବାରମ୍ବାର ଧାନ ଶୁଖାଇବାକୁ ପଡୁଛି। ତେବେ ଧାନ ଶୁଖାଇ ମଣ୍ଡିକୁ ନେବା ସତ୍ତ୍ୱେ ଆର୍ଦ୍ରତା ଆଦି ଆଳରେ କଟନିଛଟନି

### ତାରପୋଲିନ୍ ପାଲଟିଛି ଚାଷୀଙ୍କ ଭରସା

କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ବିଭିନ୍ନ ମଣ୍ଡିରେ ଏଭଳି ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୨କି.ଗ୍ରା.ରୁ ୪କି.ଗ୍ରା. ପର୍ଯ୍ୟନ୍ତ କଟନିଛଟନି କରାଯାଉଥିଲା। କିନ୍ତୁ ଏବେ ବର୍ଷାପାଗ ଆଳରେ କଟନିଛଟନି କୁଇଣ୍ଟାଲ ପ୍ରତି ୫କି.ଗ୍ରା.ରୁ ୬କି.ଗ୍ରା. ପର୍ଯ୍ୟନ୍ତ ବଢ଼ି ଯାଇଥିବା ଅଭିଯୋଗ ହୋଇଛି। ଏପରି କି କଟନିଛଟନିରେ ରାଜି ନ ହେଲେ ସେମାନଙ୍କ ଧାନ କିଣାଯାଉ ନାହିଁ। ଅପରପକ୍ଷେ କଟନିଛଟନିରେ ରାଜି ହେଲେ ଧାନକୁ ତତ୍କାଳ କ୍ରୟ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଡି କହିଛନ୍ତି, ସମ୍ଭାବ୍ୟ ବର୍ଷା ନେଇ ପ୍ରଶାସନ ଚାଷୀମାନଙ୍କୁ ଆଗୁଆ ସୂଚନା ଦେବା କଥା, କିନ୍ତୁ ତାହା ହେଉ ନାହିଁ। ଚାଷୀମାନେ ଆଗୁଆ ସୂଚନା ପାଇଥିଲେ ଧାନକୁ କ୍ଷେତ, ଖଳାର ଖୋଲା ଆକାଶତଳେ ପକାଇ ରଖି ନ ଥାନ୍ତେ।

ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ କୁଇଣ୍ଟାଲ ପ୍ରତି ୧କି.ଗ୍ରା. ବାଧ୍ୟ ବାଧକତା କଟନିଛଟନି ହେଉଥିଲା। ଏବେ ବର୍ଷା ଆଳ ଦେଖାଇ ଆହୁରି କଟନିଛଟନି ହେବାର ଆଶଙ୍କା ରହିଛି ବୋଲି ଚାଷୀନେତା ନେକାଣ୍ଡି କହିଛନ୍ତି। ସେହିପରି ଗାଇସୀମା ଗ୍ରାମର ଚାଷୀ ନିରଞ୍ଜନ ପ୍ରଧାନ କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟନ୍ତ୍ରିତ ବଜାର କମିଟି(ଆର୍ଏମ୍ସି) କୋଟିକୋଟି ଟଙ୍କା ଅସୁଲ କରୁଛି। ହେଲେ ତାକୁ ମଣ୍ଡିଗୁଡ଼ିକର ଭିତ୍ତିଭୂମି ବିକାଶରେ ବିନିଯୋଗ କରୁ ନାହିଁ। ଚାଷୀଙ୍କ ଧାନ ଭିଜିଲେ ତାହା ଶୁଖାଇବାକୁ ଅନେକ ଦିନ ଲାଗୁଛି। ଏପରି କି ଅଧିକାଂଶ ଭିଜିଲା ଧାନ ନଷ୍ଟ ମଧ୍ୟ ହେଉଛି। ତେବେ ସରକାର ଚାହିଁଲେ ବର୍ତ୍ତମାନର ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାରେ ନିର୍ମିତ ଆଧୁନିକ ଯନ୍ତ୍ରପାତିରେ ମଣ୍ଡିଗୁଡ଼ିକରେ ଭିଜିଲା ଧାନକୁ ମଧ୍ୟ ଶୀଘ୍ର ଶୁଖାଇ ପାରିବେ। ମାତ୍ର ସେଥିରେ ମଧ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହୁଛି ଏବଂ ଏଭଳି ବର୍ଷା ହେଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ପ୍ରଧାନ କହିଛନ୍ତି।

# ମନ୍ କୀ ବାତ୍, ତ୍ରିରଙ୍ଗା ଶୋଭାଯାତ୍ରା


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ବାଉଁଶୁଣୀ, ୨୫।୫(ଦେବାଶିଷ ନେପାକ)

କଣ୍ଟାମାଳ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ 'ମନ୍ କୀ ବାତ୍' ଓ ଅପରେଶନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦହ୍ୟାସ୍ଥିତ ରକ୍ସା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଦିନ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଓ ନିର୍ବାଚନ ମଣ୍ଡଳୀର ସମସ୍ତ ବରିଷ୍ଠ କର୍ମକର୍ତ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଦେଖିଥିଲେ। ମନ୍ କୀ ବାତ୍ କାର୍ଯ୍ୟକ୍ରମ ସରିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ ହୋଇ ଦହ୍ୟା ବଜାର ଅଞ୍ଚଳ ଓ ନୂଆପାଲି ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲା ସଭାପତି ବିପ୍ର ଚରଣ ମହାନ୍ତି, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାଘ, ମଣ୍ଡଳ ସଭାପତି ଶରତ କର୍ଣ୍ଣ, ବରିଷ୍ଠ ଭାଜପା ନେତା କିଶୋର କୁମାର ମେହେର, ଶିବ ଶଙ୍କର କର୍ଣ୍ଣ, ସମିତି ସଭ୍ୟ ଦୋଳଗଞ୍ଜନ ବେହେରା, ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ହିମାଂଶୁ କର୍ଣ୍ଣ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

# ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହରିଣ ମୃତ



ବଘିଆପଡ,୨୫।୫ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ କମିରା ଗ୍ରାମବାସୀ ରବିବାର ଜଙ୍ଗଲରୁ ପଳାଇ ଆସିଥିବା ଏକ ହରିଣକୁ ଉଦ୍ଧାର କରିଥିଲେ। ହରିଣ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତା'ର ଶିଙ୍ଗ ଭାଙ୍ଗିଯାଇଥିଲା। ଚିକିତ୍ସା ସମୟରେ ଅପରାହ୍ନରେ ହରିଣର ମୃତ୍ୟୁ ଘଟିଛି।

ଗନ୍ଦିସାର ରେଞ୍ଜରୁ ଏକ ଜଙ୍ଗଲି ହରିଣ କମିରା ଗ୍ରାମକୁ ଚାଲିଆସିଥିଲା। ସଙ୍ଗେ ସଙ୍ଗେ ଗ୍ରାମବାସୀ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ବିଭାଗର ବନରକ୍ଷୀ ରମାକାନ୍ତ ପାଣିଗ୍ରାହୀ ହରିଣକୁ ନେଇ ଚିକିତ୍ସା ପାଇଁ ବୌଦ୍ଧ ପଶୁ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସା ସମୟରେ ଅପରାହ୍ନରେ ହରିଣର ମୃତ୍ୟୁ ହୋଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପରେ ବାମଣ୍ଡା ନର୍ସରିଠାରେ ବନ ବିଭାଗ ପକ୍ଷରୁ ପୋତା ଯାଇଥିଲା। ଶିକାରୀଙ୍କ ଦ୍ୱାରା ହରିଣ ମୁଣ୍ଡରେ ଆଘାତ ଲାଗିଥିବାରୁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । କିଛି ହରିଣ ଗୌଡଦେଇ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ସ୍ଥାନୀୟ ଲୋକମାନେ କହୁଥିବା ବେଳେ ହରିଣଙ୍କ ସୁରକ୍ଷା ନେଇ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

# ଅସରାଏ ବର୍ଷାରେ ଆଣ୍ଠୁଏ ପାଣି

ପଦ୍ମପୁର,୨୫।୫ (ପ୍ରଦୀପ୍ତ ଦାଶ)

### ପଦ୍ମପୁର ଜ୍ୟୋତିନଗର ରାସ୍ତା

ଅସରାଏ ବର୍ଷାରେ ରବିବାର ପଦ୍ମପୁର ଏନ୍ଏସି ୱାର୍ଡ ନମ୍ବର ୨ ଜ୍ୟୋତିନଗର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ପ୍ରତିଦିନ ଶହଶହ ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି। ବିଶେଷ କରି ଛୋଟ ଛୋଟ ଛାତ୍ରୀଛାତ୍ରମାନେ ଚାଲି ଚାଲି ଯାତାୟାତ କରୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ମଧ୍ୟ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଯାତାୟାତରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଡ଼ାବାସୀ ଦାବି କରିଛନ୍ତି।

# ସାମାନ୍ୟ ବର୍ଷାରେ ସହର ସ୍ଥିତି ବେହାଲ


ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ବର୍ଷାଜଳ ଲହଡ଼ି ମାରୁଛି।

ବରଗଡ଼,୨୫।୫(ପ୍ରେମାନନ୍ଦ ଖମାରୀ)

### ସୁଧୁରିନି ଡ୍ରେନେଜ ବ୍ୟବସ୍ଥା

- ମୁଖ୍ୟରାସ୍ତା ପାର୍ଶ୍ୱ ଡ୍ରେନ୍ ବିହୀନ
- ସରକାରୀ ବସଷ୍ଟାଣ୍ଡ୍ ଜଳାର୍ଣ୍ଣବ
- ଆଗକୁ ସହର ସ୍ଥିତି ଅସମ୍ଭାଳ

ବରଗଡ଼ ସହରରେ ଡ୍ରେନେଜ୍ ଅବ୍ୟବସ୍ଥା ନିତିଦିନିଆଁ ଘଟଣାରେ ପରିଣତ ହୋଇଯାଇଛି। ପ୍ରତିବର୍ଷ ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ସହର ଜଳାର୍ଣ୍ଣବ ହୋଇ ପଡ଼ିଥାଏ। ଏହାର ପ୍ରତିକାର ଦିଗରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଆଖି ବୁଜି ଦେଇଛନ୍ତି। କେବଳ ବର୍ଷାଋତୁ ଆସିଲେ ଯାଇ ସେଥିପ୍ରତି ସେମାନଙ୍କ ମନେ ପଡ଼େ। ତଥାପି ସ୍ଥାୟୀ ପ୍ରତିକାର କରାଯାଉ ନଥିବାରୁ ସହର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇପଡ଼େ। ତେବେ ବର୍ଷାଋତୁ ନ ଆସୁଣୁ ରବିବାର ହୋଇଥିବା ବର୍ଷାରେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ସମେତ ସହର ବିଭିନ୍ନ ଗଳିକନ୍ଦି ରାସ୍ତା ଜଳାର୍ଣ୍ଣବ ହୋଇ ପଡ଼ିଥିଲା। ରାସ୍ତାର ନର୍ଦ୍ଦମା ପାଣି କେତେକ ଘରକୁ ମଧ୍ୟ ପଶିଥିଲା। ସହରର ଏଭଳି ସ୍ଥିତିକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବରଗଡ଼ ସହର ବିଭିନ୍ନ ଗଳିକନ୍ଦିରେ ଡ୍ରେନ୍ ରହିଛି। ସହର ମୁଖ୍ୟରାସ୍ତା ପାର୍ଶ୍ୱ ସହିତ ଆହୁରି ଅନେକ ଗଳିକନ୍ଦି ରାସ୍ତାକଡ଼େ ଏପର୍ଯ୍ୟନ୍ତ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ହୋଇପାରି ନାହିଁ। ଫଳରେ ମୁଖ୍ୟରାସ୍ତାର ବର୍ଷାପାଣି ଗଳିକନ୍ଦି ରାସ୍ତାକୁ ଯାଉଛି ଏବଂ ତାହା ସେହି ଗଳିକନ୍ଦି ପାର୍ଶ୍ୱରେ ରହୁଥିବା ଘର ଗୁଡ଼ିକୁ ପଶୁଛି। ସେହିପରି ସହରରେ ଯେଉଁ ଡ୍ରେନ୍ ଗୁଡ଼ିକ ରହିଛି, ସେଥିମଧ୍ୟରୁ ଅଧିକାଂଶ ଅବ୍ୟବସ୍ଥିତ ହୋଇ ପଡ଼ିଛି। କେଉଁଠି ଡ୍ରେନ୍ ମୁକୁଳା ହୋଇ ପଡ଼ିଛି ତ ଆଉ କେଉଁଠାରେ ତାହା ମଇଳା, ଆବର୍ଜନାରେ ପୂରି ରହିଛି। ସେହିପରି କେତେକ ସ୍ଥାନରେ ଲୋକଙ୍କ ଘରଠାରୁ ରାସ୍ତା ଉଚ୍ଚରେ ରହିଛି ଏବଂ ସେଠାରେ ଡ୍ରେନ୍ ନଥିବାରୁ ବର୍ଷାହେଲେ ମଇଳା, ଆବର୍ଜନା ସହିତ ପାଣି ରାସ୍ତାପାର୍ଶ୍ୱ ଘର ଗୁଡ଼ିକୁ ପଶୁଛି।

ଏହା ସହିତ କେତେକ ସ୍ଥାନରେ ଡ୍ରେନ୍ ନିର୍ମାଣ କରାଯାଇଛି ସତ, ମାତ୍ର ତାହା କିଛି କାମକୁ ଆସୁ ନାହିଁ। ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ଏହି ସମସ୍ୟା ଦୀର୍ଘବର୍ଷ ହେଲା ଜଳଜଳ ହୋଇ ଦିଶୁଛି। ମୁଖ୍ୟରାସ୍ତାରୁ ନୀଚରେ ବସଷ୍ଟାଣ୍ଡଟି ରହିଛି। ତେବେ ମୁଖ୍ୟରାସ୍ତାରେ ଡ୍ରେନ୍ ନଥିବାରୁ ରାସ୍ତାପାଣି ବସଷ୍ଟାଣ୍ଡକୁ ପଶୁଛି। ଅନ୍ୟପଟେ ବସଷ୍ଟାଣ୍ଡରୁ ସେହି ପାଣି ନିଷ୍କାସନ ପାଇଁ ଏପର୍ଯ୍ୟନ୍ତ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ବସଷ୍ଟାଣ୍ଡର ଗୋଟିଏ ପାର୍ଶ୍ୱରେ ଡ୍ରେନ୍ଟିଏ ଯାଇଛି, ମାତ୍ର ତାହା ନଥିଲା ଭଳି। ବର୍ଷାଜଳ ସେହି ଡ୍ରେନ୍ ଦେଇ ଆଶାନୁରୂପ ଭାବେ ନିଷ୍କାସିତ ହୋଇପାରୁ ନାହିଁ ଏବଂ ସାମାନ୍ୟ ବର୍ଷାହେଲେ ବସଷ୍ଟାଣ୍ଡରେ ବର୍ଷାପାଣି ଲହଡ଼ି ମାରୁଛି। ଏଥିପାଇଁ ଏଠାରେ ଯାତ୍ରୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ବର୍ଷାଋତୁ ଆସିବା ପୂର୍ବରୁ ସହରରେ ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରା ନଗଲେ ଆଗକୁ ଅନ୍ୟବର୍ଷ ଭଳି ସ୍ଥିତି ଉପୁଜିବ ବୋଲି ଏବେଠାରୁ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

# ଶୀତଳଷଷ୍ଠୀ ଯାତ୍ରା, ଯୋଗ ଦେବେ ହଜାର କଳାକାର


ଖବରଦାତା ସମ୍ମିଳନୀରେ ଯାତ୍ରା ବିଷୟରେ ସୂଚନା ଦିଆଯାଉଛି।

ବରପାଲି,୨୫।୫(ଚିତ୍ତରଞ୍ଜନ ସାହୁ)

ବରପାଲିର ଶୀତଳ ଷଷ୍ଠୀ ଯାତ୍ରାରେ ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ଏକ ହଜାର କଳାକାର ଯୋଗ ଦେବେ। ଏ ନେଇ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୭ରୁ ଏହି ଯାତ୍ରା ଆରମ୍ଭ ହୋଇ ଜୁନ୍ ୨ ତାରିଖରେ ଉଦ୍ଯାପିତ ହେବ। ୨୭ ତାରିଖ ସନ୍ଧ୍ୟାରେ କପିଳେଶ୍ୱର ବାବା ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଭଣ୍ଡାର ଗୃହକୁ ଯିବେ, ୨୮ ତାରିଖରେ କନ୍ୟା ମନୋନୟନ ବା ପତର ପେଣ୍ଡି, ୨୯ ତାରିଖ ଭୈରବ ବାବାଙ୍କ ଦେବ ନିମନ୍ତ୍ରଣ ଶୋଭାଯାତ୍ରା, ୩୦ ସକାଳେ ଗଣ୍ଠି ଆଳ ଫିଟା ଓ ସନ୍ଧ୍ୟାରେ ବରାନୁଗମନ ଶୋଭାଯାତ୍ରା। ଚଳିତ ବର୍ଷ ସ୍ଥାନୀୟ ତହସିଲ ଛକରୁ ବରାନୁଗମନ ଶୋଭାଯାତ୍ରା ଆରମ୍ଭ ହୋଇ ହିମାଦ୍ରି ନଗର ପହଞ୍ଚିବା ପରେ ପରଦିନ ବୈଦିକ ରୀତିରେ ଦେବ ଦମ୍ପତ୍ତିଙ୍କ ବୈବାହିକ କାର୍ଯ୍ୟ ଅନୁଷ୍ଠିତ ହେବ। ୩୧ ତାରିଖରେ ଦେବ ଦମ୍ପତ୍ତିଙ୍କ ଯୁଗଳ ମୂର୍ତ୍ତି ଦର୍ଶନ, ୧ ତାରିଖ ସନ୍ଧ୍ୟାରେ ଲମ୍ବନି ଶୋଭାଯାତ୍ରା, ୨ ତାରିଖ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ହେବ ବୋଲି ଯାତ୍ରା କମିଟିର ସଭାପତି ଆନନ୍ଦ ବାବୁ ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଓଡ଼ିଶାର ଢେଙ୍କାନାଳ ଘଣ୍ଟ ବାଦ୍ୟ, କଳାହାଣ୍ଡି ଘୁମୁରା, ସହ ମହାରାଷ୍ଟ୍ର, କେରଳ, ଛତିଶଗଡ଼, ପଶ୍ଚିମ ବଙ୍ଗାଳ ଆଦି ରାଜ୍ୟର ଏକ ହଜାର କଳାକାର ଯୋଗ ଦେବେ ବୋଲି କମିଟିର ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଯାତ୍ରା କମିଟିର ସଭାପତି, ସମ୍ପାଦକଙ୍କ ସମେତ ଚଳିତ ବର୍ଷର କନ୍ୟା ପିତା ସଞ୍ଜୟ ମେହେର ଓ ଯାତ୍ରା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ପକ୍ଷରେ ଯାତ୍ରାରେ ପ୍ରବଳ ଭିଡ଼ ଆଶଙ୍କା କରି ସନ୍ଧ୍ୟାରେ ବରଗଡ଼ ଉପ ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ନେତୃତ୍ୱରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଏଥିରେ ତହସିଲଦାର ରୁକ୍ମଣ କୁମାର ମେହେର, ନଗରପାଳ ଦିନେଶ ଗହୀର, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଚଳିତ ବର୍ଷ ବ୍ୟୟ ଅଟକଳ ୬୦ ଲକ୍ଷ

# ଶୀତଳଷଷ୍ଠୀ କମିଟି ପକ୍ଷରୁ ମୀନାବଜାର ଉଦ୍ଘାଟିତ

ପଦ୍ମପୁର,୨୫।୫ (ପ୍ରଦୀପ୍ତ ଦାଶ)

ଚଳିତବର୍ଷ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବାଙ୍କର ଶୀତଳଷଷ୍ଠୀ ପାଳନ ଅବସରରେ ଅଶୋକ ଖେଳ ପଡ଼ିଆଠାରେ ରବିବାର ମୀନାବଜାରର ଆୟୋଜନ କରାଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡ ଶବର ଏବଂ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ଶୁଭ ଉଦ୍ଘାଟନ କରିଥିଲେ। ଶୀତଳଷଷ୍ଠୀ କମିଟି ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ତଥା ମନ୍ଦିର ପୂଜକ ଟଙ୍କଧର ମହାପାତ୍ରଙ୍କ ମନ୍ତ୍ରୋଚାରଣ ସହ ପୂଜାପାଠ କରି ଉଦ୍ଘାଟନ କରିଛନ୍ତି। ଏହି ମୀନାବଜାରରେ ଆକାଶ ଦୋଳି, ବ୍ରେକଡ୍ୟାନ୍ସ ସହ ପିଲାମାନଙ୍କ ପାଇଁ ବିଭିନ୍ନ ଉପଯୋଗୀ ସାମଗ୍ରୀର ଦୋକାନ ମଧ୍ୟ ଆସିଛି। ଉଦ୍ଘାଟନୀର ପ୍ରଥମ ଦିନରୁ ହିଁ ମୀନାବଜାରରେ ଲୋକଙ୍କ ଭିଡ଼ ଜମିଛି।



ମୁଖ୍ୟଅତିଥି ମୀନାବଜାରକୁ ଉଦ୍ଘାଟନ କରୁଛନ୍ତି।

# ମରେକେଲ ଗାଁରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ସୋହେଲା ୨୫।୫(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ମରେକେଲରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଡାକ୍ତର ଅରୁପାନନ୍ଦ ସାହୁ ମୁଖ୍ୟ ଅତିଥି, ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ସମ୍ମାନିତ ଅତିଥି, ଯୁବ ସଙ୍ଗଠକ ଚନ୍ଦ୍ରମଣି ଭଞ୍ଜ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମରେକେଲ, ତାନ୍ଦୋଳ, ଟୁଙ୍ଗିବନ୍ଧଲିରୁ ଶତାଧିକ ଲୋକ ଯୋଗଦେଇଥିଲେ। ଉପସ୍ଥିତ ଜନତା ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିଥିଲେ। ବିକାଶ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷ୍ଣଚନ୍ଦ୍ର ସଭାପତି, ଧରଣୀଧର ସମ୍ପାଦକ ମନୋନୀତ


ଡୁମାଲ ସମାଜର ବୈଠକରେ ଆଲୋଚନା ଚାଲିଛି।

ବଘିଆପଡ,୨୫।୫ (ଶ୍ରୀକାନ୍ତ ସାହୁ)

### ଡୁମାଲ ସମାଜ ମାଝିସାହି କେନ୍ଦ୍ରର ବାର୍ଷିକ ଉତ୍ସବ

ବୌଦ୍ଧ ବ୍ଲକ ବଘିଆପଡା ପଞ୍ଚାୟତର ଆମଠାପଡା ଲଉରିଆ ସାହିଠାରେ ଡୁମାଲ ସମାଜ ମାଝିସାହି କେନ୍ଦ୍ରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ସମାଜର ଇଷ୍ଟଦେବୀ ମା' ମାହେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ସମାଜର ସମ୍ପାଦକ ଧରଣୀଧର ଲଉରିଆ ବିବରଣୀ ପାଠ କରିଥିଲେ। ବୈଠକରେ ମା' ମାହେଶ୍ୱରୀ ପ୍ରତିଷ୍ଠା ଉତ୍ସବ ଆୟବ୍ୟୟ, ସମାଜର କିପରି ଉନ୍ନତି ଏବଂ ଜାତିନିୟମ ଉପରେ ଆଲୋଚନା ହୋଇଥିଲା। ପୁନର୍ବାର କମିଟି ସଭାପତିଭାବେ କୃଷ୍ଣଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ଭାବେ ଧରଣୀଧର ଲଉରିଆ ମନୋନୀତ ହୋଇଥିଲେ। ଶେଷରେ ଦେବହରି ମହାକୁଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାଉଁଶୁଣୀରେ ଟ୍ରାଫିକ୍ ସମସ୍ୟା, ଚୁପ୍ ବସିଛି ପ୍ରଶାସନ

ବାଉଁଶୁଣୀ, ୨୫।୫(ଦେବାଶିଷ ନେପାକ)


ବାଉଁଶୁଣୀ ଛକରେ ଗାଡିମୋଟର ଜାମ୍ ହୋଇଛି।

ବୌଦ୍ଧ ଜିଲା ବାଉଁଶୁଣୀରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସ ପ୍ରଶାସନ ଏହାର ସମାଧାନ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବାଉଁଶୁଣୀ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏହି ବଜାର ଉପରେ ଆଖପାଖ ୧୦ ପଞ୍ଚାୟତର ଲୋକ ନିର୍ଭର କରନ୍ତି। ଦିନକୁ ଦିନ ଦୋକାନ ବଜାର ବଢ଼ିବା ସହ ଯାନବାହନ ଚଳାଚଳ ବଢ଼ିବାରେ ଲାଗିଛି। ଏଥିଯୋଗୁ ଅନେକ ସମୟରେ ବାଉଁଶୁଣୀ ଛକ, ଗୁନ୍ଦୁଲିଆ ରୋଡ୍, ଥାନା ରୋଡ୍ରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ବାଉଁଶୁଣୀ ଛକରେ ବାରମ୍ବାର ଗାଡ଼ି ମୋଟର ଜାମ୍ ହେଉଛି। ପ୍ରତ୍ୟେକ ଦିନ ପିଲାମାନେ ଏହି ଛକ ଦେଇ ପାଠ ପଢ଼ିବାକୁ ସ୍କୁଲକୁ ଯାଆସ କରୁଛନ୍ତି। ବାଉଁଶୁଣୀ ଛକର ଉଭୟ କଡ଼ରେ ଥିବା ଦୋକାନ ସମ୍ମୁଖ ରାସ୍ତାରେ ଲୋକମାନେ ଗାଡ଼ି ରଖି ଦେଉଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଉଁଶୁଣୀ ଥାନାଧିକାରୀ ସାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ଏହି ଟ୍ରାଫିକ୍ ସମସ୍ୟା ମୋ ଦୃଷ୍ଟିକୁ ଆସିଛି। କିଭଳି ଏହା ସମାଧାନ ହେବ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଅଯୋଧ୍ୟାର ହନୁମାନଗଡ଼ି ମନ୍ଦିରରେ ରବିବାର ବିରାଟ କୋହଲି ଓ ଅନୁଷ୍କା ଶର୍ମା ।

# ସିଏମ୍ ଟ୍ରଫି ଲୋଗୋ, ଜର୍ସି ଉନ୍ମୋଚିତ

ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହକ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ରବିବାର କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ଆନ୍ଥେମ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟ୍‌ବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି।

## ସିଏମ୍ ଟ୍ରଫି ଦ୍ୱାରା ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ: ସୂରଜ



ଜର୍ସି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାଗୁଡ଼ିକରେ ଥିବା ବିଭିନ୍ନ ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲସ୍ତରୀୟ ମୁକାବିଲା ଆସନ୍ତା ୨୮ରୁ ଜୁନ୍ ୫ ପର୍ଯ୍ୟନ୍ତ ଆୟୋଜନ ହେବ। ଜିଲାସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଆୟୋଜନ କରାଯିବ। ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତା ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ଅନୁଷ୍ଠିତ ହେବ। ଜିଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳସ୍ତରରୁ ଆସୁଥିବା କ୍ରୀଡ଼ାବିତ୍‌ମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କି, ସ୍ନୋବୋର୍ଡ ଆସୋସିଏଶନ ଗଠନ ଉପରେ ରହିତାଦେଶ

ନୂଆଦିଲ୍ଲୀ, ୨୫।୫(ପି.ଟି.)

ଭାରତୀୟ ସ୍କି ଓ ସ୍ନୋବୋର୍ଡ ମହାସଂଘର ପରିଚାଳନା ଦାୟିତ୍ୱରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଆଡ-ହକ କମିଟିକୁ ଦିଲ୍ଲୀ ହାଇକୋର୍ଟ ନୂଆ କ୍ରୀଡ଼ା ମହାସଂଘ ଗଠନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆ (ଏସ୍ଏସ୍ଆଇ) ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ସଚିନ ଦତ୍ତା କହିଛନ୍ତି ଯେ, ଆଡ-ହକ କମିଟି ନୂଆ ଜାତୀୟ ସ୍ପୋର୍ଟ୍ସ ଆସୋସିଏଶନ ଗଠନ କରିବାକୁ ଉଦ୍ୟମ କରୁଛି। ଏହା ଆଇଓଏ ଦ୍ୱାରା କମିଟିକୁ ଦିଆଯାଇଥିବା ଅଧିକାର ବାହାରେ। ଏଥିଯୋଗୁ ଜୁଲାଇ ୮ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରାଯାଇଛି।

ଆଡ୍ ହକ କମିଟି ପକ୍ଷରୁ ଗତ ୬ ତାରିଖରେ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନକୁ ନୂଆ ନ୍ୟାଶନାଲ ସ୍ପୋର୍ଟ୍ସ ଆସୋସିଏଶନ (ଏନ୍ଏସ୍ଏ)ରେ ପଞ୍ଜୀକରଣ ଓ ନିର୍ବାଚନ ପାଇଁ ପ୍ରଥମ ସାଧାରଣ ବୈଠକ ଲାଗି ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବିରୋଧ କରି ଏସ୍ଏସ୍ଆଇ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଗତ ୨୩ ତାରିଖରେ କୋର୍ଟ ଆଇଓଏର ପକ୍ଷ ରଖୁଥିବା ଓକିଲଙ୍କୁ ନୂଆ ଆସୋସିଏଶନ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଆଇଓଏ କିମ୍ବା ଏହାର ଆଡ୍-ହକ କମିଟିକୁ ଅଧିକାର ଦିଆଯିବା ଲାଗି ଆଇଓଏ ସମ୍ବିଧାନରେ ନିୟମ ଅଛି କି ନାହିଁ, ଜାଣିବା ପାଇଁ ସମୟ ଦେଇଥିଲେ। ଏ ସଂକ୍ରାନ୍ତରେ ଆଇଓଏ ଓ କେନ୍ଦ୍ରଠାରୁ କୋର୍ଟ ଉତ୍ତର ମାଗିଥିଲେ।

ଏହି ମାମଲାରେ କେବଳ ଆଡ-ହକ କମିଟି ଗଠନ କରାଯାଇ ନାହିଁ। ଆଡ-ହକ୍ କମିଟି ଏକ ନୂଆ ଏନ୍ଏସ୍ଏ ଗଠନ କରିବାକୁ ଚେଷ୍ଟା କରୁଛି, ଯାହାକି ନିୟମ ବାହାରେ ବୋଲି କୋର୍ଟ କହିଛନ୍ତି।

# ନୋରିସ ଜିତିଲେ ମୋନାକୋ ଗ୍ରାଁ ପ୍ରି

ମୋନାକୋ, ୨୫।୫ (ଏପି)

ଲାଣ୍ଡୋ ନୋରିସ ଏଠାରେ ରବିବାର ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜେତା ହୋଇଛନ୍ତି। ଫଳରେ ଫର୍ମୁଲା ୱାନ ଷ୍ଟାଣ୍ଡିଂରେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ହ୍ରାସ ପାଇଛି। ପ୍ରଥମ କର୍ନରେ ପୋଲ୍ ପୋଜିଶନରୁ ଆରମ୍ଭ କରିଥିବା ନୋରିସଙ୍କ ଚକାରେ ସାମାନ୍ୟ ସମସ୍ୟା ଦେଖା ଦେଇଥିଲା। ଏହା ସତ୍ତ୍ୱେ ଗତବର୍ଷର ବିଜେତା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ରୋକିବାରେ ସେ ସମର୍ଥ ହୋଇଥିଲେ। ସିଜନ ଓପନିଂ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ପରେ ନୋରିସଙ୍କର ଏହା ହେଉଛି ପ୍ରଥମ ଗ୍ରାଁ ପ୍ରି ବିଜୟ। ଚଳିତ ମାସରେ ସେ ଯଦିଓ ଗୋଟିଏ ହେଲେ ସ୍ପ୍ରିଣ୍ଟ ରେସ୍ ଜିତିପାରି ନାହାନ୍ତି, ସେ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୧୩ରୁ ୩କୁ ହ୍ରାସ କରିପାରିଛନ୍ତି। ରେସ୍‌ରେ ଲେକ୍‌ରେକ୍ ବିଳମ୍ବରେ ନୋରିସଙ୍କ ନିକଟବର୍ତ୍ତୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପିଆଷ୍ଟ୍ରି ତୃତୀୟ ଏବଂ ଗତଥରର ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୫ମରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଇସାକ୍ ହାଜାର (ଆର୍‌ବି), ଏଷ୍ଟିବାନ ଓକନ (ହାସ୍), ଲିଆମ ଲସନ (ଆର୍‌ବି), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କାର୍ଲୋସ ସେଞ୍ଜ (ୱିଲିୟମ୍ସ)।

# ବ୍ରୋଞ୍ଜ ପରେ ଅନୁପମାଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)

ଜୋର୍ଡାନରେ ଚାଲିଥିବା ୯ମ ଏସୀୟ ସିନିୟର ଜୁ ଜିତ୍‌ସୁ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୫୨ କେଜି ମହିଳା ଫାଇଟିଂରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ରବିବାର କଣ୍ଟାକ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ପଦକ। ଏହାକୁ ମିଶାଇ ଅନୁପମା ଏସୀୟ ପ୍ରତିଯୋଗିତାରେ କ୍ରମାଗତ ୬ଷ୍ଠ ପଦକ ହାସଲ କରିଛନ୍ତି। ଗତ ୪ଟି ଏସୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ଦେଶର ୧ ନମ୍ବର ଜୁ ଜିତ୍‌ସୁ ଖେଳାଳି ଅନୁପମା ଆଗକୁ ମହିଳା ୫୨ କେଜି ନି-ୱାଜା ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା, ଝେଙ୍ଗ

ପ୍ୟାରିସ, ୨୫।୫

ଟେନିସ ସିଜନର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ରବିବାରଠାରୁ ଆରମ୍ଭ ହୋଇଯାଇଛି। ୱାର୍ଲ୍ଡ ନଂ-୧ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୦ ସିଧାସଳଖ ସେଟରେ କାମିଲା ରଖିମୋଭାଙ୍କୁ ପରାସ୍ତ କରିଛନ୍ତି। ଚୀନର ଝେଙ୍ଗ ୬-୪, ୬-୩ ସେଟ୍‌ରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ହରାଇଛନ୍ତି। ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧, ୬-୧ ସେଟରେ ଜେନେପ ସନମେଜଙ୍କୁ ପରାସ୍ତ କରିଛନ୍ତି। ସେହିଭଳି କାନାଡାର ଟିନ ଏଜ ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋ ୬-୧, ୭-୬(୭-୪) ସେଟରେ ଲୁଲୁ ସୁନଙ୍କୁ ହରାଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ଏମ୍‌ବୋକୋଙ୍କ ପ୍ରଥମ ବିଜୟ। ୧୧ତମ ସିଡ୍ ଡାଏନା ସ୍ନାଇଡର ୭-୬(୭-୩), ୬-୨ ସେଟରେ ଆନାସ୍ତାସିଆ କନଷ୍ଟାଣ୍ଟିନୋଭନା ସୋବୋଲେଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟା କ୍ୱିଟୋଭା ୬-୩, ୦-୬, ୪-୬ ସେଟରେ ଭିକ୍ଟୋରିଜା ଗଲୁବିକଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଭୁବନେଶ୍ୱର ସ୍କୁଲ୍ସ ଚେସ୍: ସତ୍ୟମ ବିଜେତା


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଆୟୋଜିତ ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ରେ ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରୀତମ ହୋତା, ଆରିଶ ନନ୍ଦ ଗୋସ୍ୱାମୀ, ନିରେକ ପରିଡ଼ା ଓ ସ୍ୱସ୍ତିକ ତ୍ରିପାଠୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲ୍‌ର ସିନିୟର ଏରିଆ ମ୍ୟାନେଜର ସୁଶାନ୍ତ ରଥ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ଆର୍‌ସିବିରେ ଯୋଗଦେଲେ ହାଜେଲ୍‌ଉଡ୍

ଲକ୍ଷ୍ନୌ, ୨୫।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ଲେ-ଅଫ୍ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହ ଯୋଗଦେଇଛନ୍ତି ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜୋଶ ହାଜେଲ୍‌ଉଡ୍। ଆର୍‌ସିବି ଏହାର ଫାଇନାଲ ଲିଗ୍ ମ୍ୟାଚ ଏଠାରେ ମଙ୍ଗଳବାର ଖେଳିବ। ଏହାର ଦୁଇଦିନ ପୂର୍ବରୁ ହାଜେଲଉଡ୍ ଦଳରେ ଆସି ଯୋଗଦେଇଛନ୍ତି। ଭାରତ-ପାକିସ୍ତାନ ସାମରିକ ବିବାଦ ଯୋଗୁ ଆଇପିଏଲ୍‌କୁ ସାମୟିକ ସ୍ଥଗତି ରଖାଯାଇଥିଲା। ହାଜେଲ୍‌ଉଡ୍ ଏକ ସପ୍ତାହ ଛୁଟିରେ ନିଜ ଦେଶକୁ ଫେରିଯାଇଥିଲେ। ଏହି ଡାହାଣହାତୀ ପେସ୍ ବୋଲରଙ୍କ କାନ୍ଧରେ ମଧ୍ୟ ସମସ୍ୟା ଥିଲା। ଅଷ୍ଟ୍ରେଲିଆରେ ସେ ତାହାର ଆଶୁ ଚିକିତ୍ସା ମଧ୍ୟ କରାଇଥିଲେ। ଏହି ୩୪ବର୍ଷୀୟ ବୋଲର ବ୍ରିସ୍‌ବେନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ପ୍ରସ୍ତୁତ ହେଉଥିବା ଅଷ୍ଟ୍ରେଲିଆ ଦଳ ସହିତ ଟ୍ରେନିଂ ନେଇଥିଲେ। କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଆର୍‌ସିବି କ୍ୟାମ୍ପ ମଧ୍ୟ ହାଜେଲଉଡ୍‌ଙ୍କ ଅଗ୍ରଗତି ଉପରେ ଲକ୍ଷ୍ୟ ରଖିଛି। ଚଳିତ ଆଇପିଏଲ୍‌ରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର ଆର୍‌ସିବିର ଶ୍ରେଷ୍ଠ ବୋଲର ରହିଛନ୍ତି। ସେ ୧୦ମ୍ୟାଚରେ ୧୮ଉଇକେଟ ଅକ୍ତିଆର କରିଛନ୍ତି। ବର୍ତ୍ତମାନ ସେ ପ୍ରତିଯୋଗିତାରେ ୪ର୍ଥ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ପ୍ଲେ-ଅଫ୍‌ରେ ସ୍ଥାନ ସୁରକ୍ଷିତ କରିସାରିଥିବା ଆର୍‌ସିବି ମଙ୍ଗଳବାର ଏହାର ଅନ୍ତିମ ଆଇପିଏଲ ଲିଗ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ। ଆର୍‌ସିବି ଏହାର ଗତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୪୨ ରନ୍‌ରେ ପରାଜିତ ହେବାପରେ ଟପ୍-୨ ଫିନିଶ ପାଇଁ ଏହାକୁ ଅନ୍ୟ ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ।


# Classified Everyday
0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272




Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

**AFFIDAVIT**

By virtue of an affidavit before Executive Magistrate, Bhubaneswar, I, Sujit Kumar Sahoo, aged 20yrs, S/o- Sanjaya Kumar Sahoo, Vill- Arakata, P.O.- Kapasi, P.S.- Niali, Dist.- Cuttack, PIN- 754004 have changed my name from “Sujit Sahoo” to “Sujit Kumar Sahoo”, and my date of birth is 11.03.2005 and also my father’s name is Sanjaya Kumar Sahoo. D-76462

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶାର କଳିଙ୍ଗ ୱାରିୟର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)

ଗୁଆହାଟୀରେ ଅନୁଷ୍ଠିତ ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ୱାରିୟର୍ସ ଚାମ୍ପିୟନ ହୋଇଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ୨ ଦିନିଆ ପ୍ରତିଯୋଗିତାରେ କଳିଙ୍ଗ ୱାରିୟର୍ସ ୭ ରାଉଣ୍ଡରୁ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଆକ୍ସୋମ ରିହିନୋଜ ଚେକ୍‌ମେଟ୍ସ ୫ ପଏଣ୍ଟ ପାଇ ଦ୍ୱିତୀୟ ଓ ରାଞ୍ଚି କ୍ୟାପିଟାଲ୍ସ ୪.୫ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ସାଉଥ ଚେକ୍‌ମେଟ୍ସ ୪, ନାଇଟ ମୁଭର୍ସ ୪, ଏଡୁ ହବ୍ ଚେକ୍‌ମେଟ୍ସ ୨, ବିଟିଆର ୱାରିୟର୍ସ ୧.୫ ଓ ୧.୫ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଦଳ ୭ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ଅଭିଯାନ ଶେଷ କରିଥିଲା। କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ଆର. ରାଜପରା, ଅମିୟ ଗୁପ୍ତା, ହର୍ଷିତ ରଞ୍ଜନ ସାହୁ, ଅମ୍ଲାନ ମହନ୍ତ, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ରିତିଶା ଏମ. ରାଜବଂଶୀ ସାମିଲ ଥିଲେ। ସୁବଳ ଭୌମିକ ଦଳର ମେଣ୍ଟର ଥିଲେ। ଅଳ୍ପ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଥିଲା। ଟୁର୍ନାମେଣ୍ଟ ସମୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି' କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଆସାମରେ ଉପସ୍ଥିତ ଥିଲେ।

## ଆସାମ ଚେସ୍ ପ୍ରିମିୟର ଲିଗ୍



ଟ୍ରଫି ଗ୍ରହଣ ଅବସରରେ ଅତିଥିଙ୍କ ସହ ଚାମ୍ପିୟନ କଳିଙ୍ଗ ୱାରିୟର୍ସ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର



**ଖଡ଼ିଆଳ, ୨୫ା୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ୩୫୩ ନମ୍ବର ଜାତୀୟ ରାଜପଥ ପରିସରରେ ଘର କରି ବସବାସ କରୁଛନ୍ତି ଉମାକାନ୍ତ ରାଉତରାୟ। ରବିବାର ସକାଳେ ତାଙ୍କ ଘରକୁ ଲାଗି ଜମିରେ ଏକ ୧୦ଫୁଟିଆ ଅଜଗର ସାପ ବାହାରିଥିଲା। ୩୫୩ ନମ୍ବର ଜାତୀୟ ରାଜପଥରେ ଘର ଥିବାରୁ ଏହି ଅଜଗରକୁ ଦେଖିବା ଲାଗି ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପରେ ଖଡ଼ିଆଳ ବନ ବିଭାଗକୁ ଏବିଷୟରେ ସୂଚନା ଦେଲା ପରେ ବନ ବିଭାଗର ସାପ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଧରିନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ। ସୂଚନା ଥାଉକି ଏହି ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ବିଭିନ୍ନ ସମୟରେ ନାଗ, ଅଜଗର, ଢ଼ମନା, ବୁଢ଼ାରଣା ସାପ ଇତ୍ୟାଦି ଦେଖିବାକୁ ମିଳିଥାଏ।

### ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

**ଲାଞ୍ଜିଗଡ଼, ୨୫ା୫(ରମେଶଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ପତ୍ରାପଡା ଗ୍ରାମର ଯୁବ ସାମାଜିକ କର୍ମୀ ମହେନ୍ଦ୍ର କରୁଆଁ(୪୫)ଙ୍କ ଶନିବାର ରାତିରେ ଅକାଳ ବିୟୋଗ ଘଟିଛି। ସେ ଜଣେ ଦକ୍ଷ ସଙ୍ଗଠକ, ସାମାଜିକ କର୍ମୀ, ଯୁବନେତା, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ



ଫେଡେରେସନ, ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ ବ୍ଲକ ଶାଖାର ଉପସଭାପତି ଥିଲେ। ଅପରାହ୍ନରେ ନିଜ ପତ୍ରାପଡାସ୍ଥିତ ବାସଭବନରେ ଶୋଇଥିବାବେଳେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ଗାଁ ଶ୍ମଶାନରେ ତାଙ୍କର ଦାହ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ବଳଭଦ୍ର ମାଝୀ, ବ୍ଲକ ଅଧକ୍ଷା କମଳା ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ଦିନିକିଆ ଗସ୍ତରେ ବନ ସଂରକ୍ଷଣ ଅଧିକାରୀ

**ଖଡ଼ିଆଳ, ୨୫ା୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲାକୁ ରବିବାର ଦିନିକିଆ ଗସ୍ତରେ ଆସିଥିଲେ ମୁଖ୍ୟ ବନ ସଂରକ୍ଷକ ସୁରେଶ କୁମାର ପନ୍ଥ ଓ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସନ୍ତୋଷ ଯୋଶୀ। ଖଡ଼ିଆଳ ବନଖଣ୍ଡରେ ପହଞ୍ଚି ବନବିଭାଗ ପକ୍ଷରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ରବିବାର ପୂର୍ବାହ୍ନରେ ଖଡ଼ିଆଳ ବ୍ଲକର ଦୋହେଲପଡାଠାରେ ମୁଖ୍ୟ ବନ ସଂରକ୍ଷକଙ୍କୁ ସ୍ୱାଗତ କରିଥିଲେ ବନଖଣ୍ଡ ଅଧିକାରୀ ଆଜିଜ ଖାଁ ଓ ଏସିଏଫ୍ ମହମ୍ମଦ ମୁସ୍ତଫା ସାଲେହ। ବ୍ଲକର ମନ୍ତ୍ରିତରାଇ, ଉପରପିଟା, ଦେଓବାହାଲର ବୁଢାରଜା ପିଆରଏଫର ବିଭିନ୍ନ ଅଞ୍ଚଳ ବୁଲି ଅନୁଧାନ କରିବା ସହ ଆରଆରଟିର କାର୍ଯ୍ୟ କୌଶଳ ତଥା ତାଙ୍କର ବ୍ୟବହାରରେ ଆସୁଥିବା ସାମଗ୍ରୀର ଯାଞ୍ଚ କରିବା ସହ ଭଲ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ମୌସୁମୀ ଅପେକ୍ଷାରେ ଇନ୍ଦ୍ରାବତୀ

**ଭବାନୀପାଟଣା, ୨୫ା୫ (ଉତ୍ତମ କୁମାର ଦାଶ)**



- ପର୍ଯ୍ୟାପ୍ତ ବର୍ଷା ନ ହେଲେ ପ୍ରଭାବିତ ହେଉଛି ବିଦ୍ୟୁତ୍ ଉତ୍ପାଦନ
- ଜଳଭଣ୍ଡାରରେ ପଙ୍କ ବୃଦ୍ଧି ଯୋଗୁ ଜଳପତନ ହ୍ରାସ
- ଚଳିତ ମାସ ୧୬ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ

କଳାହାଣ୍ଡି ଜିଲାର ଚାଷୀ ଉପର ଇନ୍ଦ୍ରାବତୀ ବିଦ୍ୟୁତ୍ ପ୍ରକଳ୍ପ ଉପରେ ନିର୍ଭରଶୀଳ। ଏହି ପ୍ରକଳ୍ପ ହେବା ଦ୍ୱାରା ଶହ ଶହ ହେକ୍ଟର ଚାଷ ଜମିରେ ଜଳସେଚନ ହେବା ସହ ୬୦୦ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସର୍ବନିମ୍ନ ସ୍ତରକୁ ଛୁଇଁବାକୁ ଯାଉଛି। ଆଗାମୀ ଦିନରେ ଯଦି ପର୍ଯ୍ୟାପ୍ତ ବର୍ଷା ନ ହୁଏ, ତାହାହେଲେ ସ୍ଥିତି ବିଗିଡିବ। ମୌସୁମୀ ଅପେକ୍ଷାରେ ଇନ୍ଦ୍ରାବତୀ ରହିଥିବା ମନେହେଉଛି। ବିଗତ ବର୍ଷମାନଙ୍କରେ ଚାଷ ଜମିପାଇଁ ଜଳସଂକଟର ଚିତ୍ର କଳାହାଣ୍ଡି ଜିଲାରେ ଯାହା ଥାଉନା କାହିଁକି ବର୍ତ୍ତମାନ ସମୟରେ ଶସ୍ୟଶ୍ୟାମଳ ହୋଇପାରିଛି। ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ୪ଟି ଚିରସ୍ରୋତା ନଦୀ ତଥା ମୁରାନ, ପୋଡ଼ାଗଡ଼, ଇନ୍ଦ୍ରାବତୀ ଓ କପୁରକୁ ନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହୋଇଥିବାବେଳେ ଏହାର କ୍ୟାଚମେଣ୍ଟ ଏରିଆ ୨୬୩୦ବର୍ଗ କି.ମି. ଏବଂ ଜଳଧାରଣ କ୍ଷମତା ୬୪୨ମିଟର ରହିଛି। ତେବେ ବର୍ତ୍ତମାନ ମୃତ୍ତିକା କ୍ଷୟ ଇନ୍ଦ୍ରାବତୀ ଜଳଭଣ୍ଡାର ଇନଟେକ ୱେଲ ପାଖରେ ପଙ୍କ ଜମା ହେବା ଫଳରେ ଦିନକୁ ଦିନ ଜଳଧାରଣ କ୍ଷମତା କମି ଯାଉଛି। ୨୦୨୨ ମସିହାରେ ୨୫କୋଟି ଟଙ୍କା ବ୍ୟୟରେ ପଙ୍କ ଉଦ୍ଧାର କାର୍ଯ୍ୟକୁ ହାତକୁ ନିଆଯାଇଥିଲା। କିନ୍ତୁ କେତେଦୂର ଫଳପ୍ରଦ ହୋଇଛି ତାହା ବର୍ତ୍ତମାନର ସ୍ଥିତି ସୂଚେଇଦେଉଛି। ବର୍ତ୍ତମାନ ଜଳପତନ ମାତ୍ର ୬୨୭ମିଟର ରହିଛି। ଜଳପତନ ସର୍ବନିମ୍ନ ସ୍ତର ୬୨୫ମିଟର। ଏହି ସମୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଘୋର ପ୍ରଭାବିତ ହେଉଥିବା କୁହାଯାଇଛି। କେତେବେଳେ ୧୫୦ ପୁଣି କେବେ ୧୮୦ ଏପରିକି ୧୦୦ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ରେକର୍ଡ ରହିଛି। ଓଏଚପିସି. ପକ୍ଷରୁ କୁହାଯାଇଛି ଯେ, ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ନହେଲେ ପାୱାର ଜେନେରେସନ ପ୍ରଭାବିତ ହେବ। ଚଳିତମାସ ୧୬ ତାରିଖରୁ ପାୱାର ଜେନେରେସନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଜଳଭଣ୍ଡାର ଇନ୍‌ଟେକ ୱେଲ ନିକଟରେ ପଟୁ ମାଟି ଜମା ହେବାର ପ୍ରମୁଖ କାରଣ। ପଙ୍କ ହୋଇଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଏବଂ ଦାୟିତ୍ୱ ମୁଣ୍ଡେଇଥିବା ଅଧିକାରୀମାନେ ସହଜରେ ସ୍ୱୀକାର କରିବା ଅବସ୍ଥାରେ ନାହାନ୍ତି। ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୁଦ୍ଧା ମୌସୁମୀକୁ ଭରସା କରି ଇନ୍ଦ୍ରାବତୀ ସେମିତି ରହିଛି। ଜମି ପାଇଁ ଜଳ ସଙ୍କଟକୁ ନେଇ ଗତ କିଛି ବର୍ଷ ଧରି ସେହି ସମାନ ଅଭିଯୋଗ ଚାଷୀଙ୍କଠାରୁ ଶୁଣିବାକୁ ମିଳୁଛି। ପ୍ରତିବର୍ଷ ଜଳଭଣ୍ଡାର ଓ କେନାଲଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ହେଉଛି। ଜଳଧାରଣ କ୍ଷମତା ନିଶ୍ଚିତ ବଢିବା କଥା କିନ୍ତୁ ତାହା ହେଉନାହିଁ। ଇନ୍ଦ୍ରାବତୀ ନଦୀ ଅବବାହିକାରେ ଜଙ୍ଗଲ ନଷ୍ଟ ହେବା ସହ ମୃତ୍ତିକା ଅବକ୍ଷୟ ହେତୁ ଜଳଭଣ୍ଡାର ଧୀରେ ଧୀରେ ପୋତି ହେଉଛି। ଅନେକ ନଦୀ, ଶତାଧିକ ନାଳ, ଝରଣାର ଜଳ ପାଇଁ ଇନ୍ଦ୍ରାବତୀ ଜଳ ଭଣ୍ଡାର ନିଜ ସ୍ଥିତିକୁ ବଞ୍ଚେଇ ରଖିଆସିଛି। ତେବେ ଏହି ନଦୀ, ନାଳ, ଝରଣା ଅବବାହିକାରେ ବନବିଭାଗ ପକ୍ଷରୁ ବୃକ୍ଷ ରୋପଣ ହେବା ସହ ଚତୁଃପାର୍ଶ୍ୱରେ ପଥର ପ୍ୟାଚିଙ୍ଗ କାର୍ଯ୍ୟକୁ କଡାକଡି କରାଯିବାର ଯଥେଷ୍ଟ ଆବଶ୍ୟକତାକୁ ବନ ବିଭାଗ ଠିକ ସେ ଅନୁଭବ କରିପାରୁନି। ଏହି ଜଳଭଣ୍ଡାର ପରିଚାଳନା ଦାୟିତ୍ୱରେ ଖଡିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ଡିଭିଜନ ରହିଛି। ବର୍ଷା ହେଲେ ଜଳସ୍ତର ବୃଦ୍ଧିପାଇବ ହେଲେ ଜଳଧାରଣ କ୍ଷମତା ବୃଦ୍ଧି ପ୍ରତି ଅଧିକମାତ୍ରାରେ ଦୃଷ୍ଟିଦେବାର ସମୟ ଆସିଛି ବୋଲି ସାଧାରଣ ଲୋକଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ଦକ୍ଷିଣ ଓ ବାମ ମୁଖ୍ୟ କେନାଲରେ ଲାଇନିଂ ଓ ପୁନଃରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଇନ୍ଦ୍ରାବତୀ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ ହେବା ଫଳରେ ଅଣ ଜଳସେଚିତ ଅଞ୍ଚଳ ଓ ଆଦୌ ପାଣି ମାଡୁନଥିବା ଜମିରେ ପାଣି ପହଞ୍ଚି ପାରିଛି ବୋଲି ବିଭାଗୀୟ ଯନ୍ତ୍ରୀ କହୁଛନ୍ତି। ମୋଟାମୋଟି ଭାବେ ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଜରିଆରେ ୧୧୮୯୯୨ ହେକ୍ଟର ଜମିକୁ ଜଳ ଯୋଗାଇବାରେ ସମର୍ଥ ହୋଇଛି। ଓଡିଶାକୁ ମୌସୁମୀ ଛୁଇଁବ, ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳପତନ ବୃଦ୍ଧି ହେବ। କଳାହାଣ୍ଡିର ଚାଷୀଙ୍କ କ୍ଷେତ୍ରରେ ଏହା ଯେମିତି ନିୟମିତ ଅପେକ୍ଷା କରିବାର ପରମ୍ପରା ହୋଇଗଲାଣି। ଆଗାମୀ ଦିନରେ ପର୍ଯ୍ୟାପ୍ତ ବର୍ଷା ନ ହେଲେ ପାୱାର ଜେନେରେସନ ପ୍ରଭାବିତ ହେବା ସହିତ ଜମିକୁ ଜଳ ଯୋଗାଣ ଅନିଶ୍ଚିତତା ଭିତରେ ଗତିକରିବ ବୋଲି ଆଶଙ୍କା କରାଯାଉଛି।

## ସ୍ୱାଗତମ୍ ତୋରଣ ଉଦ୍‌ଘାଟନ

**ଖଡ଼ିଆଳ, ୨୫ା୫ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ସ୍ୱାଗତ ତୋରଣ ଉଦ୍‌ଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବରଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବରଗାଁ ସମିତି ସଭ୍ୟା ରଶ୍ମିତା ବାରିକ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରଗାଁ ନାଏବ ସରପଞ୍ଚ ସୁମିତ୍ରା ଚଳାନ, ଏମ୍‌ବିକେ ପ୍ରିୟଙ୍କା ପଣ୍ଡାଙ୍କ ସମେତ ବରଗାଁ ପଞ୍ଚାୟତ କର୍ମଚାରୀ ରକ୍ଷ ନାଗ, ୱାର୍ଡ ମେମ୍ବର ଉଦ୍ଧବ ଶବର, ସଚିଦାନନ୍ଦ ନାଏକ, ଲଳିତ ମୋହନ ମାଝୀ, ଶଶିକଳା ମାଝୀ, ସୁଶୀଳା ସୁନାନୀ, ବସୁଧା ବାଗ, କୁନ୍ତି ମାଝୀ, ଦହନା ଶବର, ଦେବେନ୍ଦ୍ର ଶବର, ବେଲମତି ଶବର, ସରୋଜିନୀ ଶବର, ରଘୁମଣି ଶବର, ସୁଜାତା ସଗରିଆ ସମେତ ପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବିବିଏରେ ସ୍ନେହାସୁଚିତ୍ରା, ବିସିଏରେ ପ୍ରିୟଙ୍କା ଟପ୍ପର

### ସ୍ନାତକ ପରୀକ୍ଷାରେ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

**ଭବାନୀପାଟଣା, ୨୫ା୫ (ଉତ୍ତମ କୁମାର ଦାଶ)**



ଅନ୍ୱେଷା ସାହୁ



ପ୍ରିୟଙ୍କା ମାଝୀ



ଶିବାନୀ ମିଶ୍ର



ସ୍ନେହା ସୁଚିତ୍ରା ମୁଣ୍ଡ

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ ପରୀକ୍ଷାରେ ସ୍ଥାନୀୟ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଫଳ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ସ୍ନେହା ସୁଚିତ୍ରା ମୁଣ୍ଡ ବିବିଏ ବିଭାଗରେ ଓ ପ୍ରିୟଙ୍କା ମାଝି ବିସିଏରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହାସହ ଉକ୍ତ ବିଭାଗର ଶତପ୍ରତିଶତ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ସେହିପରି ଗଣିତ ବିଭାଗରେ ଶିବାନୀ ମିଶ୍ର ୯.୩୬ ସିଜିପିଏ ଗ୍ରେଡ ମାର୍କ ଓ ଅନ୍ୱେଷା ସାହୁ ବିଜ୍ଞାନ ବିଭାଗରେ ୯.୧୯ ସିଜିପିଏ ଗ୍ରେଡ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏପଟେ ବିଜ୍ଞାନ ବିଭାଗରେ ମଧ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ନିପୁଣତାର ସହିତ ପାସ କରି ଭଲ ପରୀକ୍ଷା ଫଳ ପ୍ରଦର୍ଶନ କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମକୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ଆଇଟି ମ୍ୟାନେଜମେଣ୍ଟର ଅଧକ୍ଷ ଡ଼ ସୁଦୀପ୍ତ କୁମାର ଜେନା, ବିଜ୍ଞାନ ବିଭାଗର ଅଧକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ବଜ୍ରପାତରେ ୨ବଳଦ ମୃତ

**ଲାଞ୍ଜିଗଡ଼, ୨୫ା୫(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଡିବନ୍ଧା ଗ୍ରାମରେ ବଜ୍ରପାତରେ ରବିବାର ଅପରାହ୍ନରେ ଦୁଇଟି ବଳଦର ମୃତ୍ୟୁଘଟିଛି। ସୂଚନାନୁସାରେ ମାଡିବନ୍ଧା ଗ୍ରାମର ଚେରରେ ସିଂ ଗଉଡ ଏବଂ କେଶବ ଗଉଡ ଦୁଇ ଜଣଙ୍କ ଦୁଇଗୋଟି ବଳଦ ନିକଟସ୍ଥ ପଡିଆରେ ଚରୁଥିବା ସମୟରେ କାଳବୈଶାଖୀ ତାଣ୍ଡବରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ଗଛମୂଳରେ ଆସି ଠିଆ ହୋଇଥିବାବେଳେ ବଜ୍ରପାତରେ ମୃତ୍ୟୁ ହୋଇଛି। ଉଭୟ ବଳଦ ମୂଲ୍ୟ ପ୍ରାୟ ସତୁରୀ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ପଶୁ ଚିକିତ୍ସକ ଓ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ। ଏନେଇ ଭିଏସ୍ ତେଜସ୍ୱୀନି ସାହୁଙ୍କୁ ପଚାରିବାରୁ ତହସିଲଦାରଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପରେ ସରକାରଙ୍କଠାରୁ ଯାହା ସହାୟତା ଆସିବ ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ନାମ ସଂକୀର୍ତ୍ତନ ଯଜ୍ଞ ଉଦ୍‌ଯାପିତ



ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

**ବେହେରା, ୨୫ା୫(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତ ବାଙ୍କିମୁଣ୍ଡା ଗ୍ରାମରେ ଷୋହଳ ପ୍ରହର ମହାମନ୍ତ୍ର ନାମ ସଂକୀର୍ତ୍ତନ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଭାତ ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ କର୍ତ୍ତା ରୂପରେ, ଗୋପାଳ ଜି ଠାକୁର ପୂଜକ ଭାବେ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ୨୨ରେ କଳସ ଯାତ୍ରା ଓ ଅଧିବାସ, ୨୩ରେ ମା' ଦନ୍ତେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପ୍ରଥମେ ନାମ ଆରମ୍ଭ କରାଯାଇଥିଲା। ସମସ୍ତ ଭକ୍ତଙ୍କ ନିମିତ୍ତ ଅନ୍ନଛତ୍ର ଖୋଲାଯାଇଥିଲା। ନାମଯଜ୍ଞରେ ବଲାଙ୍ଗୀର ଜିଲା ଦଳେଇ ମୁଣ୍ଡାର ଜ୍ୟୋସ୍ନାମୟୀ ଦୀକ୍ଷିତଙ୍କ ବାଳିକା ସଂକୀର୍ତ୍ତନ ମଣ୍ଡଳୀ, ଘୁଚାପାଳୀ ବଲାଙ୍ଗୀର ଜସ୍ମିନ ମାଝୀଙ୍କ ବାଳିକା ସଂକୀର୍ତ୍ତନ ମଣ୍ଡଳୀ, ବରଗଡ଼ ଜିଲା ଭୁଲିଆଡିହିର ପ୍ରଭାତ ସାହୁଙ୍କ କୀର୍ତ୍ତନ ମଣ୍ଡଳୀ, ବଲାଙ୍ଗୀର ଜିଲା କୁଲୁଭଟାର ଗୁରୁ ମିଟୁ ପାଣିଗ୍ରାହୀଙ୍କ ସଂକୀର୍ତ୍ତନ ମଣ୍ଡଳୀ, ନୂଆପଡ଼ା ଜିଲା ନିଲଜିର ଗୁରୁ ନରସିଂହ ମାଝୀଙ୍କ ସଂକୀର୍ତ୍ତନ ମଣ୍ଡଳୀ, ନୂଆପଡ଼ା ସୋଲବନ୍ଧର ଜଗାବଳିଆ ସଂକୀର୍ତ୍ତନ ମଣ୍ଡଳୀ, କଳାହାଣ୍ଡି କର୍ଲାକୋଟର ଗୁରୁ ଚନ୍ଦନ ପଣ୍ଡାଙ୍କ ସଂକୀର୍ତ୍ତନ ଦଳ, କଳାହାଣ୍ଡି ଦଳଗୁମାର ଗୁରୁ ଦେବରାଜ ଖର୍ସେଲଙ୍କ ସଂକୀର୍ତ୍ତନ ଦଳ ଓ ବାଙ୍କିମୁଣ୍ଡାର ଗୁରୁ ସୁକାନ୍ତ ପୁଞ୍ଜିଙ୍କ ସଂକୀର୍ତ୍ତନ ଦଳ ଯୋଗଦେଇ ପର୍ଯ୍ୟାୟ କ୍ରମେ ଷୋହଳ ପ୍ରହର ବ୍ୟାପି ନିରନ୍ତର ମହାମନ୍ତ୍ର ନାମ ଗାନ ପୂର୍ବକ କଳା ପ୍ରଦର୍ଶନ କରିଥିଲେ। ୨୫ରେ ନାମସମ୍ପନ, ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହୋଇଥିଲା। ଦଳସର୍ଗି ଓ ବାଙ୍କିମୁଣ୍ଡା ଗ୍ରାମର ଶତାଧିକ ମହିଳା ଭକ୍ତମାନଙ୍କ ପାଇଁ ଭୋଗ ବିତରଣ ଦାୟିତ୍ୱରେ ଥିବା ବେଳେ ନାମଯଜ୍ଞ କମିଟିର ସଭାପତି ପ୍ରେମ କାଣ୍ଡ, ଉପସଭାପତି ସର୍ଦ୍ଧାକର ମାଝୀ, ସମ୍ପାଦକ ଉଜ୍ଜ୍ୱଳ ସିଂହ ପୂଝାରୀ, ସହସମ୍ପାଦକ ମଙ୍ଗଲୁ ପୂଝାରୀ, ଗ୍ରାମର ଗୌନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପ୍ରଶାନ୍ତ ତିୱାରୀ, ଧନପତି ପୂଝାରୀ, ଝସ କେତନ ପୂଝାରୀଙ୍କ ସମେତ ଗ୍ରାମର ଶତାଧିକ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନ ପକ୍ଷରୁ ପୁରସ୍କୃତ

### ସମ୍ବର୍ଦ୍ଧିତ ହେଲେ ଗୁରୁଙ୍କ ସହ ଛାତ୍ରୀଛାତ୍ର

**ଥୁଆମୂଳ ରାମପୁର, ୨୫ା୫(ଦୁର୍ଗା କୀର୍ତ୍ତି)**



ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କଳାକାର ରାଜ୍ୟସ୍ତରରେ ପୁରସ୍କୃତ ହୋଇ ନିଜ ବ୍ଲକ ଓ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଅର୍ଜନ କରିଥିବା ଜଣାପଡିଛି। ୨୨ ତାରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ, ଖୋର୍ଦ୍ଧା ତରଫରୁ ଆୟୋଜିତ ୧୧ ତମ ଚଳଚ୍ଚିତ୍ର ପୁରସ୍କାର ବା କବି କଳାକାର ମହାକୁମ୍ଭ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ତଥା ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଥୁଆମୂଳ ରାମପୁର ସଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗତ ଜାନୁଆରୀରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଅବସରରେ ଏହି ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ଲୋକନୃତ୍ୟ ଓ ଲୋକବାଦ୍ୟକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ସୋସିଆଲ ମିଡିଆ ମାଧ୍ୟମରେ ଦେଖି ଏହି କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ନିମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତଥା ନୃତ୍ୟଗୁରୁ ଅଜିତ କୁମାର ଦୁର୍ଗାଙ୍କୁ 'କଳାନୀଧି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା ଓ ପ୍ରଧାନ ଶିକ୍ଷକ ନାଗେଶର ନାଏକ ତଥା ଛାତ୍ରୀଛାତ୍ରୀଙ୍କୁ 'ଉତ୍କଳ ନୃତ୍ୟ ମଞ୍ଜରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

## ସିନ୍ଦୂରର ସଫଳତାକୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା

**ନୂଆପଡ଼ା, ୨୫ା୫ (ମକାରୁ ବେମାଲ)**

ଭାରତୀୟ ସେନାର ଅପରେସନ ସିନ୍ଦୁରର ସଫଳତାକୁ ନେଇ ପରାକ୍ରମ ବା ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ରବିବାର ନୂଆପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି (ଭାଜପା)ର ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ହୋଇଥିଲା। ଜନସାଧାରଣଙ୍କ ଭିତରେ ରାଷ୍ଟ୍ରୀୟତା ଜାଗରଣ ଓ ଭାରତୀୟ ସେନାବାହିନୀଙ୍କୁ ସମ୍ମାନ ଜଣାଇ ଖରିଆରରୋଡ ଶ୍ରୀରାମ ମନ୍ଦିରଠାରୁ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ବାହାରି ନୂଆପଡା ସହର ପରିକ୍ରମା କରି ସିରତୋଲ ଦେଇ ସ୍ଥାନୀୟ ପୋଲିସ ପଡିଆ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଜିଲା ସଭାପତି କମଲେସ ଦିକ୍ଷିତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ବା ଆଇନଜୀବୀ ସୁଶାନ୍ତ କୁମାର ପତି, ଗୋଲ୍‌ଡି ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ସୋନିଆ ଜୈନ, ମଣ୍ଡଳ ସଭାପତି ସଦାନନ୍ଦ ଯୋଶୀ, ସନ୍ତୋଷ ସାହୁ, ଗୋବିନ୍ଦ ଦଣ୍ଡସେନା, ସୁନୀଲ ସାହୁ, ଭକ୍ତ ରଣା, ଲୋକନାଥ ହୋତା, ଶତୃଘ୍ନ ସ୍ୱାଇଁ, ପଙ୍କଜ ମାରାଡିଆ, ବିଘ୍ନେଶ୍ୱର ନିଆଲ, ସନ୍ଦୀପ ଶର୍ମା ଓ ଦେଶପ୍ରେମୀ ଜନ ସାଧାରଣ ଖରିଆର ରୋଡ ଶ୍ରୀରାମ ମନ୍ଦିରଠାରୁ ନୂଆପଡା ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା କରିଥିଲେ। ଏଥିରେ ନୂଆପଡା ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ।




ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ଭଲିବଲ ଟୁର୍ନାମେଣ୍ଟ: ରିଷିଡ଼ା ଚାମ୍ପିୟନ

**ରିଷିଡା, ୨୫ା୫(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଯୁବ ସଙ୍ଗଠନ ପକ୍ଷରୁ ଏକଦିବସୀୟ ଜୁନିୟର ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେଲଖଣ୍ଡି ପଲସାପଡା ଓ ରିଷିଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଷିଡା ଚାମ୍ପିୟନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ ସାହୁ, ସଲିମ ସେଖର ରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନାରେ ସଭାପତି ପପୁନ ରଣା, ସମ୍ପାଦକ କିରଣ ବେହେରା, ରେଫରି ବଣ୍ଟି ସେଠ, ବବୁଲୁ ସାହୁ, ଡିଲୁ ବେହେରା, ମୁକେଶ ରଣା ସହଯୋଗ କରିଥିଲେ। ସ୍କୋରର ଭାବେ ତନମୟ ରଣା, ଆୟୁଷ କେଡିଆ ଦାୟିତ୍ୱ ନେଇଥିଲେ। ମୁଖ୍ୟ ସହଯୋଗରେ ରଞ୍ଜନ ନାଏକ, ରାଜେଶ ଗଡ଼ତିଆ, ଲିପୁ ସେଠ, ଡିଟୁ ନାଏକ, ଜିତୁ ରଣା ଥିଲେ। ଏଥିରେ କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକ ଓ କର୍ଲାମୁଣ୍ଡା ବ୍ଲକର ୮ ଟି ଜୁନିୟର ଦଳ ଅଂଶଗ୍ରହଣ କରିଥିଲେ। ରିଷିଡା ଯୁବ ସଙ୍ଗଠନର ସମସ୍ତ କର୍ମକର୍ତ୍ତା, ଗ୍ରାମର ପୁରାତନ ଖେଳାଳି ଆୟୋଜନରେ ସହଯୋଗ କରିଥିଲେ।



ଖେଳାଳିମାନଙ୍କ ସହ ଅତିଥି।

# ମୌସୁମୀ ଅପେକ୍ଷାରେ ଇନ୍ଦ୍ରାବତୀ

ଭବାନୀପାଟଣା, ୨୫।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଚାଷୀ ଉପର ଇନ୍ଦ୍ରାବତୀ ବିଦ୍ୟୁତ୍ ପ୍ରକଳ୍ପ ଉପରେ ନିର୍ଭରଶୀଳ। ଏହି ପ୍ରକଳ୍ପ ହେବା ଦ୍ୱାରା ଶହ ଶହ ହେକ୍ଟର ଚାଷ ଜମିରେ ଜଳସେଚନ ହେବା ସହ ୬୦୦ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସର୍ବନିମ୍ନ ସ୍ତରକୁ ଛୁଇଁବାକୁ ଯାଉଛି। ଆଗାମୀ ଦିନରେ ଯଦି ପର୍ଯ୍ୟାପ୍ତ ବର୍ଷା ନ ହୁଏ, ତାହାହେଲେ ସ୍ଥିତି ବିଗିଡ଼ିବ। ମୌସୁମୀ ଅପେକ୍ଷାରେ ଇନ୍ଦ୍ରାବତୀ ରହିଥିବା ମନେହେଉଛି। ବିଗତ ବର୍ଷମାନଙ୍କରେ ଚାଷ ଜମିପାଇଁ ଜଳସଂକଟର ଚିତ୍ର କଳାହାଣ୍ଡି ଜିଲାରେ ଯାହା ଥାଉନା କାହିଁକି ବର୍ତ୍ତମାନ ସମୟରେ ଶସ୍ୟଶ୍ୟାମଳ ହୋଇପାରିଛି। ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ୪ଟି ଚିରସ୍ରୋତା ନଦୀ ତଥା ମୁରାନ, ପୋଡ଼ାଗଡ଼, ଇନ୍ଦ୍ରାବତୀ ଓ କପୁରକୁ ନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହୋଇଥିବାବେଳେ ଏହାର କ୍ୟାଚମେଣ୍ଟ ଏରିଆ ୨୬୩୦ବର୍ଗ କି.ମି. ଏବଂ ଜଳଧାରଣ କ୍ଷମତା ୬୪୨ମିଟର ରହିଛି। ତେବେ ବର୍ତ୍ତମାନ ମୃତ୍ତିକା କ୍ଷୟ ଇନ୍ଦ୍ରାବତୀ ଜଳଭଣ୍ଡାର ଇନଟେକ ୱେଲ ପାଖରେ ପଙ୍କ ଜମା ହେବା ଫଳରେ ଦିନକୁ ଦିନ ଜଳଧାରଣ କ୍ଷମତା କମି ଯାଉଛି। ୨୦୨୨ ମସିହାରେ ୨୫କୋଟି ଟଙ୍କା ବ୍ୟୟରେ ପଙ୍କ ଉଦ୍ଧାର କାର୍ଯ୍ୟକୁ ହାତକୁ ନିଆଯାଇଥିଲା।



କିନ୍ତୁ କେତେଦୂର ଫଳପ୍ରଦ ହୋଇଛି ତାହା ବର୍ତ୍ତମାନର ସ୍ଥିତି ସୂଚେଇଦେଉଛି। ବର୍ତ୍ତମାନ ଜଳପତ୍ତନ ମାତ୍ର ୬୨୭ମିଟର ରହିଛି। ଜଳପତ୍ତନ ସର୍ବନିମ୍ନ ସ୍ତର ୬୨୫ମିଟର। ଏହି ସମୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଘୋର ପ୍ରଭାବିତ ହେଉଥିବା କୁହାଯାଇଛି। କେତେବେଳେ ୧୫୦ ପୁଣି କେବେ ୧୮୦ ଏପରିକି ୧୦୦ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ରେକର୍ଡ ରହିଛି। ଓଏଚପିସି. ପକ୍ଷରୁ କୁହାଯାଇଛି ଯେ, ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ନହେଲେ ପାୱାର ଜେନେରେସନ ପ୍ରଭାବିତ ହେବ। ଚଳିତମାସ ୧୬ ତାରିଖରୁ ପାୱାର ଜେନେରେସନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଜଳଭଣ୍ଡାର ଇନ୍‌ଟେକ ୱେଲ ନିକଟରେ ପଟୁ ମାଟି ଜମା ହେବାର ପ୍ରମୁଖ କାରଣ। ପଙ୍କ ହୋଇଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଏବଂ ଦାୟିତ୍ୱ ମୁଣ୍ଡେଇଥିବା ଅଧିକାରୀମାନେ ସହଜରେ ସ୍ୱୀକାର କରିବା ଅବସ୍ଥାରେ ନାହାନ୍ତି। ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୁଦ୍ଧା ମୌସୁମୀକୁ ଭରସା କରି ଇନ୍ଦ୍ରାବତୀ ସେମିତି ରହିଛି। ଜମି ପାଇଁ ଜଳ ସଙ୍କଟକୁ ନେଇ ଗତ କିଛି ବର୍ଷ ଧରି ସେହି ସମାନ ଅଭିଯୋଗ ଚାଷୀଙ୍କଠାରୁ ଶୁଣିବାକୁ ମିଳୁଛି। ପ୍ରତିବର୍ଷ ଜଳଭଣ୍ଡାର ଓ କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ହେଉଛି। ଜଳଧାରଣ କ୍ଷମତା ନିଶ୍ଚିତ ବଢ଼ିବା କଥା କିନ୍ତୁ ତାହା ହେଉନାହିଁ। ଇନ୍ଦ୍ରାବତୀ ନଦୀ ଅବବାହିକାରେ ଜଙ୍ଗଲ ନଷ୍ଟ ହେବା ସହ ମୃତ୍ତିକା ଅବକ୍ଷୟ ହେତୁ ଜଳଭଣ୍ଡାର ଧୀରେ ଧୀରେ ପୋତି ହେଉଛି। ଅନେକ ନଦୀ, ଶତାଧିକ ନାଳ, ଝରଣାର ଜଳ ପାଇଁ ଇନ୍ଦ୍ରାବତୀ ଜଳ ଭଣ୍ଡାର ନିଜ ସ୍ଥିତିକୁ ବଞ୍ଚେଇ ରଖିଆସିଛି। ତେବେ ଏହି ନଦୀ, ନାଳ, ଝରଣା ଅବବାହିକାରେ ବନବିଭାଗ ପକ୍ଷରୁ ବୃକ୍ଷ ରୋପଣ ହେବା ସହ ଚତୁଃପାର୍ଶ୍ୱରେ ପଥର ପ୍ୟାଚିଙ୍ଗ କାର୍ଯ୍ୟକୁ କଡାକଡି କରାଯିବାର ଯଥେଷ୍ଟ ଆବଶ୍ୟକତାକୁ ବନ ବିଭାଗ ଠିକ ସେ ଅନୁଭବ କରିପାରୁନି। ଏହି ଜଳଭଣ୍ଡାର ପରିଚାଳନା ଦାୟିତ୍ୱରେ ଖତିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ଡିଭିଜନ ରହିଛି। ବର୍ଷା ହେଲେ ଜଳସ୍ତର ବୃଦ୍ଧିପାଇବ ହେଲେ ଜଳଧାରଣ କ୍ଷମତା ବୃଦ୍ଧି ପ୍ରତି ଅଧିକମାତ୍ରାରେ ଦୃଷ୍ଟିଦେବାର ସମୟ ଆସିଛି ବୋଲି ସାଧାରଣ ଲୋକଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ଦକ୍ଷିଣ ଓ ବାମ ମୁଖ୍ୟ କେନାଲରେ ଲାଇନିଂ ଓ ପୁନଃରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଇନ୍ଦ୍ରାବତୀ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ ହେବା ଫଳରେ ଅଣ ଜଳସେଚିତ ଅଞ୍ଚଳ ଓ ଆଦୌ ପାଣି ମାଡୁନଥିବା ଜମିରେ ପାଣି ପହଞ୍ଚି ପାରିଛି ବୋଲି ବିଭାଗୀୟ ଯନ୍ତ୍ରୀ କହୁଛନ୍ତି। ମୋଟାମୋଟି ଭାବେ ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଜରିଆରେ ୧୧୮୯୯୨ ହେକ୍ଟର ଜମିକୁ ଜଳ ଯୋଗାଇବାରେ ସମର୍ଥ ହୋଇଛି। ଓଡିଶାକୁ ମୌସୁମୀ ଛୁଇଁବ, ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳପତ୍ତନ ବୃଦ୍ଧି ହେବ। କଳାହାଣ୍ଡିର ଚାଷୀଙ୍କ କ୍ଷେତ୍ରରେ ଏହା ଯେମିତି ନିୟମିତ ଅପେକ୍ଷା କରିବାର ପରମ୍ପରା ହୋଇଗଲାଣି। ଆଗାମୀ ଦିନରେ ପର୍ଯ୍ୟାପ୍ତ ବର୍ଷା ନ ହେଲେ ପାୱାର ଜେନେରେସନ ପ୍ରଭାବିତ ହେବା ସହିତ ଜମିକୁ ଜଳ ଯୋଗାଣ ଅନିଶ୍ଚିତତା ଭିତରେ ଗତିକରିବ ବୋଲି ଆଶଙ୍କା କରାଯାଉଛି।

- ପର୍ଯ୍ୟାପ୍ତ ବର୍ଷା ନ ହେଲେ ପ୍ରଭାବିତ ହେଉଛି ବିଦ୍ୟୁତ୍ ଉତ୍ପାଦନ
- ଜଳଭଣ୍ଡାରରେ ପଙ୍କ ବୃଦ୍ଧି ଯୋଗୁ ଜଳପତ୍ତନ ହ୍ରାସ
- ଚଳିତ ମାସ ୧୬ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ

## ସଂକ୍ଷେପରେ

### ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର



ଖଡ଼ିଆଳ, ୨୫।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ୩୫୩ ନମ୍ବର ଜାତୀୟ ରାଜପଥ ପରିସରରେ ଘର କରି ବସବାସ କରୁଛନ୍ତି ଉମାକାନ୍ତ ରାଉତରାୟ। ରବିବାର ସକାଳେ ତାଙ୍କ ଘରକୁ ଲାଗି ଜମିରେ ଏକ ୧୦ଫୁଟିଆ ଅଜଗର ସାପ ବାହାରିଥିଲା। ୩୫୩ ନମ୍ବର ଜାତୀୟ ରାଜପଥରେ ଘର ଥିବାରୁ ଏହି ଅଜଗରକୁ ଦେଖିବା ଲାଗି ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପରେ ଖଡ଼ିଆଳ ବନ ବିଭାଗକୁ ଏବିଷୟରେ ସୂଚନା ଦେଲା ପରେ ବନ ବିଭାଗର ସାପ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଧରିନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ। ସୂଚନା ଥାଉକି ଏହି ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ବିଭିନ୍ନ ସମୟରେ ନାଗ, ଅଜଗର, ଡ଼ମନା, ବୁଢ଼ାରଣା ସାପ ଇତ୍ୟାଦି ଦେଖିବାକୁ ମିଳିଥାଏ।

### ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

ଲାଞ୍ଜିଗଡ଼, ୨୫।୫ (ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ପତ୍ରାପଡା ଗ୍ରାମର ଯୁବ ସାମାଜିକ କର୍ମୀ ମହେନ୍ଦ୍ର କରୁଆଁ(୪୫)ଙ୍କ ଶନିବାର ରାତିରେ ଅକାଳ ବିୟୋଗ ଘଟିଛି। ସେ ଜଣେ ଦକ୍ଷ ସଙ୍ଗଠକ, ସାମାଜିକ କର୍ମୀ, ଯୁବନେତା, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ



ଫେଡେରେସନ, ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ ବ୍ଲକ ଶାଖାର ଉପସଭାପତି ଥିଲେ। ଅପରାହ୍ନରେ ନିଜ ପତ୍ରାପଡାସ୍ଥିତ ବାସଭବନରେ ଶୋଇଥିବାବେଳେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ଗାଁ ଶ୍ମଶାନରେ ତାଙ୍କର ଦାହ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ବଳଭଦ୍ର ମାଝୀ, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ଦିନିକିଆ ଗସ୍ତରେ ବନ ସଂରକ୍ଷଣ ଅଧିକାରୀ

ଖଡ଼ିଆଳ, ୨୫।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାକୁ ରବିବାର ଦିନିକିଆ ଗସ୍ତରେ ଆସିଥିଲେ ମୁଖ୍ୟ ବନ ସଂରକ୍ଷକ ସୁରେଶ କୁମାର ପନ୍ଥ ଓ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସନ୍ତୋଷ ଯୋଶୀ। ଖଡ଼ିଆଳ ବନଖଣ୍ଡରେ ପହଞ୍ଚି ବନବିଭାଗ ପକ୍ଷରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ରବିବାର ପୂର୍ବାହ୍ନରେ ଖଡ଼ିଆଳ ବ୍ଲକର ଦୋହେଲପଡାଠାରେ ମୁଖ୍ୟ ବନ ସଂରକ୍ଷକଙ୍କୁ ସ୍ୱାଗତ କରିଥିଲେ ବନଖଣ୍ଡ ଅଧିକାରୀ ଆଜିଜ ଖାଁ ଓ ଏସିଏଫ୍ ମହମ୍ମଦ ମୁସ୍ତଫା ସାଲେହ। ବ୍ଲକର ମନ୍ତ୍ରିତରାଇ, ଉପରପିଟା, ଦେଓବାହାଲର ବୁଢାରଜା ପିଆରଏଫର ବିଭିନ୍ନ ଅଞ୍ଚଳ ବୁଲି ଅନୁଧ୍ୟାନ କରିବା ସହ ଆରଆରଟିର କାର୍ଯ୍ୟ କୌଶଳ ତଥା ତାଙ୍କର ବ୍ୟବହାରରେ ଆସୁଥିବା ସାମଗ୍ରୀର ଯାଞ୍ଚ କରିବା ସହ ଭଲ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ସ୍ୱାଗତମ୍ ତୋରଣ ଉଦ୍‌ଘାଟନ

ଖଡ଼ିଆଳ, ୨୫।୫ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ସ୍ୱାଗତ ତୋରଣ ଉଦ୍‌ଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବରଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବରଗାଁ ସମିତି ସଭ୍ୟା ରଶ୍ମିତା ବାରିକ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରଗାଁ ନାଏବ ସରପଞ୍ଚ ସୁମିତ୍ରା ଚଳାନ, ଏମ୍‌ବିକେ ପ୍ରିୟଙ୍କା ପଣ୍ଡାଙ୍କ ସମେତ ବରଗାଁ ପଞ୍ଚାୟତ କର୍ମଚାରୀ ରକ୍ଷ ନାଗ, ୱାର୍ଡ ମେମ୍ବର ଉଦ୍ଧବ ଶବର, ସଚିଦାନନ୍ଦ ନାଏକ, ଲଳିତ ମୋହନ ମାଝୀ, ଶଶିକଳା ମାଝୀ, ସୁଶୀଳା ସୁନାନୀ, ବସୁଧା ବାଗ, କୁନ୍ତି ମାଝୀ, ଦହନା ଶବର, ଦେବେନ୍ଦ୍ର ଶବର, ବେଲମତି ଶବର, ସରୋଜିନୀ ଶବର, ରଘୁମଣି ଶବର, ସୁଜାତା ସଗରିଆ ସମେତ ପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବିବିଏରେ ସ୍ନେହାସୁଚିତ୍ରା, ବିସିଏରେ ପ୍ରିୟଙ୍କା ଟପ୍ପର

### ସ୍ନାତକ ପରୀକ୍ଷାରେ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା, ୨୫।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ ପରୀକ୍ଷାରେ ସ୍ଥାନୀୟ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଫଳ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ସ୍ନେହା ସୁଚିତ୍ରା ମୁଣ୍ଡ ବିବିଏ ବିଭାଗରେ ଓ ପ୍ରିୟଙ୍କା ମାଝି ବିସିଏରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହାସହ ଉକ୍ତ ବିଭାଗର ଶତପ୍ରତିଶତ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ସେହିପରି ଗଣିତ ବିଭାଗରେ ଶିବାନୀ ମିଶ୍ର ୯.୩୬ ସିଜିପିଏ ଗ୍ରେଡ ମାର୍କ ଓ ଅନ୍ୱେଷା ସାହୁ ବିଜ୍ଞାନ ବିଭାଗରେ ୯.୧୯ ସିଜିପିଏ ଗ୍ରେଡ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏପଟେ ବିଜ୍ଞାନ ବିଭାଗରେ ମଧ୍ୟ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ନିପୁଣତାର ସହିତ ପାସ କରି ଭଲ ପରୀକ୍ଷା ଫଳ ପ୍ରଦର୍ଶନ କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମକୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ଆଇଟି ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ଼ ସୁଦୀପ୍ତ କୁମାର ଜେନା, ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



ଅନ୍ୱେଷା ସାହୁ



ପ୍ରିୟଙ୍କା ମାଝୀ



ଶିବାନୀ ମିଶ୍ର



ସ୍ନେହା ସୁଚିତ୍ରା ମୁଣ୍ଡ

## ବଜ୍ରପାତରେ ୨ବଳଦ ମୃତ

ଲାଞ୍ଜିଗଡ଼, ୨୫।୫ (ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଡିବନ୍ଧା ଗ୍ରାମରେ ବଜ୍ରପାତରେ ରବିବାର ଅପରାହ୍ନରେ ଦୁଇଟି ବଳଦର ମୃତ୍ୟୁଘଟିଛି। ସୂଚନାନୁସାରେ ମାଡିବନ୍ଧା ଗ୍ରାମର ଚେରରେ ସିଂ ଗଉଡ ଏବଂ କେଶବ ଗଉଡ ଦୁଇ ଜଣଙ୍କ ଦୁଇଗୋଟି ବଳଦ ନିକଟସ୍ଥ ପଡିଆରେ ଚରୁଥିବା ସମୟରେ କାଳବୈଶାଖୀ ତାଣ୍ଡବରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ଗଛମୂଳରେ ଆସି ଠିଆ ହୋଇଥିବାବେଳେ ବଜ୍ରପାତରେ ମୃତ୍ୟୁ ହୋଇଛି। ଉଭୟ ବଳଦ ମୂଲ୍ୟ ପ୍ରାୟ ସତୁରୀ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ପଶୁ ଚିକିତ୍ସକ ଓ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ। ଏନେଇ ଭିଏସ୍ ତେଜସ୍ୱିନି ସାହୁଙ୍କୁ ପଚାରିବାରୁ ତହସିଲଦାରଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପରେ ସରକାରଙ୍କଠାରୁ ଯାହା ସହାୟତା ଆସିବ ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ଟ୍ରାଫିକ ପୋଲିସ ଅଧିକାରୀଙ୍କୁ ଆକ୍ରମଣ, ୨ କିନ୍ନର ଗିରଫ

ବରଗଡ଼, ୨୫।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଚୋରି, ଲୁଟପାଟ, ନିଶା କାରବାର ବଢି ଚାଲି ଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ରବିବାର ବରଗଡ଼ ସହରର କେନ୍ଦ୍ରସ୍ଥଳୀ ଗାନ୍ଧୀଛକରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତା ଉପରେ ଟ୍ରାଫିକ୍ ପୋଲିସ ଅଧିକାରୀଙ୍କ ଉପରକୁ କିନ୍ନରମାନେ ଆକ୍ରମଣ କରିଛନ୍ତି। ଏଥିରେ ସ୍ଥାନୀୟ ଟ୍ରାଫିକ ପୋଲିସ ଅଧିକାରୀ ମଙ୍ଗଳ କିସ୍କୁ ଆହତ ହୋଇଛନ୍ତି। ତାଙ୍କ ଡାହାଣ ହାତ ଅଙ୍ଗୁଳିରେ ଗଭୀର ଆଘାତ ଲାଗିଥିବାରୁ ସେ ବରଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୨ କିନ୍ନରଙ୍କୁ ଗିରଫ କରି ଅପରାହ୍ନରେ ବରଗଡ଼ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ, ଟି. ଜି ରେଶ୍ମା ଏବଂ ଟି. ଜି କାଜଲ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ କିନ୍ନରଙ୍କୁ ବରଗଡ କାରାଗାରକୁ ପଠାଇ ଦିଆଯାଇଛି। ଟ୍ରାଫିକ୍ ପୋଲିସ ଅଧିକାରୀ କିସ୍କୁଙ୍କ ଏତଲାକ୍ରମେ ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ-୨୫୪/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବରଗଡ଼ ସହରର ବିଭିନ୍ନ ସ୍ଥାନରେ କେତେକ କିନ୍ନର ଲୋକଙ୍କୁ ଅଟକାଇ ଟଙ୍କା ଦାବି କରୁଥିବା ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଛି। ଏଥିରୁ ସହରରେ ରହିଥିବା ଟ୍ରାଫିକ ପୋଷ୍ଟ ମଧ୍ୟ ବାଦ୍ ପଡି ନ ଥିଲା। ଟ୍ରାଫିକ ପୋଷ୍ଟରେ ରେଡ ସିଗ୍‌ନାଲ ପଡିବା ପରେ ଗାଡି ଚାଳକମାନେ ଅଟକୁ ଥିବାବେଳେ ସେଠାକୁ କେତେକ କିନ୍ନର ପହଞ୍ଚି ଚାଳକମାନଙ୍କୁ ଜୋର୍ ଜବରଦସ୍ତ ଟଙ୍କା ମାଗୁଥିଲେ। ଏଥିପାଇଁ ଟ୍ରାଫିକ ସମସ୍ୟା ଉପୁଜିବା ସହିତ ଲୋକମାନେ ହଇରାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ରବିବାର ଟ୍ରାଫିକ ଅଧିକାରୀ କିସ୍କୁ ତାଙ୍କ ଟିମ୍ ଧରି ପୋଲିସ ଭ୍ୟାନରେ କାର୍ଯ୍ୟରତ ଥିବାବେଳେ ସ୍ଥାନୀୟ ଗାନ୍ଧୀଛକ ଟ୍ରାଫିକ ପୋଷ୍ଟରେ କିନ୍ନରଙ୍କ ଏଭଳି ଦୌରାତ୍ମ୍ୟ ତାଙ୍କ ଦୃଷ୍ଟିରେ ପଡ଼ିଥିଲା। ସେ ପୋଲିସ ଭ୍ୟାନରୁ ନ ଓହ୍ଲାଉଣୁ ୨ଅଭିଯୁକ୍ତ କିନ୍ନର ପ୍ରଥମେ ଭ୍ୟାନ ଚାଳକଙ୍କୁ ଧମକ ଚମକ ଦେବା ସହିତ ଟ୍ରାଫିକ ଅଧିକାରୀ କିସ୍କୁଙ୍କ ପାଖକୁ ପହଞ୍ଚି ଥିଲେ। ସେଠାରେ ପୋଲିସ ଲାଠି ଛଡ଼ାଇ ଅଭିଯୁକ୍ତ କିନ୍ନରମାନେ ପୋଲିସ ଭ୍ୟାନକୁ ଭଙ୍ଗାରୁଜା କରିବା ସହିତ ଟ୍ରାଫିକ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ସେଠାକୁ ମହିଳା ପୋଲିସ ପହଞ୍ଚି ୨ ଅଭିଯୁକ୍ତ କିନ୍ନରଙ୍କୁ ଧରି ଟାଉନ ଥାନାକୁ ନେଇଥିଲେ।



କିନ୍ନରଙ୍କ ଆକ୍ରମଣରେ ଆହତ ଟ୍ରାଫିକ ପୋଲିସ ଅଧିକାରୀ।

## ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନ ପକ୍ଷରୁ ପୁରସ୍କୃତ

ଥୁଆମୂଳ ରାମପୁର, ୨୫।୫ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କଳାକାର ରାଜ୍ୟସ୍ତରରେ ପୁରସ୍କୃତ ହୋଇ ନିଜ ବ୍ଲକ ଓ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଅର୍ଜନ କରିଥିବା ଜଣାପଡିଛି। ୨୨ ତାରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ, ଖୋର୍ଦ୍ଧା ତରଫରୁ ଆୟୋଜିତ ୧୧ ତମ ଚଳଚ୍ଚିତ୍ର ପୁରସ୍କାର ବା କବି କଳାକାର ମହାକୁମ୍ଭ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ତଥା ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଥୁଆମୂଳ ରାମପୁର ସଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗତ ଜାନୁଆରୀରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଅବସରରେ ଏହି ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ଲୋକନୃତ୍ୟ ଓ ଲୋକବାଦ୍ୟକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ସୋସିଆଲ ମିଡିଆ ମାଧ୍ୟମରେ ଦେଖି ଏହି କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ନିମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତଥା ନୃତ୍ୟଗୁରୁ ଅଜିତ କୁମାର ଦୁର୍ଗାଙ୍କୁ ‘କଳାନୀଧି ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା ଓ ପ୍ରଧାନ ଶିକ୍ଷକ ନାଗେଶର ନାଏକ ତଥା ଛାତ୍ରୀଛାତ୍ରୀଙ୍କୁ ‘ଉତ୍କଳ ନୃତ୍ୟ ମଞ୍ଜରୀ’ ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର।

**ସମ୍ବର୍ଦ୍ଧିତ ହେଲେ ଗୁରୁଙ୍କ ସହ ଛାତ୍ରୀଛାତ୍ର**

## ସିନ୍ଦୂରର ସଫଳତାକୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା

ନୂଆପଡ଼ା, ୨୫।୫ (ମକାରୁ ବେମାଲ)

ଭାରତୀୟ ସେନାର ଅପରେସନ ସିନ୍ଦୁରର ସଫଳତାକୁ ନେଇ ପରାକ୍ରମ ବା ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ରବିବାର ନୂଆପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି (ଭାଜପା)ର ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ହୋଇଥିଲା। ଜନସାଧାରଣଙ୍କ ଭିତରେ ରାଷ୍ଟ୍ରୀୟତା ଜାଗରଣ ଓ ଭାରତୀୟ ସେନାବାହିନୀଙ୍କୁ ସମ୍ମାନ ଜଣାଇ ଖରିଆରରୋଡ ଶ୍ରୀରାମ ମନ୍ଦିରଠାରୁ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ବାହାରି ନୂଆପଡା ସହର ପରିକ୍ରମା କରି ସିରତୋଲ ଦେଇ ସ୍ଥାନୀୟ ପୋଲିସ ପଡିଆ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଜିଲା ସଭାପତି କମଲେସ ଦିକ୍ଷିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ବା ଆଇନଜୀବୀ ସୁଶାନ୍ତ କୁମାର ପତି, ଗୋଲ୍‌ଡି ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ସୋନିଆ ଜୈନ, ମଣ୍ଡଳ ସଭାପତି ସଦାନନ୍ଦ ଯୋଶୀ, ସନ୍ତୋଷ ସାହୁ, ଗୋବିନ୍ଦ ଦଣ୍ଡସେନା, ସୁନୀଲ ସାହୁ, ଭକ୍ତ ରଣା, ଲୋକନାଥ ହୋତା, ଶତୃଘ୍ନ ସ୍ୱାଇଁ, ପଙ୍କଜ ମାରାଡିଆ, ବିଘ୍ନେଶ୍ୱର ନିଆଲ, ସନ୍ଦୀପ ଶର୍ମା ଓ ଦେଶପ୍ରେମୀ ଜନ ସାଧାରଣ ଖରିଆର ରୋଡ ଶ୍ରୀରାମ ମନ୍ଦିରଠାରୁ ନୂଆପଡା ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା କରିଥିଲେ। ଏଥିରେ ନୂଆପଡା ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ।




ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ୨ ଟ୍ରକ୍, ୪୫୫ବସ୍ତା ଧାନ ଜବତ

- ଯୋଗାଣ ବିଭାଗ ଚଢ଼ାଉ
- ସୁବର୍ଣ୍ଣପୁରରେ ପଶୁଛି ବାହାର ଅଞ୍ଚଳର ଧାନ

ସୋନପୁର, ୨୫।୫ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଅସାଧୁ ଧାନ ବ୍ୟବସାୟୀମାନେ ସକ୍ରିୟ ହୋଇଛନ୍ତି। ବାହାରୁ ବିଶେଷ କରି ଛତିଶଗଡ଼ରୁ କମ୍‌ଦରରେ ଧାନ କିଣି ଜିଲାରେ ଗଚ୍ଛିତ ରଖୁଛନ୍ତି। ସେଭଳି ଧାନକୁ ଜିଲାର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ଫଲ୍ସ ଏଣ୍ଟ୍ରି କରି ଅସାଧୁ ବ୍ୟବସାୟୀମାନେ ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ବିନିକା, ଡୁଙ୍ଗୁରିପାଲି, ସୋନପୁର ଓ ଉଲୁଣ୍ଡାରୁ ଏଭଳି ଅଭିଯୋଗ ଆସିବା ପରେ ଜିଲା ଯୋଗାଣ ବିଭାଗ ତତ୍ପର ହୋଇଉଠିଛି। ବାହାର ଅଞ୍ଚଳରୁ ୨ଟି ଧାନ ବୋଝେଇ ଟ୍ରକ୍ ଉଲୁଣ୍ଡା ବ୍ଲକର ଚଢେଇପଙ୍କକୁ ଆସିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତଦନୁଯାୟୀ ବୀରମହାରାଜପୁର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ହେଡକ୍ୱାର୍ଟର୍ସ ସହକାରୀ ଯୋଗାଣ ଅଧିକାରୀ ପ୍ରଭାତ ଦାସ, ଉଲୁଣ୍ଡା ବ୍ଲକ ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ଓ ସୋନପୁର ଆରଆରସି ୨ ପ୍ରକ୍ୟୁରମେଣ୍ଟ ଇନ୍‌ସପେକ୍ଟର ସୁଦାମ ସେଠ୍ ରବିବାର ସନ୍ଧ୍ୟାରେ ଚଢାଉ କରିଥିଲେ। ଚଢେଇପଙ୍କ ଗାଁର ସୁଶାନ୍ତ କୁମାର ବେଲଙ୍କ ଘର ସମ୍ମୁଖରେ ଛିଡା ହୋଇଥିବା ୨ଟି ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖି ବିଭାଗ ପକ୍ଷରୁ ଧାନ ବିକ୍ରି ସମ୍ପର୍କିତ କାଗଜପତ୍ର ତନଖି କରାଯାଇଥିଲା। ତେବେ ସୁଶାନ୍ତ କୌଣସି କାଗଜାତ ଦାଖଲ କରି ପାରି ନଥିଲେ। ଯୋଗାଣ ବିଭାଗ ପକ୍ଷରୁ ଟ୍ରକ ନଂ ଓଡି୦୨ବିଭି-୯୨୦୭ ଓ ଓଡି୩୧ଏମ-୫୬୩୩କୁ ଓ ସେଥିରେ ଥିବା ୪୫୫ ବସ୍ତା ଧାନ(୧୯୫କୁଇଣ୍ଟାଲ ୩୭କିଲୋ ଧାନ) ଜବତ କରାଯାଇଛି। ସୁଶାନ୍ତ ବାହାରୁ କମ୍ ଦରରେ ଧାନ କିଣି ମଣ୍ଡିରେ ସରକାରୀ ଦରରେ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବିଭାଗ ପକ୍ଷରୁ ତାଙ୍କ ନାମରେ ଏଫଆଇଆର ଦିଆଯାଇଛି। ଜବତ ଟ୍ରକ୍ ଓ ଧାନକୁ ମାଟୁପାଲି ସ୍ଥିତ କଳିଙ୍ଗ ରାଇସ୍ ପ୍ରଡକ୍ଟରେ ଜିମା ଦିଆଯାଇଛି। ଜିଲାପାଳଙ୍କ କୋର୍ଟରେ ଏ ନେଇ ମାମଲା ରୁଜୁ ହେବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ କିଛି ଚାଷୀ ଅମଳ କରି ନ ଥିବା ବେଳେ ତାଙ୍କ ନାମରେ ଧାନ ବିକ୍ରି ହେଉଛି। ପଡୋଶି ଛତିଶଗଡ ରାଜ୍ୟରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲୁ ନଥିବା ଯୋଗୁ ସେଠାକାର ଧାନ ବେପାରି ଜରିଆରେ ସୁବର୍ଣ୍ଣପୁର ଜିଲାକୁ ଗଳାବାଟ ଦେଇ ଧାନ ଆସୁଛି। ତେଣୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ସଜାଗ ହେବା ସହିତ ପ୍ରବେଶ ପଥ ଗୁଡିକୁ ନ ଜଗିଲେ ଜିଲାର ଚାଷୀ ଧାନ ବିକ୍ରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।




ଯୋଗାଣ ବିଭାଗର ଟିମ୍ ୨ଟି ଧାନ ବୋଝେଇ ଟ୍ରକ୍‌କୁ ଜବତ କରିଛି।

## ଜିଲାସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ: ନକ୍ ଆଉଟ୍ ପର୍ଯ୍ୟାୟକୁ ଝାରସୁଗୁଡ଼ା ଉନ୍ନୀତ

ଝାରସୁଗୁଡା,୨୫।୫(ଆଶିଷ ରଞ୍ଜନ ଦାଶ)

ଜିଲାସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଲିଗ ପର୍ଯ୍ୟାୟରୁ ନକ୍‌ଆଉଟ୍ ପର୍ଯ୍ୟାୟକୁ ଝାରସୁଗୁଡା ଟିମ୍ ଉନ୍ନୀତ ହୋଇଛି। କଟକଠାରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଝାରସୁଗୁଡା ଟିମ୍ ଲିଗ୍ ପର୍ଯ୍ୟାୟରେ ସମ୍ବଲପୁର, ଯାଜପୁର, ସୋନପୁର ଓ ରାୟଗଡ଼ା ଟିମ୍‌କୁ ହରାଇ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଝାରସୁଗୁଡା ଟିମ୍‌ର ଅଧିନାୟକ ଅଭିଷେକ ସା ଥିବାବେଳେ ପ୍ରଶାନ୍ତ ଜେନା ଟିମ୍ ଦାୟିତ୍ୱରେ ଅଛନ୍ତି।

# ସରକାରୀ ଯୋଜନାରୁ ବଞ୍ଚିତ ଭୂମିହୀନ

ଝାରସୁଗୁଡ଼ା,୨୫।୫(ଆଶିଷ ରଞ୍ଜନ ଦାଶ)

**ଘରଡ଼ିହ ପଟ୍ଟା ନାହିଁ**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ହିର୍ମା ପଞ୍ଚାୟତ ଅଧୀନ କାଲୋପତ୍ରାର ଭୂମିହୀନଙ୍କୁ ସରକାରଙ୍କ ପକ୍ଷରୁ ଘରଡିହ ପଟ୍ଟା ପ୍ରଦାନ କରାଯାଉନାହିଁ। ଫଳରେ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଜମିପଟ୍ଟା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୭୦ରୁ ୮୦ ବର୍ଷ ହେବ କାଲୋପତ୍ରାଠାରେ କେତେଜଣ ଆଦିବାସୀ, ହରିଜନ ଏବଂ ପଛୁଆବର୍ଗ ଲୋକଙ୍କୁ ନେଇ ଏକ ଗ୍ରାମ ସ୍ଥାପିତ ହୋଇଥିଲା। ଧୀରେ ଧୀରେ ପରିବାର ସଂଖ୍ୟା ବୃଦ୍ଧି ପାଇ ଏବେ ପ୍ରାୟ ୪୦ରୁ ୫୦ଟି ପରିବାର ଗ୍ରାମରେ ବାସ କରୁଛନ୍ତି। ଗ୍ରାମରେ କମ୍ୟୁନିଟି ହଲ, ନାମ ସଂକୀର୍ତ୍ତନ ମଣ୍ଡପ, ପ୍ରାଥମିକ ବିଦ୍ୟାଳୟ ସରକାର ସ୍ଥାପନ କରିଥିବାବେଳେ ଏକ ପୋଖରୀ ମଧ୍ୟ ଖୋଳାଯାଇଛି। କିନ୍ତୁ କାଲୋପତ୍ରା ଗ୍ରାମର କିସମ ଜଙ୍ଗଲ ଜମି ହୋଇଥିବାରୁ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ପଟ୍ଟା ତିଆରି କରିବାରେ ବିଳମ୍ବ କରୁଛି। ଅପରପକ୍ଷରେ ଗ୍ରାମର ସୁରେଶ ସା କହିଛନ୍ତି, ସରକାର ପଟ୍ଟା ଦେବା ପାଇଁ ସ୍ୱର୍ଗତ ବୀରେନ୍ଦ୍ର ପାଣ୍ଡେ ବିଧାୟକ ଥିବାବେଳେ ୨ ଥର, ସ୍ୱର୍ଗତ କିଶୋର ମହାନ୍ତି ବିଧାୟକ ଥିବାବେଳେ ୨ ଥର ଏବଂ ସ୍ୱର୍ଗତ ନବ ଦାସ ଥିବାବେଳେ ରାଜସ୍ୱ ବିଭାଗର ଆରଆଇ ଓ ବିଭିନ୍ନ ଅଧିକାରୀ ଆସି ନକ୍ସା ତିଆରି କରି ଗ୍ରାମର ଭୂମିହୀନଙ୍କୁ ପଟ୍ଟା ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସେମାନଙ୍କୁ ପଟ୍ଟା ମିଳିନାହିଁ। ସେହିପରି ଗ୍ରାମର ପରିକ୍ଷିତ ଧରୁଆ କହିଛନ୍ତି, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାର ଥିବାବେଳେ ଘରଡିହ ପଟ୍ଟା ନ ଥିବାରୁ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର କହିଛନ୍ତି, ଜଙ୍ଗଲ ଜମି ଅନୁସାରେ ଯେଉଁ ସ୍ଥାନରେ ଆଦିବାସୀ ପରିବାର ୨୦୦୫ ମସିହାରୁ ରହୁଛନ୍ତି, ସେମାନଙ୍କୁ ପଟ୍ଟା ବଣ୍ଟନ ପାଇଁ ସବୁ ପ୍ରକ୍ରିୟା ଶେଷ ହୋଇଛି। ଏସ୍‌ସି ଓ ଅନ୍ୟ ଜାତିର ଲୋକଙ୍କୁ ପଟ୍ଟା ପ୍ରଦାନ ପାଇଁ ସେମାନେ ଗ୍ରାମରେ ୭୫ ବର୍ଷର ବସବାସ କରିଥିବା ଦରକାର। କାଲୋପତ୍ରା ଗ୍ରାମର ଲୋକମାନେ କିପରି ଶୀଘ୍ର ପଟ୍ଟା ପାଇବେ, ସେଥିପ୍ରତି ଆମେ ଚେଷ୍ଟିତ ଅଛୁ ବୋଲି ସେ କହିଛନ୍ତି। କାଲୋପତ୍ରା ଗ୍ରାମର ପାରେଶର ନାଇକ, ସତ୍ୟବାଦୀ ନାଇକ କହିଛନ୍ତି, ଆମର ୩ ପିଢ଼ିର ଜନସାଧାରଣ ଏହି ଗ୍ରାମରେ ବାସ କରୁଛୁ। ତେଣୁ ଯେତେଶୀଘ୍ର ହେବ ଜିଲା ପ୍ରଶାସନ ପକ୍ଷରୁ ଆମକୁ ଘରଡିହ ପଟ୍ଟା ପ୍ରଦାନ କରାଯାଉ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଉଛି।

ଦେବଗଡ଼,୨୫।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣିସ୍ଥିତ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୭ଟି ଅଭିଯୋଗ ହୋଇଥିଲା। ବିଶେଷକରି ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ମଣ୍ଡପ ନିର୍ମାଣ, ଚିକିତ୍ସା ସହାୟତା, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ଭଳି ଅଭିଯୋଗ କରାଯାଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ୍ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇବା ସୌଭାଗ୍ୟ

ସମ୍ବଲପୁର,୨୫।୫(ପ୍ରମୋଦ ବହିଦାର)

**ପରିବାର ଲୋକଙ୍କ ଦୀର୍ଘଦିନର ଅଭିଳାଷ ପୂରଣ: ସୁରେଶ ପୂଜାରୀ**

ଜଗତଜନନୀ ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇବା ପରମ ସୌଭାଗ୍ୟର କଥା। ଏହା ସହିତ ମାତା ପାର୍ବତୀଙ୍କୁ ସ୍ୱୟଂ ଦେବଦେବ ମହାଦେବଙ୍କୁ କନ୍ୟାଦାନ କରିବା ତା'ଠାରୁ ବଳି ବିରଳ ସୌଭାଗ୍ୟ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଚଳିତ ଶୀତଳଷଷ୍ଠୀରେ ଝାଡୁଆପଡ଼ାର ଶ୍ରୀଶ୍ରୀ ଲୋକନାଥ ବାବାଙ୍କୁ ବିବାହ ଦେବ ପାଇଁ ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି ରାଜସ୍ୱ ମନ୍ତ୍ରୀ ପୂଜାରୀ ଓ ତାଙ୍କ ଧର୍ମପତ୍ନୀ ପଦ୍ମିନୀ ନାୟକ। ଦେବ ବିବାହ ପାଇଁ ସୁଯୋଗ ପାଇବା ପରେ ନିଜର ଅନୁଭୂତି ବର୍ଣ୍ଣନା କରି ମନ୍ତ୍ରୀ ପୂଜାରୀ କହିଛନ୍ତି ଚଳିତବର୍ଷ ଶୀତଳଷଷ୍ଠୀରେ ମାତା ପାର୍ବତୀଙ୍କୁ କନ୍ୟାରୂପେ ଦେବଦେବ ମହାଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ ପରେ ସମଗ୍ର ପରିବାରବର୍ଗଙ୍କ ଦୀର୍ଘ ଦିନର ଅଭିଳାଷ ପୂରଣ ହୋଇଛି। ଦେବ ବିବାହ ପାଇଁ ଘରେ ଯାହା ସବୁ ପ୍ରସ୍ତୁତି ହୋଇଛି ସେଥିରେ ତାଙ୍କର କୌଣସି ଭୂମିକା ନାହିଁ। ସେ ଜନସେବାରେ ବ୍ୟସ୍ତ ଥିବା ବେଳେ ପରିବାର ଲୋକଙ୍କ ନିଖୁଣ ପ୍ରସ୍ତୁତି ତାଙ୍କୁ ଚକିତ କରିଛି। ସମ୍ବଲପୁରରେ ଶୀତଳଷଷ୍ଠୀରେ ଦେବ ବିବାହ ପ୍ରାୟ ୫ ଶହ ବର୍ଷର ପରମ୍ପରା। ଏହା ନାରୀକୈନ୍ଦ୍ରିକ ସମାଜର ବର୍ତ୍ତା ବହନ କରୁଥିବା ବେଳେ ଉଦ୍ଦେଶ୍ୟ ହେଉଛି ଶତ୍ରୁ ଓ ମିତ୍ରଙ୍କୁ ଏକାଠି କରିବା। ଝିଅକୁ ବିବାହ ପାଇଁ ସ୍ୱୟଂ ଠାକୁର ବରବେଶରେ କନ୍ୟାଘରର ଦ୍ୱାରସ୍ଥ ହେବା ସହିତ କନ୍ୟାଯୋଗୁ ଦୁଇଟି ପରିବାରର ସମ୍ପର୍କକୁ ଅଧିକ ନିବିଡ଼ କରିବା ସମାଜରେ ନାରୀ ଗୁରୁତ୍ୱର ବର୍ତ୍ତା ବହନ କରିଥାଏ। ସେହିପରି ବରଯାତ୍ରୀରେ ନର, କିନ୍ନର, ରାକ୍ଷସ, ସିଂହ, ନନ୍ଦି, ମହିଁଷି, ବିରାଡ଼ି, ମୂଷିକ ଆଦି ସମସ୍ତ ପଶୁପକ୍ଷୀ ରକ୍ଷକ ଓ ଭକ୍ଷକ ଏକାଠି ସାମିଲ ହେବା ଶୀତଳଷଷ୍ଠୀର ଯାତ୍ରାର ବୈଶିଷ୍ଟ୍ୟ ବୋଲି ସେ କହିଛନ୍ତି। କନ୍ୟାମାତା ପଦ୍ମିନୀ କହିଛନ୍ତି ଯେ, ତାଙ୍କ ଘରେ ଗତ ୨ମାସ ହେଲା ଦେବ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ପରିବାରର ପ୍ରତ୍ୟେକ ସଦସ୍ୟ ବେଶ ଆନନ୍ଦିତ ଓ ଉତ୍ସାହିତ ବୋଲି କହିଥିଲେ।

ଶୀତଳଷଷ୍ଠୀ ଯାତ୍ରାରେ ସମ୍ବଲପୁରର କୁଣିଆ ହେବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମଣ୍ଡଳର ବହୁ ସଦସ୍ୟ। ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ସେମାନେ ସମ୍ବଲପୁର ଆସିବା ଆଶା କରାଯାଏ ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଶୀତଳଷଷ୍ଠୀର ମୁଖ୍ୟ ଶୋଭାଯାତ୍ରାକୁ ଅଧିକ ଭବ୍ୟ ଓ ବର୍ଣ୍ଣାଢ଼୍ୟ କରିବାକୁ ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି।



ସଂଗୃହୀତ ସାମଗ୍ରୀ ସହିତ କନ୍ୟା ମାତାପିତା ରାଜସ୍ୱ ମନ୍ତ୍ରୀଙ୍କ ସହିତ ତାଙ୍କ ଧର୍ମପତ୍ନୀ ଓ ପରିବାର ବର୍ଗ।

# ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ: ବ୍ଲୁ କମ୍ବାଇନ୍ ଟିମ୍ ବିଜୟୀ



ଅତିଥି ଓ ଅନ୍ୟମାନଙ୍କ ଗହଣରେ ଖେଳାଳି।

ବ୍ରଜରାଜନଗର,୨୫।୫(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ଏହି ଟୁର୍ନାମେଣ୍ଟର ରବିବାର ଏକାଦଶ ମ୍ୟାଚ୍ ସେଣ୍ଟ୍ ଥୋମାସ ସ୍କୁଲ ଝାରସୁଗୁଡ଼ା ଓ ବ୍ଲୁ କମ୍ବାଇନ୍ ଟିମ୍ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ବ୍ଲୁ କମ୍ବାଇନ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୯.୩ ଓଭରରେ ୧୦ ଉଇକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସେଣ୍ଟ୍ ଥୋମାସ ଟିମ୍ ୨୩.୩ ଓଭରରେ ୧୦ ଉଇକେଟ୍ ହରାଇ ୬୯ ରନ୍ ସଂଗ୍ରହ କରିଥିଲା। ବ୍ଲୁ କମ୍ବାଇନ୍ ଟିମ୍‌ର ୱାସିମ୍ ଖାନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ୍ ଖେଳାଳି ଗଣେଶ ମରେଇ, ସାୟକତ ସେନ୍‌ଗୁପ୍ତା ଓ ବିନୟ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଜ୍ୱଳ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅନିରୁଦ୍ଧ କେୱଟ, ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜୟ ସିଂ ଓ ରୋହିତ ପାଶୱାନ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ନାସିର ମଲ୍ଲିକ ଅନ୍‌ଲାଇନ୍ ସ୍କୋରିଂ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଲେ ବିଧାୟକ, ଗ୍ରାମବାସୀ

ଝାରସୁଗୁଡ଼ା,୨୫।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ମାଳିମୁଣ୍ଡା କମ୍ୟୁନିଟି ହଲ୍‌ଠାରେ ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ସ୍ଥାନୀୟ ଗ୍ରାମବାସୀ ରବିବାର ସକାଳେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଥିଲେ। ଅପରେଶନ ସିନ୍ଦୂରରେ ଭାରତୀୟ ଯବାନଙ୍କ ବୀରତ୍ୱ ଏବଂ ସାହସର ସହିତ ଲଢେଇର ପ୍ରଶଂସା କରିବା ସହିତ ଗୁଜରାଟର ଗିର ଅଭୟାରଣ୍ୟରେ ବାଘଙ୍କ ସଂଖ୍ୟା ବଢ଼ିବା ଖୁସି କଥା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା କଥାକୁ ସମସ୍ତେ ଶୁଣିଥିଲେ। ଏହାପରେ ବିଧାୟକ ଓ ମାଳିମୁଣ୍ଡା ଗ୍ରାମବାସୀ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଟାଉନ୍ ସଭାପତି ବିମଳେନ୍ଦୁ ଭୋଳ, ବୀରେନ୍ଦ୍ର ପାଣ୍ଡେ, ଧ୍ରୁବ ପାଣ୍ଡେ, ଆଶିଷ ପଟେଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ଅନ୍ୟମାନେ।

# ଯୋଗକୁ ଜୀବନର ଅଙ୍ଗଭାବେ ଗ୍ରହଣ କର

ସମ୍ବଲପୁର,୨୫।୫(ଭବାନୀ ଶଙ୍କର ଭୋଇ)



ଉପସ୍ଥିତ ଯୋଗ ପରିବାରର ସଦସ୍ୟ ବୃନ୍ଦ।

**ଯୋଗ ପରିବାର ପକ୍ଷରୁ ସ୍ୱାସ୍ଥ୍ୟ ଆଲୋଚନା କାର୍ଯ୍ୟକ୍ରମ**

ସମ୍ବଲପୁର ଯୋଗ ପରିବାର ପକ୍ଷରୁ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଯୋଗ ମାଧ୍ୟମରେ ତା'ର ସମାଧାନ ଉପରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଗୁରୁ ଟିକେଲାଲ ଭୋଇ ଉପସ୍ଥିତ ସଦସ୍ୟ ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଶୁଣିବା ସହ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସେଗୁଡିକର ସମାଧାନ ବିଷୟରେ କହିଥିଲେ। ଉପଯୁକ୍ତ ଖାଦ୍ୟ, ନିଦ୍ରା ଏବଂ ସମୟାନୁବର୍ତ୍ତିତା ଅଭାବରେ ଶରୀରରେ ବିଭିନ୍ନ ରୋଗ ଦେଖା ଦେଇଥାଏ। ବର୍ତ୍ତମାନ ସମୟରେ ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁ ଅନେକ ଲୋକ ଅବସାଦ ଭିତରେ ଜୀବନ କାଟୁଛନ୍ତି। ଏଭଳି ପରିସ୍ଥିତିରେ ମନର ଶାନ୍ତି ଏବଂ ଶରୀର ସୁସ୍ଥତା ପାଇଁ ଯୋଗ ଏବଂ ପ୍ରାଣାୟାମ ସମାଧାନର ବାଟ ବୋଲି ଯୋଗଗୁରୁ ଭୋଇ ମତ ଦେଇଥିଲେ। ଜୀବନ ଶୈଳୀରେ ପରିବର୍ତ୍ତନ ଆଣି ଯୋଗକୁ ଜୀବନର ଅଙ୍ଗ ଭାବେ ଗ୍ରହଣ କରିବା ଦ୍ୱାରା ଆମ ଜୀବନର ଅନେକ ସମସ୍ୟା ଆପେ ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ଯୁବାବସ୍ଥାରୁ ଯୋଗର ଅଭ୍ୟାସ କଲେ ବର୍ତ୍ତମାନ ସମୟରେ ଅଧିକାଂଶ ଲୋକଙ୍କଠାରେ ଦେଖାଦେଉଥିବା ରକ୍ତଚାପ, ମଧୁମେହ, ମେଦବହୁଳତା, ହାଡ ଜନିତ ସମସ୍ୟା, କିଡ଼ନୀ ଏବଂ ଲିଭର ଜନିତ ସମସ୍ୟା ଭବିଷ୍ୟତରେ ଦେଖାଦେବ ନାହିଁ ବୋଲି ଯୋଗଗୁରୁ ମତ ଦେଇଥିଲେ। ସମ୍ବଲପୁର ଯୋଗ ପରିବାରର ପ୍ରଜ୍ଞା ଦୀକ୍ଷିତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ସୁଧୀର ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଯୋଗ ପରିବାରର ବରିଷ୍ଠ ସଦସ୍ୟ ହରିହର ମିଶ୍ର, ବିରଞ୍ଚି ନାୟକ, ମନୋଜ ପଣ୍ଡା, ବିକାଶ ତ୍ରିପାଠୀ, ପ୍ରଦୀପ୍ତ ସୁଣାରୀ, ମାନସ ହୋତା, ଗୋପାଳ ପାଢୀ, ବିଚିତ୍ରାନନ୍ଦ ଆଚାର୍ଯ୍ୟ, କ୍ଷିତିଶ ବିଶ୍ୱାଳ, ରାଖୀ ମିଶ୍ର, ପ୍ରତିଭା ଦାସ, ବିଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ ବର୍ଷରେ ସରବାହାଲ ଦୁର୍ଗାପୂଜା

ଝାରସୁଗୁଡ଼ା,୨୫।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ କଲ୍ୟାଣ ମଣ୍ଡପଠାରେ ଓମ୍ ଶ୍ରୀ ପୂଜା କମିଟି ଦ୍ୱାରା ସରବାହାଲ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ବେଣୁଗୋପାଳ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିଣ୍ଟୁ ପାଢ଼ୀ, ମଣ୍ଟୁ ପଣ୍ଡା, ଗଣେଶ ଦୀକ୍ଷିତ, ମାଧ ଦୀକ୍ଷିତ, ଆଦିତ୍ୟ ପୂଝାରୀ, ରାଜେଶ ପାଢ଼ୀ, ଅଜୟ ମିଶ୍ର, ରାଜୀବ ପୂଝାରୀ, ଅରବିନ୍ଦ ବାରିକଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ୧୯୭୬ରୁ ଏହି ପୂଜା ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏହି ସୁବର୍ଣ୍ଣ ଜୟନ୍ତୀକୁ ସୁନ୍ଦର ଏବଂ ଆଡମ୍ବରପୂର୍ଣ୍ଣ ଭାବେ ପାଳନ ପାଇଁ ବୈଠକରେ ଆଲୋଚନା ହୋଇଥିଲା।



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ କମିଟିର ସଦସ୍ୟମାନେ।

## ଦ୍ୱିତୀୟ ବୁଦ୍ଧ ପଦ୍ମସମ୍ଭବଙ୍କ ଜନ୍ମ ଶତବାର୍ଷିକୀ ପାଳନ ବୈଠକ

ଝାରସୁଗୁଡ଼ା,୨୫।୫(ଆଶିଷ ରଞ୍ଜନ ଦାଶ)

ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ପଦ୍ମସମ୍ଭବଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ଝାରସୁଗୁଡ଼ା ଜିଲା ଭିକମ୍‌ପାଲିଠାରେ ଆସନ୍ତା ଜୁନ୍ ୨୬ ଓ ୨୭ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ସାମିଲ ହେବାକୁଥିବା ଅନ୍ତର୍ଜାତୀୟସ୍ତରର ଗବେଷକଙ୍କୁ ନେଇ ଜାତୀୟ ସେମିନାର ଆୟୋଜନ କରାଯିବ ବୋଲି ରବିବାର ଭିକମ୍‌ପାଲିସ୍ଥିତ ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଝାରସୁଗୁଡ଼ା ଏଲ୍.ଏନ୍. କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଟହଲୁ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହୋତ୍ସବ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏହାଛଡ଼ା ଜୁନ୍ ୨୬ ପୂର୍ବାହ୍ନରେ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଇ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ଥିର ହୋଇଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସାମିଲ ହେବା ପାଇଁ ନିମନ୍ତ୍ରଣ କରିବାକୁ ସ୍ଥିରୀକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦେଶରୁ ଆସିବାକୁ ଥିବା ଗବେଷକଙ୍କ ପାଇଁ ଏକ ଜାତୀୟ ସେମିନାର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୨୭ ତାରିଖ ପୂର୍ବାହ୍ନରେ ବୌଦ୍ଧଧର୍ମାବଲମ୍ବୀଙ୍କ ଦ୍ୱାରା ପ୍ରତିମୂର୍ତ୍ତି ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ଲେଖା ଆହ୍ୱାନ କରାଯାଇଛି। ଏହି ବୈଠକରେ ବିଶିଷ୍ଟ ଶିକ୍ଷାବିତ୍ ସେବକରାମ ଭୋଇ, ଭାଷାବିତ୍ କ୍ଷମାସାଗର ଭୋଇ, ସାମାଜିକ କର୍ମୀ ଲଳିତ ପୂଜାରୀ, ଶିକ୍ଷାବିତ୍ ଦୟାକର ପ୍ରଧାନ, ଜଗଦୀଶ ପ୍ରସାଦ ମିଶ୍ର, ଅଧ୍ୟାପକ ତପନ ବାରିକ, ଗୋବିନ୍ଦ ଦର୍ଜି, ସରୋଜ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସାମାଜିକ କର୍ମୀ ମେହେବୁବ ମହତାବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଜ୍ଞାନବ୍ରତ ଭୋଇ ସଭା ପରିଚାଳନା କରିଥିଲେ।



ପ୍ରସ୍ତୁତି ବୈଠକରେ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଅନ୍ୟମାନେ।

# ଅଧାପନ୍ତରିଆ ଅବସ୍ଥାରେ କାଳୀନଗର ଷ୍ଟାଡିୟମ

ବ୍ରଜରାଜନଗର,୨୫।୫(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳରେ ଥିବା କାଳୀନଗର ଷ୍ଟାଡିୟମ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨୦୧୭ରେ ଏହି ଷ୍ଟାଡିୟମର ବିକାଶ ପାଇଁ ଜିଲା ଖଣିଜ ପାଣ୍ଠିରୁ ୧କୋଟି ୪୯ ଲକ୍ଷ ୩୭ ହଜାର ୩୯୮ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଏବେ ବି ଅନେକ କାର୍ଯ୍ୟ ବାକି ରହିଥିବାରୁ ଏହା ଖେଳାଳିଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ଷ୍ଟାଡିୟମର ବାକି କାମ ଶେଷ କରି କ୍ରୀଡ଼ା ଉପଯୋଗୀ କରିବା ପାଇଁ ଖେଳାଳିମାନେ ଦାବି କରିଛନ୍ତି।



ସୂଚନା ଅନୁଯାୟୀ, ୨୦୧୭ରେ ଜିଲା ଖଣିଜ ପାଣ୍ଠିରୁ ଟଙ୍କା ବିନିଯୋଗ କରାଯାଇ ଏହି ଷ୍ଟାଡିୟମର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୌର ପରିଷଦ ପକ୍ଷରୁ ଏହି ଷ୍ଟାଡିୟମରେ ପାଚେରି ସହିତ ଦୁଇଟି ଗ୍ୟାଲେରି ଓ ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପୂର୍ବରୁ ଏହି ଷ୍ଟାଡିୟମ୍‌ଟି ଉତ୍ତର-ଦକ୍ଷିଣ ହୋଇ ରହିଥିଲା। ହେଲେ ନୂତନ ପ୍ଲାନ୍ ଅନୁସାରେ ଏହାକୁ ପୂର୍ବ-ପଶ୍ଚିମ କରାଯାଇଛି। ଏବେ ପଡିଆର ବିଭିନ୍ନ ସ୍ଥାନରେ ପଥର ଓ ଗର୍ତ୍ତ ରହିଛି। ଏଥିସହ ଷ୍ଟାଡିୟମରେ ଆଲୋକ ବ୍ୟବସ୍ଥା ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଖେଳାଳିମାନେ ସେଠାରେ ଅଭ୍ୟାସ କରିପାରୁନାହାନ୍ତି। ୨୦୧୭ ପୂର୍ବରୁ ଷ୍ଟାଡିୟମରେ ପ୍ରତିବର୍ଷ ଏକାଧିକ ଟୁର୍ନାମେଣ୍ଟ ହେଉଥିଲା। ସକାଳ ଓ ସନ୍ଧ୍ୟାରେ ସେଠାରେ ପିଲାମାନେ ଖେଳୁଥିଲେ, ଯାହା ଏବେ ବନ୍ଦ ହୋଇଯାଇଛି। କାଳୀନଗର ଷ୍ଟାଡିୟମର ବିକାଶ ପାଇଁ ପିଡବ୍ଲ୍ୟୁଡିକୁ ଦାୟିତ୍ୱ ଦିଆଯାଇଥିଲା। ଦିଆଯାଇଥିବା ଟଙ୍କା ଅନୁସାରେ କାର୍ଯ୍ୟ ଶେଷ ପରେ ବ୍ରଜରାଜନଗର ପୌର ପରିଷଦକୁ ୨୦୨୧ ମସିହାରେ ହସ୍ତାନ୍ତର କରାଯାଇଥିଲା। ହେଲେ ଏହି ଷ୍ଟାଡିୟମର ଉନ୍ନତୀକରଣ, ଘାସ ଲଗାଇବା, ଆଲୋକୀକରଣ ଆଦି କାର୍ଯ୍ୟ ବାକି ରହିଛି। ଏଥିପାଇଁ ଆହୁରି ପ୍ରାୟ ୧କୋଟି ଟଙ୍କା ଆବଶ୍ୟକ। ତୁରନ୍ତ ଏହି କାର୍ଯ୍ୟ ଶେଷ ନ ହେଲେ ସେଠାରେ ନିର୍ମିତ ଗ୍ୟାଲେରି ଓ ଘର ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବ। ପୌର ପରିଷଦ ପକ୍ଷରୁ ଷ୍ଟାଡିୟମର ପୂର୍ବ ଓ ଦକ୍ଷିଣ ପାର୍ଶ୍ୱରେ ଭେଣ୍ଡିଂଜୋନ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଷ୍ଟାଡିୟମଟି ଖେଳାଳିଙ୍କ ପାଇଁ ବ୍ୟବହାର ଉପଯୋଗୀ ହେଲେ ଭେଣ୍ଡିଂଜୋନ ଓ ମାର୍କେଟ କମ୍ପ୍ଲେକ୍ସରେ କାରବାର ବଢ଼ିବା ସହିତ ଏକ ନୂତନ ବଜାର ସୃଷ୍ଟି ହେବ। ଓପିଏମ୍ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୨୦୧୭ରେ ୩କୋଟି ଟଙ୍କା ମଞ୍ଜୁରୀ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଜମି ସମସ୍ୟା ପାଇଁ ଏହାକୁ କାଳୀନଗର ସ୍ଥାନାନ୍ତର କରାଯାଇଥିଲା। ସେହି ସମୟରେ କାଳୀନଗର ଷ୍ଟାଡିୟମକୁ ଏକ ଅତ୍ୟାଧୁନିକ ଷ୍ଟାଡିୟମରେ ପରିଣତ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଶେଷ ହେବାରେ କାହିଁକି ବିଳମ୍ବ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ୟା ସମ୍ପର୍କରେ ପୌରାଧ୍ୟକ୍ଷ କୃଷ୍ଣଗୋପାଳ ସୀତାନିଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଷ୍ଟାଡିୟମର ବାକି କାମ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଲହୁଣୀପଡା,୨୫।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଭଗବାନ ସାହିରେ ଶନିବାର ରାତି ପ୍ରାୟ ସାଢ଼େ ୯ ଟାରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଂରାୟ ମୁଣ୍ଡାରୀ (୩୪)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ,ସିଂରାୟ ଫୁଲଝରଠାରୁ ନିଜ ଗ୍ରାମ ବଡ଼ଜଲକୁ ବାଇକ୍ ଯୋଗେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି -୧୪ଏଜେ-୦୦୩୪ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ହିଁ ସିଂରାୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମହୁଲପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଣେଇ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଥିଲା। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଜବତ କରିଛି।

# ୫୫୦ କୁଣହାଁ କିଷାନ ସମାଜ ମହାଗୁଡ଼ି ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ,୨୫।୫
(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବିଜାଡିହିଠାରେ କୁଣହାଁ କିଷାନ ସମାଜର କୁଲାବିରା ମହାଗୁଡି ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ଓ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥିଭାବେ ରାଜ୍ୟ କିଷାନ(କୁଣହାଁ) ସଭାପତି ମୋହନ ଲାଲ କିଷାନ, ଗୋଲବଦନ କିଷାନ, ଚନ୍ଦ୍ରଶେଖର ବରୁଆ, ପବିତ୍ର କିଷାନ, ପଞ୍ଚାନନ ପ୍ରଧାନ, ଜଗନ୍ନାଥ ଲାକଡ଼ା, ମନବୋଧ ମାଝୀ, ବେଣୁଧର କିଷାନ ପ୍ରମୁଖ ଯୋଗଦେଇ ସାମାଜିକ ପତାକା ଉତ୍ତୋଳନ କରି ବୈଠକର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡ଼ା, ଟାଙ୍ଗରପାଲି ଓ ହେମଗିର ବ୍ଲକର ସମସ୍ତ କୁଣହାଁ ସମାଜର ଲୋକେ ଏକତ୍ରିତ ହୋଇଥିଲେ। କେଉଁ କାଳରୁ ଜାତି ସମାଜର ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଥିବା ବେଳେ ଯୁବପିଢ଼ି ନିଶାଗ୍ରସ୍ତ ହୋଇ ଶିକ୍ଷା ଭଳି ଏକ ମୌଳିକ ଆବଶ୍ୟକତାଠାରୁ ଦୂରେଇ ରହୁଛନ୍ତି। ଏହି ସମାଜ ପ୍ରଥମେ ମିର୍ଦ୍ଧା, ମାଟିଆ କୁଡ଼ା କିଷାନ ନାମରେ ନାମିତ ଥିଲେ। କାହିଁ କେଉଁ ଆବହମାନ କାଳରୁ ଏହି କୁଣହାଁ କିଷାନ ସମାଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ କରୁଥିବା ବେଳେ ଆଜିର ଆଧୁନିକ ସମାଜରେ ଜାତି ସମାଜର ଯୁବବର୍ଗ ଆଧୁନିକତାର ବଶବର୍ତ୍ତୀ ହୋଇ ଅସାମାଜିକ କାର୍ଯ୍ୟକଳାପ, ନିଶା ସେବନ କରି ପଥଭ୍ରଷ୍ଟ ହୋଇ ନିଜ ପୂର୍ବପୁରୁଷମାନଙ୍କର ସଂସ୍କୃତି ପରମ୍ପରାକୁ ଭୁଲିବାକୁ ବସିଲେଣି। ମହିଳାଙ୍କ ମଧ୍ୟରେ ସହଭାଗିତା ଭିତ୍ତିରେ କିପରି ସ୍ୱାବଲମ୍ବୀ କରିବା ସହ ଏହି ଜାତି ସମାଜର ଅନେକ ଖ୍ରୀଷ୍ଟୀୟ ଧର୍ମ ପ୍ରଚାରକଙ୍କ ପ୍ରରୋଚନାରେ ପଡି ଧର୍ମ ପରିବର୍ତ୍ତନ କରୁଥିବା ବେଳେ ଆଜି ବି ଅନେକ ଲୋକ ଗୁଣି ଗାରେଡ଼ିକୁ ବିଶ୍ୱାସ କରି ଜୀବନ ହରାଉଛନ୍ତି । ସେ ଦିଗରେ ଏହି ୫୫୦ କୁଣହାଁ କିଷାନ ସମାଜ ଚେଷ୍ଟିତ ରହି କିପରି ଭାବରେ ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ,ଏହା ହିଁ ହେଉଛି ଆଜିର କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୀତାମ୍ବର କିଷାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ


ବିଧାୟକଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ଟେନ୍‌ସା,୨୫।୫(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକରେ ନୂତନଭାବେ ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଶନିବାର ଉଦ୍‌ଘାଟିତ କରିଥିଲେ। କୋଇଡ଼ା ଗ୍ରାମପଞ୍ଚାୟତ ଓ କାଶୀରା ଗ୍ରାମପଞ୍ଚାୟତର ଭଞ୍ଜପାଲି, କେରକେଟା ସାହି, କାଦଡିଆ ମୁଣ୍ଡା ସାହି, ଗୋପପୁର ସାହି ଓ ଟାଙ୍କି ଷ୍ଟାଣ୍ଡଠାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏଥିସହ ଡାକ୍ତରଙ୍କ ପାଇଁ ନିର୍ମାଣ କରାଯାଇଥିବା କ୍ୱାର୍ଟରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। କୋଇଡ଼ା ଲକ୍ଷ୍ମୀପୂଜା କମିଟି ମଣ୍ଡପ ପାଇଁ ବିଧାୟକ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ଉକ୍ତ ଉଦ୍‌ଘାଟନୀ ସମାରୋହରେ ସିପିଆଇଏମ୍ ସୁନ୍ଦରଗଡ଼ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଶ୍ରମିକ ନେତା ପ୍ରଭାତ ପଣ୍ଡା, ବଣାଇଁ ଟ୍ରକ ଓ ଟିପ୍ପର ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାମଲ, ପ୍ରଭାତ ପାତ୍ର, ଜନ ଡୁଙ୍ଗୁ ଡୁଙ୍ଗୁ, ବାଦଲ ବାରିକ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୫୦ ବର୍ଷରେ ସରବାହାଲ ଦୁର୍ଗାପୂଜା

ଝାରସୁଗୁଡ଼ା, ୨୫।୫
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ କଲ୍ୟାଣ ମଣ୍ଡପଠାରେ ଓମ୍ ଶ୍ରୀ ପୂଜା କମିଟି ଦ୍ୱାରା ସରବାହାଲ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ବେଣୁଗୋପାଳ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିଣ୍ଟୁ ପାଢ଼ୀ, ମଣ୍ଟୁ ପଣ୍ଡା, ଗଣେଶ ଦୀକ୍ଷିତ, ମାଧ ଦୀକ୍ଷିତ, ଆଦିତ୍ୟ ପୂଝାରୀ, ରାଜେଶ ପାଢ଼ୀ, ଅଜୟ ମିଶ୍ର, ରାଜୀବ ପୂଝାରୀ, ଅରବିନ୍ଦ ବାରିକଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ୧୯୭୬ରୁ ଏହି ପୂଜା ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏହି ସୁବର୍ଣ୍ଣ ଜୟନ୍ତୀକୁ ସୁନ୍ଦର ଏବଂ ଆଡମ୍ବରପୂର୍ଣ୍ଣ ଭାବେ ପାଳନ ପାଇଁ ବୈଠକରେ ଆଲୋଚନା ହୋଇଥିଲା।

# ଓଡ଼ିଶା ସିପକଟାକ୍ର ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା


ଓଡ଼ିଶା ସିପକଟାକ୍ର ଦଳକୁ ସ୍ୱାଗତ କରାଯାଉଛି।

ସୁନ୍ଦରଗଡ,୨୫।୫
(ଜୟ ନାରାୟଣ ମେଣ୍ଢୁଲି)

ଡିୟୁରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ ୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସିପକଟାକ୍ର ମହିଳା ଦଳ ଡବଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ବେଳେ କ୍ୱାର୍ଡ ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡର ସୁଶାନ୍ତ କୁମାର ଷଡଙ୍ଗୀ ଏହି ୧୬ ଜଣିଆ ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ସିପକଟାକ୍ର ଦଳ ରବିବାର ଭୁବନେଶ୍ୱର ପହଞ୍ଚିବା ପରେ କ୍ରୀଡ଼ା ଓ ଯୁବବ୍ୟାପାର ସହଯୋଗରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ତରଫରୁ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଓଡ଼ିଶା ପୁରୁଷ ଦଳରେ ଆକାଶ କୁମାର ରେଣ୍ଡ଼ୀ, ବିକାଶ କୁମାର ରେଣ୍ଡ଼ୀ, ଶୁଭେନ୍ଦୁ ଶେଖର ନାଏକ, ଗୁରା ମାଝୀ, ବୁଲୁ ପାତ୍ର, ଆଶିଷ ପ୍ରଧାନ ପ୍ରମୁଖ ପ୍ରତିନିଧିତ୍ୱ କରିଥିବା ବେଳେ ମହିଳା ଦଳରେ ଇତିଶ୍ରୀ ସାମଲ, ସଙ୍ଗୀତା କିଶାନ, ରାଏମନି ଟୁଡ୍ଡୁ, ଗାୟତ୍ରୀ ସାହୁ, ରୂପାଲି ସାହୁ ଓ ଏ. ଶ୍ରାବଣୀ ପ୍ରମୁଖ ସ୍ଥାନ ପାଇଥିଲେ। କୋଚ ଭାବେ ଲଲାଟେନ୍ଦୁ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ ଓ ସ୍ମରଣିକା ଦାସ ଦଳରେ ସାମିଲ ଥିଲେ। ଓଡିଶାର ଆନ୍ତର୍ଜାତୀୟ ରେଫରି ରାମ ଚନ୍ଦ୍ର ବାରିକ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ। ଓଡ଼ିଶା ସିପକଟାକ୍ର ଦଳର ଏହି ସଫଳତା ପାଇଁ ଓଡ଼ିଶା ସିପକଟାକ୍ର ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପ ସଭାପତି ମହମ୍ମଦ ଗୁଲଫାମ, ପ୍ରଭାସ ଶୁଭଦର୍ଶନ ମହାନ୍ତି, ସଞ୍ଜୟ ନାଏକ, ବିଶନାଥ ମିଶ୍ର, ନିରୋଧ କୁମାର ସ୍ୱାଇଁ,ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ, ଜିଲା କ୍ରୀଡ଼ା ଅଧିକାରୀ, ଜିଲା ସିପକଟାକ୍ର ସଂଘ ଓ ଜନ ସେବା ସମିତି ଯୋଗୀମାଲ ଆଦିର ସଦସ୍ୟଗଣ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଲେ ବିଧାୟକ, ଗ୍ରାମବାସୀ

ଝାରସୁଗୁଡ଼ା,୨୫।୫(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ମାଳିମୁଣ୍ଡା କମ୍ୟୁନିଟି ହଲ୍‌ଠାରେ ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ସ୍ଥାନୀୟ ଗ୍ରାମବାସୀ ରବିବାର ସକାଳେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଥିଲେ। ଅପରେଶନ ସିନ୍ଦୂରରେ ଭାରତୀୟ ଯବାନଙ୍କ ବୀରତ୍ୱ ଏବଂ ସାହସର ସହିତ ଲଢେଇର ପ୍ରଶଂସା କରିବା ସହିତ ଗୁଜରାଟର ଗିର ଅଭୟାରଣ୍ୟରେ ବାଘଙ୍କ ସଂଖ୍ୟା ବଢିବା ଖୁସି କଥା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା କଥାକୁ ସମସ୍ତେ ଶୁଣିଥିଲେ। ଏହାପରେ ବିଧାୟକ ଓ ମାଳିମୁଣ୍ଡା ଗ୍ରାମବାସୀ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଟାଉନ୍ ସଭାପତି ବିମଳେନ୍ଦୁ ଭୋଳ, ବୀରେନ୍ଦ୍ର ପାଣ୍ଡେ, ଧ୍ରୁବ ପାଣ୍ଡେ, ଆଶିଷ ପଟେଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ଅନ୍ୟମାନେ।

## ସର୍ଗିପାଲିରେ ଓମ୍‌ଫେଡ୍ ପାର୍ଲର ଉଦ୍‌ଘାଟିତ



ଓମ୍‌ଫେଡ୍ ପାର୍ଲର ଉଦ୍‌ଘାଟନ କରାଯାଉଛି।

ସୁନ୍ଦରଗଡ,୨୫।୫
(ଜୟ ନାରାୟଣ ମେଣ୍ଢୁଲି)

ଲେଫ୍ରିପଡ଼ା ବ୍ଲକସ୍ଥିତ ସର୍ଗିପାଲି ଲାମ୍ପସ ପରିସରରେ ଓମ୍‌ଫେଡ୍ ସହଯୋଗରେ ରବିବାର ଏକ ଓମ୍‌ଫେଡ୍ ପାର୍ଲର ଉଦ୍‌ଘାଟିତ ହୋଇଯାଇଛି। ଆନ୍ତର୍ଜାତିକ ସମବାୟ ପାଳନ ଅବସରରେ ସମବାୟ ସମିତିଗୁଡ଼ିକୁ ବହୁମୁଖୀ ତଥା ସେଠିକାର ଆବଶ୍ୟକତା ପୂରଣ ଓ ସଦସ୍ୟମାନଙ୍କୁ ସାହାଯ୍ୟ ଲକ୍ଷ୍ୟରେ ଏହିପରି ପଦକ୍ଷେପ ନିଆଯାଇଛି। ଓମ୍‌ଫେଡ୍‌ର ପ୍ରତ୍ୟେକ ଉତ୍ପାଦକୁ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ଅଧିକାରୀ ଉମାଶଙ୍କର ଦାସ, ଏଆର୍‌ସିଏସ୍ ସମିତିର ସଭାପତି ଓ ପରିଚାଳନା ବୋର୍ଡ ନିର୍ବାହୀ ଅଧିକାରୀ, ସମବାୟ ଅଧିକାରୀ, ଓମ୍‌ଫେଡ୍‌ର କର୍ମକର୍ତ୍ତା, ଚାଷୀ ଓ ସମବାୟପ୍ରେମୀମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୫।୫
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣିସ୍ଥିତ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୭ଟି ଅଭିଯୋଗ ହୋଇଥିଲା। ବିଶେଷକରି ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ମଣ୍ଡପ ନିର୍ମାଣ, ଚିକିତ୍ସା ସହାୟତା, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ଭଳି ଅଭିଯୋଗ କରାଯାଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ୍ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ: ବ୍ଲୁ କମ୍ବାଇନ୍ ଟିମ୍ ବିଜୟୀ

ବ୍ରଜରାଜନଗର, ୨୫।୫
(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ଏହି ଟୁର୍ନାମେଣ୍ଟର ରବିବାର ଏକାଦଶ ମ୍ୟାଚ୍ ସେଣ୍ଟ ଥୋମାସ ସ୍କୁଲ ଝାରସୁଗୁଡ଼ା ଓ ବ୍ଲୁ କମ୍ବାଇନ୍ ଟିମ୍ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ବ୍ଲୁ କମ୍ବାଇନ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୯.୩ ଓଭରରେ ୧୦ ଉଇକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା।


ଅତିଥି ଓ ଅନ୍ୟମାନଙ୍କ ଗହଣରେ ଖେଳାଳି।

ଏହାର ଜବାବରେ ସେଣ୍ଟ ଥୋମାସ ଟିମ୍ ୨୩.୩ ଓଭରରେ ୧୦ ଉଇକେଟ୍ ହରାଇ ୬୯ ରନ୍ ସଂଗ୍ରହ କରିଥିଲା। ବ୍ଲୁ କମ୍ବାଇନ୍ ଟିମ୍‌ର ୱାସିମ୍ ଖାନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ୍ ଖେଳାଳି ଗଣେଶ ମରେଇ, ସାୟକତ ସେନ୍‌ଗୁପ୍ତା ଓ ବିନୟ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଜ୍ୱଳ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅନିରୁଦ୍ଧ କେୱଟ, ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜୟ ସିଂ ଓ ରୋହିତ ପାଶୱାନ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ନାସିର ମଲ୍ଲିକ ଅନ୍‌ଲାଇନ୍ ସ୍କୋରିଂ କରିଥିଲେ।

### ଜିଲାସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ

## ନକ୍ ଆଉଟ୍ ପର୍ଯ୍ୟାୟକୁ ଝାରସୁଗୁଡ଼ା ଉନ୍ନୀତ

ଝାରସୁଗୁଡା, ୨୫।୫
(ଆଶିଷ ରଞ୍ଜନ ଦାଶ)

ଜିଲାସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଲିଗ ପର୍ଯ୍ୟାୟରୁ ନକ୍‌ଆଉଟ୍ ପର୍ଯ୍ୟାୟକୁ ଝାରସୁଗୁଡା ଟିମ୍ ଉନ୍ନୀତ ହୋଇଛି। କଟକଠାରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଝାରସୁଗୁଡା ଟିମ୍ ଲିଗ୍ ପର୍ଯ୍ୟାୟରେ ସମ୍ବଲପୁର, ଯାଜପୁର, ସୋନପୁର ଓ ରାୟଗଡ଼ା ଟିମ୍‌କୁ ହରାଇ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଝାରସୁଗୁଡା ଟିମ୍‌ର ଅଧିନାୟକ ଅଭିଷେକ ସା ଥିବାବେଳେ ପ୍ରଶାନ୍ତ ଜେନା ଟିମ୍ ଦାୟିତ୍ୱରେ ଅଛନ୍ତି।

# ଫୁଲନ ଦେବୀଙ୍କ ଜୀବନୀ ବଖାଣିଲା ଅଗରବତୀ


କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୨୫।୫(ଦିନେଶ ମିଶ୍ର)

### ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ପରିବେଷଣ

ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ନନ୍ଦଗାଁ ଗୋଶାଳା ଓ ଗୃହସ୍ଥୀ ପରିବାର ପକ୍ଷରୁ ୩ ଦିନିଆ ନାଟକ ଓ ସାଂସ୍କୃତିକ ମହୋତ୍ସବ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଗୃହସ୍ଥୀର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବାଗେଡିଆ ଓ ମଞ୍ଜୁରାଣୀ ବାଗେଡିଆ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ହିନ୍ଦୀ ନାଟକ 'ଅଗରବତୀ' ମଞ୍ଚସ୍ଥ କରାଯାଇଥିଲା। ନାଟକକୁ ଜବଲପୁର କଳାକାର ପରିବେଷଣ କରିଥିବାବେଳେ ଶ୍ୱାତୀ ଦୁବେ ଏହାର ନିର୍ଦ୍ଦେଶନା ଦେଇଥିଲେ। ଅଗରବତୀ ନାଟକ ଚମ୍ବଲ ଡାକୁ ଫୁଲନ ଦେବୀଙ୍କ ଜୀବନୀ ଉପରେ ଆଧାରିତ ଥିଲା। ଫୁଲନ ଦେବୀଙ୍କୁ କିଭଳି ଚମ୍ବଲଘାଟିରେ ଡାକୁମାନେ ଅତ୍ୟାଚାର କରିଥିଲେ। ପରେ ଫୁଲନ ଦେବୀ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରର ପ୍ରତିଶୋଧ ନେବାକୁ ଯାଇ କିଭଳି ସମାଜ ସହ ସଂଘର୍ଷ କରିଥିଲେ। ଶେଷରେ ସେ ରାଜନୀତିରେ ପାଦ ଥାପି ସମାଜ ହିତ ପାଇଁ କାର୍ଯ୍ୟ କରିଥିଲେ ତାହା ଉପରେ ନାଟକଟଇ ପର୍ଯ୍ୟବେସିତ ଥିଲା। ଏହି ଅବସରରେ ନାଟକ ପରିବେଷଣ କରିଥିବା ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ରହ୍ମାକୁମାରୀ ମୀତା, ସମାଜସେବୀ ଶୁଭ ପଟ୍ଟନାୟକ, ଗୃହସ୍ଥୀର ସିଇଓ ଅମିତ ଅଗ୍ରୱାଲ, ଜୁଲୁ ମିଶ୍ର, ଟି. ପୁରୁଷୋତ୍ତମ, ଲିଲି ମିଶ୍ର, ଶାନ୍ତିଲତା ବାରିକ, କୋମଲ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ବର୍ଷରୁ କମ୍ ବାଳକ ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ

ବନ୍ଧମୁଣ୍ଡା, ୨୫।୫(ସୁବ୍ରତ ଦେ)

ବନ୍ଧମୁଣ୍ଡା ଅଞ୍ଚଳର ଡୁମରତାସ୍ଥିତ ପ୍ରଗତି କ୍ରୀଡ଼ା ପଡ଼ିଆରେ ରବିବାର ୧୫ ବର୍ଷରୁ କମ ବାଳକ ଫୁଟବଲ ଲିଗ୍ ଉଦ୍‌ଘାଟିତ ହେଇଯାଇଛି। ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ ପ୍ରଗତି କ୍ଲବ ଏବଂ ଆର୍‌ଏସ୍ କଲୋନି ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ପ୍ରଗତି କ୍ଲବ ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ବନ୍ଧମୁଣ୍ଡା,ବିଶ୍ରା, ରାଉରକେଲା ସମେତ ନିକଟବର୍ତ୍ତୀ ଅଞ୍ଚଳର ଦଳଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ କେତେକ ଖେଳାଳି ବିଭିନ୍ନ ସ୍କୁଲ ଏବଂ ସ୍ପୋର୍ଟ୍ସ କ୍ଲବର ପ୍ରତିନିଧିତ୍ୱ ମଧ୍ୟ କରୁଛନ୍ତି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୨୨ ଜୁନରେ ଖେଳାଯିବ। ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ କେବଳ ରବିବାର ଦିନ ହିଁ ଖେଳାଯିବ। ଉଦ୍‌ଘାଟନୀ ସମାରୋହରେ ବହୁସଂଖ୍ୟକ କ୍ରୀଡାପ୍ରେମୀ, ଅଭିଭାବକ, ପ୍ରଶିକ୍ଷକ ଏବଂ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଆୟୋଜନରେ ସିଦ୍ଧେଶ୍ୱର ବୋଦରା, ରାମଦାସ ତନ୍ତୀ, ଶିବା, ଥୋମାସ,ଦୁବରାଜ ସିଂ, ରୋଶନ କେରେକେଟ୍ଟା,ମାନୁ କିସପୋଟ୍ଟା, ରମେଶ ଓରାମ, ରୋନି ଖାଲକୋ,ପାଲ ଜାତେ, ଅନୁଜ କେରକେଟ୍ଟା, ବିଶାଲ ଏକ୍କା, ଅନିଲ ତିଗ୍ଗା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ Bhubaneswar, Monday, May 26/ 2025

# ଚେନ୍ନାଇର ବଡ଼ ବିଜୟ


ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡେୱାଲ୍ଡ ବ୍ରେଭିସ।

**ଅହମଦାବାଦ,୨୫।୫**

ଡେୱାଲ୍ଡ ବ୍ରେଭିସ ଓ ଡେଭନ କନୱେଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮୩ ରନର ବଡ଼ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଏହି ବିଜୟ ସହ ସିଏସ୍‌କେ ତା'ର ଅଭିଯାନ ଶେଷ କରିଛି। ଅନ୍ୟପକ୍ଷରେ ଗୁଜରାଟ ଲାଗି ଏହା ସର୍ବବୃହତ୍ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ଆୟୁଷ ମାହାତ୍ରେ ଓ ଡେଭନ କନୱେଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୩.୪ ଓଭରରେ ୪୪ ରନ ଯୋଡ଼ିଥିଲେ। ମାହାତ୍ରେ ୧୭ ବଲରେ ୩ ଲେଖାଏ ଚୌକା ଓ ଛକା ସହିତ ୩୪ ରନ କରି ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର କନୱେ ଓ ଉର୍ବିଲ ପଟେଲ ଦ୍ୱିତୀୟ ଉଇକେଟରେ ୬୩ ରନ ଯୋଡ଼ିଥିଲେ। ଉର୍ବିଲ ୧୯ ବଲରେ ୪ ଚୌକା ଓ ୨ ଛକା ସହିତ ୩୭ ଏବଂ କନୱେ ୩୫ ବଲରେ ୬ ଚୌକା ଓ ୨ ଛକା ସହିତ ୫୨ ରନ କରି ପାଭିଲିଅନ ଫେରିଥିଲେ। ଶିବମ ଦୁବେ ୮ ବଲରେ ୨ ଛକା ସହାୟତାରେ ୧୭ ରନ୍ କରିଥିଲେ। ଶେଷ ଆଡ଼କୁ ବ୍ରେଭିସ ୨୩ ବଲରେ ୪ ଚୌକା ଓ ୫ ଛକା ସହିତ ବିସ୍ଫୋରକ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଫଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୦ ରନ କରିଥିଲା। ଚଳିତ ଆଇପିଏଲ୍‌ର ସିଏସ୍‌କେର ଏହା ସର୍ବାଧିକ ଦଳଗତ ସ୍କୋର ଥିଲା। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଦଳ ୧୮.୩ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୪୧ (୬ ଚୌକା), ଆର୍ଶଦ ଖାନ ୨୦(୩ ଛକା) ଓ ଶାହରୁଖ ଖାନ ୧୯ (୨ ଛକା) ରନ କରିଥିଲେ। ସିଏସ୍‌କେ ପାଇଁ ଅଂଶୁଲ କାମ୍ବୋଜ ଓ ନୁର ଅହମଦ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୩୦/୫ (ଡେୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ବିଲ ପଟେଲ-୩୭, ଆୟୁଷ ମାହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨, ଶାହରୁଖ ଖାନ-୧/୧୩)। ଗୁଜରାଟ ଟାଇଟନ୍ସ: ୧୮.୩ ଓଭରରେ ୧୪୭/ଅଲଆଉଟ୍ (ସାଇ ସୁଦର୍ଶନ-୪୧, ଆର୍ଶଦ ଖାନ-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମଦ-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

# କ୍ଲାସେନଙ୍କ ଶତକରେ ଜିତିଲା ହାଇଦ୍ରାବାଦ୍


ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ହେନ୍‌ରିଚ୍ କ୍ଲାସେନ।

**ନୂଆଦିଲ୍ଲୀ,୨୫।୫**

ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୧୧୦ ରନର ବଡ଼ ବ୍ୟବଧାନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ଏହି ବିଜୟ ସହ ହାଇଦ୍ରାବାଦ୍ ପଏଣ୍ଟ ଟେବୁଲ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୭୮ ରନ କରିଥିଲା। ଏହା ଆଇପିଏଲ୍ ଇତିହାସର ତୃତୀୟ ସର୍ବାଧିକ ଦଳଗତ ସ୍କୋର। ଦଳ ପକ୍ଷରୁ ହେନରିଚ୍ କ୍ଲାସେନ ୩୯ ବଲରେ ୭ ଚୌକା ଓ ୯ ଛକା ସହିତ ୧୦୫ ରନ କରି ଅପରାଜିତ ଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ ୭୬ (୬ ଲେଖାଏ ଚୌକା ଓ ଛକା), ଅଭିଷେକ ଶର୍ମା ୩୨ (୪ ଚୌକା ଓ ୨ ଛକା) ଓ ଇଶାନ କିଶନ ୨୯ (୪ ଚୌକା ଓ ୧ ଛକା) ରନ କରିଥିଲେ। କେକେଆର୍ ପାଇଁ ସୁନୀଲ ନାରିନ ଦୁଇଟି ଉଇକେଟ ନେଇଥିଲେ। ଜବାବରେ କୋଲକାତା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ କୋଲକାତା ୧୮.୪ ଓଭରରେ ୧୬୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ମନୀଷ ପାଣ୍ଡେ ୩୭ ଓ ହର୍ଷିତ ରାଣା ୩୪ ରନ କରିଥିଲେ। ହାଇଦ୍ରାବାଦ୍ ପକ୍ଷରୁ ହର୍ଶ ଦୁବେ, ଇଶାନ ମାଲିଙ୍ଗା ଓ ଜୟଦେବ ଉନାଡକଟ ୩ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ପଞ୍ଜାବ**

**ବନାମ ମୁମ୍ବାଇ**

**ସ୍ଥାନ: ଜୟପୁର**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୭୮/୩ (ହେନରିଚ୍ କ୍ଲାସେନ-୧୦୫*, ଟ୍ରାଭିସ ହେଡ-୭୬, ଅଭିଷେକ ଶର୍ମା-୩୨, ଇଶାନ କିଶନ-୨୯, ସୁନୀଲ ନାରିନ-୨/୪୨, ବୈଭବ ଆରୋରା-୧/୩୯)। କୋଲକାତା ନାଇଟ୍ ରାଇଡର୍ସ: ୧୮.୪ ଓଭରରେ ୧୬୮/ଅଲଆଉଟ୍ (ମନୀଷ ପାଣ୍ଡେ-୩୭, ହର୍ଷିତ ରାଣା-୩୪, ସୁନୀଲ ନାରିନ-୩୧, ଜୟଦେବ ଉନାଡକଟ-୩/୨୪, ହର୍ଶ ଦୁବେ-୩/୩୪, ଇଶାନ ମାଲିଙ୍ଗା-୩/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |








FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR:** KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: MARUTI TVS: 9124590071, 9124590070, SONEPUR: MINERVA TVS: 6370700730, 6370700732, BHAWANIPATNA: MAA BANJARI TVS: 8926220488,8926242352, JUNAGARH: MAA BANJARI TVS: 9437939586, 7978323005. **Authorised Dealers:** BRAJRAJNAGAR:9937077883, DEOGARH:9437392892, MODIPARA:9337016000, BAMRA:9668005302 KUCHINDA:9777189689, KANTAPALI:9437096134, DHAMA:7735079641, RAIRAKHOL:9937503010 PATNAGARH:9938621078, RAJ KHARIAR:9439144433, KANTABANJI:8596980487, GAISILAT:7683848645 SAINTALA:9861471371, BANGAMUNDA:9937526500, TUSURA:9437890955, UDANBANDH:9437626855 LATHOR:7008086417, TITILAGARH:9776516666, BELPARA:7008771977, BELPAHAR:8249880971 NUAPARA:9938098888, BARAGARH:9938739550, ATTABIRA:9583558398, PAIKAMAL:9938119999 BHEDEN:7008822177, GODBAGHA:9438043220, DIPTIPUR:9937119913, PADAMPUR:8018570957 JAGADALPUR:7974013864, AGALPUR:8658048760, LAIKERA:9938465363, BAGDEHI:9438736989 RAJGANGPUR:9437172724, KUTRA:6370578102, BONAI:9124187787, BADGAON:9937060901 SABDEGA:9583907310, SUNDARGARH:7008604840, JALDA:9437555007, DUNGRIPALLY:9937926986 KANTAMAL:7008225996, BIRMAHARAJPUR:8018860710, BOUDH :9668507569, BAUNSUNI:9938312281 NARLA:9437707650, KESINGA:9437625573, CHARBAHAL:9178236679, M. RAMPUR:9078855864, SINAPALI:9937906526 LADUGAON:8594857691, DHARAMGARH:9938883405, KALAMPUR:7008516495.

dentsu/dha sam/03/25


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ